

ଫକୀର ମୋହନ ସେନାପତି

# ଛମାଣ ଆଠଗୁଣ୍ଠ

ଛ'ମାଣ ଆଠଗୁଣ

ଫକିରମୋହନ ସେନାପତିଙ୍କ ଛ'ମାଣ ଆଠଗୁଣ କେବଳ ଓଡ଼ିଆ ସାହିତ୍ୟର ନୁହେଁ, ଭାରତୀୟ ସାହିତ୍ୟର ଏକ ପ୍ରମୁଖ ଉପନ୍ୟାସ। ଏହା ପ୍ରକାଶିତ ହୋଇଥିଲା ୧୮୯୭ ମସିହାରେ। ଏହାର ପ୍ରକାଶନ ଫଳରେ ଓଡ଼ିଆ ତଥା ଭାରତୀୟ ଉପନ୍ୟାସ ସାହିତ୍ୟର ମୂଳ ଭିତ୍ତି ପଡ଼ିଥିଲା ବୋଲି କୁହାଯାଇପାରେ। ଜମିଦାରମାନଙ୍କ ଦ୍ୱାରା ପ୍ରଜାମାନଙ୍କର ଶୋଷଣ ଏହାର ମୁଖ୍ୟ ବିଷୟବସ୍ତୁ। ଭାରତୀୟ ସାହିତ୍ୟରେ ଏପରି ବିଷୟବସ୍ତୁ ଉପରେ କଲମ ଚଳାଇବାରେ ଫକୀରମୋହନ ବୋଧହୁଏ ପ୍ରଥମ ଲେଖକ ଏବଂ ୧୯୩୬ରେ ପ୍ରକାଶିତ ! 'ଗୋଦାନ'ର ପ୍ରଖ୍ୟାତ ହିନ୍ଦୀ ଲେଖକ ପ୍ରେମ୍‌ଚନ୍ଦ୍‌ଙ୍କର ସେ ପୂର୍ବସୂରୀ।

ଫକୀରମୋହନଙ୍କ ଜନ୍ମ ୧୮୪୩ରେ, ବାଲେଶ୍ୱର ଜିଲ୍ଲାରେ, ଏକ ଦରିଦ୍ର କୃଷକ ପରିବାରରେ। ଶୈଶବରୁ ପିତୃମାତୃହୀନ ହୋଇ ପିତାମହୀଙ୍କ ଦ୍ୱାରା ସେ ଲାଳିତପାଳିତ ହୋଇଥିଲେ ଏବଂ ଉଚ୍ଚ ଶିକ୍ଷାଲାଭରୁ ବଞ୍ଚିତ ହୋଇଥିଲେ। କମ୍ ବୟସରୁ ସେ ଆରମ୍ଭ କଲେ ଶିକ୍ଷକତା। ତାଙ୍କର ବୈଚିତ୍ର୍ୟମୟ ଘଟଣାବହୁଳ ଜୀବନରେ ସେ ହୋଇଥିଲେ ଶିକ୍ଷକ, କଚେରୀ ଅମଲା, ମୁଦ୍ରାକର ଏବଂ ବିଭିନ୍ନ ଗଡ଼ଜାତରେ ଦେୱାନ୍ ବା ପ୍ରଶାସକ। ତାଙ୍କର ପରଲୋକ ଘଟିଥିଲା ୧୯୧୮ରେ।

ଫକୀରମୋହନଙ୍କ ସମୟ ଅର୍ଥାତ୍ ଉନବିଂଶ ଶତାବ୍ଦୀର ଶେଷଭାଗ ତଥା ବିଂଶ ଶତାବ୍ଦୀର ପ୍ରଥମ ଭାଗ ଓଡ଼ିଶା ଇତିହାସର ଏକ ଅନ୍ଧକାର ଯୁଗ। ଓଡ଼ିଆମାନଙ୍କର ନିଜର ରାଜ୍ୟ ନଥିଲା। ସେମାନଙ୍କ ଆର୍ଥନୀତିକ ଅବସ୍ଥା ଥିଲା ଶୋଚନୀୟ। ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ଉନ୍ନତି ବିଧାନ କରିବାକୁ ସୁଯୋଗ ପ୍ରାୟ ନଥିଲା। ପଡ଼ୋଶୀ ପ୍ରଦେଶମାନଙ୍କ ଆଧିପତ୍ୟରେ ଓଡ଼ିଆ ଭାଷାର ସ୍ଥିତି ମଧ୍ୟ ବିପନ୍ନ ହୋଇପଡ଼ିଥିଲା। ଏହି ପରିସ୍ଥିତିରେ ଫକୀରମୋହନ କେବଳ ଓଡ଼ିଆ ସାହିତ୍ୟର ନୁହେଁ, ଓଡ଼ିଆ ଭାଷାର ସେନାପତି ଭାବରେ ଆବିଭୂନ ମର୍ଭତ ହୋଇଥିଲେ।

ଓଡ଼ିଆ ଗଦ୍ୟ ସାହିତ୍ୟର ଶ୍ରେଷ୍ଠତମ ଲେଖକ ଭାବରେ ଫକୀରମୋହନ ଆଜି ସମ୍ମାନିତ। କିନ୍ତୁ ପ୍ରଶାସନିକ ଜୀବନରୁ ଅବସର ନେବା ପର୍ଯ୍ୟନ୍ତ ସେ ପ୍ରାୟ କୌଣସି ଗଦ୍ୟ ରଚନା କରିନଥିଲେ। ସେ ରଚନା କରି ଚାଲିଥିଲେ ଅସଂଖ୍ୟ କାବ୍ୟ, ପଦ୍ୟ, ଗୀତି କବିତା, ବ୍ୟଙ୍ଗ କବିତା ଓ ପୁରାଣ। ମୂଳ ସଂସ୍କୃତରୁ ସେ ଅନୁବାଦ କରିଥିଲେ ରାମାୟଣ, ମହାଭାରତ ଏବଂ କେତେକ ଉପନିଷଦ। ଗତାନୁଗତିକ କାବ୍ୟଧାରାରେ ଗୃହୀତ ହୋଇନଥିବା କେତେକ ବିଷୟବସ୍ତୁକୁ ସେ ଗ୍ରହଣ କରିଥିଲେ ତାଙ୍କ କାବ୍ୟ ସୃଷ୍ଟିରେ ଏବଂ ଶତାବ୍ଦୀ ଶତାବ୍ଦୀ ଧରି ବା ୪ବହୃତ ହୋଇ ନଥିବା ଗ୍ରାମ୍ୟ ଭାଷାରେ ରଚନା କରିଥିଲେ ତାଙ୍କର କାବ୍ୟ କବିତା।

ଫକୀରମୋହନ ମୋଟ୍‌ରେ ଚାରୋଟି ଉପନ୍ୟାସ, ଦୁଇଟି ଗଳ୍ପ ସଂଗ୍ରହ ଏବଂ ଗୋଟିଏ ଆତ୍ମଜୀବନୀ ଲେଖିଛନ୍ତି। କେତେକ ସମାଲୋଚକଙ୍କର ବିଶ୍ୱାସ ଯେ, ଫକୀରମୋହନଙ୍କ ଲିଖିତ 'ଲଛମନିଆଁ' ଭାରତୀୟ ସାହିତ୍ୟର ପ୍ରଥମ ଗଳ୍ପ। 'ଲଛମନିଆଁ' ବାଲେଶ୍ୱରର କୌଣସି ପତ୍ରିକାରେ ପ୍ରକାଶିତ ହୋଇଥିଲା। ବର୍ତ୍ତମାନ ତାହା ମିଳୁନାହିଁ। କିନ୍ତୁ ଫକୀରମୋହନଙ୍କ 'ଗଳ୍ପସ୍ୱଳ୍ପ' (ପ୍ରଥମ ଓ ଦ୍ୱିତୀୟ ଭାଗ) ନିଃସନ୍ଦେହରେ ପ୍ରମାଣ କରେ- ସେ ଥିଲେ ଗଳ୍ପ ରଚନା କରିବାରେ ଏକ ଅପ୍ରତିଦ୍ୱନ୍ଦୀ କଳାକାର। ତାଙ୍କର! ଆତ୍ମଜୀବନ ଚ଼ରିତ (୧୯୧୭) ଓଡ଼ିଆରେ ଯେ ପ୍ରଥମ ଆତ୍ମଜୀବନୀ ତାହାନୁହେଁ, ଭାରତୀୟ ଭାଷାମାନଙ୍କରେ ଏଯାବତ୍ ଲିଖିତ ଆତ୍ମଜୀବନୀମାନଙ୍କ ମଧ୍ୟରେ ଏକ ଅନନ୍ୟ ଓ ଅସାଧାରଣ ସୃଷ୍ଟି।

ଫକୀରମୋହନଙ୍କ ଉପନ୍ୟାସଗୁଡ଼ିକ ହେଲା, ଛ'ମାଣ ଆଠଗୁଣ, ଲଛମା (୧୯୦୩), ମାମୁଁ

(୧୯୧୩) ଏବଂ ପ୍ରାୟଶ୍ଚିତ (୧୯୧୫)। ଲଛମା ଏକ ଐତିହାସିକ ଉପନ୍ୟାସ। ଅନ୍ୟ ତିନୋଟି ଉପନ୍ୟାସ ସମାଜର ବାସ୍ତବ ଆଲେଖ୍ୟ। ଫକୀରମୋହନ ସାହିତ୍ୟର ଜଣେ ପ୍ରବୀଣ ସମାଲୋଚକ ନଟବର ସାମନ୍ତରାୟ ଯଥାର୍ଥରେ ଦର୍ଶାଇଛନ୍ତି ଯେ ଫକୀରମୋହନଙ୍କ ଉପନ୍ୟାସଗୁଡ଼ିକ ଅଷ୍ଟାଦଶ ଶତାବ୍ଦୀରୁ ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶାର ସାମାଜିକ ଇତିହାସ।

ଛ'ମାଣ ଆଠଗୁଣ୍ଠ ଫକୀରମୋହନଙ୍କର ଶ୍ରେଷ୍ଠତମ କୃତି। ଏହା ଚରିତ୍ରମାନଙ୍କର ଏକ ଆଲେଖ୍ୟଶାଳା। ଚଂପା, ମଙ୍ଗରାଜ, ଭଗିଆ ଓ ସାରିଆ ଭଳି ଏ ଉପନ୍ୟାସର ଚରିତ୍ରମାନେ ଓଡ଼ିଆ ସାହିତ୍ୟରେ ଆର୍କିଟାଇପ୍ ବା ପ୍ରତୀକରେ ପରିଣତ ହୋଇଛନ୍ତି। ସମାଜର ଦଳିତ ଓ ଅବହେଳିତମାନଙ୍କ ପ୍ରତି ଗଭୀର ସହାନୁଭୂତି ଥିଲେ ମଧ୍ୟ ଧନୀକ ଗୋଷ୍ଠୀର ଜୀବନଧାରା ସହିତ ଫକୀରମୋହନ ବିଶେଷ ପରିଚିତ ଥିଲେ। ସେଥିପାଇଁ ଭଗିଆ ଓ ସାରିଆଙ୍କ ଦାରିଦ୍ର୍ୟ ଓ କଷଣ ସହିତ ମଙ୍ଗରାଜଙ୍କ ଜମିଦାରୀ ଓ ଅତ୍ୟାଚାରୀ ମନୋବୃତ୍ତି ଏ ଉପନ୍ୟାସରେ ନିଖୁଣ ଭାବରେ ! ବର୍ଣ୍ଣିତ।

ଫକୀରମୋହନ ବାସ୍ତବବାଦ ପରଂପରାରେ ସାହିତ୍ୟ ସୃଷ୍ଟି କରିଥିଲେ। ଛ'ମାଣ ଆଠଗୁଣ୍ଠରେ 'ଅସୁରଦୀଘି' ପରିଚ୍ଛଦରେ ସେ ମଇଳା ଓ ଆବର୍ଜନାର ଯେପରି ବର୍ଣ୍ଣନା କରିଛନ୍ତି, ଉନବିଂଶ-ବିଂଶ ଶତାବ୍ଦୀର ପ୍ରଥମ ପାଦର ଜଣେ ଔପନ୍ୟାସିକ ପକ୍ଷରେ ସେଭଳି କରିବା ଯଥାର୍ଥରେ ବିସ୍ମୟକର। ତାଙ୍କର ବ୍ୟଙ୍ଗ ଓ ବିଦ୍ରୁପ ତଥା କଥିତ ଭାଷାର ପ୍ରୟୋଗ ଓଡ଼ିଆ ସାହିତ୍ୟରେ ଅତୁଳନୀୟ। ତାଙ୍କ ଗଳ୍ପ, ଉପନ୍ୟାସର ବିଷୟବସ୍ତୁ ସେ ମୋଟାମୋଟି ସଂଗ୍ରହ କରିଥିଲେ ନିଜ ଅନୁଭୂତିରୁ। ସବୁ ଶ୍ରେଣୀର ପାଠକମାନଙ୍କ ନିକଟରେ ସେ ଅଦ୍ୟାବଧି ପ୍ର 'ଯରୟ ହୋଇ ରହିଆସିଛନ୍ତି।

ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠ ବିଭିନ୍ନ ଭାରତୀୟ ଭାଷା ତଥା ଇଂରାଜୀରେ ଅନୂଦିତ ହୋଇଛି। ଆମେରିକାର ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆ ପ୍ରେସ୍ ତଥା ଭାରତର ପେଙ୍ଗୁଇନ୍ ପ୍ରକାଶନ ସଂସ୍ଥା ମଧ୍ୟ ଏହାର ଇଂରାଜୀ ଅନୁବାଦ ପ୍ରକାଶ କରିଛନ୍ତି। ଛ'ମାଣ ଆଠଗୁଣ୍ଠ ଆଜି କେବଳ ଓଡ଼ିଶାରେ ନୁହେଁ, ଓଡ଼ିଶା ବାହାରେ ତଥା ଭାରତ ବାହାରେ ପଠିତ ଏବଂ ଆଦୃତ ହେଉଛି।

ଗଣେଶ୍ୱର ମିଶ୍ର
ସଭାପତି
ଓଡ଼ିଶା ସାହିତ୍ୟ ଏକାଡେମୀ

# ପ୍ରଥମ ପରିଚ୍ଛେଦ

## ରାମଚନ୍ଦ୍ର ମଙ୍ଗରାଜ :

ରାମଚନ୍ଦ୍ର ମଙ୍ଗରାଜ ଜଣେ ମଫସଲର ଜମିଦାର, ମଧ୍ୟ ମହାଜନ-ନଗଦ ଟଙ୍କା କାରବାର ଠାରୁ ଧାନର ମହାଜନୀ ବେଶି । ଶୁଣାଯାଏ, ଆଢ଼େ ଦୀର୍ଘେ ଚାରି କୋଶ ମଧ୍ୟରେ ଆଉ କାହାରି କାରବାର ଚଳେନାହିଁ । ବଡ଼ ଧାର୍ମିକ । ବର୍ଷ ମଧ୍ୟରେ ୨୪ ଟା ଏକାଦଶୀ, ୪୦ ଟା ଥିଲେ ମଧ୍ୟ ଗୋଟାଏ ଯେ ଛାଡ଼ ପଡ଼ନ୍ତା , ଏକଥା ଆମ୍ଭେମାନେ କହିବାକୁ ଅକ୍ଷମ । ଏକାଦଶୀ ଦିନ ତୁଳସୀପତ୍ର ଜଳମାତ୍ର ଅବଲମ୍ବନ । ସେଦିନ ଉପରଓଳି ମଙ୍ଗରାଜଙ୍କର ଜଗା ଭଣ୍ଡାରୀ କଥା କହୁଁ କହୁଁ କହିପକାଇଲା, ପ୍ରତି ଏକାଦଶୀଦିନ ସଞ୍ଜବେଳେ ଦ୍ବାଦ ଶୀ ପାରଣା ସକାଶେ ସାଆନ୍ତଙ୍କଘ ରେ ସେରେ ଦୁଧ, ଦିଶୁଖଇ, ନବାତ, ପାଚଲା କଦଳୀ ରଖାଯାଇଥାଏ । ସେ (ଜଗା) ଦ୍ବାଦଶୀ ଦିନ ବଡ଼ି ସକାଳେ ତୁଚ୍ଛାବାସନ ମାଜେ । ଏକଥା ଶୁଣି ଜଣ କେତେ ମୁହଁ ଚାହାଁ ଚାହିଁ ହୋଇ ମୁରୁକି ହସୁଥିଲେ । ଜଣେ କହିପକାଇଲା, 'ଡୁବିପାଣି ପିଇଲେ ମହାଦେବଙ୍କ ବାପ ବି ଜାଣିପାରିବ ନାହିଁ । 'ଏ କଥାର ଅର୍ଥ ସଫା ବୁଝାଗଲା ନାହିଁ , ମାତ୍ର ଆମ୍ଭେମାନେ ଅନୁମାନ କରିନେଲୁ, ଏହା ନିନ୍ଦୁକର କଥା । ସେ କଥା ଛାଡ଼, ବରଞ୍ଚ ଆମ୍ଭେମାନେ ସାଆନ୍ତଙ୍କ ସପକ୍ଷରେ ଓକିଲାତି କରିପାରୁ । ଭାଣ୍ଡଶୂନ୍ୟ ହେବା କାର୍ଯ୍ୟଟା ଯେ ମଙ୍ଗରାଜଙ୍କ ଦ୍ବାରା ଅନୁଷ୍ଠିତ ହୋଇଅଛି, ଏଥିର ଚାକ୍ଷୁଷ ସାକ୍ଷୀ କାହିଁ ? ଶୁଣିବା କଥା ବା ଅନୁମାନ କଥା ପ୍ରମାଣ ରୂପେ ଗ୍ରହଣ କରିବାକୁ ଆମ୍ଭେମାନେ ନିହାତି ନାରାଜ । ଅଦାଲତର ହାକିମମାନଙ୍କର ତ ଏହି ରାୟ । ଆଉ ଗୋଟିଏ କଥା ଦେଖ- ବିଜ୍ଞାନଶାସ୍ତ୍ର କହେ, ଜଳୀୟ ପଦାର୍ଥ ସବୁ ବାଷ୍ପାକାର ହୋଇ ଉଡ଼ିଯାଏ । ଦୁଧ ତ ଜଳୀୟ ପଦାର୍ଥ , ଜମିଦାର ଘର ଦୁଧ ବୋଲି ବିଜ୍ଞାନ ବିଧି ଡ଼ରିବ ପରା ! ପୁଣି ସଂମ୍ଭୂଷା ଚୁଚୁନ୍ଦୁରା ଚୁଟିଆ ଥିଲେ ଛାରପୋକ ମଶାମାଛି ଅବା କେଉଁ ଘରେ ନ ଥାନ୍ତି ? ପେଟ ପାଟଣା ପାଇଁ ଜଗତର ସମସ୍ତପ୍ରାଣୀ ଧାଉଁଛନ୍ତି । ଶେଷରେ ସେମାନେ ମଙ୍ଗରାଜଙ୍କ ପରି ହରିଭକ୍ତି - ବିଳାସ ଗ୍ରନ୍ଥ ମାହାତ୍ମ୍ୟ ଶୁଣି ନାହାନ୍ତି । ଏଥକୁ ମଙ୍ଗରାଜଙ୍କ ଧର୍ମନିଷ୍ଠା ପ୍ରତି

ସନ୍ଦେହ କରିବା ମହାପାପ ବୋଲି ବିଚାର କରୁଁ । ଆହୁରି ମଧ ପାର୍ଶ୍ବବର୍ତ୍ତି ଘଟଣାମାନଙ୍କ ପ୍ରତି ନଜର ରଖିବା ନିମନ୍ତେ ପ୍ରମାଣ ଆଇନରେ ବିଚାରକ ମାନଙ୍କ ପ୍ରତି ବିଶେଷ ବିଧି ଅଛି । ମଙ୍ଗରାଜେ ଉଷୁନା ଛୁଅନ୍ତି ନାହିଁ-ମାଛ ଶୁଖୁଆ କଥାଛାଡ଼ । ଦ୍ବାଦଶୀ ଦିନ ବ୍ରାହ୍ମଣ ଭୋଜନ କରାଇ ତହିଁ ଉତ୍ତାରେ ପାରଣା କରନ୍ତି । ମଙ୍ଗରାଜେ ଭାରିହୁସିଆର ଲୋକ । ଏହି ବ୍ରାହ୍ମଣ ଭୋଜନ ରୂପ ମହତ୍ କାର୍ଯ୍ୟରେ କେତେ ବିଘ୍ନ ଘଟିପାରେ, ଏଥିସକାଶେ ଜଣେ କେଉଟକୁ ମାଣେ ଓ ଗୁଡ଼ିଆକୁ ମାଣେ -ଏପରି ଦୁଇମାଣ ଜମି ଖଞ୍ଜି ଦେଇଛନ୍ତି । ଦ୍ବାଦଶୀ ଦିନ ଭୋରରୁ କେଉଟ ଦୁଇ ନଉତି ଚୂଡ଼ା ଓ ଗୁଡ଼ିଆ କୋଡ଼ିଏ ପଳ ଗୁଡ଼ ଦାଖଲ କରିଯାଏ । ଗୋବିନ୍ଦପୁର ଶାସନ ୭ ଘର ବ୍ରାହ୍ ମଣ -ସମସ୍ତେ ନିମନ୍ତ୍ରିତ ହୋଇ ଆସନ୍ତି । ବେଳ ଛଅଘଡ଼ି ମଧରେ ବାହ୍ମଣ ଭୋଜନି ହୋଇଯାଏ । ମଙ୍ଗରାଜେ ସ୍ବୟଂ ବ୍ରାହ୍ମଣ ମାନଙ୍କୁ ପରିବେଷଣ କରନ୍ତି । ଥରେ ପତ୍ରରେ ଚୂଡ଼ାଗୁଡ଼ ଲଗାଇ ଦେଲେ ମଙ୍ଗରାଜେ ଉଚ୍ଚପାଟିକରି ହାତ ଯୋଡ଼ି କହନ୍ତି , ''ଗୋସେଇଁମାନେ କୁହନ୍ତୁ , ଆଉକିଛି ଲୋଡ଼ା କି ନାହିଁ, ଢ଼େର ଜଳପାନ, ଢ଼େର ଗୁଡ଼ ଅଛି, ମାତ୍ର ମୁଁ ଜାଣେ, ଆପଣ ମାନଙ୍କ ଆଖି ବଡ଼ ପେଟ ସାନ । ଆପଣ ମାନଙ୍କ ପେଟକୁ ବଳି ପଡ଼ିଲାଣି । '' ଏଥି ଉତ୍ତାରେ କୌଣସି ପେଟ ବିକିଳିଆ ବ୍ରାହ୍ମଣ ଜଳପାନ ମାଗି ବସିଲେ ସାଆନ୍ତେ ତିନି ଆଙ୍ଗୁଳିଆ ପାଞ୍ଚ ସାତ ପୁଞ୍ଜାଚୂଡ଼ା ଧରି ପତ୍ରକୁ ଫୋପାଡ଼ି ଦିଅନ୍ତି । ତହିଁ ଉତ୍ତାରେ ଗୋସାଇଁ ମାନେ 'ପୂର୍ଣ୍ଣ ହେଲା, ପୂର୍ଣ୍ଣ ହେଲା' କହି ଲମ୍ବା ଲମ୍ବା ହାକୁଟି ମାରି ଆଶୀର୍ବାଦ କରି ପତ୍ର ଛାଡ଼ନ୍ତି । ବ୍ରାହ୍ମଣ ଭୋଜନ ଉତ୍ତାରେ ଯେଉଁ ଏକ ନଉତି ଚୂଡ଼ା ଓ ଅଧା ଅଧି ଗୁଡ଼ ବଳି ପଡ଼େ, ତାହା ଭକ୍ତି ପୂର୍ବକ ମଙ୍ଗରାଜେସେବାକରନ୍ତି । ପାଠକ ଆପଣ ପଚାରିବେ, ନଉତିଏ ଚୂଡ଼ାରେ ସତେଇଶ ଜଣ ବ୍ରାହ୍ମଣଙ୍କର ପେଟ କିପରି ପୂରିଲା? ହରିବୋଲ ଭାଇ ହରିବୋଲ । ଏସବୁ କଥାରେ ଉତ୍ତର ଦେବାକୁ ଗଲେ ଆମ୍ଭମାନଙ୍କର ଆଉ ଲେଖା ଚଳିବ ନାହିଁ । ଯୀଶୁ ଖ୍ରୀଷ୍ଟ ଦୁଇ ଖଣ୍ଡ ରୁଟିରେ ବାରଶତ ଲୋକ ଖୁଆଇଲେ, ପୁଣି ଚାରି ପାଛିଆ ବଳିପଡ଼ିଲା । କାମ୍ୟକ ବନରେ ଶ୍ରୀକୃଷ୍ଣ ଦୁର୍ବାସାଙ୍କ ବାର ହଜାର ଶିଷ୍ୟଙ୍କର ପେଟ

ଟିକିଏ ଶାଗରେ ପୂରାଇ ଦେଇଥିଲେ । ଏହି ମହାପୁରୁଷଙ୍କ ହସ୍ତ - ମହିମା ପ୍ରତି ଯଦି ଆପଣ ଙ୍କର ବିଶ୍ବାସ ନଥାଏ, ତେବେ ଆମ୍ଭମାନଙ୍କ ମଙ୍ଗରାଜ -ଚରିତ୍ର ପଢ଼ିବା ନିମନ୍ତେ ଅନୁରୋଧ କରିବାକୁ ସାହସ କରିପାରିବୁ ନାହିଁ । ଏପରି ଶୁଣାଅଛି, ତାଙ୍କର ମାଉସି ପୁଅ ଭାଇ ଶ୍ୟାମ ମଲ୍ଲେ ସହରକୁ ଯାଇଥିଲେ -ପାପ ଛପା ରହେ ନାହିଁ -ସେ କୁସଙ୍ଗରେ ପଡ଼ି ପିଆଜ ମିଶା କୋବି ଖାଇଥିବା ସାଆନ୍ତଙ୍କ ନିକଟରେ ଅଜଣା ରହିଲାନାହିଁ । ଆଜିଯାଏ ରୁଢ଼ ବଢ଼ି ରହିଥାନ୍ତା , ମଙ୍ଗରାଜେ ଖୁବ୍ କମ୍ ଖରଚରେ ଅର୍ଥାତ୍ ଶ୍ୟାମଙ୍କ ଦେଢ଼ବାଟି ପୈତୃକ ଲାଖରାଜରୁ ୧୫ ମାଣ ମାତ୍ର ନେଇ ଖଲାସ କରିଦେଲେ, ମଙ୍ଗରାଜେ ଦିନେ ଶ୍ୟାମକୁ ଡ଼ାକି ମୁରବୀ ପଣିଆ କରି କହିଲେ, ''ଦେଖ ଶ୍ୟାମ , ଏଣିକି ହୁସିଆର ରହ, ମୁଁ ଥିଲି ବୋଲି ମୋ ମୁଲାଜାରେ ପାଞ୍ଚଜଣ ତୋତେ ଟେକିନେଲେ ସିନା ନୋହିଲେ ତୁ ଏକାବେଳକେ କିରସ୍ତାନ ହୋଇ ଯାଇଥାନ୍ତୁ -----ତୋ ସାତ ପୁରୁଷ ଅହିନରକରେ ପଡ଼ିଥାନ୍ତେ । ଆଉ ମୁଁ ବୋଲି ସିନା ତୋର ମାଣ ପାଞ୍ଚ ଟଙ୍କାରେ ନେଲି, ଆଉ କେହି ଦୁଇ ଟଙ୍କାରେ ଛୁଅନ୍ତା ନାହିଁ । ଯେତେ ହେଲେ ତୁ ତ ଭାଇ, କ'ଣ ତୋତେ ଫୋପାଡ଼ି ଦେବି ? ହେଲେ, ବିପଦ ଆପଦ ବେଳକୁ ମୁଁ ----ଭଲବେଳେ କେହିନୁହେଁ । ଏହି ସେଦିନ ଭୀମା ଗଡ଼ଡ଼ର ଫୌଜଦାରୀ ମକଦ୍ଦମାରେ ତୋତେ ଗୁହା ହେବାକୁ କହିଲି, ଘରେ ଲୁଚିଲୁ, ଦେଖାଦେଲୁ ନାହିଁ । ''

ହାୟ! ହାୟ ! ଯେଉଁ ନିନ୍ଦୁକମାନେ ଖ୍ରୀଷ୍ଟଙ୍କୁ କ୍ରୁଶରେ ଚଢ଼ାଇଲେ, ପରମା ସତୀ ସୀତାଙ୍କୁ ବଣକୁ ପଠାଇଲେ, ସେମାନଙ୍କ ବଂଶଧର ମାନେଯେ ହରିବାସର ଉପବାସୀ ପରୋପକାରୀ ମଙ୍ଗରାଜଙ୍କ ଅଖ୍ୟାତି ରଟନା କରିବେ, ଏହା କିଛି ବିଚିତ୍ର ନୁହେଁ । ନିନ୍ଦୁକମାନେ ଯେଉଁ କଥା କହି ବୁଲିବେ, ଆମ୍ଭମାନଙ୍କୁ ନାଚାର ହାଲତରେ ସେ କଥା ବୋଲିବାକୁ ହେଉଅଛି । ସେମାନେ କହନ୍ତି , ମଙ୍ଗରାଜେ ଚାରି କୋଶ ମଧ୍ୟରେ କାହାରି ଗୋଖୋଜରୁ ଖୋଜେ ଜମି ରଖିଲେ ନାହିଁ । ବାକି ଥିଲା ଭାଇ ---ଓର ଖୋଜି ଖୋଜି ଏତେଦିନେ ପାଇଲେ । ଶ୍ୟାମ ପିଆଜ ଖାଇ ବ୍ରାହ୍ମଣ ଭୋଜନ କରାଇଲା, ମଙ୍ଗରାଜ ଘର ମାଇକିନିଆମାନେ ଯେ ଚମ୍ପାକୁ ପଠାଇ ହାଟରୁ ପିଆଜ କିଣି

ଆଣନ୍ତି ! କଥା ଛଳରେ ଆମ୍ଭେମାନେ ମାନିଗଲୁ, ଚମ୍ପା ପିଆଜ କିଣି ଆଣିଲା । ଖାଇବାର ପ୍ରମାଣ କାହିଁ ?''ପଲାଣ୍ଡୁ ଗୃଞ୍ଜନଞ୍ଚୈବ ''---ମନରେ ଖାଇବାକୁ ସିନା ମନା, କିଣିଲେ ପତିତ ହେବ, ଏ ବିଧି କାହିଁ ? ମାତ୍ର ଭଦ୍ରଲୋକ ଘର ମହିଳା ମାନଙ୍କ ଦୋଷାଦୋଷ ସମାଲୋଚନାକାରୀ ନିନ୍ଦୁକମାନଙ୍କକଥାରେ ଉତ୍ତର ଦେବାକୁ ଆମ୍ଭେମାନେ ସଂପୂର୍ଣ୍ଣ ନାରାଜ ।

--0--

# ଦ୍ବିତୀୟ ପରିଚ୍ଛେଦ

**ସ୍ବନାମ ପୁରୁଷ ଧନ୍ୟଃ :**

ମଙ୍ଗରାଜେ ଗରିବ ପୁଅ ଥିଲେ। ଶୁଣାଅଛି, ସାତବର୍ଷ ବୟସରେ ସେ ଛେଉଣ୍ଡ ହୋଇ ବୁଲୁଥିଲେ। ପଇସା ଅଭାବକୁ ବାପର ଶୁଦ୍ଧ ହୋଇନାହିଁ। ଚାଳକୁ ନଡା ନ ଉଠିବାରୁ କାନ୍ଥ ପଡିଯାଇଥିଲା। ଏହାଙ୍କ ବାଲ୍ୟଜୀବନ , ବିଦ୍ୟାଶିକ୍ଷା , କର୍ମକ୍ଷେତ୍ରରେ ପ୍ରବେଶ ପ୍ରଭୃତି ଘଟଣାମାନ ବିଚିତ୍ର ରକମର । ଜଗତର କୌରସି ପ୍ରଧାନ ଲୋକଙ୍କ ଜୀବନ ଚରିତ ଅଲୌକିକ ଘଟଣାଶୂନ୍ୟ ନୁହେଁ । ସେ ସବୁ କଥା ଲେଖିବାକୁ ଗଲେ ଢ଼େର କାଗଜ କଲମ , ଢ଼େର ସମୟ ଆବଶ୍ୟକ ମାତ୍ର ପରିମିତବ୍ୟୟିତା ଯେ ଗୋଟିଏ ମହତ୍ ଗୁଣ, ଏ ବିଷୟରେ ଆମ୍ଭମାନଙ୍କ ର ଶିକ୍ଷାଗୁରୁ ମଙ୍ଗରାଜେ । ଅର୍ଥନୀତି ସମ୍ବନ୍ଧରେ ମହାପଣ୍ଡିତ ବେଞ୍ଜାମିନ ଫ୍ରାଙ୍କ୍ ଲିନ ଯେଉଁ ଉପଦେଶ ଦେଇଯାଇଛନ୍ତି , ସେଥିର ମର୍ମ ଆମ୍ଭେମାନେ ଠିକେ ଠିକେ ସବୁକଥା ଲେଖି ମଙ୍ଗରାଜ ଅର୍ଥନୀତିର ମର୍ଯ୍ୟାଦା ରକ୍ଷା କରିବାକୁ ଚେଷ୍ଟା କରିବୁଁ। ମଙ୍ଗରାଜଙ୍କ ଜମିଦାରୀ ନାମ ଫତେପୁର ସରଷଣ୍ଢ , ସଦରଜମା ପାଞ୍ଚ ହଜାର , ଅଠେଇଶ ବାଟି ବାହେଲ ଲାଖରାଜ , ବାଜିଆପ୍ତି ପନ୍ଦର ବାଟି ସତାଇଶ ମାଣ , କିମ୍ବା ଜାଣ , ଏଥିର ଜଣେ ସାତ ମାଣିଆ ସରିକଦାର ଥିବାର ଜଜ୍ ଅଦାଲତରେ ଅପିଲ୍ ଦାୟର ଅଛି। ଲୋକେ କହନ୍ତି ଚାଳିଶ ପଚାଶ ହଜାର ଟଙ୍କା ମହାଜନୀରେ ଖେଳୁଅଛି। ବଡଲୋକ ଘରକଥା ବଡ ଶୁଭେ । ଆମ୍ଭେମାନେ ଅନୁମାନ କରୁଁ ୧୫ ହଜାରରୁ ବେଶିନୁହେଁ । ମିଥ୍ୟା କଥା କହିବା ଆମ୍ଭମାନଙ୍କର ଧର୍ମନୁହେଁ । ଇନକମ୍ ଟିକସ ଇଲାକା ପିଆଦାଠାରୁ ଶୁଣି ଏକଥା କହୁଅଛୁ । ଧାନ ମହାଜନୀ କାଗଜ କୋଡିଏ ବରଷ ହେଲା ରଫା ହୋଇନାହିଁ। ଏଥର ସଠିକ ହିସାବ ଦେବାକୁ ଅକ୍ଷମ । ଗଲାଅଙ୍କ ସୁନିଆଁ ବାହାରେ ଧାନଘରିଆ ଯେଉଁ ପାଞ୍ଜି ଦାଖଲ କରିଥିଲା , ସେଥି ମଥୋଟରୁ ଆମ୍ଭେମାନେ ଜାଣିଅଛୁ ଯେ , ଦୁଇ ହଜାର ସାତ ଭରଣ ପନ୍ଦର ନଉତି ଛ ବିଶ୍ବା ଦୁଇ କାଣି ଧାନ ଅମାରରେ ଜମା ଅଛି। ଘର ପାଞ୍ଚ ପରସ୍ତ । ତିନି

ପୁଅ। ଏକ ପରସ୍ତରେ ସାଆନ୍ତ ସାଆନ୍ତାଣି ଓ ସାନଝିଅ ମାଳତିଥାନ୍ତି , ବାହାର ପରସ୍ତ କଚେରୀ । କଚେରୀ ଘର ପାଞ୍ଚ ଶେଣିଆ , ଶେଣି ପଟାରେ ବାଘ, ହାତୀ , ବିରାଡି , ରାଧାକୃଷ୍ଣ , ମାଙ୍କଡ ଖୋଳାଯାଇଅଛି। କାନ୍ଥ ସବୁରେ ନୀଳ , ଶୁକ୍ଳ , ରକ୍ତ , ହରୀତ , ପାଟଳ ବିବିଧ ରଂଗର ପଦ୍ମ , କହ୍ଲାର , କୁମୁଦ, ମାଳତି ପୁଷ୍ପମାଳା , ବାନରଯୁଥ , ରାକ୍ଷସ ଶ୍ରେଣୀ ସମ୍ବଳିତ ରାମ ରାବଣ ଯୁଦ୍ଧ ପ୍ରଭୃତି ପୌରାଣିକ ଘଟଣାମାନ ଅଙ୍କିତ ରହିଅଛି। ରାଜପୁତନାର କୌଣସି ସ୍ଥାନରେ ଗୋଟିଏ ଉଲଙ୍ଗ ସ୍ତ୍ରୀ ମୂର୍ତ୍ତି ଦେଖି ଟଡ୍ ସାହେବ ଅନୁମାନ କରିଅଛନ୍ତି ଭାରତର ପୂର୍ବକାଳରେ ଅଙ୍ଗନାମାନେ ଉଲଙ୍ଗ ଥିଲେ । ହାୟ ! ହାୟ ! ଆମ୍ଭେମାନେ ମଙ୍ଗରାଜଙ୍କ କାନ୍ଥରେ ଚିତ୍ର ଦେଖାଇ ସାହେବଙ୍କ ମୂର୍ଖତା ଦୂର କରିପାରିଲୁ ନାହିଁ। ଭିତ୍ତିଚିତ୍ରିତ ସଖିମଣ୍ଡଳୀ ପରିବେଷ୍ଟିତ ରାଧିକାଙ୍କର ଗେରୁ ରଂଗରେ ହାଣ୍ଡିକଳା ବୁଟାଦାର ଘାଗରା ଦେଖିଲେ ଅବଶ୍ୟ ସାହେବଙ୍କର ମୂର୍ଖତା ଓ ଭ୍ରାନ୍ତି ବିଦୁରିତ ହୋଇଥାନ୍ତା । ଏହି ସମସ୍ତ ଚିତ୍ର ଅଙ୍କିତ କରାଇବା ନିମନ୍ତେ ଅନ୍ୟଦେଶରୁ ଚିତ୍ରକାର ଲୋଡିବାକୁ ହୋଇନାହିଁ । ସମସ୍ତ କାର୍ଯ୍ୟ ଚଂପାଙ୍କର ସ୍ବହସ୍ତ ସଂପାଦିତ ଅଟେ । ଚଂପା ଏତେ ପ୍ରକାର ପଶୁର ଛବି ଚିତ୍ର କରିପାରେ ଯେ ସେପରି ପୂର୍ବର କଲିକତା ଜୁଲଜିକେଲ ଉଦ୍ୟାନରେ (ଚିଡିଆଖାନା) ତୁମ୍ଭେ ଖୋଜି ପାଇବନାହିଁ ।

ମଙ୍ଗରାଜ ଉଆସ ଲଗାଲଗି ପଛରେ ଗୋଟିଏ ବଡ ବଗିଚା , ବାଡିଦୁଆର ଚାରି ପାଖରେ ଗୋଟିଏ, ପୋଖରୀ ----ପୋଖରୀ ଚାରିପାଖରେ ନଡିଆ ଗଛ, ତା ପଛକୁ କଦଳୀ , ଆମ୍ବ , ପଣସ , ଓଆଉ ଗଛ। ବଗିଚା ପଗାର ଚାରିପାଖ ସୁନାର ଖାଇ ବାଉଁଶ ବାଡ ପ୍ରାଚୀର ପରି ବେଢ଼ି ରହିଅଛି। ମଙ୍ଗରାଜଙ୍କ ପରି ନିସ୍ବାର୍ଥ ଲୋକ ଦୁନିଆରେ ଅଳ୍ପ ଦେଖିବ। ତାଙ୍କର ସବୁ କାର୍ଯ୍ୟ ପରୋପକାର ନିମନ୍ତେ । ସାଆନ୍ତଙ୍କର ଏହିବଡ ବଗିଚାଟି ଗୋବିନ୍ଦପୁର ହାଟର ସ୍ଥିତି ଓ ଉନ୍ନତିର ମୂଳାଧାର ଅଟେ । ବଗିଚାର ନଡିଆ , କଦଳୀ , ବାଇଗଣ, କଖାରୁ, ଖଡାଠାରୁ ଲଙ୍କାମରିଚ ପର୍ଯ୍ୟନ୍ତ ନ ଯାଉଥିଲେ ହାଟର ଏଡେ ଜାରି ଦେଖନ୍ତି ନାହିଁ । ସାଆନ୍ତଙ୍କ ବଗିଚାର ପରିବା ବିକା ନ

ସରିଲେ ଆଉ କାହାରି ବିକିବାର ଅଧିକାର ନାହିଁ । ସେ ତ ଠିକ କଥା । ଭଲ ଜିନିଷ ଗୁଡାକ ପଡିରହିବ , ଖରାପ ଜିନିଷ ଆଗେ ବିକ୍ରି ହେବ , ଏହା ତ ଉଚିତ୍ ନୁହେଁ । ହାଟ ଯେ ନିଜ ଜମିଦାରୀ ମଧ୍ୟରେ , ଅନ୍ୟ ଲୋକର ହୋଇ ଥିଲେ ଅନ୍ୟ କଥା । ସୁନିଆ ଓ ପର୍ବ ପର୍ବାଣୀରେ ଯେ ସବୁ କଖାରୁ , ବାଇଗଣ, କଖାରୁ ଭେଟି ଆସେ , ସେ ସବୁ ସଳଖେ ସଳଖେ ହାଟକୁ ଯାଏ । ଚୀନ୍ ଦେଶର ପ୍ରାଚୀର ତୟାରୀ ହେଲା ଉତ୍ତାରେ ସମ୍ରାଟ ସମସ୍ତ ଇତିହାସ ଲେଖକଙ୍କୁ ଧରିଆଣି ହତ୍ୟା କରିଥିଲେ ; କାରଣ ପ୍ରାଚୀରରେ କେତେ ଟଙ୍କା ଖରଚ ହେଲା , କାଳେ ସେମାନେ ଲେଖିପକାଇବେ । ଏଥକୁ ଆମ୍ଭେମାନେ ସମ୍ରାଟଙ୍କୁ ନିରହଙ୍କାରି ପୁରୁଷ ବୋଲି କହୁ। ମହତ ଲୋକମାନେ ମହତ କାର୍ଯ୍ୟ ସାଧନ କରି ସେଥିରେ କେତେ ଟଙ୍କା ଖରଚ ହେଲା , କହିବୁଲନ୍ତି ନାହିଁ । ମଙ୍ଗରାଜଙ୍କୁ ପଚାର , ଆପଣଙ୍କ ନଅର ବନାରେ କେତେଟଙ୍କା ଲାଗିଲା ? ଉତ୍ତର 'ଢ଼େର ଟଙ୍କା , ଢ଼େର ଟଙ୍କା , ମୁଁ ତ ସେଥିରେ ମରିଗଲି । ' ପାଠକ ନିରାଶ ହେବେ ନାହିଁ, ଅଧିର ହେବେ ନାହିଁ ।

ପ୍ରତ୍ନତତ୍ତ୍ୱ ବିଦ୍ୟାଳୟରେ ସବୁ ପୁରୁଣା କଥାର ଠିକଣା ଲାଗିଯାଏ । ନଅଶ ବରଶ ଉତ୍ତାରେ ଜଣେ ସାହେବ ଆସି ପୁରୀ ମନ୍ଦିର ତୟାରିରେ କେତେ ଟଙ୍କା ଖରଚ ହେଲା , ତାହା ହିସାବ କରି ତାଲିକା ଦେଖାଇଲେ । ମଙ୍ଗରାଜଙ୍କର ଲେଉଟିଆ ଶାଗ ବିକ୍ରି ପର୍ଯ୍ୟନ୍ତ ପତ୍ର ରହିଅଛି, ଘର ତୟାରି ଖରଚର କି ହିସାବ ମିଳିବ ନାହିଁ ? ଦେଓଆନ ଗଙ୍ଗାଗୋବିନ୍ଦ ସିଂହଙ୍କ ମାତୃ କ୍ରିୟା ପରି କ୍ରିୟା ଭାରତ ବର୍ଷରେ ଆଜିଯାଏ କେହି କରିନାହିଁ , କରିବ ନାହିଁ । ବଙ୍ଗଳା ହତାର ସମୁଦାୟ ଜିଲ୍ଲାର କିଲଟର ସାହେବ ଡାଲି, ଚାଉଳ , ମଇଦା , ତେଲ, ଘିଅ, ନଡିଆ, କଦଳୀ କିଣି ପଠାଇବେ ବୋଲି ବଡଲାଟ ସାହେବ ସେମାନଙ୍କ ଉପରେ ଚିଠା ଜାରି କରିଥିଲେ । ନବଦ୍ୱୀପର ରାଜା ଶିବଚନ୍ଦ୍ର ସେହିପରି ମାତୃକ୍ରିୟା କରିବାକୁ ଇଚ୍ଛାକରି ଖରଚର ଡାବ ମାଗି ପଠାଇଲେ । ଦେଓଆନ୍ ଗଙ୍ଗାଗୋବିନ୍ଦ କେବଳ ଗଞ୍ଜେଇ , ଆପୁ, ଧୂଆଁପତ୍ର ଖରଚର ଡାବ ପଠାଇଦେଇ ତାହା ଅନୁପାତରେ ସମସ୍ତ ଖରଚର ଠିକଣା ଲଗାଇବାକୁ ସଙ୍କେତ କରି ଭାଷା

ଲେଖିଥିଲେ। ଏହିସବୁ ଜିନିଷ ଖରିଦରେ ବାସ୍ତରି ହଜାର ଟଙ୍କା କରଚ ପଡିଥିଲା। ନଗଦ ତ ଖରିଦ ଛାଡି ସମସ୍ତ ଜମିଦାରୀ ଭେଟିରେ ଅନେକ ଜିନିଷ ଦେଇଥିଲେ । ଆମ୍ଭେମାନେ ଘର ତୟାରିର ଗୋଟିଏ ହିସାବ ଦେଉଅଛୁ , ବୁଦ୍ଧିମାନ ପାଠକମାନେ ତାକୁ ଧରି ମୋଟ ଖରଚ କଥା ବୁଝିପାରିବେ । ଧାନଘର ପାଞ୍ଜିରୁ ଆମ୍ଭେମାନେ ଠିକ୍ ହିସାବ ପାଇଅଛୁ । ବଢ଼େଇ , କମାର ବେଠିଆଙ୍କ ପଛେ ପନ୍ଦର ଭରଣ ବାଇଶି ନଉତି ଧାନ ଖରଚ ପଡିଥିଲା ।

ମଙ୍ଗରାଜଙ୍କ ମୁହଁରୁ ଅନେକ ଥର ଶୁଣାଯାଇଅଛି , ସେ କେବଳ ପରର ବିକଳ ସହିନପାରି ଧାନ ଟଙ୍କା କରଜ ଦିଅନ୍ତି । , ନୋହିଲେ ସେଥିରେ ତାଙ୍କର ନିଜର କିଛିଲାଭ ନାହିଁ । ଆମ୍ଭେମାନେ କହୁ , ବରଞ୍ଚ ଲୋକସାନ । ଧାନ ଦେଢ଼ିରୁ ବେଶି କରଜା ନାହିଁ , ଏଥିରେ ଲାଭ କଣ ? ଦିଅନ୍ତି ଶୁଖିଲା ପୁରୁଣା ଧାନ , ନେବା ବେଳକୁ ନୂଆ କଞ୍ଚା । ଆଚ୍ଛା ପାଠକ , ଆପଣଙ୍କ ଓଦା ଲୁଗାଟା ଆଗେ ଓଜନ କରନ୍ତୁ , ଦେଖିବେ ଓଦା ଶୁଖିଲାର କେତେ ପ୍ରଭେଦ । ଗଲା ଅଙ୍କ ପାଞ୍ଜିଆ ଯେ ସାଲତମାମି ଦାଖଲ କରିଥିଲା , ସେଥିରେ ମହାଜନୀ କରଜରେ ଆଠ ଟଙ୍କା ଛଅଅଣା ଦୁଇକଡା ଦୁଇକ୍ରାନ୍ତି ଛାଡ ତଳେ ପଡିଥିବାର ଦେଖାଯାଇଅଛି। ଏତେଗୁଡାଏ ଟଙ୍କା ଛାଡ ସକାଶେ ପାଞ୍ଜିଆ ଗାଳି ଖାଇ ଯେଉଁ ପରି କୈଫିୟତ୍ ଦେଇଥିଲେ, ସେଥିର ସାରମର୍ମ ଏହି ଭିକାରି ପଣ୍ଡା କରଜ ନେବାର ମୂଲ୍ୟ ପାଞ୍ଚଟଙ୍କା । ସେଥିରେ କଳନ୍ତର ଚକ୍ରବୃଦ୍ଧି ପ୍ରମାଣେ ବାରଟଙ୍କା ପାଞ୍ଚଅଣା ଏଗାର ଟଙ୍କା ଦୁଇକଡା , ଗାଏ ଦୁଇ ପଦକୁ ମୋଟ ଆଦାୟ ସତରଟଙ୍କା ପାଞ୍ଚଅଣା ଦୁଇପଇସା ବାଦେ ବାକି ଛାଡ ଦେଢ଼ ଗଣ୍ଡା ।

--o--

# ତୃତୀୟ ପରିଚ୍ଛେଦ

ବାଣିଜ୍ୟେ ବସତେ ଲକ୍ଷ୍ମୀସ୍ତଦର୍ଦ୍ଧଂ କୃଷିକର୍ମଣି '
ଅସ୍ୟାର୍ଥଃ 'ବାଣିଜ୍ୟେ ଲକ୍ଷ୍ମୀଙ୍କ ବାସ , ତହୁଁ ଅଧେ କଲେ ଚାଷ । '

ଆମ୍ଭେମାନେ ଅନୁମାନ କରୁଁ, ଜଣେ ମରହଟ୍ଟୀ କବି ଏହି କବିତା କହିଅଛନ୍ତି । ଆଜିକାଲିର କବି ହୋଇ ଥିଲେ , ଏହିପରି କହନ୍ତେ

''ବାଣିଜ୍ୟେ ଲକ୍ଷ୍ମୀଙ୍କ ବାସ , ତହୁଁ ଅଧେ ବି. ଏଲ୍. ପାଶ ''

ମଙ୍ଗରାଜଙ୍କ ନଅର ଦେଖି କେହି ଅନଭିଜ୍ଞ ଲୋକ ଅନୁମାନ କରିପାରନ୍ତି , ଏହା ଗୋଟିଏ ଅଦାଲତର ବି. ଏଲ୍ . ପାଶୟା ଓକିଲ ଘର , ବାଷଠି ଘର , ଭଗ୍ନାଂଶର ସମଷ୍ଟି ମାତ୍ର । କଥା କଣ ଜାଣନ୍ତି 'ଭାଗ୍ୟ ଫଳତି ସର୍ବତ୍ର । ' ଏହି ଯେ ଅଦାଲତର ଓଳିରେ ଗଣ୍ଡା ଗଣ୍ଡା ଶାଳପାଗିଆ , ବୁଲୁଛନ୍ତି , ମଙ୍ଗରାଜଙ୍କ ପଛରେ ପଚିଶ ଘର ଭଗ୍ନାଂଶ ଗାଏ କରିବାକୁ କେତେ କଣ ମିଳିବେ ? ସାଆନ୍ତେ ଆପେ କହନ୍ତି ସେ କାହାରି ଗୋଟିଏ ପଇସା ଆଣନ୍ତି ନାହିଁ । ନିଜ ବୁଦ୍ଧି ନିଜ ବାହୁ ବଳରେ ମାଟିରୁ ସୁନା ପଇଦା କରିଅଛନ୍ତି । ଏହିପରି ଶୁଣାଅଛି---ଶୁଣା କିମ୍ବା ଆମ୍ଭେମାନେ ଠିକ୍ କଥା ଜାଣୁ ---ମଙ୍ଗରାଜେ ପ୍ରଥମେ ଗାଁ ପ୍ରଧାନ ଠାରୁ ଦୁଇମାଣ ଜମି ଭାଗରେ ଧରିଥିଲେ । ବର୍ତ୍ତମାନ ଚାଶଜମି ଚବିଶ ଦସ୍ତି ପଦିକାରେ ଚାରିବାଟି ଛ'ମାଣ , ଏହା ଛାଡି ତିରିଶି ବାଟି ସତର ମାଣ ଭାଗରେ ଲାଗିଅଛି। ଜମିସବୁ ଲାଖରାଜ , କିଛି ନିଷ୍କୀ ବାଜ୍ୟାପ୍ତି । ଅଧିକାଂଶ ଖରିଦା ବ୍ରହ୍ମୋତ୍ତର । ଚାଷ ବଦଳ ୫ ହଳ , ହଳିଆ ବାର ଜଣ , ଏମାନେ ବାର ମାସିଆ , ଜାତିରେ ବାଉରୀ -- ତିନି ଜଣ ପାଣ । ଚାଷ ଓ ବଗିଚା ଏମାନଙ୍କର ଜିମା । ମଙ୍ଗରାଜଙ୍କ ଶିକ୍ଷା ଓ ଉତ୍ସାହରେ ଏମାନେ କର୍ମଠ ଓ ଉତ୍ସାହୀ । ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରିବା ସ୍ବାସ୍ଥ୍ୟ -ବିଧାନ ଶାସ୍ତ୍ରର ବିଧି । ଖରା ହେଉ ,

ବରଷା ହେଉ , ତୋଫାନ ହେଉ , ଝଡି ହେଉ ମଙ୍ଗରାଜେ ଏହି ବିଧି ଲଘଂନ କରିଥିବାର କେବେ କେହି ଦେଖିନାହିଁ । ଶାସ୍ତ୍ରରେ ଲେଖାଅଛି-

''ଯେତେକ ଦେଖ ନଦନଦୀ ,
ସମସ୍ତେ ମିଳନ୍ତି ଜଳଧି ।
ଆପଣାଗୁଣ ପାସୋରନ୍ତି ,
ଲବଣ ଗୁଣକୁ ଭଜନ୍ତି ।''

ଠିକ କଥା । ସେହିପରି ସ୍ତ୍ରୀ , ଦାସ -ଦାସୀ ସମସ୍ତେ ସାଆନ୍ତଙ୍କ ଗୁଣକୁ ଉଣା ଅଧିକରେ ଲାଭ କରିଥାନ୍ତି । ଆମ୍ଭେମାନେ ସାଆନ୍ତଙ୍କ ଘର ଦାସ -ଦାସୀ ମାନଙ୍କୁ ଦେଖି ଏହି ଶିକ୍ଷା ଲାଭ କରିଅଛୁଁ । ମଙ୍ଗରାଜ ବ୍ରାହ୍ମମୁହୁର୍ତ୍ତରେ ଉଠି ଦାନ୍ତ ଘଷି ପକାନ୍ତି । କଲିକତା ସହରରେ ଦୁଇ ଥର ତୋପ ପଡେ। ପ୍ରାତଃ କାଳ ତୋପ ରାତ୍ରି ଶେଷଜ୍ଞାପକ । ମଙ୍ଗରାଜେ କଚେରୀ ପିଣ୍ଡାରେ ଠିଆହୋଇ ହଳିଆକୁ ଡାକିଦେଲେ ଗ୍ରାମର ଲୋକେ ଆଖିବୁଜି ମଧ୍ୟ ଜାଣିପାରନ୍ତି , ରାତିପାହିଲାଣି , ବୋହୂ ଭୁଆଶୁଣିଏ ବାସିପାଇଟିରେ ଲାଗିଯାନ୍ତି । ମଫସଲରେ ଲୋକେ ଘଣ୍ଟା ଫଣ୍ଟା ବୁଝନ୍ତି ନାହିଁ । ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେ ବଳଦ କାନ୍ଧରେ ଯୁଆଳି ବାହାରେ । ଆଖ ପାଖ ଚାଷିମାନେ ଦୂରରୁ ଅନାଇ ଦେଖନ୍ତି , ମଙ୍ଗରାଜଙ୍କ ବଡ ତାଳ ପତ୍ର ଛତା ହିଡ ଉପରୁ ଉଠିଲାଣି କି ନାହିଁ । ମଙ୍ଗରାଜେ ତାଙ୍କର ହଳିଆ ମାନଙ୍କୁ ପୁଅ ପରି ପାଳିଛନ୍ତି । ମା- ବାପ ପିଲାମାନଙ୍କ ଖିଆ ପିଆ ନିଜେ ନଦେଖିଲେ ସେମାନଙ୍କ ମନ ମାନେ ନାହିଁ । ହଳିଆମାନେ ଧାଡିହୋଇ ଖାଇବାକୁ ବସିଗଲେ ସାଆନ୍ତେ ରାନ୍ଧୁଣିଆକୁ ଉଚ୍ଚସ୍ୱରରେ ଡାକ ଦିଅନ୍ତି , ଆରେ ତୋରାଣି ଆଣ , ଏମାନଙ୍କ ତଣ୍ଟି ଶୁଖିଯାଉଛି । ରାନ୍ଧୁଣିଆ ଅଭ୍ୟସ୍ତ ବିଦ୍ୟା ପ୍ରଭାବରେ ଫି ଜଣକୁ ଦୁଇ କଂସା କରି ତୋରାଣି ଦିଏ । ହଳିଆ ଏତେଗୁଡାଏ ତୋରାଣୀ ପିଇବାକୁ ନାରାଜ ହେଲେ ସାଆନ୍ତେ ତାହାର ଉପକାରିତା ଓ ବଳକାରିତ୍ୱ ମମ୍ବନ୍ଧରେ ଖୁବ୍ ବକ୍ତୃତା କରି ତାହା ପିଆଇ ଦେଇ ତହିଁ ଉତ୍ତରେ ଭ◌ାତରବ୍ୟବସ୍ଥା କରି ଆପେ ସ୍ନାନ କରିବାକୁ ବାହାରିଯାନ୍ତି । ସାଆନ୍ତଙ୍କ ବଗିଚାରେ ସତରଟା ସଜନାଗଛ। ସଜନାଶାଗ

ହଜମୀ , ବଳକାରକ, ରୋଗନାଶକ, ମୁଖରୋଚକ , ରୋଗୀର ପଥ୍ୟ । ନିର୍ଘଣ୍ଟୁରେ ସଜନାର ଏପରି ଗୁଣ ବର୍ଣ୍ଣନା ଅଛି କି ନାହିଁ ଆମ୍ଭେମାନେ ଜାଣୁ ନାହିଁ କାରଣ ସେ ବିଦ୍ୟାରେ ଆମ୍ଭେମାନେ ନିତାନ୍ତ ଅନଭିଜ୍ଞ ; କିନ୍ତୁ ସାଆନ୍ତଙ୍କ ମୁଖରୁ 'ଯଥା ଶ୍ରୁତଂ ତଥା ଲିଖିତଂ । ' ସେଥି ସକାଶେ ବଗିଚାର ସଜନାଶାଗ କେରାଏ ମଧ୍ଯ ହାଟକୁ ଯାଏ ନାହିଁ , ହଳିଆ ମାନଙ୍କର ବଳବର୍ଦ୍ଧନ ଓ ପୋଷଣ ନିମନ୍ତେ ସମସ୍ତ ଉତ୍ସର୍ଗୀ କୃତ । ଏହି ଯେ ଫୁଲ ଦେଖୁ ଅଛ , ଏପରି ଉପାଦେୟ ପଦାର୍ଥ ପୃଥିବୀରେ ନାହିଁ । ପୁଞ୍ଜାଏ ରାଇ ଯଦି ସେଥିରେ ମିଶେ , ତା କଥା ଛାଡ । ପରମେଶ୍ବରଙ୍କ ସୃଷ୍ଟିରେ କେତେ ଭଲ ଅଛି-ସେଥିରେ ଭଲମନ୍ଦ ମିଶାମିଶି । ଦେଖ ପଣସ ଖୋସା ଗୁଡିକ ମଧୁର , କିନ୍ତୁ ତାହା ଭିତରେ ସୁତାଗୁଡାକ ବଦହଜମୀ । କିନ୍ତୁ ଲୋକଙ୍କଠାରେ କିଛି ଅଖଞ୍ଜା ରହେ ନାହିଁ , ଭଲକୁ ଭଲ , ମନ୍ଦକୁ ମନ୍ଦ , ବାଛିଦିଅନ୍ତି । ସଜନାର ସବୁ ଭଲ , କେବଳ ଛୁଇଁଗୁଡାକ ଖରାପ ଓ ବଦହଜମୀ । ସେଥିପାଇଁ ହଳିଆ କିମ୍ବା ଚାକରମାନଙ୍କ ପତ୍ର ଛୁଇଁପାରେ ନାହିଁ, ବାହାରେ ବାହାରେ ହାଟକୁଯାଏ।

--o--

# ଚତୁର୍ଥ ପରିଛେଦ

ଅହଂ ନିଜଃ ପରୋବେତ୍ତି ଗଣନା ଲଘୁଚେତସାମ ।

ମଙ୍ଗରାଜେ ନିଜ ପର ଚାଷ ବୁଝନ୍ତି ନାହିଁ । ଶାସ୍ତ୍ରରେ ପାଠ ଡାକୁଛି ଲଘୁଚେତାମାନେ ଆପଣା ଚାଷ ପ୍ରତି ଯେପରି ନଜର, ପର ଚାଷ ପ୍ରତି ମଧ୍ୟ ସେପରି ଦୃଷ୍ଟି । ଆମ୍ଭେମାନେ ଦିନକର କଥା କହିଲେ ଜ୍ଞାନୀ ପାଠକମାନେ ସେଥିରୁ ସବୁ ଜାଣିଯିବେ । ଭାତହାଣ୍ଡିରୁ ଗୋଟିଏ ଚିପିଲେ ସବୁ ଜଣାପଡେ । ସରଦାର ହଳିଆ ଗୋବିନ୍ଦ ପୁହାଣ ସକାଳେ ଆସି ଜଣାଇଲା , ଆଜ୍ଞା , ଦେଢମାଣ ବିଲ ଅରୁଆ ରହିଲା, ତଳି ନିଅଣ୍ଟ । ସାଆନ୍ତେ ହୁଁ କହି ତୁନି ହେଲେ । ହଳିଆ ହାତଯୋଡି ଦୁଆରେ ଛିଡାହେଲା ।

ସାଆନ୍ତେ ବିଲ ବୁଲି ବାହାରିଛନ୍ତି । ପରିଧାନ ଖଣ୍ଡିଏ ତେଲ ଚିକିଟା ମଠାଲୁଗା , ଅଣ୍ଟାରେ ଗେରୁରଙ୍ଗିଆ ଗାମୁଛାଭିଡା, କାନ୍ଧରେ ବିଶାଳ ତାଳପତ୍ର ଛତା । ପଛରେ ଗୋବିନ୍ଦ ପୁହାଣ ବିଲର ହାଲଚାଲ କହି ଚାଲୁଅଛି , ଆଉ ଜଣେ ହଳିଆ କାନ୍ଧରେ ଯୋଡାଏ ଯୁଆଳି ପକାଇ ଚାଲିଅଛି , ତାହାର ନାମ ପାଣ୍ଡିଆ । ଗାଁର ସବୁ ଲୋକ ଉଠି ନାହାଁନ୍ତି । ଶିବୁ ପଣ୍ଡିତଙ୍କ ସଙ୍ଗରେ ଭେଟ ହେଲା ।

ପଣ୍ଡିତେ ନାଶ ସୁଙ୍ଘିଂ ସୁଙ୍ଘିଂ ବାଁ ହାତରେ ଢାଳଟିଏ ଧରି ପୋଖରୀପାଣି ବାହାରିଛନ୍ତି । ସାଆନ୍ତଙ୍କୁ ହଠାତ୍ ପଛରେ ଦେଖି ତରବର ହୋଇ ସାଢେ ସାତହାତ ଆଡ ହୋଇଗଲେ ଏବଂ ଢାଳଟା ତଳେ ଥୋଇଦେଇ ଧନୁକାକାରଧାରଣ ପୂର୍ବକ 'ଅଞ୍ଜଳିବଦ୍ଧ୍ୱୋ ଭୂତ୍ୱା ' ସାଆନ୍ତଙ୍କର 'କୀର୍ତ୍ତିମାୟୁର୍ଯଶଃଶ୍ରିୟଂ ' କାମନା କଲେ । ସାଆନ୍ତଙ୍କର ତେଣିକି ଦୃଷ୍ଟି ନାହିଁ , ଏକମୁହାଁ ଚାଲିଛନ୍ତି । ସାଆନ୍ତେ ଖଣ୍ଡେ ବାଟ ଚାଲିଗଲା ବାଦ୍ ପଣ୍ଡିତେ ଧୀରେ ଧୀରେ ଢାଳଟି ଉଠାଇ ଶ୍ଳୋକଟିଏ ପଢିଲେ, 'ଆଦ୍ୟ ପ୍ରାତରେବାନିଷ୍ଟ ଦର୍ଶନଂ ଜାତଂ ନ ଜାନେ କିମନଭିମତଂ ଦର୍ଶୟିଷ୍ୟତି । '

ପଣ୍ଡିତମାନଙ୍କର ଶ୍ଳୋକ ପଢ଼ିବା ଅଭ୍ୟାସ , ସେଥିରୁ ଆମ୍ଭେମାନେ କ'ଣ ପାଇବୁ ?

ଶ୍ୟାମ ଗୋଚ୍ଛଇତ ଜାତିରେ ବାଉରୀ । ବିଲ ଗାଁ ତଳେ । ବିଲଗୁଡିକ ଆଗ ରୁଆ , ଶୁଆପକ୍ଷଆ ବୁଲିଗଲାଣି । ଶ୍ୟାମ ନଇଁପଡି ହିଡ ବାନ୍ଧୁଅଛି । ସା'ନ୍ତେ ପାଖରେ ଛିଡାହୋଇ ଯାଇ କଅଁଳ ଭାଷାରେ କହିଲେ , 'କି ରେ ବାପ ଶ୍ୟାମ ' , ଶ୍ୟାମ ହଠାତ୍ ସାଆନ୍ତଙ୍କୁ ଦେଖି ଚମକି ପଡିଲା । ପାଞ୍ଚହାତ ଦୂରକୁ କୋଡିଟା ଫୋପାଡିଦେଇ ଲଟକରି କାଦୁଅରେ ଶୋଇପଡି ଓଳଗି ହେଲା । 'ଆରେ ଉଠ୍, ଆରେ ଉଠ, ଆରେ ଉଠ୍' ବୋଲିସ୍ନେହରେ ସାଆନ୍ତେ ସମ୍ବୋଧନ କଲେ । ତହିଁ ଉତ୍ତାରେ ଶ୍ୟାମ ହାତ ଯୋଡି ଦଶହାତ ଦୂରରେ ଛିଡାହେଲା । ତାହା ବାଦ୍ ଶ୍ୟାମ ଓ ସାଆନ୍ତଙ୍କ ମଧ୍ୟରେ ଢେର ବେଳ ଯାଏ ଦୁଃଖସୁଖ କଥାବାର୍ତ୍ତା ହୋଲା । ସବୁ କଥାଗୁଡା ଲେଖିଲେ ପାଠକମାନେ ବିରକ୍ତ ହୋଇପାରନ୍ତି , ସେଥିସକାସେ ସାରାଂଶ ମାତ୍ର ଲେଖୁଅଛୁ , ଅର୍ଥାତ୍ ଶ୍ୟାମ ବଂଶ ଉପରେ ସାଆନ୍ତଙ୍କର ଭାରି ନଜର । ଶ୍ୟାମ ବାପ ଅପର୍ତ୍ତିଆ ରୋଜ ରୋଜ ସଞ୍ଜବେଳେ ସାଆନ୍ତଙ୍କ ପାଖକୁ ଯାଇ ବିଲବାଡିର ହାଲଚାଲ ଜଣାଉଥିଲା ଏବଂକିପରି ଚାଷକଲେ ଧାନ ଖୁବ୍ ଫଳିବ, ଏସବୁକଥା ପଚାରୁଥିଲା ଇତ୍ୟାଦି । ମାତ୍ର ଶ୍ୟାମ ସେପରି କରେ ନାହିଁ । ଇତ୍ୟବସରରେ ବିଲ ଉପରେ ସାଆନ୍ତଙ୍କ ନଜର ଅକସ୍ମାତ ପଡିଗଲା । ଚମକି ପଡିଲାପରି ମୁରବିପଣିଆ କରି କହିଲେ, 'ଆରେ ଶାମା , ତୁ କ'ଣ କରିଛୁ ? ତୁ ଟା ତ ନିହାତି ଓଲୁ । ଚାଷ କିଛି ଜାଣି ନାହୁଁ । ଆରେ , ଏତେ ନିଘଞ୍ଚ କରି ରୋଇଲେ କଣ ଧାନ ଫଳେ? ଗଛ ନିଃଶ୍ବାସ ମାରିବାକୁ ତ ବାଟ ରଖି ନାହୁଁ । ଉପାଡ ଉପାଡ୍ ଅଧେ ଉପାଡିପକା । ଗୋବିନ୍ଦ ଭଲ କରି ଅନାଇ ସା'ନ୍ତଙ୍କର ପୋଷକତା କଲା । ଶ୍ୟାମ ଥରିଥରି ହାତଯୋଡି, 'ଆଜ୍ଞା , ମୁଁ ତ ସବୁ ବରଷ ଏହିପରି ରୁଏଁ, ସମସ୍ତେ ରୁଅନ୍ତି । ' ସା'ନ୍ତେ ବିରକ୍ତ ହୋଇ କହିଲେ , 'ଆରେ ଓଲୁ, ଭଲ କହିଲେ ଶୁଣୁନାହୁଁ ? ଗୋବିନ୍ଦ ଆଡକୁ ଚାହି କହିଲେ, 'ଆରେ ଗୋବିନ୍ଦା ଦେଖାଇ ଦେ ତ । '' ଏହି କଥା ମୁହଁରୁ ନବାହାରୁଣୁ ଗୋବିନ୍ଦା ଏବଂ ପାଣ୍ଡିଆ ଦୁଇ କିଆରୀ ବିଲ ଅଧା ପଦା କରିପକାଇଲେ । ଶ୍ୟାମ ଡକାପଡି ସାଆନ୍ତଙ୍କ ଗୋଡତଳେ ଗଡୁଥାଏ ।

ସାଆନ୍ତେ ରାଗିଯାଇ ସାଆନ୍ତାଣୀଙ୍କ ସହିତ ଶ୍ୟାମର ଭାଇଲେଖା ସମ୍ବୋଧନ କରି କହିଲେ, '' ତୁ ବିଲ କରି ଜାଣ ନ ଜାଣ, କରଜା ଧନର ମୂଳ କଳନ୍ତର ବିଶ୍ବାଏ ରଖିଲେ, ଜାଣିବୁ । '' ଶ୍ୟାମ ଭୟରେ କାଠ ପିତୁଳି ପରି ଛିଡା ହୋଇଥାଏ । ସାଆନ୍ତେ '' ଆରେ ଗୋବିନ୍ଦ , ଥାଉ ଥାଉ, ସେ ଯାହା ଇଚ୍ଛା କରୁ । '' ଏହା କହି ଆପଣା ଅରୁଆ ବିଲ ଆଡକୁ ଦୁଇ ଭାର ତଳି ଧରି ବାହାରି ଗଲେ ।

--o--

# ପଞ୍ଚମ ପରିଚ୍ଛେଦ

**ମଙ୍ଗରାଜଙ୍କ କୁଟୁମ୍ବ** :

ରାମଚନ୍ଦ୍ର ମଙ୍ଗରାଜେ ଜଣେ ବହୁପୋଷୀ ଲୋକ । ଘରେ ଖାଇବାକୁ କୁଟୁମ୍ବ ଢେର । ନିଜେ ସାଆନ୍ତ ସାଆନ୍ତାଣୀଙ୍କୁ ଛାଡି ତିନି ପୁଅ ହିସାବରେ ତିନି ବୋହୂ, ପୋଇଲୀ ପରିବାରୀ କୋଡିଏ କି ବାଇଶ , ଏହିପରି ତିରିଶ ଲଗାଲଗି । ପ୍ରତି ଜଣର କଥା ଲେଖିବାକୁ ଗଲେ ଢେର ଲେଖିବା ହେବ । ମାତ୍ର ଆପଣ ତ ଆମ୍ଭମାନଙ୍କ ସ୍ବଭାବ ଜାଣନ୍ତି , ମିଛକଥା ଲେଖିବା , କଥା ବଢେଇ ଲେଖିବା, ଅକାରଣ କଥା ଲେଖିବା ଆମ୍ଭମାନଙ୍କ ଧାତୁରେ ଚଳେ ନାହିଁ । ମଧ୍ୟ ''ମା ଲିଖତ୍ ସତ୍ୟମପ୍ରିୟଂ '' ଅର୍ଥାତ ସତ୍ୟ କଥାରୁ ମଧ୍ୟ ଅଧାଅଧି ଛାଡିଦେବାକୁ ହୁଏ । ଉଆସ ମଧ୍ୟରେ ସ୍ତ୍ରୀ ସଂଖ୍ୟା ବେଶି, ରାମା ଭଣ୍ଡାରିକୁ ଛାଡି ପୁରୁଷ ତୁଣ୍ଡ ପ୍ରାୟ ଶୁଭେ ନାହିଁ । ସାଆନ୍ତେ ତ ଧନ୍ଦାରେ ଲାଗିଥାନ୍ତି । ତିନି ପୁଅ ଯୁଆଣ । ଚଉପଟ ଖେଳିବା, ଗୋବରା ଚଢେଇଧରିବା ଲୋକଙ୍କ ସହିତ ଦଙ୍ଗା ଫିସାଦ କରିବାରେ ସେମାନଙ୍କୁବେଳ ଅଣ୍ଟେ ନାହିଁ । ଗଞ୍ଜେଇ ପତ୍ର ଖାଇବାକୁ ମଧ୍ୟ କିଛି ବେଳ ଲୋଡା । ଗୋବିନ୍ଦପୁର ହାଟର ଗଞ୍ଜେଇଦୋକାନୀ ଜଣେ ଗହକି ଉପରେ ଖପା ହୋଇ କହିଲା, ''ଆରେ ଯା ମ । ମାଲ୍ ନ ନେ । , ଏକା ସାଆନ୍ତଘରବାବୁମାନଙ୍କ ପାଇଁ ମାଲ ନିଅଣ୍ଟ ବାପ ପୁଅଙ୍କର ପ୍ରାୟ ଭେଟ ହୁଏ ନାହିଁ । ଜଣେ ମୁରବି ଭଳିଆ ଲୋକ କହିଥିଲା , ''ଆହେ ମଙ୍ଗରାଜେ , ପୁଅମାନଙ୍କୁ କ୍ୟା ପାଖପୁରାଅ ନାହିଁ?'' ମଙ୍ଗରାଜେ ଉତ୍ତର ଦେଲେ , ''ଆହା ତୁମ୍ଭେ କି ଶାସ୍ତ୍ର ଶୁଣି ନାହଁ ?''

''ଲାଳୟେତେ ପଞ୍ଚବର୍ଷାଣି ଦଶବର୍ଷାଣି ତାଡୟେତ୍ ।
ପ୍ରାପ୍ତେ ତୁ ଷୋଡଶ ବର୍ଷେ ପୁତ୍ରଂ ମିତ୍ରବଦାଚରତେ ।''

ଅର୍‌ଥାତ୍‌ପୁଅମାନଙ୍କପାଟିରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଲାଳବହେ, ଦଶବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ତଡିବ , ଷୋଳବର୍ଷ ହେଲା ଉତ୍ତାରେ ସେମାନଙ୍କ ସହିତ ଆଉ ମିତ୍ରମାନଙ୍କ ସହିତ ବଦ୍ ଅର୍ଥାତ ଖରାପ ଆଚରଣ କରିବ ।

''ବାସ୍ତବରେ ଦେଖାଯାଉଛି ସାଆନ୍ତେ କାହାରି କାହାରି ସହିତ ସଙ୍ଗାତ ମିତ୍ର ବସି ମାଲିମକଦ୍ଦମା କରି ସେମାନଙ୍କ ସମ୍ବନ୍ଧରେ ଯେଉଁ ଶାସ୍ତ୍ରୀୟ ପ୍ରମାଣ ପ୍ରୟୋଗ କଲେ, ତାହା ଠିକ ବୋଧ ଦେଉ ନାହିଁ । ଶୁଣାଯାଏ, ପୁଅମାନେ ନିଶାପାଣିରେ କିଛି ଉଡାଇ ଦେବାରୁ ବାପ ପୁଅଙ୍କର ଅପଡ । ଉଆସ ମଧ୍ୟରେ ସାଆନ୍ତାଣୀ ଗୋଟାଏ କୋଠରୀରେ ପଡିଥାନ୍ତି , କାହାରି ସହିତ କଥା ନାହିଁ । କେବଳ ଭାଟ , ଭିକାରୀ , ଭୋକୀ, ଶୋଷୀ ଆସିଲେ ତାହାଙ୍କୁଖୋଜନ୍ତି । ବୋହୂମାନଙ୍କ କଥା ଲେଖିବା ଅନୁଚିତ । ବଡ ଲୋକ ଘରର ବୋହୂ ଭୂଆସୁଣୀ କଥା ଦାଣ୍ଡରେ ପକାଇଲେ ଲୋକେ ଆମ୍ଭମାନଙ୍କୁ କ'ଣ କହିବେ ? ସେମାନେ ଯେପରି ଦିନ ପହରକେ ବିଛଣାରୁ ଉଠି ଦୁଇ ତିନି ଘଣ୍ଟା ମଧ୍ୟରେ ଦାନ୍ତପତ୍ର ଘଷି, ମର୍ଦ୍ଦନ ସ୍ନାନ ସାରି ଭୋଜନ କରି ଦିନବେଳେ ବେଳବୁଡ ଯାଏ ଶୋଇପଡନ୍ତି , ସେ କଥା ଗୁଡିକ ଲେଖିଲେ କ'ଣ ହେବ ? ବେଳବୁଡ ସରିକି ପୁଣିଉଠି ପଖାଳ ଦିଶୁ ଦିଶୁ ସାରି ତାହା ବାଦ ଗାଁ କଥାଶୁଣିବା , ପୋଇଲୀ ମାନଙ୍କ ମଧ୍ୟରେ କଳିଲଗାଇ ଦେବା , କଳି ଭାଙ୍ଗିବା , ହସିବା , ବସିବାରେ ଅଧରାତି ହୋଇଯାଏ । ରୁକୁଣୀ, ଚେମୀ , ନାକଫୋଡୀ , ଟେରୀ , ବିମଳୀ , ଶୁକୀ , ପାଟକୁ ଛାଡି ଆହୁରି କେତେଗୁଡିଏ ପୋଇଲୀ ଅଛନ୍ତି । ସେମାନଙ୍କ ନାମ ଆମ୍ଭମାନଙ୍କୁ ଅଜଣା । କେହି ବାଳ ବିଧବା, କେହି ଯୁବତୀ ବିଧବା , କେହି ଆଜନ୍ମବିଧବା , କେହି ବା ସଧବା , ନାନା ପକ୍ଷୀ ଏକ ବୃକ୍ଷରେ ବାସ କଲା ପରି ମଙ୍ଗରାଜଙ୍କ ଘରେ ଆଶ୍ରୟ ନେଇଛନ୍ତି । ମଧ୍ୟ କେତେକ ଆସୁଛନ୍ତି । କେତେ ଯାଉଛନ୍ତି , ତାହାର ଠିକଣା ନାହିଁ । ଅନେକ ଗୁଡିଏ ନିଷ୍କର୍ମା ପୋଇଲୀ ରୁଣ୍ଡ ହେଲେ ପୃଥିବୀର କଳି ଜାତ ହୁଏ , ମଙ୍ଗରଜ ଉଆସ ଏହି ସନାତନ ବିଧିକୁ ଲଘିଂ ନଥିଲା । ରାତି ଅଧଯାଏ ଉଆସ ମଧ୍ୟରେ ମାଛ ହାଟ ବସିଲା ପରି ଘୋ ଘୋ ଶବ୍ଦ ଶୁଭୁଥାଏ ।

--o--

# ଷଷ୍ଠ ପରିଚ୍ଛେଦ

**ଚମ୍ପା :**

ଉଆସ ମଧ୍ୟରେ କେତେ ଲୋକ ଅଛନ୍ତି , ସେଥିମଧ୍ୟରୁ ଚମ୍ପା ଓରଫେ ଚମ୍ପା ସାଆନ୍ତାଣୀ , ଓରଫେ ହରକଳା ସହିତ ମଙ୍ଗରାଜ -ବଂଶର କି ସମ୍ପର୍କ ଏ କଥା କାହାରିକି ଜଣା ନାହିଁ । ତାହାର ଜାତି, କୁଳ, ପିତୃ ବଂଶ ସମ୍ବନ୍ଧରେ ମଧ୍ୟ ସମସ୍ତେ ଅନଭିଜ୍ଞ ।ଚମ୍ପା ମଙ୍ଗରାଜ ଘରେ ଦାସୀ କି ସାଆନ୍ତାଣୀ , ବ୍ୟବହାରଦ୍ବାରା ବୁଝିବାର କାହାରି ଶକ୍ତି ନାହିଁ । କେବଳ ଏତିକି ମାତ୍ର କହିପାରୁ ଯେ, ମଙ୍ଗରାଜଙ୍କ ଉଆସ ମଧ୍ୟରେ ଚମ୍ପାର କ୍ଷମତା ସୀମାତୀତ । ଅଧିକ କ'ଣ ସାଆନ୍ତାଣୀଙ୍କ କ୍ଷମତାଠାରୁ ଢେର ବେଶୀ । ବାହାରେ ହଳିଆ , ମୂଲିଆ , କଚେରୀ କରଣଯାଏ ତାହା ଠାରେ ହାତ ଯୋଡିଥାନ୍ତି । ଚମ୍ପାର ଗୋଟିଏ ନାମ ହରକଳା । ସତ କଥା କହିବାକୁ ଗଲେ ଏହିନାମ ଧରି ତାହାକୁ କେହି ଡାକିବାର ଶୁଣିନାହୁଁ । ହରକଳା ଶବ୍ଦର ବ୍ୟପୃତ୍ତି କ'ଶ, ଏହି ନାମଟି ନିନ୍ଦ୍ୟ କି ପ୍ରଶଂସନୀୟ , ଏହା ବୋଲିବାକୁ ଆମ୍ଭେମାନେ ନିତାନ୍ତ ଅକ୍ଷମ ; ମାତ୍ର ଚମ୍ପାର କାନରେ ଦିନେ କିଏ ପକାଇଲା ଲୋକମାନେ ତାହାକୁ 'ହରକଳା' ବୋଲନ୍ତି । ସେ ଶୁଣି ଭାରି ଖପା ହେଲା, କାନ୍ଦି କାନ୍ଦି ମଙ୍ଗରାଜଠାରେ ଗୁହାରି କଲା, ଖୁବ୍ ଧରପଗଡ ହେଲା, ଦୁଇଦିନ ପର୍ଯ୍ୟନ୍ତ ଖୋଜା ତଲାସ ହେଲା;ମାତ୍ର ହରକଳା ନାମର ଉପୃତ୍ତି କେତେ ଦୂର ବିସ୍ତୃତ କିଛି ଠିକଣା ମିଳିଲା ନାହିଁ । ଅବଶେଷରେ ସାଆନ୍ତ କହିଲେ, ''ହେଉ ହେଉଦେଖାଯିବ । ଖବରଦାର ! ଚମ୍ପାକୁ କେହି ହରକଳା କହିବ ନାହିଁ । '' ସେ ଦିନ ଗ୍ରାମର ଏ ମୁଣ୍ଡଠାରୁ ସେ ମୁଣ୍ଡଯାଏ ଆଖପାଖ ଦୁଇ ଚାରି ଗ୍ରାମରେ ସମସ୍ତଙ୍କୁ ସମସ୍ତେ ସାବଧାନ କରାଇଦେଲେ--- 'ଖବରଦାର୍ ! ଚମ୍ପାକୁ କେହି ହରକଳା କହିବ ନାହିଁ । ' ମାସେ, ଦୁଇମାସ, ଚାରିମାସ, ଛ'ମାସ ଟୋକୀଠାରୁ ବୁଢୀ, ଟୋକାଠାରୁ ବୁଢାଯାଏ ସାଙ୍ଗ ମନମିଳାପ ଲୋକ ଦେଖିଲେ ଚାରିଆଡକୁ ଅନାଇ ମୁରୁକି ହସି ପରସ୍ପରକୁ ସାବଧାନ କରିଦିଅନ୍ତି , ''ଖବରଦାର୍'' ! ଚମ୍ପାକୁ କେହି ହରକଳା କହିବ ନାହିଁ । '' କ୍ରମଶଃ ସେହିକଥା ସଂକ୍ଷିପ୍ତ ସାରରୂପ ଧାରଣ

କଲା, ଯଥା--ଖବରଦାର୍ କେହି ଚମ୍ପାକୁ ଖବରଦାର୍ କେହି, ଖବରଦାର୍ ଇତ୍ୟାଦି । ପିଲାଗୁଡାକ ହାତରେ ତାଳିଦେଇ ଦାଣ୍ଡରେ ନାଚନ୍ତି ----

'ଖବରଦାର ! ଗୋବରା ଜେନା ଚଉକିଦାର ।'

ପିଲାଗୁଡିକ ସବୁଦିନେ ଜଞ୍ଜାଳିଆ , ସେମାନଙ୍କ କଥା କ'ଣ ଧରିବେ ?ଯାଉ, ସେ ବାଜେ କଥାରୁ କ'ଣ ହେବ? ହେଲେ ସାଆନ୍ତଙ୍କ ଘର ସହିତ ଚମ୍ପାର ଖୁବ୍ ଘନିଷ୍ଠ ସମ୍ବନ୍ଧ ଥିବାରୁ ପାଠକମାନେ ତାହାର ନାମ ଅନେକଥର ଶୁଣିବାକୁ ପାଇବେ। ଏଥର ତାହାର ରୂପ-ଗୁଣ ସମ୍ବନ୍ଧରେ ସମସ୍ତ କଥା ଫେଡି କହିଦେବା ଆମ୍ଭମାନଙ୍କ ପକ୍ଷରେ ନିତାନ୍ତ କର୍ତ୍ତବ୍ୟ ହେଉଅଛି ।ଆଉ ଗ୍ରନ୍ଥସ୍ଥ ନାୟକ ନାୟିକାମାନଙ୍କ ରୂପ ଗୁଣ ବର୍ଣ୍ଣନା କରିବାକୁ ଲେଖକମାନେ ସାହିତ୍ୟ ଆଇନାନୁସାରେ ବାଧ୍ୟ । ସୁତରାଂ, ଏହି ସନାତନ ରୀତି ଲଙ୍ଘନ କରିବାକୁ ଆମ୍ଭମାନଙ୍କର ଆପତ୍ତି ନାହିଁ । ପୁଣି ଗ୍ରନ୍ଥମାନଙ୍କରେ ଖସଲତ ଅଛି, ଗୋଟିଏ ନାୟିକାକୁ ପାଇଲେ ଛେନାଗୁଡ ପାଇଲା ପରି ସବୁକଥା ପାସୋରିଯାଇ ତାହାର ରୂପ ବର୍ଣ୍ଣନା କରିବାକୁ ତରବରହୋଇ ବସିଯାନ୍ତି । ଆମ୍ଭେମାନେ ଯେ ରୂପ ବର୍ଣ୍ଣନା କରିବା ବିଷୟରେ ଅକ୍ଷମ , ତାହା ନୁହେଁ । ଏହି ଦେଖ କଦଳୀ, ପଣସ, ରମ୍ଭା , ଆମ୍ବ , ଡାଳିମ୍ବ , ଟଭା ଏହିପରି ଯେ ସବୁ ଗଛ, ପତ୍ର , ଫଳ, ଫୁଲ ଅଛି, ଚମ୍ପାର ବିଶେଷ ଅଙ୍ଗ ସହିତ ବିଶେଷ ବିଶେଷ ପଦାର୍ଥ ମିଳାଇଦେଲେ ତ ରୂପବର୍ଣ୍ଣନା ଛିଡିଲା । ମାତ୍ର , ଆଜିକାଲି ସେପରି ମରହଟ୍ଟୀ ବର୍ଣ୍ଣନା ଚଳିବ ନାହିଁ । ଇଂରାଜୀ ପଢୁଆ ପାଠକମାନଙ୍କ ମନୋରଞ୍ଜନ ସକାସେ ଇଂରାଜୀ ଧରଣର ରୂପ ବର୍ଣ୍ଣନା ଆବଶ୍ୟକ । ଭାରତର କବିମାନେ ସୁନ୍ଦର ସ୍ତ୍ରୀ ମାନଙ୍କୁ କହନ୍ତି ' ଗଜେନ୍ଦ୍ରଗାମିନୀ '; ଇଂରାଜ କହିବେ, ''ଛି ଛି ! ତାହା ତ ନୁହେଁ, ଘୋଡାପରି ସେ 'ଗେଲପ ଚାଲିପାରେ, ସେହି ସିନା ପରମ ସୁନ୍ଦରୀ ! ଆମ୍ଭେମାନେ ଦେଖୁଅଛୁ ଆଜିକାଲି ପହିଲି ଆଷାଢର ମହାନଦୀର ବଢିପାଣି ପରି ଏ ଦେଶକୁ ଇଂରାଜୀ ସଭ୍ୟତା ଯେପରି ପେଲିଆସୁଅଛି, ସେଥିରେ ଖୁବ୍ ସମ୍ଭବ ନବ୍ୟ ସଭ୍ୟ ଶିକ୍ଷିତ ବାବୁମାନେ ଆପଣା ଆପଣା ଅଙ୍କଲକ୍ଷ୍ମୀମାନଙ୍କୁ 'ଗେଲପ୍' ଚାଲି ଶିଖାଇବା ନିମନ୍ତେ ଚାବୁକ ସବାର ନିଯୁକ୍ତ କରିବାକୁ ପ୍ରସ୍ତାବ କରିବସିବେ । ସେ କଥା ଯାହା ହେଉ,

ଆମ୍ଭେମାନେ କହୁଁ, ସୁନ୍ଦରୀମାନଙ୍କ ଚାଲିରୁ ଉପମେୟ ବସ୍ତୁ ପୁରୁଣା କୌଣସି କବି ଠିକ କରିପାରି ନାହାନ୍ତି । ବିଚାର କରନ୍ତି ଘୋଡା ଆଉ ହାତୀମାନେ ଚାରି ଗୋଡରେ ଚାଲନ୍ତି ; ମାତ୍ର ଆମ୍ଭମାନଙ୍କର ଚମ୍ପାର ଦୁଇଗୋଟି ଗୋଡରୁ ବେଶି ନାହିଁ । ସୁତରାଂ ତାହାକୁ ଗଜେନ୍ଦ୍ରଗାମିନୀ ବା ଅଶ୍ବବରଗାମିନୀ ବୋଲିବା ନିତାନ୍ତ ଅସଙ୍ଗତ ଅଟେ । ତେବେ କମ୍ପା ହାମୁଡି ଚାଲିଲେ କିପରି ଦିଶନ୍ତା , ସେ କଥା ଅନୁମାନ କରି କହିବାକୁ ଆମ୍ଭେମାନେ ସମ୍ପ୍ରତି ଅକ୍ଷମ । ପୁଣି ପଦସଂଖ୍ୟା ସମ୍ବନ୍ଧରେ ମରାଳ ସହିତ ସାମଞ୍ଜସ୍ୟ ଥିବାର ମରାଳଗାମିନୀ ବୋଲିବା ଅସଙ୍ଗତ ନୁହେଁ । ଅଳଙ୍କାର ଶାସ୍ତ୍ରର ମର୍ଯ୍ୟାଦା ରକ୍ଷାପାଇଁ ଉପମାନ ଉପମେୟ ଠିକ ରଖି କହିବାକୁ ଗଲେ, ମରାଳ କେତେବେଳେ ଖାଲି ଗୋଡରେ କେତେବେଳେ ଡେଣା ମେଲାଇ ଖଣ୍ଡିଭଡା ଦେଲାପରି ଚାଲେ । ଆମ୍ଭମାନଙ୍କ ଚମ୍ପା ଗୋହିରୀ ମଝିରେ ମାଣିଆବନ୍ଧୀ ପଣତକାନୀ ଉଡାଇ, ଦୁଇଡେଣା ଦୋହଲାଇ ଚାଲିବାବେଳେ ଠିକ୍ ତାହାକୁ ମରାଳଗାମିନୀ ବୋଲାଯାଇପାରେ । ଚମ୍ପାର ବୟସ ଆମ୍ଭେମାନେ ଅନୁମାନ କରୁ ତିରିଶ ଲଗାଲଗି; ମାତ୍ର ତାହାର ନିଜ ମୁହଁରୁ ଅନେକ ଥର ଶୁଣାଯାଇଅଛି, ସାଆନ୍ତାଣିଙ୍କ ମଙ୍ଗଳକୃତ୍ୟ ଦିନ ତାହାର ଏକୋଇଶା ହୋଇଥିଲା । ଏହି ହିସାବରେ ଚମ୍ପାର ବୟସ ଢେର କମ । ଏଠାରେ ଯୁବତୀର ରୂପ ବର୍ଣ୍ଣନା କରିବାକୁ ହେଲେ ସାବଧାନତା , ଖୁବ୍ ବିଜ୍ଞତା , ଖୁବ୍ ବହୁଦର୍ଶିତା ଆବଶ୍ୟକ । ବିଲାତି ଜିନିସାତ୍ ସହିତ ରୁଚିନାମଧେୟ ପଦାର୍ଥବିଶେଷ ଏ ଦେଶକୁ ନୂଆ ଆମଦାନୀ ହୋଇଅଛି । ତାହା ପ୍ରତି ନଜର ରଖି ନ ଚଳିଲେ ତୁମର ପାଠ ସରିଲା । ତୁମେ ମୂର୍ଖ ଅସଭ୍ୟ ତଳେ ଗଲ । ସେଦିନ ଉପେନ୍ଦ୍ରଭଞ୍ଜଙ୍କ ଦୁର୍ଦ୍ଦଶାରୁ ଆମ୍ଭେମାନେ ଏହି ଶିକ୍ଷା ପାଇଅଛୁ । ବାପା ମା ପୂଣ୍ୟବଳରୁ ସେ ବିଚରା ଖସି ଯାଇଛି, ନୋହିଲେ ଇସ୍ତକ ମହାପାତ୍ରଠାରୁ ମହାରାଜା ଯାଏ ଯେପରି ପିଛା ଧରିଥିଲେ, ତାହା କପାଳରେ ଯେ କ'ଣ ଘଟିଥାନ୍ତା , ଠାକୁରଙ୍କୁ ଜଣା । ଏପରି ମହାରଥୀର ତ ଏହି ଦଶା, ଆମ୍ଭେମାନେ ବା କେତେ କଡାରେ ଗଣ୍ଡାର । 'ଗୁରୁ-ବିପ୍ରସାଦେନ ' ଆମ୍ଭେମାନେ ସୁରୁଚି କବିତା କଛି କଛି ରଚନା କରିବାକୁ କ୍ଷମ। ଆପଣମାନେ

କହିବେ, ଏଇଡା ମିଛୁଆ, କିଛି ଜାଣେ ନାହିଁ । ଆଛା, ନମୁନା ଦେଖିନ୍ତୁ ---- ''ଅର୍ଦ୍ଧ ବକ୍ଷ ଉଲ୍ଲଙ୍ଗିନୀ , ମୁରୁକିହାସିନୀ ବସ୍ତ୍ରଶୂନ୍ୟା , ରିକ୍ତହସ୍ତା , ତୁରଙ୍ଗଗାମିନୀ , ମାର୍ଜାରନୟନା ତାମ୍ରକେଶା , ଅଣ୍ଡାଭିଡା , ସ୍ବାଧୀନକର୍ତ୍ତୃକା , ପାଞ୍ଚଜଣ ଆଗେ ଛିଡା, ପରପୁରୁଷକୁ ଧରି ନର୍ତ୍ତକୀ ସୁନ୍ଦରୀ , ଆହା ଆହା ଅପରୂପ ସ୍ବର୍ଗବିଦ୍ୟାଧରୀ ! ''ଆଉ କୁରୁଚିପୂର୍ଣ୍ଣ ଉପେନ୍ଦ୍ରଭଞ୍ଜ ଶୁଣିବେ? '' ଓଲଟ କଦଳୀ ପ୍ରାୟ ଜାନୁ ନିତମ୍ବ ଯୁଗଳ ଜିଣି ସାନୁ । '' ଆଉ ଲେଖିବାକୁ ସାହାସ ଅଣ୍ଟିଲା ନାହିଁ । କେଜାଣି ବିଜୁଳି ପୁଣି ଚମକି ଉଠିବେ । ଆମ୍ଭେମାନେ ସୁରୁଚି କବିତା ଲେଖିବାକୁ ଜାଣୁ ସତ୍ୟ , ହେଲେ ଦିନ ଦୁଇ ପ୍ରହରେ ତୁଛା ମିଛ ଲେଖିବାକୁ ସାହସ ହେଉନାହିଁ । ଇସ୍ତକ ବାଲିପାଟଣା ବାଳିକା ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ରୀ ଶ୍ରାମତୀ ଚେମୀ ବେହେରା ଠାରୁ ବେଥୁନ ସ୍କୁଲର ଉଚ୍ଚତମ ଶ୍ରେଣୀର ଛାତ୍ରୀ ମିସ୍ ଏସ୍.ଏମ୍.ରେ ଓରେଫ କୁମାରୀ ଶଶିମୁଖୀ ରାୟ ପର୍ଯ୍ୟନ୍ତ ଦେଖିଲୁ । କେହି ସୁରୁଚିସମ୍ପନ୍ନ ସୌନ୍ଦର୍ଯ୍ୟ ବଢାଇ ବିରାଡି ଆଖି ପରି କରିପାରି ନାହାନ୍ତି । ଏଣେ ସତ ଲେଖିଲେ ଅସଭ୍ୟ ତଳେ ଯିବୁ, ମିଛ କଥାତ କଲମରୁ ବାହାରିବ ନାହିଁ । ଉପାୟ କ'ଣ ? କାଳିଦାସେ ରଘୁବଂଶ ଲେଖିଲାବେଳେ କଲମ ଅଚଳ ହେବାରୁ କହିବସିଲେ ---- ''ଅଥବା କୃତବାଗ୍ଦ୍ବାରେ ବଂଶେଽସ୍ମିନ୍ ପୂର୍ବସୁରିଭିଃ

ମଣୌ ବଜ୍ରସମୁତ୍କୀର୍ଣ୍ଣେ ସୂତ୍ରସ୍ୟେବାସ୍ତି ମେ ଗତିଃ । ''

ଏବେ ତ ବାଟ ଦିଶିଗଲା, ନିଜେ କାଳିଦାସ ଚମ୍ପାରୂପ -ବର୍ଣ୍ଣନାର ନମୁନା ରଖିଯାଇଅଛନ୍ତି । ଦାସେ ବୋଇଲେ -- ''ତନ୍ବୀ ଶ୍ୟାମା ଶିଖିରିଦଶନା ପକବବିମ୍ବାଧରୋଷ୍ଠୀ । ''

ଅସ୍ୟାଥଃ --ତନୁ ବୋଲାନ୍ତେ ଶରୀର, ଚମ୍ପାର ତନୁ ଥିବାର ସେ ତନ୍ବୀ । ଶ୍ୟାମ ବୋଲନ୍ତେ କାଳିଆ ନୁହେଁ, ଗୋରା ନୁହେଁ, ଶ୍ୟାମଳ ବର୍ଣ୍ଣ । ଚମ୍ପା ଶ୍ୟାମଳ ବର୍ଣ୍ଣ । ଶିଖରିଦଶନା-- ଶିଖରୀ ବୋଲନ୍ତେ ପାହାଡ, ଦର୍ଶନ ବୋଲନ୍ତେ ଦାନ୍ତ ; ଚମ୍ପାର ଛାମୁଦାନ୍ତ ଦୁଇଗୋଟି: ବାହାଡା ହୋଇ ଗୋଟିକ ଉପରେ ଗୋଟିଏ ଚଢିଯାଇ ପର୍ବତଶୃଙ୍ଗପରି ଟେକି ରହୁଥିବାରୁ ସେ ଶିଖରିଦଶନା । ଆଉ ପକ୍ବବିମ୍ବାଧରୋଷ୍ଠୀ -- ପକ୍ବ ବୋଲନ୍ତି ପାଚିଲା,

ବିମ୍ବ ବୋଲନ୍ତେ କୁଆମଇତା , ଅଧରଓଷ୍ଠ ବୋଲନ୍ତେ ତଳଉପର ଓଠ ଅର୍ଥାତ୍ ପାନବୋଳରେ ଚମ୍ପାର ଦୁଇ ଓଠ ଲାଲ ହୋଇଯିବାରୁ ସେ ପକ୍ବବିମ୍ବାଧରୋଷ୍ଠୀ ଇତ୍ୟାଦି । ପୁଣି ଦାସେ '' ମଧ୍ୟେ କ୍ଷାମା --- ସ୍ତୋକନମ୍ରା ---''ପ୍ରଭୃତି ଢେର କଥା କହିଅଛନ୍ତି , ମାତ୍ର ଚମ୍ପାର ଯେ ସବୁ ଅଙ୍ଗ ବସ୍ତ୍ରାବୃତ ଅର୍ଥାତ ଆମ୍ଭେ ମାନେ ଯେ ସବୁ ଅଙ୍ଗ ଦେଖି ନାହୁଁ, ସେ ସମସ୍ତ ଅଙ୍ଗ ବର୍ଣ୍ଣନା କରିବାକୁ ନିତାନ୍ତ ନାରାଜ । ଦାସେ ତ ଦେସେ ' ଯାହା ନ ଦେଖନ୍ତୁ ଦୁଇ ନୟନେ, ତାହା ନ ଲେଖିବୁ ଗୁରୁବଚନ ' ତେବେ ଦେଖା ସ୍ଥାନଗୁଡିକୁ ବର୍ଣ୍ଣନା କରିବାକୁ ଛାଡିବା ପାତ୍ର ଆମ୍ଭେମାନେ ନୋହୁଁ; ଯଥା----

''କଜ୍ଜଳପୂରିତ ଲୋଚନ ଭାଲେ,
ଗୁଣ୍ଡିମିଶା ଖିଲୀ ଗୁଞ୍ଜିତ ଗାଲେ । ୧ ।
ତୈଳ-ହରିଦ୍ରାବୋଳିତ ଦେହେ,
କୁକ୍କୁରୀବ ଶୀଘ୍ରଂ ଧାବତି ଗେହେ । ୨ ।
ଷୋଳହାତୀ ଶାଢୀ ବିସ୍ତୃତ କଚ୍ଛେ ,
ଥୋପଭିଡା ଜୁଡା ଶୋଭିତ ଉଚ୍ଚେ । ୩ ।
ଦୁମୁ ଦୁମୁ ଗୁମୁ ଗୁମୁ ଚଳନ ତସ୍ୟା ,
ଚଳତି ବା ଧାବତି ବିଷମ ସମସ୍ୟା । ୪ ।
କଙ୍କଣ ଚୁଡି ହସ୍ତେ ବିରାଜେ,
ଝମ ଝମ ଝମ ଝୁଣ୍ଟିଆ ବାଜେ । ୫ ।
ସା ଯଦା ଗଚ୍ଛତି ଗୋହିରୀଦାଣ୍ଡେ ,
ହସ୍ତ ହଲାଇ ଚାଣ୍ଡେ ଚାଣ୍ଡେ । ୬ ।
ଦେଖି ଶଙ୍କି ଯାନ୍ତି ଗ୍ରାମ୍ୟ ଲୋକେ,
ଡରି ମରି ପଳାଇଯାନ୍ତି ଥୋକେ । ୭ ।
ଇତି ରୂପବର୍ଣ୍ଣନଂ ପଜ୍ଝଟୀ ଛନ୍ଦେ ,
ଅତଃ ଗୁଣ ବର୍ଣ୍ଣତେ ବିବିଧପ୍ରବନ୍ଧେ । ୮ ।

--o--

# ସପ୍ତମ ପରିଚ୍ଛେଦ

**ବୁଢ଼ୀ ମଙ୍ଗଳା :**

'' ଯା ଦେବୀ ବୃକ୍ଷମୂଳେସୁ ଶିଳାରୂପେଣ ସଂସ୍ଥିତା ,
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈନମୋନମଃ ।
ମୃତ୍ତିକାଶ୍ବଗଜାରୂଢା ବନ୍ଧ୍ୟାୟାଃ ପୁତ୍ରଦାୟିନୀ ,
ବାଡିସଂହାରିଣୀ ଦେବି ନାରାୟଣି ନମୋଽସ୍ତୁତେ ।''

ଅସୁରଦିଘିର ପଶ୍ଚିମକୋଣ ଗାଆଁ ଭିତରୁ ଦିଘିକୁ ଯିବା ବାଟର ଡାହାଣୀ ହାତ ପାଖରେ ଗୋଟିଏ ଭାରି ବରଗଛ ଅଛି । ଗଛମୂଳର ଚିହ୍ନ ନାହିଁ, କୋଡିଏ ପଚିଶ ଗୋଟା ଓର ପଡି ଡାଳଗୁଡିକ ପରସ୍ପର ଛନ୍ଦାଛନ୍ଦି ହୋଇ ଗଛଟି ପ୍ରାୟ ବାର ତେରଗୁଣ୍ଠ ଜମି ମାଡି ବସିଅଛି । ସାନ ସାନ ଡାଳ ପତ୍ରଗୁଡିକ ଏପରି ନିଘଞ୍ଚ ହୋଇଅଛି ଯେ , ଖରା ତେଜ ମୂଳକୁ ବାଜେ ନାହିଁ । ଗଛଟି ବହୁକାଳର । ପୁରୁଖା ପୁରୁଖା ଲୋକମାନେ କହନ୍ତି , ଏଇଟି ସତ୍ୟଯୁଗର ଠାକୁରାଣୀ ଗଛ । ସେମାନେ ପିଲାକାଳରୁ ଦେଖିଆସୁଛନ୍ତି , ଏହା ବଢିବାକୁ ବା ଛିଣ୍ଡିବାକୁ ନାହିଁ । ଗଲା ସାତଅଙ୍କ ତୁଳାମାସ ଉଆଁସ ଦିନ ଭାରି ଗୋଟାଏ ତୋଫାନ ହୋଇଥିଲା, ଗାଆଁର ସମସ୍ତ ସଜନାଗଛ ଓ କଦଳୀଗଛ ପ୍ରଭୃତି ଉପୁଡିଗଲା, ଏ ଗଛରୁ ଗୋଟିଏ ପତର ମଧ ଝଡିଲାନାହିଁ । ଠାକୁରାଣୀଙ୍କ ମହିମା ! ମଝିରେ ଚାରିଗୋଟି ଓର ଗଛପରି ଛିଡାହୋଇଅଛି, ତାହା ମୂଳରେ ଗ୍ରାମ ଦେବତୀଙ୍କ ଆସ୍ଥାନ । ଠାକୁରାଣୀଙ୍କ ନାମ ବୁଢ଼ୀମଙ୍ଗଳା । ମଙ୍ଗଳାଙ୍କର ଅଢ଼େଇମାଣ ଦେବୋତ୍ତର ଜମି ଅଛି । ବାରଗୁଣ୍ଠ ଆଠଗୁଣ୍ଠ ବିଜେ ଆସ୍ଥାନ ତଳି ବାକି ଦୁଇମାଣ ଜଳଜମି , ଦେଉରୀ ଭୋଗକରେ ଓ ଠାକୁରାଣୀ ପୂଜାକରେ । ଗ୍ରାମରେ ବିଶେଷରେ ମାଇକିନିଆମାନଙ୍କ ମଧ୍ୟରେ ଦେଉରୀର ଭାରି ମହିମା ।

ଠାକୁରାଣୀ ସ୍ବପ୍ନରେ ଦେଉରୀକୁ ଦେଖାଦିଅନ୍ତି , ସବୁ କଥାକହନ୍ତି । ବାଡିରେ କଦଳୀଟାଏ, ବାଇଗଣଟାଏ, କଖାରୁଟାଏ ଫଳିରେ ଆଗ ଫଳଟା ଠାକୁରାଣୀଙ୍କୁ ନ ଦେଲେ ସେ ଖାଏ ନାହିଁ । ମଣ୍ଡପଟି ପକ୍କାରେ ତୟାରି । ମଝିରେ

ଠାକୁରାଣୀଙ୍କର ନିଜ ମ୍ୂର୍ତ୍ତି । ମୂର୍ତ୍ତିଟି ଖୁବ୍ ବଡ, ଓଜନରେ ଦଶ ପଶୁରିରୁ ଊଣା ହେବ ନାହିଁ, ଦୁଇ ଚାରିଟା ହଳଦୀଶିଳ ମିଶିଲେ ଯେତେ ବଡ ତହିଁରୁ ବଳିପଡିବ । ଗୋଟାଯାକ ଚାରିଆଙ୍ଗୁଳି ବହଳ ସିନ୍ଦୁରବୋଳା । ବଡ ଠାକୁରଣୀଙ୍କୁ ଛାଡି ଆଉ ଚାରିଗୋଟିର ସାନ ମୂର୍ତ୍ତି ଅଛନ୍ତି । ମଣ୍ଡପ ଡାହାଣ ଭାଗରେ କିଛିଦୂରରେ ଭଙ୍ଗା , ଦଦରା, ଦଢ ମାଟିର ହାତୀ, ଘୋଡା ପଣେ କି ଦୁଇପଣ ଜମା ହୋଇଅଛି । ଠାକୁରାଣୀଙ୍କୁ ମାଟିର ହାତୀ ବା ଘୋଡା ଚଢିବାକୁ ଦେଲେ ପିଲାମାନଙ୍କର ପୀଡା ଛାଡିଯାଏ । ବଡ ବଡ ଲୋକଙ୍କର ପୀଡା ଛାଡିବାର ମଧ ଦେଖା ଶୁଣା ଅଛି । ଏଥିସକାଶେ ଠାକୁରାଣୀଙ୍କ ଜାଗା କେଭେଁ ଖାଲିଥାଏ ନାହିଁ । ଦେବୀଙ୍କର ପୂଜା ପ୍ରତିଦିନ ହୁଏ ନାହିଁ । ଶୁଖିଲାପତ୍ର ଆଉ ଅଳିଆରେ ଢ଼ାଙ୍କି ହୋଇଥାନ୍ତି । ବିଭା, ପୁହାଣିଘର କାହାରି ପୁଅଝିଅର ବେରାମ ଆରାମ ହେଲେ କିମ୍ବା କାହାରି ମାନସିକ ଥିଲେ ପୂଜା ହୁଏ । ଗାଁରେ ବାଡିପଡିଲେ ପୁଜାର ଧୂମ୍ ଲାଗୁଥାଏ । କିରାଣିମାନଙ୍କ ପରି ମାସକୁ ମାସ ଠାକୁରାଣୀଙ୍କର ଆୟ ନାହିଁ । ବିପଦ ପଡିଲେ ଡାକ୍ତର ଆଉ ଓକିଲଙ୍କ ଦୁଆରପରି ଠାକୁରାଣୀଙ୍କ ଆସ୍ଥାନ ଚମକିଉଠେ । ଗ୍ରାମର ଲୋକଙ୍କ ଭେଦା ପଇସାରେ ପୂଜାଖର୍ଚ୍ଚ ଚଳେ । ଠାକୁରାଣୀ ଭାରି ପ୍ରତ୍ୟକ୍ଷ ଦେବତା, ଏହାଙ୍କ ଅନୁଗ୍ରହରୁ ଗ୍ରାମରେ ଆପଦବିପଦ ଘଟେ ନାହିଁ । କେବେ କେବେ ମାଉସୀ ବୁଢ଼ୀ ପ୍ରବଳ ହୋଇ ଗ୍ରାମରେ ପଶିଯାଏ; ମାତ୍ର ଭଲକରି ପୂଜା ଦେଲେ ଶଏ ପଚାଶ ଜଣରୁ ବେଶି ନେଇପ୍ାରେନାହିଁଛାଡି ପଳାଏ । ଆପଣ ସଭ୍ୟ ପାଠକ, ଏ କଥା ଶୁଣି ହସିବେ, ବିଜ୍ଞାନଶାସ୍ତ୍ର ଯୋଖିଦେଇ କହିବେ, ରୋଗ ହେଲେ ଔଷଧ ଖାଅ, ଠାକୁରାଣୀଙ୍କର ପୂଜା କ'ଣ ? ଆଚ୍ଛା , ଆମ୍ଭେମାନେ ପଚାରୁଁ, ବଙ୍ଗଳା ଏପିଡେମିକ୍ ଫିଭର ଓ ବୋମ୍ବେ ବିଶେଷ ପୂଜା ପାଇବାର ଏହା ଗୋଟିଏ ବିଶେଷ କାରଣ ଅଟେ । କେଉଁ କେଉଁ ବା କେତେଜଣ ବନ୍ଧ୍ୟା ଦେବୀଙ୍କ ବରରୁ ପୁତ୍ରଲାଭ କରିଅଛନ୍ତି ; ସେଥିରେ ବିଶେଷ ଡାବ ଦେଇପାରିବୁ ନାହିଁ । ମାତ୍ର ଆମ୍ଭେମାନେ ନିର୍ମାଲ୍ୟ ଛୁଇଁ କହିପାରୁ, ଗ୍ରାମରେ ଯେଉଁ ସ୍ତ୍ରୀମାନେ ସନ୍ତାନବତୀ ହୋଇଅଛନ୍ତି , ପ୍ରଥମେ ବିହାହ ସମୟରେ ବନ୍ଧ୍ୟାଥିଲେ ସେମାନେ ପୂର୍ବେ ବୋଲିଅଛୁ; ଦୀଘିକୁ ଯିବାପାଇଁ ଠାକୁରାଣୀଙ୍କ ଆଗରେ

ଗୋଟିଏ ବାଟ ଅଛି। ଗ୍ରାମର ମାଇକିନିଆମାନେ ସେହିବାଟେ ଯିବାଆସିବା କରନ୍ତି । ଗୋଟିଏ ସ୍ତ୍ରୀ ବୟସ ଅନ୍ଦାଜ ୩୦ ହେବ, ପ୍ରତିଦିନ ସ୍ନାନ କରିଆସି କାଖରୁ ମାଠିଆଟି ଓହ୍ଲାଇ ଠାକୁରାଣୀଙ୍କ ଆଗରେ ଥୋଇଦିଏ, ପହଁରାରେ ଦେବୀଙ୍କ ଆଗଟି ପହଁରିଦେଇ ମାଠିଆରୁ ପୋଷେ ପାଣି ନେଇ ଠାକୁରାଣୀ ଗଛମୂଳେ ଦିଏ ଓ ଭୂଇଁରେ ମୁଣ୍ଡିଆ ମାରି ତୁନି ତୁନି କ'ଣ ଜଣାଏ ଏବଂ ପ୍ରତିଦିନ ସଞ୍ଜବେଳେ ଗୋଟିଏ ବଳିତା ଜାଳିଆଣି ଠାକୁରାଣୀ ସ୍ଥାନରେ ସଞ୍ଜଦିଏ ଏବଂ କ'ଣ ପ୍ରାର୍ଥନା କରେ । ଏହିପରି କରୁଥିବାର ଛମାସ ହେଲା ଲୋକମାନେ ଦେଖି ଆସୁଛନ୍ତି । ତାହା ମନର କଥା କେହି ଜାଣେ ନାହିଁ, କାରଣ ସେ ସ୍ତ୍ରୀ ବଡ ଲାଜକୁଳୀ, ସବୁବେଳେ ଓଢ଼ଣା ପକାଇଥାଏ, କାହାରି ସହିତ ମିଶେ ନାହିଁ, କାହାରି ସହିତ କଥା କହେ ନାହିଁ ।

ଗ୍ରାମରୁ ଗୋରୁଜଗା ପିଲାମାନେ ଖରାବେଳେ ପଡିଆରେ ଗୋରୁ ଛାଡିଦେଇ ଠାକୁରାଣୀଙ୍କ ନିକଟ ଗଛମୂଳେ ଖେଳନ୍ତି , ହଠାତ୍ ଖେଳ ଛାଡି ପାଞ୍ଚଣ ଧରି ସମସ୍ତେ ଘେରି ଛିଡା ହୋଇଗଲେ । ସେମାନଙ୍କ ଦେଖାଦେଖି ଗ୍ରାମର ୧୦। ୧୫ ଜଣ ଲୋକ ରୁଣ୍ଡ ହୋଇଗଲେ। କୋଳିତ ପୂଜା ହୋଇନାହିଁ, ଠାକୁରାଣୀଙ୍କ ଠାରେ ପୂଜାସରଞ୍ଜାମ କାହୁଁ ପଡିଲା ? ମନ୍ଦାର ଫୁଲ, ଶତବର୍ଗ ଫୁଲର ମାଳ, ଖଇ, ଉଖୁଡା ଚାରିଆଡେ ବୁଣି ପଡିଅଛି, ଠାକୁରାଣୀ ଦେହରେ ତଟକା ହଳଦୀ ଲାଗିଅଛି । ଠାକୁରାଣୀ ପୂଜା ଗ୍ରାମ ମଧ୍ୟରେ ଗୋଟିଏ ବିଶେଷ ଘଟଣା । ଭେଦା ହୁଏ, ବାଇଦ ବାଜେ, ଗ୍ରାମର ସମସ୍ତେ ଦେଖିବାକୁ ଆସନ୍ତି । ପୂଜା ସନ୍ଧ୍ୟା ସମୟରେ ହୁଏ, ମାନସିକ ପୂଜା ମଧ୍ୟ ସେହିପରି ହୁଏ । କାହିଁ, କାଲି ତ ବାଇଦ ବାଜି ନାହିଁ, ସଞ୍ଜବେଳେ ପୂଜା ହୋଇନାହିଁ , ଏସବୁ କାହୁଁ ଅଇଲା ? ଗୋଟାଏ ପିଲା ଡକାପଡି କହିଲା, 'ଏଟା କ'ଣ, ଏଟା କ'ଣ ? ସମସ୍ତେ ଧାଇଁଯାଇ ଦେଖିଲେ , ଠାକୁରାଣୀ ପଛରେ ଭାରି ଗୋଟିଏ ବିଳ । ବିଳମୁହଁ ଠାକୁରାଣୀ ମଣ୍ଡପଠାରୁ ତିନି ହାତ ଦୂରରେ । ତାହାର ମୁହଁଟା ଖୁବ୍ ବଡ , ଜଣେ ମନୁଷ୍ୟ ଯାଇ ବସିପାରେ । ଗାଁ ଯାକ ଏ କଥା ଖେଳିଗଲା । ଲୋକମାନେ ଦେଖିବାକୁ ଧାଇଁଲେ, ମଙ୍ଗରାଜେ ମଧ୍ୟ ଶୁଣିପାରି ଧାଇଁଅଇଲେ । ନାନା କଥା ହୋଇ ଶେଷରେ ସ୍ଥିର ହେଲା, କୌଣସି ଭକ୍ତର କଷ୍ଟ ଫେଡିବା ନିମନ୍ତେ ଠାକୁରାଣୀ

କାଲି ନିଶାଭାଗ ରାତିରେ ବିଜେ ହୋଇଥିଲେ । ବିଲଟା ତାଙ୍କ ବାଘ ଖୋଳିପକାଇଛି । ମଙ୍ଗରାଜେ କହିଲେ ''ଏହି ବିଳ ମଧ୍ୟରେ ବର୍ତ୍ତମାନ ବାଘ ଥିବାର ଜଣାଯାଉଅଛି । ''ବାଘ ନାମ ଶୁଣି ସମସ୍ତେ ପଳାଇଲେ । ଶେଷରେ ମଙ୍ଗରାଜେ ରାମା ମୁହକୁ ଚାହିଁ ଚାହିଁ ଚାଲିଗଲେ । ବୋଧ କରୁ, ଏହା କିଛି କାର୍ଯ୍ୟର ସାଙ୍କେତିକ ଚିହ୍ନ । ତହିଁଆରଦିନ ଆଉ କେହିବିଳ ଦେଖିଲେ ନାହିଁ । ଏହି କଥାଟା ଗ୍ରାମରେ ଅନେକ ଦିନ ପର୍ଯ୍ୟନ୍ତ ଆଲୋଚନା ହେଲା । ଭୀମା ମା ଭଣ୍ଡାରୁଣୀ କହିଲା, '' ମୋର ବୟସ ସାତଗଣ୍ଡା କି ଦେଢ଼ପଣ କି ଚାରିପଣ ହେଲାଣି, ଗ୍ରାମର ଯେତେ ବୁଢା ଦେଖିଛ , ମୁଁ ସମସ୍ତଙ୍କୁ ବିଭା କରାଇଅଛି, ସମସ୍ତେ ମୋ ଆଗରେ ପିଲା । ମୁଁ ନିଜ ଆଖିରେ ଠାକୁରାଣୀ ଏଥରକୁ ଲଗାଇ ଚାରିଥର ଦେଖିଲିଣି । କାଲି ନିଶାଭାଗ ରାତିରେ ବାହାରକୁ ଉଠିଥିଲି, ଗୋହିରୀ ମଝିରେ ଝୁଣାଗନ୍ଧ ଆସିଲା, ଝମର ଝମର ଶୁଭିଲା। ଅନାଇଲି, ବାଘ ଉପରେ ବସି ଠାକୁରାଣୀ ବିଜେ ହେଉଛନ୍ତି । ବାପରେ!ସେ ବାଘଟା କେଡେ ! ମୁଁ କେତେ ବାଘ ଦେଖିଛି, ଏବେ ବଡ ବାଘ କାହିଁ ଦେଖିବାର ନାହିଁ । ତା'ର ଲମ୍ବଟା ସାତ କି ଆଠହାତ ହେବ । ମୁଣ୍ଡଟା ବଡପଣ୍ଡା ମୁଣ୍ଡପରି ତ୍ରିପଣ୍ଡ କଳା । ବାଘଟି ମୋ ଆଡକୁ ତରାଟି ଚାହିଁଲା । ମୁଁ ତ ଡରରେ ତାଟି କିଳିପକାଇଲି। ''ଅଧରାତିରେ ଦାଣ୍ଡରେ ବାଘ ଚାଲିବା ଶବ୍ଦ ଶୁଣିବାର ଆହୁରି ମଧ୍ୟ ଚାରି-ପାଞ୍ଚ ବୁଢ଼ା ମନୁଷ୍ୟ ସାକ୍ଷ୍ୟ ଦେଲେ । ସକାଳେ ବାଘ ଖୋଜ ରାମା ତନ୍ତୀ ଦେଖିଥିବାର ଦୃଢ ରୂପେ କହିଲା । ଠାକୁରାଣୀ ଆସିଥିବାର ନିଃସନ୍ଦେହରେ ସ୍ଥିର ହେଲା ।

--o--

# ଅଷ୍ଟମ ପରିଚ୍ଛେଦ

**ଜମିଦାର ସେଖ୍ ଦିଲବାର୍ ମିଆଁ:**

ସେଖ କେରାମତ୍ ଅଲିଙ୍କ ଘର ପ୍ରଥମେ ଆରା ଜିଲ୍ଲାରେ ଥିବା, ବର୍ତ୍ତମାନ ଜିଲ୍ଲା ମେଦୀନିପୁର । ସେଖ କେରାମତ୍ ଅଲିଙ୍କୁ ସମସ୍ତେ ଆଲିମିଆଁ ବୋଲି ଡାକନ୍ତି , ଆମ୍ଭେମାନେ ସେହି ନାମ ଲେଖିବୁ । ଆଲିମିଆଁ ପ୍ରଥମେ ଯୋଡାର ସୌଦାଗର ଥିଲେ । ପଶ୍ଚିମ ହରିହର ଛତର ମେଳାରୁ ଘୋଡା କିଣିଆଣି ବଙ୍ଗଳା , ଓଡିଶାରେ ବିକ୍ରି କରିବା ତାଙ୍କର ବ୍ୟବସାୟ ଥିଲା । ମେଦିନୀପୁର ଜିଲ୍ଲାର ବଡ ସାହେବକୁ ଗୋଟିଏ ଘୋଡାବିକି ଥିଲେ ସେ । ଘୋଡାଟି ଭଲ ପଡିବାରୁ ସାହେବ ମଉସୁଫ ଭାରି ଖୁସି ହୋଇ ମିଆଁଙ୍କ ବ୍ୟବସାୟ ଓ ରୋଜଗାର ବିଷୟରେ ଅନେକ କଥା ମେହରବାନି କରି ପଚାରିଲେ ଏବଂ ସୌଦାଗରରୁ ବିଶେଷ ଲାଭ ନ ଥିବାର ଶୁଣି ତାକୁ ଗୋଟିଏ ଚାକିର ଦେବାକୁ ଇଚ୍ଛାକରି ସେ (ଆଲିମିଆଁ) ଲେଖାପଢି ଜାଣନ୍ତି କି ନାହିଁ ପଚାରିଲେ । ମିଆଁ କହିଲେ , '' ହଜୁର, ମୁଁ ପାରସି ଜାଣେ ;କାଗଜ କଲମ ଦେଉନ୍ତୁ , ମୋ ନାମ ପୂରା ଲେଖିଦେବି । ''ପୂର୍ବେ ପାର୍ସିବିଦ୍ୟାର ଭାରି ଆଦର ଥିଲା । ଅଦାଲତର ଚଳିତ ବିଦ୍ୟା ଥିଲା ପାର୍ସି । ଭାରତ ଭାଗ୍ୟରେ ବିଧାତା ଏହିପରି ଲେଖନ ମୁନ ମାରିଛନ୍ତି ; କାଲି ଥିଲା ପାର୍ସି , ଆଜି ହେଲା ଇଂରାଜୀ, ଏ ଉତ୍ତାରେ କ'ଣ ତାଙ୍କୁ ଜଣା , ଏ କଥା ନିଶ୍ଚିତ , ଦେବନାଗରୀ କପାଳପଥରଚଳେ । ଇଂରାଜୀ ପଣ୍ଡିତମାନେ କହନ୍ତି , 'ସଂସ୍କୃତ ମୃତ ଭାଷା । 'ଆମ୍ଭେମାନେ ସେ କଥା ଆଉ ଟିକିଏ ସଫାକରି ବୋଲୁଅଛୁ , ଏହା ଦରମଲା ଲୋକମାନଙ୍କ ଭାଷା । ସେ କଥା ଥାଉ, ସାହେବ ମଉସୁଫଙ୍କ ମେହରବାନିରୁ ମିଆଁ ସାହେବ ଗୋଟିଏ ଚାକିରି ପାଇଲେ, ସେ ଚାକିରର ନାମ ଥାନା ଦାରୋଗା ମିଆଁ ସାହେବ ନାନା ବିଘ୍ନରେ ଏବଂ ନିର୍ବିଘ୍ନରେ ତିରିଶବର୍ଷ ପର୍ଯ୍ୟନ୍ତ ଚାକିରି କରି ଅନେକ ବିଷୟ-ସମ୍ପତ୍ତି ଅର୍ଜନ କରି ଯାଇଥିଲେ । ଘର, ବାଗବଗିଚା ଘର ଆସବାବମାନ ଛାଡି ଜମିଦାରୀ ତାଲୁକା ଚାରିଗୋଟା । ପୂର୍ବେ ଓଡିଶା ଜମିଦାରୀ ସବୁ କଲିକତାରେ

ନିଲାମ ହେଉଥିଲା । ମିଆଁ ଥରେ କଲିକତାକରୁ ଗୋଟିଏ ଖୁଣିମାମଲା ଚଲାଣ ଘେନି ଯାଇ ତାଲୁକେ ଫତେପୁର ସରଷଣ୍ଡ ନିଲାମରେ କିଣିଥିଲେ । ଆପଣମାନଙ୍କ ମନରେ ଆମ୍ଭମାନଙ୍କ କଥା ପ୍ରତି ସନ୍ଦେହ ହୋଇପାରେ । ଥାନା ଦରୋଗାବର୍ତ୍ତମାନ ବେଙ୍ଗଲ ପୋଲିସରେ ଇନ୍ସପେକଟର ତ ? ଏତେ ଟଙ୍କା କାହିଁ ଅର୍ଜିଲା ? ମାତ୍ର ଆପଣ ଆଖିବୁଜି ପଢ଼ିଯାନ୍ତୁ , ଆମ୍ଭମାନଙ୍କ କଥାରେ ପଦେ ମିଛ ନାହିଁ , ନିର୍ମଳ ସତ । ଏ କଥା ସମସ୍ତେ ଜାଣନ୍ତି , ଜଣେ ଦିପୋଟି ଗୋବିନ୍ଦ ପଣ୍ଡା ବ୍ରାହ୍ମଣ ଗୋଟିଏ ମକଦ୍ଦମା ଡିଗ୍ରୀ କରିଦେବାରୁ ପଣ୍ଡେ କଲ୍ୟାଣ କରି କହିଥିଲେ '' ଦୋପଟି ବାବୁ , ତମେ ଦାରୋଗା ହୁଏ । '' ଆପଣ କଥାଟାର ହାଲ ବୁଝିଲେ ତ ? ବୁଦ୍ଧିମାନ ଲୋକେ ଠାରରୁ ସବୁ ବୁଝଯା'ନ୍ତି । କଲିକତାର ପ୍ରସିଦ୍ଧ ଧନୀ ମୋତିଶୀଳ ପ୍ରଥମେ ଖାଲି ବୋତଲ ବିକୁଥିଲେ, ଜଣେ ଶୁଣି ବିଳାପ କରି କହିଥିଲା, ''ମୋତିଶୀଳ ତୁଚ୍ଛା ବୋତଲ ବିକି କ୍ରୋଡପତି , ମୁଁ ପୁରା ବୋତଲ ବିକି କାଙ୍ଗାଳୀ । ''ଆମ୍ଭମାନଙ୍କର ଭୟ, କୌଣସି ବି:ଏ:ଏମ୍:ଏ: ପାଶିଆ ବାବୁ ଆଲିମିଆଁଙ୍କ କଥା ଶୁଣି ଶୁଣୀ ପର ବିଳାପ କରିବେ , ହାୟ ହାୟ, ମିଆଁ ଓଲଟା କଲମରେ ତୁଚ୍ଛା ନାମଟା ଲେଖି ଜମିଦାର , ଆମକଭ ସଳଖ କଲମରେ ଲମ୍ବା ଲମ୍ବା ଏତେ ଲେଖି ଖାଇବାକୁ ପାଉନାହୁଁ । କଥାଟା କ'ଣ ବାବୁ ଜଣନ୍ତି , ''ଭାଗ୍ୟଫଳତି ସର୍ବତ୍ରାଣ ବିଦ୍ୟା ନ ଚ ପୌରୁଷଂ । ''ଆଲିମିଆଁଙ୍କ ଗୋଟିଏ ମାତ୍ର ପୁତ୍ର , ନାମ ସେଖ୍ ଦିଲ୍କାର ମିଆଁ ଓରଫ ଛୋଟମିଆଁ । ପୁଅକୁ ଲାଏକ ଏବଂ ଇଲମଦାର କରିବା ସକାଶେ ଦାରୋଗା ସାହେବଙ୍କର କିଛିମାତ୍ର ଗଫଲୟତି ନ ଥିଲା । ପାରସି ପଢ଼ାଇବା ନିମନ୍ତେ ଅନେକ ଦିନ ପର୍ଯ୍ୟନ୍ତ ଘରେ ଆଖୁନ ନିଯୁକ୍ତି ଥିଲେ । ଛୋଟାମିଆଁପନ୍ଦର ବର୍ଷ ମଧ୍ୟରେ ପାରସ୍ୟ ଭାଷାର ବିଲକୁଲ ବର୍ଣ୍ଣମାଳା ଓ ବନାନ ଶିଖିପକାଇଥିଲେ । ଛୋଟା ମିଆଁଙ୍କର ବାଇଶ ବରଷ ପୁରିଲାଣି, ଏତେବେଳେ ଆଖୁନଜୀ ଆଗରେ ବସି ଝୁଲି ଝୁଲି ପଢ଼ିଲେ ଲୋକେ କ'ଣ ବୋଲିବେ ? ପୁଣି ଦୋସ୍ତମାନେ ଆସି ଅକାରଣେ ବସି ରହନ୍ତି , ସେମାନଙ୍କରୁ କଷ୍ଟ ଦେଖିବା ମିଆଁଙ୍କ ବରଦାସ୍ତ ହେଉ ନଥିଲା । ବିଶେଷରେ ଆଖୁନଜୀ

କେବେ କେବେ  ବୋଲନ୍ତି   '' ନିଶା ଖାନେସେ ଆଦାମୀ ଜାନୁଆର ହୋ ଯାତା ହୈ ।'' ଏ କଥା ନିହାଏତ୍ ବେବରଦାସ୍ତ   ।

ଦିନେ ଓପରଓଳି ଆଖୁନଜୀ ସାହେବ ଖାନା ଖାଇ ଚିତ୍‌ହୋଇ  ଶୋଇଥିଲେ; କେଉଟମାନେ ଯେପରି ତାଗ କାଟିବା ସକାଶେ ଛଣପଟ ବିଡା ମେଲା ଦେଇଥାନ୍ତି  , ସେହିପରି ବିଡାଏ ପାଚିଲା ଦାଢି ମିଆଁଙ୍କ  ବେକ ଏବଂ ଛାତିକୁ ଘୋଡାଇ ପକାଇଥିଲା ।  ଗୋଟିଏ ଜଳନ୍ତା  ଟିକିଆ ଦାଢି ମଝିରେ ପଡି ପଡ୍ ପଡ୍ କରି ପୋଡି ଛାତିରେ ଲାଗିଯିବାରୁ ଆଖୁନଜୀ ଧଡପଡ ହୋଇ ଉଠିପଡି ''ତୋବା ତୋବା '' କହି ଦାଢି ଝାଡିବାକୁ ଲାଗିଲେ ।  ଟିକିଆଖଣ୍ଡ  ଭାଙ୍ଗି  ନିଆଁ ଝୁଲସବୁ ଲୁଗାପଟାଯାକ ବୁଣିପଡିଲା ।  ପାଚିଲା ଦାଢି ଗୁଡାକ ଝରିବାଣପରି ଚାରିଆଡେ ଉଡୁଥାଏ ।'' ଆ ମେରି ତୋବା ରେଆ ମେରି ତୋବାରେ ''କହି ମିଆଁ ଘର ଯାକ ଡିଆଁ ମାରି ନିଆଁ ଲିଭାଉଥାନ୍ତି   । ଲଙ୍କା  ପୋଡିବାବେଳେ ହନୁମାନ ମୁହଁରେ ନିଆଁ ଲାଗିବାରୁ କିପରି ଦିଶୁଥିଲା, ମହର୍ଷି  ବାଲ୍ମିକୀ  ସେ କଥା ଖୋଲସା କରି ଲେଖିଯାଇ ନାହାନ୍ତି ; ତେଣୁ ଆମ୍ଭେମାନେ  ଉପମା ଛଳରେ ସେ କଥାଟା ଉଲ୍ଲେଖ  କରିବା ଯୁକ୍ତିସଙ୍ଗତ    ନୁହେଁ ବୋଲି ବିବେଚନା କରୁଅଛୁଁ 'ସର୍ବନାଶଂ ସମୁତ୍ପନ୍ନେ  ଅର୍ଦ୍ଧଂ  ତ୍ୟଜତି ପଣ୍ଡିତଃ  ।  'ଆଖୁନଜୀସାହେବ ଏହି ନୀତିଶାସ୍ତ୍ର  ଅନୁସାରେ ଅଧାଅଧି ଦାଢ଼ି ଆୟତ୍ତପୂର୍ବକ  ''ବିସ୍‌ମିଲ୍ଲା ବିସ୍‌ମିଲ୍ଲା '' କହି ସେଦିନ ରାତିରେ କବାଟ କିଳି ରହିଲେ ତହିଁଆରଦିନ ସକାଳଠାରୁତାଙ୍କୁ  କେହି ମେଦିନୀପୁର ମଧ୍ୟରେ  ଦେଖିନାହିଁ । ଆଲିମିଆଁଙ୍କ କାନରେ ଏକଥା ପଡିବାରୁ ସେ କହିଲେ, '' କୁଛ ପରବାୟ ନେହିଁ, ମେରି ଦିଲୁ ତ ଇଲମ ହାସଲ କରିନେଇଛି । ମୁଁ କେବଳ ମୋ ନାମ ଲେଖି ଜାଣେ , ଏତେ ଦୌଲତ  କମାଇଲି । ମେରି ଦିଲୁ ତ ବହୁତ ଶିଖିଲାଣି । ସେ ଦିନ ମୋ ଆଗରେ ଇମତାନ୍ ଦେଲା, ଆପଣା ନାମ ଲେଖିଲା, କଲିକତା, ମେଦିନୀପୁର, ହାତୀ, ଘୋଡା, ବାଗ-ବଗିଚା କେତେ କଥା ଲେଖିଗଲା ।  ବଡ ସାହେବ ଖବର ପାଇଲେ ଏଇଲାଗେ ତାକୁ ଦାରୋଗାଗିରି ଦେବେ;ମାତ୍ର   ମୁଁ ଏକଥା ଲୁଚାଇଛି ।  ମୁଁ ଦିଲୁକୁ ଚାକିର କରିବାକୁ ଦେବି ନାହିଁ । ସେ ପିଲାଲୋକ, ଏତେ ମେହେନତ୍ ଉଠାଇପାରିବ ନାହିଁ ।  ''ତାହା ବାଦ ଆଲିମିଆଁ ଲଡ୍କାକୁ  ବାଖରେ ବସାଇ ବିଷୟକର୍ମ   ଚଳାଇବା

ବିଷୟରେ ଅନେକ ଉପଦେଶ ଦେଲେ । ବିଶେଷରେ ଓଡିଆ ଜମିଦାରୀ ବିଷୟରେ ବହୁତ ହୁସିଆରି ସକାଶେ ଉପଦେଶ ଦେଇ କହିଲେ, ''ଦେଖ୍ , ସେ ଦେଶର ଯେଉଁ ମହନ୍ତମାନେ ଅଛନ୍ତି , ସେମାନେ ବଡ ଚୋର, ମୁଁ ହିସାବ-କିତାବରେ କୁବ୍ ମଜବୁତ ବୋଲି ମୋତେ ଠକାଇପାରନ୍ତି ନାହିଁ । ସେମାନଙ୍କ ଠକପଣିଆ ଶୁଣିବୁ ? ଏକ, ଦୁଇ, ତିନି ଆଉ ଚାରି ଏହି ଦୁନିଆର ହିସାବ; ମାତ୍ର ସେମାନଙ୍କ ହିସାବ କ'ଣ ଜାଣ- ଏକକେ ଏକ , ଦୁଇକେ ଦୁଇ, ଦୁଇ ଦୁଣେ ଚାରି । ଦେଖ ଏକ , ଦୁଇ ଚାରି ହେଲା, ବିଚେମେ ତିନ୍ କାହା ଗେୟା ? ଏହି ତିନିରୂପେୟା ଚୋରୀ ଇତ୍ୟାଦି ଇତ୍ୟାଦି ।

ଜମିଦାର ବଂଶର ପରିଚୟ ନିମନ୍ତେ ଏତେ ଗୁଡାଏ କଥା ଲେଖିବାକୁ ହେଲା, ମାତ୍ର ଏହା ସବୁ ପୁରୁଣା କଥା । ଆଜକୁ ପାଞ୍ଚ ବର୍ଷ ହେଲା ଶେଖ୍ କେରାମତ ଆଲି ଫୌତ ହୋଇଗଲାଣି । ଛୋଟ ମିଆଁ ଓରଫ ଶେଖଦିଲଦାର ବର୍ତ୍ତମାନ ଖୋଦ୍ ମାଲିକ । ରାତି ଅନ୍ଦାଜ ଘଡିକ ଭିତରେ ଜମିଦାର ଶେଖ୍ ଦିଲ୍‌ଦାର ମିଆଁ କଚେରୀ ଘରେ ବସିଛନ୍ତି , ଘରଟା କୋଠା । ସେହିପରି ଛୋଟମୋଟିଆ କୋଠରୀ ନୁହେଁ । ଖୁବ୍ ଲମ୍ବାଚଉଡା କୋଠା । ଘରତଳେ ଗୋଟିଏ ବଡ ଶତରଞ୍ଜି ବିଛଣା ହୋଇଅଛି । ସେଟା ହୁଏତ ବଡ ପୁରୁଣା, ଦଶ କି ବାର ଜାଗାରେ ତେଲଢଳା ଦାଗ, ଟିକିଆପୋଡା ଜାଗା ପନ୍ଦର କି କୋଡିଏ ଧଡି ଚିରା । ସେହି ଶତରଞ୍ଜି ମଝିରେ କାନ୍ଥକୁ ଲଗାଇ ଏକ ବନାରସୀ ବିଛଣା କାନ୍ଥକୁ ଭିଡି ବଡ ଗୋଟାଏ ବନାରସୀ ତକିଆ, ଦୁଇପାଖରେଟେକା ବୋଇତି କଖାରୁ ପରି ଦୁଇଗୋଟି ସାନ ବନାରସୀ ତକିଆ, ସେହି ବିଛଣାରେ ଖୋଦ୍ ଜମିଦାର ସେଖ୍ ଦିଲ୍‌ଦାର ମିଆଁ ବସିଛନ୍ତି । ପୋଷାକ କିନ୍‌ଖାପା , ଢ଼ିଲା, ପାଜୁମା, ସାଟିନ୍ ଚପ୍‌କନ ମୁଣ୍ଡରେ ବନାରସୀ ଟୋପି, କାନରେ ଅତର ତୁଳାକାଠି , ଆଗରେ ରୂପା ଅତର ଦାନୀ, ଗୋଲାପଦାନୀ , ତା ପାଖରେ ବଡ ଏକ ସାତହାତି ନଳଯୁକ୍ତ ଗୁଡଗୁଡି ହୁକା, ହୁକା ଉପରେ ସାନ ଆଟିକା ପରି ଚିଲମ, ତହିଁ ଉପରେ ସରପୋଷା ସେଥିରୁ ଚାରିକେରା ରୂପା ଶିକୁଳି ଝୁଲିଆସି ମାଟି ସ୍ପର୍ଶ କରିଅଛି । ମହାଦେବଙ୍କଠାରେ ରୋଗା ଧାରଣ ଦେଲାପରି ନଳଟା ମିଆଁଙ୍କ ପାଦ ସ୍ପର୍ଶକରି ପଡିଅଛି, ଆଜି ତାହାର ଆଦର ନାହିଁ । ଚକ୍ରନେମିକ୍ରମେଣ ମନୁଷ୍ୟମାନଙ୍କର ପରି ଅଚେତନ

ପଦାର୍ଥମାନଙ୍କର ମଧ୍ଧ ଭାଗ୍ୟର ପରିବର୍ତ୍ତନ ଦେଖାଯାଏ । ଘରକୋଣ ଓ ଏଣେତଣେ ପଦାର୍ଥମାନଙ୍କର ମଧ୍ଧ ଭାଗ୍ୟର ପରିବର୍ତ୍ତନ ଦେଖାଯାଏ । ଘରକୋଣ ଓ ଏଣେତେଣେ ଛିଣ୍ଡାଛାଞ୍ଚୁଣି , ଜଳପୂର୍ଣ୍ଣ ବଦ୍‌ନା , ଦୁଇ ଚାରିଟା ମଦକି ହୁକା, ଗୁଡାଖ ଗୁଲ ମଦତ ଓ ଗଞ୍ଜେଇ ପାଉଁଶ, ପିଆଜଚୋପା, ଛେଲିଲଣ୍ଡି ଆବଶ୍ୟକ ଓ ବର୍ଜିତ ପଦାର୍ଥମାନ ପଡିଅଛି । ସବୁଠାରୁ ବେଶି ଭାଗ ପାନପିକ, ପାନସିଠା । ଆମ୍ଭେମାନେ ସ୍ବକୀୟ ବୁଦ୍ଧିର ପ୍ରାଚୁର୍ଯ୍ୟରେ ବୁଝିଅଛୁଁ, ଏ ଘର ମଧ୍ୟରେ କେବେ କେବେ ଛାଞ୍ଚୁଣୀ ବୁଲେ , ନୋହିଲେ କୋଣରେ ଏତେ ଅଳିଆ କାହୁଁ ଠୁଳ ହେଲା । ଘର ଉପର ଭଙ୍ଗା । କାର୍ଣ୍ଣିସ ମାନଙ୍କରେ ଓକିଲମାନେ ଯେପରି ଦର୍ପଣ ଆଲମାରୀରେ ଆଇନ ପୋଥି ସଜାଡିଦେଇ ତକିଆରେ ଆଉଜି ଓ ମକେଲକୁ ଚାହିଁ ବସିଥାନ୍ତି , ବୁଢିଆଣୀମାନେ ସେହିପରି ଜାଲ ଟାଙ୍ଗୀ ମଶାଟି, ମାଛଟିକୁ ଚାହିଁ ବସିଅଛନ୍ତି । କଡି ଫାଙ୍କମାନଙ୍କରେ ଘରଚଟିଆ ମାନଙ୍କର ମଜଲିସ୍ । ସେହି ମଜଲିସ୍‌ରୁ ବେଳେବେଳେ ଯାହା କୁଟାକେରାଏ, ଖଡିକାଖଣ୍ଡେ ଖସୁଅଛି । ତଳେ ମଜଲିସ ଆଜି ନିସ୍ତବ୍ଧ । ମିଆଁ ସାହେବ ଗାଲରେ ହାତ ଦେଇ ଗୁମ ଖାଇ ବସିଛନ୍ତି ;ଓୟାଟର୍ଲ ଯୁଦ୍ଧରେ ହାରି ନେପୋଲିଅନ ଏପରି ଭାବନାରେ ବସିପାରି ନ ଥିଲେ । କାରଣ ସେଣ୍ଟ ହେଲେନା ପଠାଇବା ପାଇଁ ଇଂରେଜମାନେ ତାହାଙ୍କୁ ଧରପଗଡ କରୁଥିଲେ । ଆଗରେ ସାତ ଜଣ ମୋସାହେବ ଭାବନାରେ ବସି ଢୋଳାଉଛନ୍ତି , ଓସ୍ତାଦ୍‌ଜୀ ବକାଉଲା ଖାଁ ଦୁଇଗୋଡ କୁଣ୍ଢାଇ ଦାଢିଟିକୁ ଆଣ୍ଠୁ ଉପରେ ନଦିଦେଇ ବସିଅଛନ୍ତି । ପଠାଣଘର ତଲାକଦିଆ ମାଇକିନିଆଙ୍କ ପରି ତାନପୁରାଟା ଏବଂ ପଡିଆରେ ବାଇଜିହାଣ୍ଡି ପରି ତବଲା ଦୁଇଟା ଗଡୁଅଛି । ଘରର ଗୋଟିଏ କୋଣରେ ଖିଜ୍‌ମତ୍ଗାର ଫତୁଆ ବାଁ ହାତରେ କ'ଣ ଗୋଟାଏ ପଦାର୍ଥ ରଖି ଡାହାଣ ହାତ ବୁଢା ଅଙ୍ଗୁଳିରେ ଚିପୁଛି, ବେଳେବେଳେ ମଝି ଆଙ୍ଗଳିରେ ବୁନ୍ଦା ବୁନ୍ଦା ପାଣି ପକାଇଛି, ମୁନ୍‌ସୀ ଜାଦେର ବକ୍‌ସ ଏକଖଣ୍ଡ କାଗଜରେ ଲେଖା ଡାବ ଧରି ଦିପୋଟୀ ଆଗରେ ଚୋର ଆସାମୀ ପରି ଛିଡା ହୋଇଅଛନ୍ତି । ମିଆଁ ସାହେବ କହିଲେ ---'' ବନ୍ଦେ ନୱାଜ, ମୁଁ ଦିନଯାକ ବୁଲିଲାଣି , କାହିଁ କିଛି ପଟିଲା ନାହିଁ । '' ମହାଜନ ରାମଦାସ କହିଲା, ''

ତାହାର ତମସୁକ କୋଡିଏ ହଜାର ଓ ହାତଉଧାର ବାବଦ ଚାରି ହଜାର ଟଙ୍କା ହେଲାଣି, ଆଉ କରଜ ଦେବାକୁ ସେ ନାରାଜ ହେଲା । ବଜାରର ମୁଦି ଦୋକାନ ମାନଙ୍କର ପାଉଣା ଚାରିହଜାର , ସେମାନେ ସଉଦାକାଳି ଦେଲେ ନାହିଁ । '' ମିଆଁ କହିଲେ ''ବେକୁବ , କମ୍‌ବକ୍ତ , ନାଲାଏକ୍‌'' !ବାପାଙ୍କ ଅମଳରୁ ରାମସରକାର କୋଡିଏ ବର୍ଷ ଚାକର ଥିଲା , ତାକୁ ବାହାର କରି ତୁମେ ଦୋସ୍ତ ଓ ଲାଏକ୍‌ ମନୁଷ୍ୟ ବୋଲି ବେବର୍ତ୍ତା କାମ ଦେଲି, ଗରଜ ଚଳାଇପାରୁ ନାହିଁ ?''ମୁନସୀ ଜାହେର ବକସ କହିଲେ , ''ହଜୁର୍‌! ମୁଁ କିପରି ନାଲାଏକ ହେଲି ? ରାମ ସରକାର କିଛି କରଜ କରି ଆଣିପାରୁ ନ ଥିଲା;ମୁଁ ପାଞ୍ଚବରଷ ମଧ୍ୟରେ ପଚିଶ ହଜାର କରଜ ଆଣିଦେଲି । ''ମିଆଁ କହିଲେ---''ସେ କଥା ଯାଉ , ଏବେ ଇଜ୍ଜତ କିପରି ରହେ ?''ସମ୍ପତ୍ତି ଯାଉ ମହତ୍‌ ଥାଉ, ମହତ୍‌ ଗଲେ ନ ମିଳେ ଆଉ । '' ମୋ ସାହେବମାନେ ଢ଼ୋଳାଉଥିଲେ, ଏ କଥା ଶୁଣି ପାଟିକରି ଏକାବେଳକେ କହିଲେ---- ''ଅଲବତ୍‌, ଅଲବତ୍‌, ଉଆଜିବ୍‌ ଉଆଜିବ୍‌ । '' ମିଆଁ କହିଲେ, '' ଯାଅ ଆସବାବ ହେଉ ବା ଜମିଦାରୀ ହେଉ ବନ୍ଧକ ଦେଇ ଆଜିକା ମଜଲିସ୍‌ ବନ୍ଦୋବସ୍ତ କର । ଦେଖ ଜଲଦି, ରାତି ହୋଇଗଲା । ବେଶି ଟଙ୍କା ଦରକାର ନାହିଁ । ବାଇଜୀ ରୋକଶତ ଶଏ ଟଙ୍କା ଓ ବାଇଜୀ ସାଙ୍ଗଲୋକ ଓ ଦୋସ୍ତମାନଙ୍କ ଖାନା ପଲାଓ ସକାଶେ ଏକଶ ଟଙ୍କା ବହୁତ ହେବ। ''ଦୋସ୍ତମାନେ କହିଲେ '' ଉଆଜିବ୍‌, ଉଆଜିବ୍‌ ବହୁତ ରୂପେୟାର ଦରକାର କ'ଣ ?'' ଦୋସ୍ତ ହନୁମିଆଁ କହିଲେ, ''ହଜୁର , ଏହି ଯେ ଖେମତାବାଲୀ, ଖାତୁମ ଉନ୍ନିସା ଆସିଛନ୍ତି , ଏ ବହୁତ ଇଲମଦାର । କାଶ୍ମୀରର ଅଉଲ ନମ୍ବର ବାଈ-ଏହାଙ୍କର ଇଲମ ଓ ରାଗରାଜଣୀର କସରତ୍‌ ହଦରେ ହଦ୍‌ । ସେ କିଏ ଦେଶକୁ ପସନ୍ଦ କରନ୍ତି ? କେବଳ ମୁସାଫେରି ସକାଶେ ଆସିଛନ୍ତି । ମୁର୍ଶିଦାବାଦ ନବାବ, ଲକ୍ଷ୍ନୌ ନବାବ, ରୋମକା ବାଦ୍‌ସାହାମାନେ ଏହାଙ୍କ ଗୀତ ଶୁଣିବାକୁ ଡାକି ପଠାନ୍ତି ; ମାତ୍ର ବୀବୀଙ୍କ ଖାତର ରଦାରଦ୍‌ । ହଜୁରଙ୍କ କେରାମତ୍‌ ନେକ୍‌ନାମି ଦୁନିଆରେ ଜାହେର , ସେଥିସକାଶେ ଆପେ ଆସି ଏଠାରେ ମଜଲିସ୍‌ କହିବାକୁ କହିଅଛି । ''ମଜଲିସ୍‌ ସାରା ଲୋକ ଏକାବେଳକେ କହିଲେ ହଜୁରଙ୍କୁ ଦୁନିଆଁରେ କିଏ ନ ଜାଣେ ? ହଜୁରଙ୍କ ଖାନା ପଲାଓ ଯେ ଦିନେ ଖାଇଛି, ଜିନ୍‌ଦିଗ୍‌ ଭରି ସେ

ଇୟାଦ୍ କରିଥିବ । ପିଆଦା ଶେଖ ସଲାମ କରିଜଣାଇଲା, ''ହଜୁର ଓଡିଶା ଜମିଦାରରୁ ଜଣେ ମହାଜନ ମୁଲାକାତ୍ ସକାଶେ ଆସିଛି । '' ହୁକୁମ ହେଲା, '' ତାହାକୁ ହାଜର କରାଅ '' । ଆଗନ୍ତୁକ ଉପସ୍ଥିତହୋଇ ଆଗରେ ନଗଦ ପାଞ୍ଚ ଟଙ୍କା ନାଜରାଣା ଥୋଇ ଦେଇ ଭୂମିରେ ହାତ ଲଗାଇ ତିନି ଥର ସଲାମ୍ କଲେ । ମଜଲିସ୍ ମଧ୍ୟରେ ଯେତେଜଣ ସଭ୍ୟ ବସିଥିଲେ, ସମସ୍ତଙ୍କୁ ଏକ ଏକ ସଲାକ କଲେ; ଖିଜମଦ୍‌ଦାର ମଧ୍ଯ ଛାଡିଗଲା ନାହିଁ । ମିଆଁ ହୁକୁମ କଲେ, ''ବହୁତ କଦରଦାନ୍ ଆଦିମ୍ । ''ପାଲାବାଲା ପାଳିଆମାନେ ଏକ ସ୍ବରେ ଗୀତ ଧରିଲାପରି ସମସ୍ତେ ପାଳି ଦେଲେ , ''ବହୁତ କଦରଦାନ୍ ବହୁତ ହୁସି୍ଆର ଆଦମ୍ । ''
ମିଆଁ ପଚାରିଲେ, ''ତୁମର ନାମ କଅଣ ?''
''ରାମଚନ୍ଦ୍ର ମଙ୍ଗରାଜ । ''
''କ୍ୟା ? ରାମଚନ୍ଦ୍ରର ମାମ୍‌ଲାବାଜ୍ ?''
''ନା ହଜୁର! ମଙ୍ଗରାଜ । ''
''ଆଚ୍ଛା , ଓଇ ହୁଆ, ରାମଚନ୍ଦ୍ରର୍ ମଙ୍ଗରାଜ ''
ମଙ୍ଗରାଜ ଜଣାଇଲେ , ''ମୁଁ ନିହାତି ଅଳ୍ପ କିଛି ଜିନିଷ ନଜର ଆଣିଅଛି । '' ହୁକୁମ ଦେଲେ ହାଜର କରିବି । '' ''ବହୁତ ଆଚ୍ଛା ଘେନିଆସ । '' ଭେଟିବାର ତାବ ତାଳପତ୍ର ଖଣ୍ଡକରେ ଲେଖାଥିଲା, ପଢାଗଲା-ପାଞ୍ଚଟା ଓଳିଆରେ ସରୁ ଅରୁଆ ଚାଉଳ ଭରଣେ ଆଠ ନଉତି, ମୁଗଜାଇ ଦୁଇ ଓଳିଆରେ ବତ୍ରିଶ ନଉତି, ହରଡ ଜାଇ ଏକ ଓଳିଆକୁ ଅଠର ନଉତି, ଘିଅ ଏକ ମାଠିଆକୁ ପଚିଶ ସେର, ବନ୍ତଳ କାଠିଆ ପାଞ୍ଚ କାନ୍ଦି , ପାଚିଲା କଦଳୀ ଦୁଇକାନ୍ଦି , ଆଳୁ ଆଠବିଷା ।
ମିଆଁ ହୁକୁମ କଲେ, ''ବହୁତ ଆଚ୍ଛା ଚାଉଳ, ପଲାଉ, ପଲାଇ ଲାଏକ, ଘିଅ ମଧ୍ଯ ବହୁତ ଭଲ । '' ମଙ୍ଗରାଜ କହିଲେ, '' ହଜୁର ଆମ ଦୁନିଆର ମାଲିକ, ହଜୁରଙ୍କ ଦାନା ପନ୍ଦର ପୁରୁଷ ହେଲା ଖାଇ ଆସୁଅଛୁ । ଏ ତ ସାମାନ୍ୟ ଜିନିଷ , ମେହେରବାନି ହେଲେ ପଲାଉ ଚାଉଳ, ଘିଅ, ଡାଲି ବରାବର ହାଜର କରିବି । ''ମିଆଁ ଓ ମିଆଁ ଓ ଓସ୍ତାତଜୀ ଭାରି ଖୁସିଟା ହୋଇ ତାନପୁରା କାନ ବା ହାତରେ ମୋଡି ସୁର ଦେଇବସିଲେ । ଗୁମ୍-ଗୁମ୍ ଗୁମ୍ ତାକ୍-ଧିନ୍ ଧିନ୍ ଧିନ୍ ତାକ୍ ଧିନ୍ ଧିନ୍ ଚାମ -ତାବଲା ବାଜି ଉଠିଲା । ମିଆଁ ହୁକୁମ ଦେଲେ, ''ଯଲଦି ପଲାଉର

ବନ୍ଦୋବସ୍ତ କର । '' ଖ୍ରୀଷ୍ଟିୟାନମାନେ କହନ୍ତି ପୃଥିବୀର ଶେଷ ଦିନରେ ସ୍ବର୍ଗର ଦୂତ ବଂଶୀ ବଜାଇଲେ ସମସ୍ତ ମୃତଲୋକ କବରରୁ ଉଠି ବସିବେ । ମଜଲିସ ଅବଶୋଷରେ ମରି ପଡିଥିଲା, ମଙ୍ଗରାଜଙ୍କ ଟଙ୍କାର ଝଣ ଝଣ ଶବ୍ଦରେ ବଞ୍ଚିଉଠିଲା । ମିଆଁ ସାହାବ ନଳ ମୁହଁରେ ଦେଇ ଦୁଇ ଚାରି ଥର ଭଲ କରି ଟାଣିଲେ । କଳା ପର୍ବତରେ କୁହୁଡି ବୁଲିଲା ପରି ଦାଢିସାରା ଧୂଆଁ ଖେଳିଗଲା । ସରକାର କେନାଲ ଦ୍ବାରା ଯେପରି ପରଗନା ପରଗନା କରି ମହାନଦୀର ଜଳ ବାଣ୍ଟୁ ଅଛନ୍ତି ନଳଯୋଗରେ ହୁକା ଭିତରେ ଜମାଥିବା ଧୂଆଁ ସମସ୍ତଙ୍କ ମୁହଁକୁ ବାଣ୍ଟିଗଲା । ମେଁ ଏ ଏ ମେଁ ଏ । ପଲାଉ ସକାଶେ ଗୋଟିଏ ଖାସି ଅଣାଗଲା । ମଜଲିସ ଆଗରେ ଦର ଛିଣ୍ଡିଲା ଅଢେଇ ଟଙ୍କା । ମଙ୍ଗରାଜ ଚମକିପଡି କହିଲେ, ''କ' ଣ ଏହି ଛେଳିଟାର ଦାମ ଅଢେଇ ଟଙ୍କା ! ବାପରେ ! କେତେ ଦାମ !'' ମିଆଁ ପଚାରିଲେ ତୁମ ଗ୍ରାମରେ ଦାମ କେତେ ?''ଡାକ୍ତର ମଲୁ ପରୀକ୍୍ଷାକଲାପରି ଛେଳିର ଅଗ୍ର ପଶ୍ଚାତ ବାମ ଦକ୍ଷିଣ ଉତ୍ତମରୂପେ ନିରୀକ୍ଷଣପୁର୍ବକ ମଙ୍ଗରାଜ କହିଲେ, ''ଛେଳିଟାର ଦାମ କ'ଣ ଚାରି ପଇସା କି ଛଅ ପଇସା ହେବ । '' ହୁକୁମ ହେଲେ ପଲାଉ ସକାଶେ ଦଶଗଣ୍ଡା କି ପନ୍ଦର ଗଣ୍ଡା ପଠାଇ ଦେଇପାରେ । ହଜୁର ଲୋକ ଚିହ୍ନି ଜମିଦାରୀ ଚାକର ରଖି ନାହାଁନ୍ତି ସେଥି ସକାଶେ ଏତେ ଟଙ୍କାବର ବାଦ । ଅଢେଇ ଟଙ୍କା ଛେଳି । ବାପରେ !'' ଏ କଥା ଶୁଣି ମଜଲିସରେ ଯେ କିପରି ଆନନ୍ଦ କୋଳାହଳ ଉଠିଲା, ତାହା ବର୍ଣ୍ଣନାତୀତ । କ୍ଳାଇବ ସାହେବଙ୍କ ପଲାସୀ ଯୁଦ୍ଧ ଜୟ ସମ୍ବାଦ ଶୁଣି ବିଲାତରେ ଡାଇରେକଟର ସଭା ନିଶ୍ଚିୟ ଏତେ ଦୂର ଆନନ୍ଦିତ ହୋଇନଥିଲେ । କାରଣ ସେତେବେଳେ ଦିଲ୍ଲୀ ଦରବାରର ଡର ସେମାନଙ୍କୁ ମନରୁ ଛାଡି ନଥିଲା । ଓସ୍ତାଦ୍‌ଜୀ ପୁରିଆ ରାଗିଣୀର ଆଳାପ କରିବାକୁ ଲାଗିଲେ । ସମସ୍ତେ ଆନନ୍ଦରେ ଉନ୍ମତ୍ତ , ସମସ୍ତଙ୍କ ମୁହଁରୁ ହସ ଉଛୁଳିପଡୁଛି କେବଳ ମଙ୍ଗରାଜେ ହାତ ଯୋଡି ମୁହଁ ଶୁଖାଇ ବସିଛନ୍ତି । ଜାଲ ମଧ୍ୟରେ ବୁଣା ଚାଉଳ ଖାଉଲା ବେଳେ ପକ୍ଷୀମାନଙ୍କ ଆନନ୍ଦ ବ୍ୟାଧ ତୁନିହୋଇ ଦେଖୁଥାଏ । ଆମ୍ଭେମାନେ ମଙ୍ଗରାଜ ମନର କଥା ଭଲରୂପେ ବୁଝିପାରୁ । ସେ ସମୟରେ ବୋଧହୁଏ ଭାଳୁଥିଲେ, ''ଆ ବାପ ଚଢେଇ ଆ କାଣ୍ଡିଆ ପାଖକୁ ଆ । ''

ଜଣେ ଚାକର ଧାଇଁଆସି ବାଇଜୀଙ୍କ ଶୁଭାଗମନର ସମ୍ବାଦ ଦେଲା । ଯାଃ ସର୍ବନାଶ । ଏ କଥାଟା କାହାର ମନରେ ନାହିଁ । ଓସ୍ତାଦଜୀ ପୁରୁଣା ହୁସିଆର ଲୋକ , ସେହି କେବଳ ଏ କଥା ମନେ କରାଇଦେଲେ, ବାଇଜୀଙ୍କ ଶହେ ଟଙ୍କା ନଜରାନା ଦେବାକୁ ହେବ । ପୁନର୍ବାର ଆନ୍ଦୋଳନ । ଭାରତ ବର୍ଷର ବ୍ୟୟ ସଂଙ୍କଳନ ନିମନ୍ତେ ପାର୍ଲିଆମେଣ୍ଟରେ ବୋଧହୁଏ ଏହିଠାରୁ ଅଧିକ ଆନ୍ଦୋଳନ ହୋଇନଥାଏ । କିଛି ସ୍ଥିର ହୋଇପାରିଲା ନାହିଁ , ବେଳ ନାହିଁ । ବେଳ ଉଣ୍ଡି ମଙ୍ଗରାଜ ହାତଯୋଡି କହିଲେ , ''ହଜୁର'' ଗୋଲାମ ହାଜର ଥାଉଁ ଥାଉଁ ଏତେ ଚିନ୍ତା କି ସକାଶେ ?''ପୁନର୍ବାର ପ୍ରଶଂସା ଧନ୍ୟବାଦ ସମସ୍ତଙ୍କ ମୁହଁରୁ ବାହାରି ମଙ୍ଗରାଜଙ୍କ କାନରେ ଢାଳିପଡିଲା । ମିଆଁ ହୁକୁମ ଦେଲେ, ''ଆଚ୍ଛା ମଙ୍ଗରାଜ , ତୁମେ ବର୍ତ୍ତମାନ ଯେ ଉପକାର କଲ, ସେଥିରେ ଇନାମ ଅଲାହିଦା ପାଇବ, ଏ ସିବାଏ ଟଙ୍କାକୁ ସୁଧ ଚାରିଅଣା ହିସାବରେ ପାଇବ । ''ମଙ୍ଗରାଜ କହିଲେ, ''ରାମ ରାମରାମ । ହଜୁର ମୁଁ ପିଆଜ ଆଉ ବିଆଜ ଖାଏ ନାହି । ''ଓସ୍ତାଦଜୀ କହିଲେ, କ'ଣ ବିଆଜ ଖାଏ ନାହିଁ ?ବହୁତ ଇମାନଦାର ଲୋକ, କୋରାନରେ ଯେ ପଚିଶ ହାରାମ ବୟାନ ଅଛି;ବିଆଜ ସେଥିମଧ୍ଯରୁ ଗୋଟାଏ । ''

ଇତିହାସ ଲେଖକ ବୋଲନ୍ତି କ୍ଲାଇବ ଦିଲ୍ଲୀ ବାଦଶାହାଙ୍କ ପାଖରୁ ବଙ୍ଗଳାର ସୁବାଦାରୀ ନେବାବେଳେ ଏତେ ଅଳ୍ପ ସମୟ ଲାଗିଥିଲା ଯେ ଗୋଟାଏ ଗଧ ବିକାକିଣାରେ ତାହା ଠାରୁ ଅଧିକ ସମୟ ଦରକାର । ତେବେ ଫତେପୁର ସରଷଣ୍ଡର ସରବରାକାରୀ ଓ ସମସ୍ତ କ୍ଷମତା ପାଇବା ମଙ୍ଗରାଜଙ୍କ ପକ୍ଷରେ ବିଳମ୍ବ କ'ଣ ?

--o--

## ନବମ ପରିଚ୍ଛେଦ

**ଗାଁ ହାଲଚାଲ :**

ତାଲୁକେ ଫତେପୁର ସରଷଣ୍ଡ ଗୋଟାଏ ଭାରି ବଡ ତାଲୁକା । ସଦରଜମା ପାଞ୍ଚ ହଜାର ଦୁଇଶହ ଆଠ ଟଙ୍କା ଛ ଅଣା; ମଫସଲ ଅସୁଲ ଅଢେଇ ପଟ । ଫାଉ ଫଉରାତ୍ ଛାଡିଦିଅ । ଏଥିରେ ପାଞ୍ଚଗୋଟି ମୌଜା --- ମୌଚା ରାମନଗ, ବାଲିଆ ହାଣ୍ଡିଖାଇ ସଉତୁଣିଆ ଓ ଗୋବିନ୍ଦପୁର । ଗୋବିନ୍ଦପୁର ସବୁଠାରୁ ବଡ, ଊଣା ଅଧିକରେ ପାଞ୍ଚଶ ଘର ବସ୍ତି ସବୁ ଜାତିର ଲୋକ ଅଛନ୍ତି , ଗୋଟାଏ ଦୋକାନ ଅଛି, ସେ ଦୋକାନରେ ସବୁ ଜିନିଷ ମିଳେ - ଡ଼ାଲି, ଚାଉଳ, ଧୂଆଁ ପତ୍ର , ଲୁଣ, ତେଲ ଯାହା ଖୋଜ ପାଇବ; ଦୁଇ ଚାରି ପଇସାର ଘିଅ ଖୋଜିଲେ ମଧ୍ୟ ମିଳିପାରେ । ଦୋକାନୀର ତିନି ପୁରୁଷରୁ ଦଶମୂଳ ସାଇତା ଅଛି । ଦୁଇ ତିନି କୋଶରୁ ବୈଦ୍ୟମାନଙ୍କର ଡ଼ାବ ଆସେ । ଗ୍ରାମଟି ଲମ୍ୱାଲମ୍ୱି ; କିନ୍ତୁ ସିଧାସଳଖ ନୁହେଁ; ଆଠଟଙ୍କିଆ । ଅସୁରଦୀଘିର ଉତ୍ତର ଆଉ ପଶ୍ଚିମଆଡ଼ିର ଅଧେ ମାଡ଼ିବସିଅଛି । ମଝିରେ ଗୋହିରୀ; ଦୁଇ ମାହାଲା ଘର, ମଝି ଗୋହିରୀଟା ଖୁବ୍ ଓସାରିଆ ହେଲେ ମଧ୍ୟ ଯିବାଆସିବା ବାଟ ଦଶ ବାର ହାତରୁ ବେଶି ନୁହେଁ । ବାଟ ଦୁଇପାଖ ସମସ୍ତଙ୍ କ ଦୁଆର ଆଗରେ ଖତଗାଡ଼, ଖଣ୍ଡେ ଖଣ୍ଡେ ଖାଲି ଜାଗା ଅଛି, ସକାଳେ ସେଠାରେ ଗାଈ ବଳଦ ବନ୍ଧା ହୁଅନ୍ତି । ସ୍ଥାନେ ସ୍ଥାନେ ଖଣ୍ଡେ ଖଣ୍ଡେ ଶଗଡ଼ ଥୁଆ ହୋଇଛି । ଗୋହିରୀରୁ ସମସ୍ତଙ୍କ ଦୁଆରକୁ ଯିବାପାଇଁ ଅଲଗା ଅଲଗା ବାଟ ଅଛି । ଗ୍ରାମଟି ତିନି ଭାଗରେ ବିଭକ୍ତ - ସାଆନ୍ତ ସାଇ, ତନ୍ତୀ ସାଇ, ବ୍ରାହ୍ମଣ ସାଇ ।

ସାଆନ୍ତ ସାଇରେ ଖୋଦ୍ ରାମଚନ୍ଦ୍ର ମଙ୍ଗରାଜଙ୍କ ଘର; ଏଥିପାଇଁ ଖୁବ୍ ଡାକ । ରାତି ଛ'ଘଡ଼ି ପର୍ଯ୍ୟନ୍ତ କଚେରୀ ଜାରୀ। ଦୋକାନଟା ମଧ୍ୟ ଏଇ ସାଇରେ । ରାତି ପ୍ରହରକ ସରିକି ଆଉ ସବୁ ସାଇ ତୁନିତାନ । ବ୍ରାହ୍ମଣସାହିର ପ୍ରକୃତ ନାମ ଶାସନ । ଶାସନ ଭାଗ ପାଞ୍ଚଶ ଗୋଟା ପୁଅଭାୟା ବାସ୍ତରୀ ଘର । ଶାସନ ଗୋହିରୀ ଦୁଇ ପାଖରେ ଦେଢ଼ଶ ଅନ୍ଦାଜ

ନଡ଼ିଆ ଗଛ; ମୁଣ୍ଡରେ ବଡ଼ ପିଣ୍ଡିବନ୍ଧା ଅଛି, ସେଠାରେ ବଳଦେବ ପୂଜା ହୁଏ । ପିଣ୍ଡିଠାରୁ ଦଶ ପନ୍ଦର ହାତ ଛାଡ଼ି କେତେଗୁଡ଼ିଏ ଗଜାଭଳିଆ ନଡ଼ିଆ ଗଛ, ମୂଳ ସଫାସୁତୁରା । ସେଇଟା ଗୋସାଇଁ ମାନଙ୍କ ବୈଠକଜାଗା । ନାସସୁଙ୍ଗା , ଭାଙ୍ଗଘୋଟା ଯଜମାନଘର କଥା, ଅରଜନ କଥା ଇତ୍ୟାଦି ଇତ୍ୟାଦି କଥାମାନ ସେହିଠାରେ ସମାଧାନ ହୁଏ । ଦିନେ ଦିନେ ସେଠାରେ ବଡ଼ ଗୋଳମାଳ ହୁଏ; ସେଦିନ ଯଜମାନ ଘରୁ ମିଳିଥିବା ଶ୍ରାଦ୍ଧ ଚାଉଳ ବା ସଭ୍ୟ ମାନ୍ୟ ଦକ୍ଷିଣା ବାଣ୍ଟ ହେଉଥିବାରୁ ସହଜରେ ଜଣା ପଡ଼ିଯାଏ । ସେ କଳି ଶୁଣି ଲୋକମାନେ କହନ୍ତି , ''ବ୍ରାହ୍ମଣ ଗୁଡ଼ାକ ଚାଉଳମୁଠାକ ସକାଶେ କୁକୁର ପରି କଳି କରୁଅଛନ୍ତି ।'' ମାତ୍ର ଲୋକମାନଙ୍କର ଏପରି କଥାଟା ଆମ୍ଭମାନଙ୍କୁ କିଛି ସୁଖ ଲାଗେ ନାହିଁ । ତାହାର କାରଣ , ଏମାନେ ନିପଟ ମୂର୍ଖ , ଗତରକୁଢ଼ି, ବ୍ରାହ୍ମଣ କର୍ମ ହୀନ ହେଲେ ମଧ୍ୟ ଛତିଶ ବର୍ଣ୍ଣର ରଜା ତ ! ଏମାନଙ୍କୁ କୁକୁର ସଙ୍ଗେ ତୁଳିବା କେତେବେଳେ ହେଲେ ଉଚିତ୍ ନୁହେଁ । ଉପମାଟା ମଧ୍ୟ ଭଲ ହେଲା ନାହିଁ; କାରଣ ପ୍ରେତ ଉଦ୍ଦେଶ୍ୟରେ ଉତ୍ସୃଷ୍ଟ ଓଦା ଚାଉଳ ସକାଶେ ବ୍ରାହ୍ମଣ ମାନଙ୍କ କଳି ଆଉ କୁକୁରଙ୍କ କଳି ଅଇଁଠାଭାତ ସକାଶେ । ଦେଖନ୍ତୁ , ପ୍ରେତ ଉଚ୍ଛିଷ୍ଟ ଆଉ ମନୁଷ୍ୟ ଉଚ୍ଛିଷ୍ଟ , ଓଦା ଚାଉଳ ସିଝାଚାଉଳ କଥାଟା କେତେ ଛାଡ଼ିଲା । ଆଉ କୁକୁରମାନେ କାମୁଡ଼ା କାମୁଡ଼ି ଲଗାନ୍ତି ; ବ୍ରାହ୍ମଣମାନେ ବାଡ଼ିଆବାଡ଼େଇ ହୁଅନ୍ତି ସିନା, ଗୋଟାଏ ବ୍ରାହ୍ମଣ ଆଉ ଗୋଟାକୁ କାମୁଡ଼ିବାର ବା ରାମ୍ପୁଡ଼ିବାର ତ ଦେଖାନାହିଁ । ଆକାଶରେ ଶାଗୁଣା ଉଡ଼ିଲେ କେଉଁଠାରେ ମଢ଼ପଡ଼ିଥିବାର ଯେପରି ଜଣାଯାଏ, ସେହିପରି ଦିନ ପହରକବେଳେ ଗୋସେଇଁମାନେ ଚିତା ପଇତା ହୋଇ ପଲ ପଲ ବାହାରିଲେ କେଉଁ ଗାଁରେ ମନୁଷ୍ୟ ମରିଥିବାର ଲୋକେ ଅନୁମାନ କରନ୍ତି ।

ପାଣିଗ୍ରାହୀ ଭାଗବାଟିକା ମିଶି ଶାସନ ଭାଗ ଜମି ପାଞ୍ଚଶ ମାଣ । ତ୍ରିକାଳ ସନ୍ଧ୍ୟାରେ ଆଶୀର୍ବାଦ କରି ଜମି ଭୋଗ ଦାଖଲ କରିବା ନିମନ୍ତେ ମରହଟ୍ଟା ସୁବାଦାର ତମ୍ବାପାତିଆ ସନନ୍ଦ ଦେଇଅଛନ୍ତି । ତ୍ରିକାଳ ବୋଇଲେ ଭୂତ, ଭବିଷ୍ୟତ , ବର୍ତ୍ତମାନ । ଭୂତ କଥା ଭୂତଙ୍କୁ ଜଣା, ଭବିଷ୍ୟତ କଥା କୌଣସି ମନୁଷ୍ୟ ଜାଣନ୍ତି ନାହିଁ, ବର୍ତ୍ତମାନ କଥା

ଆମ୍ଭେମାନେ  ଜାଣୁଁ । ଗୋରୁ ଗାଇ ଖୋଜିଆଣି ବାନ୍ଧିବା , ଗୁହାଳରେ ଧୂଆଁ ଦେବା, ହଳିଆକୁ ପଖାଳପାଣି ଦେବାରେ ସନ୍ଧ୍ୟାବେଳଟା  ଗଡ଼ିଯାଏ, ଭୂମିଦାତାଙ୍କୁ  ଆଶୀର୍ବାଦ  କରିବେ କେତେବେଳେ ? କଥା ପଡ଼ିବାରୁ ଦିନେ ଭୋବନି ବାହିନୀ ପତି କହିବସିଲେ, ''ଆମ୍ଭର  ଭୂମି କାହିଁ ହେ, ସନ୍ଧ୍ୟାରେ ଆଶୀର୍ବାଦ  କରିବୁ ?'' କଥାଟା ମଧ  ନିହାତି ମିଛ ନୁହେଁ । ଶାସନ ଭାଗ ପାଞ୍ଚଶ  ମାଣ ମଧ୍ୟରୁ  ଦଶ ବର୍ଷ  ଭିତରେ ଚାରିଶ ମାଣ ବିକା ଭଙ୍ଗା  ସରିଲାଣି । ବାକି ଯେ କେତେ ମାଣ ମଙ୍ଗରାଜେ  ସମ୍ଭାଳିଛନ୍ତି   ବୋଲି ଅଛି । ' ଗୋ ବ୍ରାହ୍ମଣ   ହିତାୟ ଚ' ମଙ୍ଗରାଜଙ୍କର   ଭାରି ଯତ୍ନ  । ବୁଲା ଗୋରୁଗୁଡ଼ିକ ମଙ୍ଗରାଜେ  ସାବଧାନ କରି ଆପଣା ଗୋଠରେ ରଖନ୍ତି , କେହି ପାଣ ଏପରି ନା-ଉଆରସୀ ଗୋରୁ ଆଣି ବକ୍‌ସିସ୍‌ରୂପ  କିଛି କିଛି ନେବାର ସଚରାଚର ଦାଖାଯାଏ । ବଳଦ ଛାଡ଼ି କେବଳ ଗାଇ ସଂଖ୍ୟା  ତିନିଶହରୁ ଟପିଲାଣି । ଗୋମାତା ବାର ଜାଗାରେ ବୁଲି କଷ୍ଟ  ପାଇବେ, ସେଥିସକାଶେ ସମ୍ଭାଳିଛନ୍ତି  , ନିହାତି ବଳିପଡ଼ିଲେ ବର୍ଷକୁ  ବର୍ଷ  ପଠାଣ ଗୋଆଲାଙ୍କୁ  ଅଧାଅଧି ଦେବାକୁ ପଡ଼େ । ସେପରି ବ୍ରାହ୍ମଣମାନଙ୍କ    ଜମିଗୁଡ଼ିକ କିଣିନେଇଛନ୍ତି , ସମ୍ଭାଳି  ରଖିଛନ୍ତି  । ଗୋସାଇଁମାନେ ଜମି ନ ବିକି କ'ଣ କରିବେ । ଏକ ବ୍ରାହ୍ମଣିଆ   ଚାଷ, ତାହା ବାଦ୍ ଚୋରଗୁଡ଼ାକ ବାଛି ବାଛି ବ୍ରାହ୍ମଣ   ଜମିର ଧାନ ଚୋରି କଲେ । ମଙ୍ଗରାଜଙ୍କୁ   କିଛି ଜମି ବିକିଦେଲେ ଚୋରମାନେ ଡ଼ରରେ ପାଖ ପଶିପାରନ୍ତି ନାହିଁ । ଆଉ ମଙ୍ଗରାଜେ  ପାଞ୍ଚ  ପାଞ୍ଚ  ଟଙ୍କାରେ  ପାଞ୍ଚମାଣ  ଜମି କିଣିଲେ ବୋଲି କେହିକେହି କହନ୍ତି  । ଏକଥାଟା ସେମାନଙ୍କର  ବୁଝିବାଭୁଲ । ଆଛା, ତୁମ୍ଭେ  ଭରଣେ ବୁଣିଲେ ପାଞ୍ଚଭରଣ  କାଟ ତ ? ମଙ୍ଗରାଜଙ୍କ   ଟଙ୍କାଟା  କି ବାଞ୍ଝ  ? ସେଥିରେ କ'ଣ କଳନ୍ତର  ନାହିଁ ? ଶାସନ ମଝିରେ ଶିକବୁ ପଣ୍ଡିତଙ୍କ ଘର । ଏହାଙ୍କ  ଜେଜେ ବିକି ଖାଡ଼ଙ୍ଗା  । ପୂରା ସାତପାଦ ବ୍ୟାକରଣ ମୁହେଁ ମୁହେଁ କହିଯାଉଥିବାର ପଣ୍ଡିତଙ୍କ   ଠାରୁ ଶୁଣାଯାଏ । ନୈଷଧାନ୍ତ  ପାଠ ତାହାଙ୍କଠାରେ  ଅଟକୁ ନଥିଲା । ପଣ୍ଡିତଙ୍କ   ନନା ବ୍ୟାକରଣ ଶବ୍ଦ  ଓ ସନ୍ଧିଗୁଡ଼ାକ  କୋଇଲି -ଗୀତ ପରି ହାକିଯାଉଥିଲେ । ସେମାନଙ୍କ  ପୋଥି ସବୁ ଖଟୁଲିରେ ସାଇତା ଅଛି। ପଣ୍ଡିତେ  ପ୍ରତିଦି  ନ ପୂଜା କରନ୍ତି  । ଆପେ ପଣ୍ଡିତେ

ମଧ୍ୟ ଜଣେ ଟାଣ ପଣ୍ଡିତ । ପୋଥିରୁ ଡ଼ୋରି ନ ଫିଟାଇ ପାଞ୍ଚ ବର୍ଗ ଅଭିଯାନ କରାଯାଇପାରନ୍ତି । ପଣ୍ଡିତଙ୍କ ସାଆନ୍ତବାପାଙ୍କର ମଉଳା ପୁଅ ଭାଇଙ୍କର ଭିଣୋଇର ମାଉସୀପୁଅ ଭାଇ ନବଦ୍ବୀପ ଯାଇ ନ୍ୟାୟଶାସ୍ତ୍ର ପଢ଼ି ଆସିଥିଲେ । ସାରକଥା, ଖାଡ଼ଙ୍ଗାବଂଶ ସକାଶେ ଶାସନର ବିଦ୍ୟା କେତେବେଳେ ଛାଡ଼ ନାହିଁ । ଏହାଙ୍କ ଦାଣ୍ଡ ପିଣ୍ଡାରେ ଚୌପାଢ଼ୀ , ଶାସନ ପିଲାମାନେ ଦୁଇଓଳି ପଢ଼ନ୍ତି , ଏକଚାଳିଶ କର୍ମ କର୍ମାଙ୍ଗ ଷୋଳ ପଣ ଏହିଠାରେ ପଢ଼ାହୁଏ । କେହି କେହି ପିଲା ବର୍ଗେ ଦୁଇ ବର୍ଗ ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ମଧ୍ୟ ଲାଭକରନ୍ତି ।

ପଶ୍ଚିମ ସାହାଲା ତନ୍ତୀ ସାହିରେ ତନ୍ତୀ ଦେଢ଼ଶ ଘର, ଏହି ସାହିର ଗୋହରୀଟା ସଫାସୁତୁରା, ଖତଗାଡ଼, ଗୋବରଗଦା କିଛିନାହିଁ ଆପଣ ମନେକଲେଣି, ଏଠାରେ ପାଞ୍ଚ ଆଇନ ଜାରି ଅଛି । ମିଉନିସିପାଲିଟିର ଶଗଡ଼ ଆସି ଅଳିଆ ସବୁ ଉଠାଇ ନେଇଯାଏ । ଆପଣଙ୍କୁ ସାବଧାନ କରିଦେଉଛୁଁ, ଆମ୍ଭମାନଙ୍କଠାରୁ ନ ଶୁଣି କୌଣସି କଥା ସିଦ୍ଧାନ୍ତ କରିପକାଇବେ ନାହିଁ । ଅନେକ ଅନୁସନ୍ଧାନ , ଅନେକ ପ୍ରମାଣ ସଂଗ୍ରହ କରି ଆମ୍ଭମାନଙ୍କୁ ଲେଖିବାକୁ ହୁଏ । ଆପଣ ମାନଙ୍କର ଏପରି ଭ୍ରମ ଅପନୋଦନ ନିମନ୍ତେ ଆମ୍ଭମାନଙ୍କର ଏତେ ପରିଶ୍ରମ , ନୋହିଲେ ପ୍ରୟୋଜନ କ'ଣ ? ପୁଣି ଏଣୁ ତେଣୁ ଗୁଡ଼ାଏ ଲେଖିପକାଇବା ଆମ୍ଭମାନଙ୍କ ଅଭ୍ୟାସର ବୀପରୀତ । ଆକଟ୍ୟ ପ୍ରମାଣ ନ ପାଇଲେ କିମ୍ବା ଯାହା ନ୍ୟାୟଶାସ୍ତ୍ରସଙ୍ଗତ ନୁହେଁ, ଏମନ୍‌କଥାଗୁଡ଼ାକ ଆମ୍ଭେମାନେ ଶୁଣୁନାହୁଁ । ଯାହା ଲେଖିବୁ, ସେ କଥାଗୁଡ଼ିକ ନ୍ୟାୟଶାସ୍ତ୍ର ଅନୁସାରେ ପ୍ରମାଣ କରାଇ ଦେବୁଁ, ଆପଣଙ୍କର ପାଟି ଫିଟାଇବା ବାଟ ନଥିବ । ଦେଖନ୍ତୁ ପ୍ରମାଣ ପ୍ରୟୋଗ ନିମନ୍ତେ ନ୍ୟାୟଶାସ୍ତ୍ର କହନ୍ତି , ''ପର୍ବତୋବହ୍ନିମାନ୍ ଧୂମାତ୍'' ଅର୍ଥାତ୍ ପର୍ବତରୁ ଧୂଆଁ ବାହାରୁଛି କିପାଁ ? ନା, ଭିତରେ ନିଆଁ ଅଛି । ମହାନଦୀର ପାଣି ବଢ଼ିଆସୁଛି । ଦେଖିଲେ ଜାଣିବ, ଉପରେ ଭାରି ବର୍ଷା ହୋଇଗଲାଣି । କାର୍ଯ୍ୟକାରଣର ଗୋଟିଏ ଏମନ୍ତ ନିତ୍ୟ ସମ୍ବନ୍ଧ ଅଛି । 'ନ କାର୍ଯ୍ୟଂ କାରଣଂ ବିନା' କାରଣ ନ ଥିଲେ କାର୍ଯ୍ୟ ହୁଏ ନାହିଁ । ଏଠାରେ ନଦୀ ବୃଦ୍ଧିର କାରଣ ହେଲା ବୃଷ୍ଟି । ସେହିପରି ଆମ୍ଭେମାନେ ଅକାଟ୍ୟ ଯୁକ୍ତି ଦେଖାଇ ପ୍ରମାଣ କରିଦେଇପାରୁ

ଗୋଚର ସହିତ ଗୋରୁର ନିତ୍ୟ ସମ୍ବନ୍ଧ ଅଛି । କାରଣ ଅଭାବ ହେଲେ କାର୍ଯ୍ୟର ଅଭାବ ହେବ, ଏ କଥା ଆପଣ ଅବଶ୍ୟ ସ୍ବୀକାର କରିବେ ।

ସୁତରାଂ ତନ୍ତୀସାଇରେ ଗୋବରଗଦା ଅଭାବର କାରଣ ଗୋରୁର ଅଭାବ ଅର୍ଥାତ୍ ତନ୍ତୀ ସାଇରେ ଗୋରୁ ନାହିଁ ; ସୁତରାଂ ଗୋବର ନାହିଁ । ଆପଣମାନଙ୍କ ମନରେ ଆଉ ଗୋଟାଏ ଭାରି ଖଟ୍‌କା ଲାଗିପାରେ। ଗୋରୁଗୁଡ଼ାକ ବାଘ ଭାଲୁ ନୁହନ୍ତି ଯେ ବଣରେ ରହିବେ, ଏମାନେ ଗ୍ରାମ୍ୟ ପଶୁ, ଗ୍ରାମରେ ରହିବା ଏମାନଙ୍କର ସ୍ବଭାବ । ଯେଉଁଠାରେ ପାଣି, ସେହିଠାରେ ମାଛ, ସେହିପରି ଗ୍ରାମରେ ଗ୍ରାମ୍ୟ ପଶୁ ଏଟା ଧରାବନ୍ଧା କଥା । ତନ୍ତୀସାଇ ଗୋଟିଏ ଗ୍ରାମ , ତେବେ ଗ୍ରାମ୍ୟ ପଶୁ ନାହାଁନ୍ତି କି ସକାଶେ ? ଆମ୍ଭେମାନେ ପରମେଶ୍ବରଙ୍କ ସୃଷ୍ଟି କୌଶଳରେ ଅନେକ ବ୍ୟଭିଚାର ଦେଖିବାକୁ ପାଉ, ହୁଏତ ତାହାଙ୍କର କାର୍ଯ୍ୟରେ ଗଫଲତି ନହୁଏ, ଢ଼ିଲା । ଦେଖନ୍ତୁ , ପଶୁ କହ, ପକ୍ଷୀ କହ, କୀଟ ବୋଲ, ପତଙ୍ଗ ବୋଲ, ସବୁ ଜାତିରେ ଅଣ୍ଡିରା ମାଈ ଅଛନ୍ତି । ସେଥି ମଧ୍ୟରେ ତ ଗୋଟାଏ ଗୋଟାଏ ହିଞ୍ଜଲ ଦେଖାଯାଏ । ସେହିପରି ତନ୍ତୀସାହି ଗ୍ରାମ ହେଲେ ମଧ୍ୟ ଏଥିରେ ଗ୍ରାମ୍ୟ ପଶୁ କିହିଁ । ପଶୁ ସମ୍ବନ୍ଧରେ ଏଟା ହିଞ୍ଜଲ , ଅର୍ଥାତ୍ ଏଠାରେ ବନ୍ୟ ପଶୁ ବାଘ, ଭାଲୁ କିମ୍ବାଗ୍ରାମ୍ୟ ପଶୁ ଗାଈ ଗୋରୁ କେହି ନାହାଁନ୍ତି । ତାହାର ମଧ୍ୟ କାରଣ ଥାଇପାରେ । କାରଣ ବିନା କାର୍ଯ୍ୟ ନାହିଁ, ଏହା ନ୍ୟାୟ ଶାସ୍ତ୍ରର ସୂତ୍ର ଅଟେ । ବ୍ୟାକରଣ ରଚକମାନେ ସୂତ୍ର ଠିକ୍ କରି ନପାରିଲେ ନିପାତନସିଦ୍ଧ ବୋଲି ଗୋଟିଏ କଥା କହି କାର୍ଯ୍ୟ ସାରିଦିଅନ୍ତି । ମାତ୍ର ଏହା ଏକ ପ୍ରକାର ଠକ ପଣିଆ । ତାହା ଆମ୍ଭମାନଙ୍କ ହାତରେ ହେବ ନାହିଁ । ସେକଥା ଥାଉ । ତନ୍ତୀସାଇରେ ଗୋରୁ କାହିଁକି ନାହିଁ, ତାହାର କାରଣ ବୁଝନ୍ତୁ । ବାଇବେଲରେ ଲେଖାଅଛି ଜଣେ ସେବକ ଦୁଇଜଣ ସାଆନ୍ତଙ୍କର ସେବା କରିପାରେ ନାହିଁ ।' ସଚରାଚର ଦେଖାଯାଏ, ଶାସ୍ତ୍ରକାରମାନେ ଠିକେ ଠିକେ ଦୁଇ କଥା କହି କାର୍ଯ୍ୟ ସାରି ବସନ୍ତି । ଟୀକାକାର ନଥିଲେ ମୂଳଗ୍ରନ୍ଥ ବୁଝିବା ନିତାନ୍ତ କଠିନ । ମଲ୍ଲୀନାଥ , ମଥୁରାନାଥ, ଶ୍ରୀଧର ବାଖ୍ୟା କରିଦେଇ ନ ଥିଲେ

ରଘୁବଂଶ, ନ୍ୟାୟ , ଭାଗବତ ପରି ଗ୍ରନ୍ ଥମାନ ଆଜିଯାଏ ଡ଼ୋରି ଭିଡ଼ାହୋଇ ପଡ଼ିଥାନ୍ତା , ସେହିପରି ଆମ୍ଭେମାନେ ବାଇବେଲର ବ୍ୟାଖ୍ୟା କରି ନ ଦେଲେ ବୁଝିବା ସହଜ ନୁହେଁ । ଆପଣ ନହୁଏ ଟାଣି ଟୁଣି ଏକପ୍ରକାର ପାଠ ଲଗାଇଯିବେ; ମାତ୍ର ସମସ୍ତଙ୍କ ହାତରେ ତ ସବୁ କଥା ହୁଏ ନାହିଁ । ବାଇବେଲ ସୂତ୍ରର ଅର୍ଥ ଏହି କି, ଜଣେ ମନୁଷ୍ୟ ଏକ ସମୟରେ ଦୁଇ କାର୍ଯ୍ୟ କରିପାରେନାହିଁ, ଅର୍ଥାତ୍ ଲୁଗାବୁଣାରେ ତନ୍ତୀ ମାନଙ୍କର ଦିନ ଯାଏ, ଚାଷ କରିବରକୁ ବେଳ କାହିଁ ? ଚାଷ ଯଦି ନ କଲେ ବଳଦ ଦରକାର କ'ଣ ? ବଳଦ ନ ଥିଲେ ଗୋବର କାହୁଁ ଆସିବ ? ଗୋବର ଅଭାବରୁ ଖତଗଦା ନଥିବାରୁ ଦାଣ୍ଡ ସଫା ।

ଆଜିକାଲି ଊଣାଇଶ ଶହ ସମ୍ବସରେ ବିଜ୍ଞାନଶାସ୍ତ୍ରର ଖୁବ୍ ମର୍ଯ୍ୟାଦା ; କାରଣ ଏହି ଶାସ୍ତ୍ର ସବୁ ଉନ୍ନତିର ମୂଳ ଅଟେ । ଦେଖନ୍ତୁ , ଇଂରେଜମାନେ କେଡ଼େ ଗୋରା ଆଉ ଓଡ଼ିଆ ମାନଙ୍କ ଦେହ କାଳିଆ । ସେଥିର କାରଣ, ସେମାନେ ବିଜ୍ଞାନ ଶାସ୍ତ୍ର ପଢ଼ି ଅଛନ୍ତି ; ଓଡ଼ିଆ ମାନେ ଜାଣନ୍ତି ନାହିଁ । ଆମ୍ଭେମାନେ ହାଲ ବିଜ୍ଞାନର ଚର୍ଚ୍ଚା ଆରମ୍ଭ କରିଅଛୁଁ । ବର୍ତ୍ତମାନ ପ୍ରସଙ୍ଗଟା ଆମ୍ଭେମା ନେ ସେହି ଶାସ୍ତ୍ର ଅନୁସାରେ ପ୍ରମାଣ କରିଦେଇପାରୁଁ । ଆପଣ ପାଠରେ ମନ ଦେଉନ୍ତୁ , ବିଜ୍ଞାନଶାସ୍ତ୍ର ଯେ କେଡ଼େ ଠିକ୍ , ତାହା ବୁଝିପାରିବେ । ଉକ୍ତ ଶାସ୍ତ୍ରର ସୂତ୍ର ଏକ-ଏକ ସ୍ଥାନରେ ଦୁଇ ଗୋଟି ବସ୍ତୁ ରହି ନପାରେ । ଆପଣଙ୍କ ଦୁଧ ପିଆ ଗିନାରେ ପାଣି ରହେ ତ ? ଏ କଥା ବୋଲିବେ, ସେଥିପାଇଁ ଉକ୍ତ ସୂତ୍ର ବ୍ୟାଖ୍ୟା ଆବଶ୍ୟକ , ଅର୍ଥାତ୍ ଗୋଟିଏ ସ୍ଥାନରେ ଏକ ସମୟରେ ଦୁଇଗୋଟି ପଦାର୍ଥ ରହି ନପାରେ । ଗିନାରେ ଦୁଧ ପୂର୍ଣ୍ଣ ଥିଲେ ଆଉ ପାଣି ରହି ପାରିବ ନାହିଁ । ଲୁଗାବୁଣା ସକାଶେ ବାହାର ଭିତର ଦୁଇ ଜାଗା ଦରକାର । ଘର ଭିତରେ ଲୁଗା ବୁଣାଯାଏ; ଲୁଣ୍ଡି କାଟିବା, ତାଗୀ କରିବା ଇତ୍ୟାଦି କର୍ମ ବାହାରେ ହୁଏ । ସୁତରାଂ ତାସଣ ଜାଗାରେ ଗୋବରଗଦା ରହିବା ନିତାନ୍ତ ଅସମ୍ଭବ । ଆଉ ସ୍ତ୍ରୀ ପୁରୁଷ ମିଳିତ ନହେଲେ ଲୁଗା ପ୍ରସ୍ତୁତ ହୋଇପାରେ ନାହିଁ । ସୂତାରେ ତୋରାଣି ଦେବା, ନେଟଇ ବା ଚରଖିରେ ଚଢ଼ାଇବା, ନଳି ବଳିବା ଏସବୁ ତନ୍ତୀଆଣୀମାନଙ୍କର କାର୍ଯ୍ୟ । ଗାଈ ବଳଦ ଦାଣ୍ଡରୁ ଖୋଜିଆଣି ବାନ୍ଧିବାକୁ ସେମାନଙ୍କର ବେଳ କାହିଁ -

ଇତ୍ୟାଦି ଆହୁରି ମଧ୍ଯ କାରଣ ଅଛି; ମାତ୍ର କଥା ବଢ଼େଇ ଲେଖିବା ଆମ୍ଭମାନଙ୍କର ଦେହରେ ଚଳେନାହିଁ, ସେଥିପାଇଁ ଠିକେ ଠିକେ ସବୁକଥା ଲେଖି ପକାଉଁ ।

--o--

# ପରିଚ୍ଛେଦ - ୧୦

## ଭଗିଆ ଆଉ ସାରିଆ

ତନ୍ତୀସାଇ ମୁଣ୍ଡରେ ଭାଗବତ ଘର ଆଉ ଦଧିବାମନ ମନ୍ଦିର । ତନ୍ତୀମାନଙ୍କ ଜାତିଆଣ ଟଙ୍କାରେ ମନ୍ଦିରଟି ତୟାର ହୋଇଅଛି । ଜାତିଆଣ ଟଙ୍କା କ'ଣ ଜାଣନ୍ତି ? ଅବଶ୍ୟ ଏ କଥାଟା ଆପଣଙ୍କୁ ବୁଝାଇଦେବା ଦରକାର ନାହିଁ; ମାତ୍ର ଆଉ ନବ୍ୟ ବାବୁମାନଙ୍କୁ ବୁଝାଇଦେବା ଦରକାର । କାରଣ ସେମାନେ ବିଦ୍ବାନ୍ , ବଡ଼ ବଡ଼ କଥା ପଢ଼ିଅଛନ୍ତି , ବଡ଼ ବଡ଼ କଥା ଜାଣନ୍ତି । ଆପଣା ଜେଜେବାପାର ବାପା ନାମ ପଚାର, ଅଣ୍ଡାଳି ହେବେ; କିନ୍ତୁ ଇଂଲଣ୍ଡର ତୃତୀୟ ଚାର୍ଲସ୍‌ର ପଞ୍ଚଦଶ ପୁରୁଷଙ୍କ ନାମ ସେମାନଙ୍କର କଣ୍ଠସ୍ଥ । ଇଂରେଜ ସମାଜ ବା ଫରାସୀସମାଜର କଥାଗୁଡ଼ାକ ପଢ଼ିଲେ ଲୋକେ ବିଦ୍ବାନ୍ କହିବେ । ଆପଣାର ବା ପ୍ରତିବାସୀ ଜାତି ଓ ସମାଜର କଥା ଜାଣିବାର ଦରକାର କ'ଣ ? ଯାଉ, ସେଥିରେ କ'ଣ ଅଛି ? ବାବୁମାନେ ଏକଥା ଶୁଣିଲେ ଖପା ହୋଇଯିବେ, ଆମ୍ଭମାନଙ୍କର କହିବା ଦରକାର କ'ଣ ?

ଜାତିଆଣ ଟଙ୍କାର ଅର୍ଥ ଏହି ଯେ, ଜାତି ମଧ୍ୟରେ କେହି ଭଲ ମନ୍ଦ କଲେ ପଞ୍ଚମାନେ ତାହାକୁ ଜରିମାନା କରନ୍ତି କିମ୍ବା କେହି ଗରିବ ଜାତିଭାଇ ଦେଇ ନ ପାରିଲେ ପଞ୍ଚଗୋସେଇଁ କିଛି ମାନ୍ୟନେଇ ତାହାକୁ ଉଠାଇ ନିଅନ୍ତି । ଟଙ୍କା ପରମାଣିକ ଜିମାରେ ଥାଏ । ସେହି ଟଙ୍କାରେ ମନ୍ଦିରଟି ତୟାର ହୋଇଅଛି । ଏହି ନିୟମ ସବୁ ହାଟୁଆ ଜାତିରେ ଚଳେ । ଆହା ! ଏହି ସୁନ୍ଦର ପ୍ରଥାଟି ଦିନକୁ ଦିନ ଲୋପ ପାଉଅଛି । ଆଜିକାଲି ଅଦାଲତ ଦୁଆର ମେଲା, ଲୋକମାନେ ଜ୍ଞାନୀ ଅର୍ଥାତ୍ ସଭ୍ୟ ହେଲେଣି, ପାଞ୍ଚଶାସନ କିଏ ମାନୁଛି ? ଇଂରେଜୀ ଆଇନ କହେ, 'ଦେଖ ବାବା ସାବଧାନ ! ତୁମ୍ଭେ ଯଦି କିଛି ଅପରାଧକର ଆଉ ସଥିରେ ଯଦି ଆଇନସଙ୍ଗତ ପ୍ରମାଣ ପାଉଁ ଦଣ୍ଡ ଦେବୁ ।'

ଚଲାକ୍ ଲୋକ କହିଲା, 'ଆଜ୍ଞା ଆପଣ ଯେମନ୍ତ ପ୍ରମାଣ ନ ପାଇବେ ସେଥିର ଫିକର ମୋତେ ଜଣା । ' ଆଉ ଓକିଲ ତାହା ପିଠି ଥାପୁଡ଼ାଇ କହିଲେ, 'କୁଛ ପରବା ନେହିଁ, ଟଙ୍କା ଆଣ, ମୁଁ କଳାକୁ ଧଳା

ଧଳାକୁ କଳା କରିଦେବି । ' ଏଥିରେ ଏହି ଫଳ ହେଉଅଛି ଯେ, ଅନେକ ଚଲାକ୍ ଓ ଧନ୍‌ବାନ ଲୋକ ଶତ ଅପରାଧ କରି ମଧ ଦେହ ଝାଡ଼ି ଚାଲିଯାଉଅଛନ୍ତି , ନିରୀହ ନିର୍ଦ୍ଧନ ଲୋକଙ୍କୁ ହରବରରେ ପଡ଼ିବାକୁ ହେଉଅଛି । ଆଉ ଦୁଇ ପକ୍ଷ ମକଦ୍ଦମାରେ ଟଙ୍କା ବାଣ୍ଟି କାଙ୍ଗାଳ । ସେହି ଟଙ୍କା ବାର ଭୂତ ଗୋଟାଇ ଖାଉଅଛନ୍ତି । ଆଉ ପଞ୍ଚୁଆତିଙ୍କ ଆଖିରେ ଧୂଳି ପକାଇବାର ବାଟ ନାହିଁ । ପୁଣି ପ୍ରକୃତ ଅପରାଧୀ ଠାରୁ ଜରିମାନା ଅସୁଲ ଟଙ୍କା ସତ୍‌କାର୍ଯ୍ୟରେ ଲାଗୁଥିଲା । ନିର୍ବୁଦ୍ଧିତ୍ବର ସହିତ ତନ୍ତୀଜାତିର ଗୋଟାଏ ସମ୍ବନ୍ଧ ଥିବାର ସମସ୍ତେ ବୋଲନ୍ତି । କାହାରି ବୁଦ୍ଧିର ତ୍ରୁଟି ଦେଖିଲେ ଲୋକେ ବୋଲନ୍ତି , ଆରେ ତୁଟା ତନ୍ତୀ ନା କ'ଣ ରେ ?' ଅର୍ଥାତ୍ ତୁ ତନ୍ତୀ ପରି ହୁଣ୍ଡା । ଆପଣ ସଭ୍ୟତା ଶିଖିଥିଲେ ତନ୍ତୀମାନଙ୍କର ଦଧିବାମନ ମନ୍ଦିର ତୟାର କଥା ଶୁଣି ସେହି ପ୍ରବାଦକୁ ଅକାଟ୍ୟ ସତ୍ୟ ବୋଲି ବିଶ୍ବାସ କରିବେ । ଆପଣ କହିବେ, ସାଧାରଣ ଟଙ୍କା ଗୁଡ଼ିକ ଏପରି ଅପବ୍ୟୟ କିମ୍ପା ? କିଲିଟର ସାହେବଙ୍କ ନାମରେ ହାସପାତାଳ ବସାଅ, ମନ୍ଦିରଟା କ'ଣ ?

ଆପଣଙ୍କ ମନ ଯୋଗଇ କଥା କହିବା ଆମ୍ଭମାନଙ୍କର କାର୍ଯ୍ୟ ; ମାତ୍ର ଆପଣଙ୍କ କଥାଟା ଆମ୍ଭମାନଙ୍କ ମନକୁ କିପରି ଲାଗୁଅଛି । ଆପଣଙ୍କୁ କୁହାଯାଉ ନାହିଁ ଏ କଥା ଠିକ୍, କିନ୍ତୁ ତନ୍ତୀ ବୁଦ୍ଧି ଅର୍ଥ କ'ଣ ଜାଣନ୍ତି , ଏହା ଭୋଟାଏ ଯୋଗରୂଢ଼ ଶବ୍ଦ । ଯେମନ୍ତ ପଙ୍କଜ ବୋଇଲେ ପଦ୍ମ , ତେବେ ପଙ୍କରୁ ଯେ ଜାତ ହେବ ଅର୍ଥାତ୍ ଘୋଡ଼ାଦଳ, ଶିଉଳି, ଶାମୁକା, ଗେଣ୍ଡା ସମସ୍ତେ କି ପଦ୍ମ ? ତାହା ନୁହେଁ । ସେହିପରି ତନ୍ତି ଅର୍ଥ ନିର୍ବୁଦ୍ଧିଆ , ନିର୍ବୁଦ୍ଧିଆ ଅର୍ଥ ତନ୍ତି ନୁହେଁ । ସେଦିନ ମାଞ୍ଚେଷ୍ଟରର ତନ୍ତିମାନେ ପାର୍ଲିଆମେଣ୍ଟ କମ୍ପାଇଦେଲେ , ତାହା କି ଜାଣନ୍ତି ନାହିଁ ? ଆପଣ ଯେ ବାବୁ ସାଜିଅଛନ୍ତି , ତାହା ତ କେବଳ ତନ୍ତୀ -ପ୍ରସାଦାତ୍ । ଏ ପ୍ରକାର ତନ୍ତୀଙ୍କ ବୁଦ୍ଧି ପ୍ରତି ଦୋଷାରୋପ କରିବା ଏକପ୍ରକାର ବୈମାନି । ହିସାବ ଧରିଲେ ଆମ୍ଭମାନଙ୍କ ପୂର୍ବପୁରୁଷ ସମସ୍ତେ ତନ୍ତୀ ଥିଲେ । ଏଥିର ପ୍ରମାଣ ସଂଗ୍ରହ ନିମନ୍ତ ପ୍ରତ୍ନତତ୍ତ୍ବ ବିଦ୍ୟାର ଅନୁଶୀଳନ କରିବାର ନାହିଁ

। ଗ୍ରାମ ଗ୍ରାମକେ ଠାକୁର ମନ୍ଦିରଗୁଡ଼ିକ ସେଥିରେ ପ୍ରତ୍ୟକ୍ଷ ସାକ୍ଷୀ । କୌଣସି ବିଷୟରେ ଦୁଇପଟ ନଦେଖି ହଠାତ୍ ସିଦ୍ଧାନ୍ତରେ ଉପନୀତ ହେବା ତନ୍ତୀତ୍ୱର ଚିହ୍ନ ବୋଲି ଆମ୍ଭେମାନେ ବିଶ୍ୱାସ କରୁଁ । ଦେଖାଯାଉ, ଠାକୁର ମନ୍ଦିରଗୁ ଡ଼ାକ ବାସ୍ତବିକ ତନ୍ତୀଙ୍କ କାର୍ଯ୍ୟକି ନୁହେଁ । ଘୋର ମଫସଲିଆ ଲୋକମାନଙ୍କ କଥା ଆପଣଙ୍କୁ ଜଣାଥିବ । ସେମାନେ ଦିନଯାକ ଦୁଃଖଧନ୍ଦାରେ ଲାଗିଥାନ୍ତି , ସଞ୍ଜ ହେଲେ ମୁଠାଏ ମୁଠାଏ ଖାଇ ଶୋଇପଡ଼ନ୍ତି । ଗ୍ରାମରେ ଧର୍ମପ୍ରଚାରକ ନାହାନ୍ତି , ଲାଇବ୍ରେରୀ ନାହିଁ, ଧର୍ମକଥା କାହୁଁ ଶୁଣିବେ ? ଠାକୁର ମନ୍ଦିରରେ ସଞ୍ଜ ସକାଳେ ଶଙ୍ଖ , ଘଣ୍ଟାବାଜେ । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଶବ୍ଦ ଜଣାଇ ଦିଏ ଜଗତରେ ପ୍ରଭୁ ଅଛନ୍ତି । ସେଠାରେ ଭାଗବତ ଗାଦି ଅଛି, ରାଧାଷ୍ଟମୀ , ଜନ୍ମାଷ୍ଟମୀ , କାର୍ତ୍ତିକ -ମାସ ପ୍ରଭୃତି ପର୍ବଦିନ ମନ୍ଦିରରେ ଭାଗବତ ପାଠହୁଏ, ଲୋକମାନେ ଯାଇ ଶୁଣନ୍ତି । ମନ୍ଦିର ନ ଥିଲେ ପ୍ରଭୁଙ୍କ ନାମ ବା ଧର୍ମଗ ୍ରନ୍ଥ ଶୁଣିବାର ଉପାୟ ନ ଥିଲା । ବିଦେଶୀ ଲୋକ କିମ୍ବା ଗ୍ରାମରେ କାହାରି ଖଞ୍ଜ ଅଖଞ୍ଜରେ ଭାତରନ୍ଧା ହୋଇ ନ ପାରିଲେ ପୂଜାହାରୀ ପାଖରେ ଯୋଡ଼ାଏ ପଇସା ପକାଇଦେଲେ ପେଟେ ପ୍ରସାଦ ଖାଇବାକୁ ମିଳେ । ପଞ୍ଚୁଆତି , ଗ୍ରାମଲୋକଙ୍କ ଦୋଷାଦୋଷର ବିଚାର ଠାକୁରମନ୍ଦିରରେ ହୁଏ । ଆମ୍ଭେମାନେ ସଂକ୍ଷେପରେ ଇଂରାଜୀ ତରଜମା କରିଦେଲେ ଆପଣ ସହଜରେ ବୁଝିପାରିବେ, ଠାକୁରମନ୍ଦିର ଗୁଡ଼ିକରେ ଗ୍ରାମ ମଧ୍ୟରେ ଚର୍ଚ୍ଚ (ଭୋଜନାଳୟ), ପବ୍ଲିକ୍ ଲାଇବ୍ରେରୀ (ସାଧାରଣ ପୁସ୍ତକାଳୟ ), ହୋଟେଲ (ଭୋଜନାଳୟ), ଟାଉନ୍‌ହଲ୍ (ଭାଗବତ ଘର) ଏହି ଚାରି କାର୍ଯ୍ୟ ଚଳେ । ସେ କଥା ଯାଉ, ଆମ୍ଭମାନଙ୍କୁ ଆଉ କଥା ଲେଖିବାକୁ ହେବ ।

ଆଉ ଆଉ ହାଟୁଆ ଜାତିଙ୍କ ପରି ତନ୍ତୀମାନଙ୍କର ମଧ୍ୟ ଜଣେ ପରମାଣିକ ଅଛି, ସେ ଜାତି ମଧ୍ୟରେ ପ୍ରଧାନ । ପରମାଣିକକୁ ନ ଧରିଲେ ଜାତିଆଣ କର୍ମ କିଛି ଚଳେ ନାହିଁ । ବାହା, ପୁଆଣି ହେଲେ ପରମାଣିକ ଜାତିରେ ଗୁଆ ଦିଏ । ସେଥିସକାଶେ ମୂର୍ତ୍ତିଏ ଲୁଗା ଆଉ ଗୋଟିଏ ଗୁଆ ମାନ୍ୟ ପାଏ । ଜାତିର ହାରିଗୁହାରି ପରମାଣିକ ଠାରେ ହେଲେ ସେ ଗୁଆ ଦେଇ ପଞ୍ଚୁଆତ

ସଙ୍କୁଳି  ଆଣେ । ସଭାରେ ଫୁଲଚନ୍ଦନ  ଆଗେ ପରମାଣିକକୁ ଦିଆଟାଏ । ଜାତିଭାତରେ ପରମାଣିକ ଆଗେ କୃଷ୍ଣ  ନ କଲେ କାହାରି ହାତ ଚଳେ ନାହିଁ । ଏହି ପରମାଣିକ ପଦଟା ପୁରୁଷାନୁକ୍ରମିକ  ଅର୍ଥାତ୍  ପରମାଣିକ ପୁଅ ପରମାଣିକ ହେବ କିମ୍ବା  ତାହା ବଂଶରୁ କେହିଜଣେ ହେବ, ଯେ ସେ ଲୋକ ହୋଇପାରିବ ନାହିଁ । ବର୍ତ୍ତମାନ  ପରମାଣିକର ନାମ ଭଗିଆ ଚନ୍ଦ  । ଭଗିଆ ବିଚରା ବଡ଼ ସାଦାସିଧା ଲୋକ, ଛନ୍ଦ  କପଟ ତା ମନକୁ ଛୁଇଁ ନାହିଁ । ତାକୁଶାଗ କହ-ହଁ, ମୁଗ କହ-ହଁ ।  ଗାଁ ଲୋକମାନେ ଭଗିଆକୁ ହୁଣ୍ଡା  ତନ୍ତୀ  ବୋଲି ଡାକନ୍ତି  । ଆପଣଙ୍କ  ମୁହଁ ଆକାରରୁ ସବୁକଥା ଜଣାପଡ଼ିଗଲାଣି । ଆପଣ କହୁଛନ୍ତି  ବା କହିବେ କିମ୍ବା  କହିବାକୁ ମନେ କରିଅଛନ୍ତି  ବା କରିବେ-ଏଗୁଡ଼ାକ ନିପଟ ତନ୍ତୀ ନୁହନ୍ତି  ତ ଆଉ କ'ଣ ? ବାପା ପରମାଣିକ ଥିଲା ବୋଲି ହୁଣ୍ଡାଟାକୁ  ସରଦାର କରି ସବୁ ତନ୍ତୀଗୁଡ଼ାକ  ତାକୁ ଜୁହାରୁଛନ୍ତି  । ଆରେ ବାବୁ , ଯେବେ ଜଣେ ସରଦାର କରିବାର ଦରକାର ହେଲା, ପାର୍ଲିଆମେଣ୍ଟର  ମେମ୍ବର  ବା ଇଉନାଇଟେଡ୍ ଷ୍ଟେଟ୍‌ର  ପ୍ରେସିଡ଼େଣ୍ଟ  ବାଛିଲାପରି ପାଞ୍ଚଜଣର  ଭୋଟ (ମତ) ନେଇ ଜଣେ ସିଆଣିଆ ଭଳିଆ ଲୋକକୁ ପରିମାଣିକ କର । ତାହା ନ କରି ବାପ ପରମାଣିକ ଥିଲା ବୋଲି ଅଯୋଗ୍ୟ  ଲୋକଟାକୁ ପରମାଣିକ କରି ବସିଅଛ । କଥାଟା ଏକା ସତ । ମନ ଲାଗିଗଲା ପରା । ହକ୍ କଥାରେ ଉଁ ଚୁ କରିବାକୁ କି ବାଟ ଥାଏ ? ଆମ୍ଭେମାନେ  ବରାବର ତନ୍ତୀମାନଙ୍କ  ପଟ ଧରି ଚାଲିଲୁ, ଏଣିକି ଆଉ ବାଟ କାହିଁ ? ଆମ୍ଭେମାନେ  ପ୍ରତିଜ୍ଞା  କରିଛୁ ବା ବରିବୁ, ତନ୍ତୀ  କଥାରେ ଆଉ ପାଖ ପଶିବୁଁ ନାହିଁ, ହେଲେ, ତନ୍ତୀମାନଙ୍କୁ  ଚିହ୍ନି  ରଖିବାର ଉଚିତ୍ । ହେ ପାଠକ ଅବଧାନ! ଆମ୍ଭ  ମାନଙ୍କର  ଜ୍ଞାନ  ଅତି ଅଳ୍ପ ; ସୁତରାଂ ତନ୍ତୀ ଚିହ୍ନିବାକୁ  ନିତାନ୍ତ  ଅକ୍ଷମ  । ଅନୁଗ୍ରହ  କରି ଆମ୍ଭମାନଙ୍କୁ  ତନ୍‌ତୀ ଚିହ୍ନାଇ ଦେଉଁନ୍ତୁ  ।

ହିନ୍ଦୁ  ହୋଇଥିଲେ ବେଦ ବେଦାନ୍ତ  ହିନ୍ଦୁଶାସ୍ତ୍ର  ଅବଶ୍ୟ ମାନ୍ୟ କରିବେ । ଶାସ୍ତ୍ରରେ  ଅଛି 'ସମୋଦମସ୍ତପଃ  ଶୌଚଂ ସନ୍ତୋଷଂ  କ୍ଷାନ୍ତିରାର୍ଜବଂ  - ମଦ୍‌ଭକ୍ତିଶ୍ଚ  ଦୟା ସତ୍ୟଂ  ବ୍ରହ୍ମପ୍ରକୃତମୟସ୍ତ୍ୱମାଃ  ' ଏହି ସମସ୍ତ

ବ୍ରହ୍ମତ୍ୱର ଲକ୍ଷଣ । ସେହି ବ୍ରାହ୍ମଣଙ୍କ ପଦଧୂଳି ଆମ୍ଭେମାନେ ମସ୍ତକରେ ଧାରଣ କରିବାକୁ ଶଏବାର ପ୍ରସ୍ତୁତ ; ମାତ୍ର -

ଶୁଣ ପରୀକ୍ଷ ନରନାଥ । ତାମ୍ପଡ଼ା ଶୁଖୁଆ ପଖାଳ ଭାତ ।।
ସି-ଅକ୍ଷର ବିବର୍ଜିତ । ଚିତା-ପଇତାଦି ଶୋଭିତ ।।
ବିଲ ବାଛିବାକୁ ଆଗ । ଦହି ଚୂଡ଼ାକୁ ବାଘ ।।
ସନ୍ଧ୍ୟା -ଗାୟତ୍ରୀହୀନ । ବିଳରୁ ଚିପନ୍ତୁ ମୀନ ।।
ପୋଥିରୁ ନ ଫିଟେ ଡୋରି । ଯଜମାନ ଚାଉଳ-ଚୋରି ।।
ସଭାରେ ନ ଫିଟେ ପାଟି । ନାମଟି ସୁନ୍ଦର ତ୍ରିପାଠୀ ।।

ସୁନ୍ଦର ତିହାଡ଼ିକୁ ଓଳଗି ହୁଏ, କାରଣ ସେ ବ୍ରାହ୍ମଣ ଔରସରୁ ଜାତ । ସୁନ୍ଦର ତିହାଡ଼ି ଆପଣଙ୍କ କୁଳପୁରୋହିତ, ଯେହେତୁ ତାହାଙ୍କ ବାପା ପୁରୋହିତ ଥିଲେ । ଆପଣଙ୍କୁ ବୋଲିବାକୁ ସାହସ ଅଣ୍ଟୁନାହିଁ , କିନ୍ତୁ ଆମେମାନେ ପାଞ୍ଜିରେ ନାମ ଲେଖିରଖିଲୁ ।

ପୁଣି ଶାସ୍ତ୍ରରେ ଲେଖାଅଛିଯ-

''ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନଶଳାକୟା ।
ଚକ୍ଷରୁନ୍ମିଳିତଂ ଯେନ ତସ୍ମୈ ଶ୍ରୀ ଗୁରୁବେ ନମଃ ।''

ଅଜ୍ଞାନରୂପ ନେତ୍ର ରୋଗରେ ଅନ୍ଧ ବ୍ୟକ୍ତିର ଚକ୍ଷୁ ଜ୍ଞାନରୂପ ଅଞ୍ଜନଶଳାକାଦ୍ବାରା ଯେ ଉନ୍ମୀଳିତ କରନ୍ତି , ସେହି ଗୁରୁଙ୍କୁ ନମସ୍କାର କର ।

ସତ୍ୟ ବୋଲନ୍ତି ଏପରି ଲୋକକୁ ଗୁରୁ କରନ୍ତି , କି ଗୁରୁର ପୁତ୍ର ଆପଣଙ୍କ ଗୁରୁ ? ଯାଉ, ସେ କଥାଗୁଡ଼ାକ- କହିଲେ କ'ଣ ହେବ ? ମାତ୍ର ତନ୍ତୀ ଚିହ୍ନା ପଡ଼ିଗଲେ । ଗୋଦରୀ ଲୋ ଆପଣା ଗୋଡ଼କୁ ଅନା । ଖୋଜିବସିଲେ ଦରଦର 'କୁହୁଡ଼ି ପହଁରା' ଢେର ପାଇବା । ଧାନକୁଟୁଣା ଭାଗବତ ପଢ଼ିଲା ପରି ଆମ୍ଭେମାନେ ଗାଁ କଥା ଲେଖୁ ଲେଖୁ ଆପଣଙ୍କ ଭଳିଆ ଲୋକଙ୍କ କଥା କହି ବସିଅଛୁଁ । ତେବେ କ'ଣ ଜାଣନ୍ତି , ବିଷୟଟା ପଡ଼ିଲେ ଖାଲରେ ପଡୁ, ଢିପରେ ପଡୁ ସମସ୍ତେ ଦି'କଥା ମାରିଦିଅନ୍ତି । ସଂକୀର୍ତ୍ତନରେ ହାଉଡ଼ା ମଧ ଆଁ କରିଦିଏ ।

ସେସବୁ କଥା ଥାଉ, ଏବେ ଗାଁକଥା ଶୁଣନ୍ତୁ । ଆଟିକାମାପକୁ ପଲମ । ଭଗିଆ ଯେପରି ହୁଣ୍ଡା , ତ ଭାର୍ଯ୍ୟା ସେହିପରି ହୁଣ୍ଡୀ , ନାମଟି ଶାରିଆ । ବୟସ ଅନ୍ଦାଜ ପଚିଶ ହେବ । ସାରିଆର ଗୁଣ ତ ଶୁଣିଲେ, ରୂପ କଥା ଶୁଣିବେ କି? ଦେଖନ୍ତୁ ପରପ୍ରତ୍ୟାଶୀ ହେବା ଗୋଟାଏ ଭାରି ଖରାପ କଥା । ଆପଣ ବୁଦ୍ଧିବଳରେ ଅନୁମାନଦ୍ବାରା କିଛି କିଛି ବୁଝିବାକୁ ଚେଷ୍ଟାକରନ୍ତୁ । କେବଳ ଆମ୍ଭମାନଙ୍କ ହାତକୁ ଚାହିଁ ରହିବେ ନାହିଁ। ଅନୁମାନ ଦ୍ବାରା ବୁଝିବାକୁ ହୁଏ ସେଥିର ମୂଳସୂତ୍ର ଶୁଣିଲେ ଆପଣଙ୍କ ବାଟ ଫିଟିଯିବ । ଯେବେ ଶୁଣିବେ ଯୁବତୀ ରାଜକନ୍ୟା , ତକ୍ଷଣେ ବୁଝିଯିବେ, ସେ କନ୍ୟାଟି ଭାରି ସୁନ୍ଦରୀ , ଭାରି ଗୁଣବତୀ, ''ନାହିଁ ନ ଥିବା ପଟାନ୍ତର , ରମା, ଉମା ସଙ୍ଗେ ତାକୁ ଧର । '' ହେଉ ପଛେ ଉଆଉଗାଲୀ, ପେଚାନାକୀ, ସେ କଥା ଧରିବେ ନାହିଁ । ଯେବେ ଶୁଣିବେ ଫଲଣା ଜମିଦିର ହାତରେ ଢେର ଟଙ୍କା ଅଛି, ତକ୍ଷଣେ ବୁଝିଯିବେ, ସେ ରୂପବାନ, ଗୁଣବାନ, ଦାତା, ଦୟାଳୁ ଇତ୍ୟାଦି । ଆମ୍ଭମାନଙ୍କ ସାରିଆ ଗାଁର ତନ୍ତୀଆଣିଟିଏ । ଏବେ ସକଳ କଥା ବୁଝିନିଅନ୍ତୁ । ଭଗିଚନ୍ଦ ଆଉ ସାରିଆ, ଘରକୁ ଦୁଇ ପରାଣୀ । ମାଇକିନିଆମାନେ କହନ୍ତି , ''ଦୁଇ ପରାଣିଆ ଭଲ, ବାନ୍ଧି କତରା ଚଲ । '' ଆମ୍ଭମାନଙ୍କ ହୁଣ୍ଡାହୁଣ୍ଡୀ କଥା ସେହିପରି । ନକଡ଼ ଛକଡ଼ ନାହିଁ । ଦୁଇଜଣଙ୍କର ନିମଷେ ଛାଡ଼ବାଡ଼ ଥାଏନାହିଁ । ଦୁହେଁ ମିଳିମିଶି ଘରକାମ କରନ୍ତି , ଭଗିଆ ତନ୍ତ ବୁଣିବାବେଳେ ସାରିଆ ନଳି ବଳେ, ନୁଣ୍ଡି
କାଢ଼େ ଚଉଶିରେ ସୁଣଦିଏ ସାରିଆ ଭାତ ରାନ୍ଧିବା ବେଳେ ଭଗିଆ ଚୁଲି ଫୁଙ୍କେ ପାଣି ଆଣିଦିଏ । ଗାଁର ମସ୍କରା ନିନ୍ଦୁକ ଲୋକମାନେ ସେମାନଙ୍କୁ ଦେଖି ଢଗ ମେଲାନ୍ତି - ''ସାରିଆ ଭଗିଆକୁ ଦେଖ, ବଗଲା ବଗୁଲୀ ଲେଖ । '' ଆହା! କି ଅପୂର୍ବ କବିତା ହେଲା; ମାତ୍ର ଆମ୍ଭେମାନେ ବୋଲୁ, ଏପରି ନିନ୍ଦା । ଯେଉଁମାନଙ୍କ ନାମରେ ରଟେ, ସେହିମାନେ ଏକା ପ୍ରାଣରେ ଅନୁଭବ କରନ୍ତି । କୌଣସି ଇଂରେଜ କବି କହିଅଛନ୍ତି '' ଯେଉଁମାନେ ବିଶୁଦ୍ଧ ଦାମ୍ପତ୍ୟ ପ୍ରେମ ଅନୁଭବ କରନ୍ତି , ସେମାନେ ସ୍ବର୍ଗୀୟ ଜୀବ । ସେହି ପ୍ରେମରେ ଯାହାର କଳଙ୍କ , ସେ ନରକର ଯନ୍ତ୍ରଣା ଭୋଗ କରେ । ''

ଓହୋ! ଆମ୍ଭେମାନେ ଗୋଟାଏ ଉତ୍କଟ ଭୁଲ କରିପକାଇଛୁ, ''ମୁନୀନାଞ୍ଚ ମତିଭ୍ରମ '' ମୁନିମାନେ ଲେଖାପଢ଼ା କରିବାବେଳେ ବଡ଼ ଭୁଲ କରିପକାନ୍ତି , ଅର୍ଥାତ୍ ଯେଉଁମାନେ ଲେଖିବାବେଳେ ଭୁଲନ୍ତି , ସେମାନେ ମୁନି । ସୁତରାଂ, ଆଜିଠାରୁ ଲୋକମାନେ ଯେ ଆମ୍ଭମାନଙ୍କୁ ମୁନି କିମ୍ଵା ଋଷି ବୋଲି ଡ଼ାକିବେ, ସେ ବିଷୟରେ କିଛିମାତ୍ର ସନ୍ଦେହ ନାହିଁ । ଓହୋ, କି ଭାଗ୍ୟ ବରଷସାରା ସାହେବଙ୍କ ଦୁଆରେ ନେଉଳପରି ଲୁଙ୍ଗ ଲୁଙ୍ଗ ହେବାକୁ ନାହିଁ, କରଜଦାମ କରି ହଜାର ହଜାର ଟଙ୍କା ଖରଚରେ ଡାକ୍ତରଖାନା ବସାଇବାକୁ ନାହିଁ କିମ୍ବା ନିହାତି ସହଜ କଥା ବକ୍‌ସିସ୍ ଦେଇ ଫରାସୀମାନଙ୍କ ଗୋଡ଼ହାତ ଧରିବାକୁ ନାହିଁ, ମାହାଳିଆଟାରେ କେଡ଼େ ନାମଟାଏ ପାଇଗଲୁ ! ମାତ୍ର ସତ୍ୟର ମର୍ଯ୍ୟାଦା ରକ୍ଷା ନିମନ୍ତେ ସ୍ଵାର୍ଥତ୍ୟାଗ କରିବାକୁ ଆମ୍ଭେମାନେ କେବେହେଁ କାତର ନୋହୁଁ । 'ନ ମିଥ୍ୟା ପାତକଂ ପରଂ', ଅସ୍ୟାର୍ଥ -ମିଥ୍ୟା ଆଉ ପାତକ ପର ନିକଟକୁ ଯାଏ ନାହିଁ, ଆପଣା ପାଖେ ଥାଏ । ଏଥିସକାଶେ ଆମ୍ଭେମାନଙ୍କୁ ସତ୍ୟକଥା ଲେଖିବାକୁ ହେଉଛି । ଭଗି ସାରୀ ଦୁଇପ୍ରାଣୀ ନୁହଁନ୍ତି । ଗୋଟିଏ ଗାଈ ଅଛି, ନାମ ନେତ, ତାକୁ ଲଗାଇ ତିନିପ୍ରାଣୀ । ଗାଈଟାକୁ ଆମ୍ଭେମାନେ ମନୁଷ୍ୟ ସାଙ୍ଗରେ ଗଣିଲୁ, ସେଥିରେ କଥା ଅଛି । ନେତକୁ ସାରିଆ ଝିଅପରି ପୋଷିଥାଏ, ଝିଅପରି ଗେହ୍ଲା କରେ । ପରମେଶ୍ବର ମନୁଷ୍ୟ ମନରେ ଏକ ଆଶ୍ଚର୍ଯ୍ୟ ଅପତ୍ୟସ୍ନେହ ଦେଇଛନ୍ତି । ଭୋକବେଳେ ଭାତ ନ ପାଇଲେ ଲେକେ ଡ଼ାଳପତ୍ର ଚୋବାଇବା ପରି ଯାହାର ପିଲାଝିଲା କିଛିନାହିଁ, ସେ କୁକୁର ପିଲାଟିଏ, ବିରାଡ଼ି ପିଲାଟିଏ କିମ୍ବା ଛଡ଼ାଟିଏ ପୋଷିବାକୁ ଭଲପାଏ । ସାରିଆ ଦିନରାତି ନେତ ସାଙ୍ଗରେ ଲାଗିଥାଏ । ପଘାରୁ ଫିଟି ମଧ୍ଧ ନେତ କାହିଁ ଯାଏ ନାହିଁ, ସାରିଆ ପାଖେ ପାଖେ ଥାଏ । ଟିକିଏ ଦାଣ୍ଡକୁ ଚାଲିଗଲେ ସାରିଆ ଡାକେ, 'ନେତଲୋ' । ନେତ କହେ, ହଂ ମାଁ । ଧାଇଁଆସି ସାରିଆକୁ ଚାଟେ, ସାରିଆ ତା' ଦେହରେ ହାତ ବୁଲାଇଦେଇ ଢ଼େର୍ ଦୁଃଖ ସୁଖ କଥା କହେ । ପଖାଳ ବେଳାରେ ନେତ ମୁହଁ ଡୁବାଇଦେଲେ ସାରିଆ ତାକୁ ଗୋଟିଏ ସାନ ପ୍ରେମ ଚାପୁଡ଼ା ମାରି ଡାଙ୍କୁଣୀଟା ବୋଲି ଗାଳିଦିଏ । ଆମ୍ଭେମାନେ ଜାଣୁ, ସେହି ଗାଳି ଭିତରେ ସାରିଆ ଆନନ୍ଦ ଓ ପ୍ରେମ ପୂର୍ଣ୍ଣ ଥାଏ । ଭଗିଆ, ସାରିଆ, ନେତ ତିନି

ପ୍ରାଣୀ ଗୋଟିଏ ଘରେ ଶୁଅନ୍ତି । ସାରିଆ ନେତ ପଛରେ ତସୁ ଓ ଘଷି ଗୁଣ୍ଡାରେ ଗୋଟାଏ ଧୂଆଁ ଦିଏ । ନେତଟି ବଡ଼ ସୁଲକ୍ଷଣୀ , ହାଲକୁ ପ୍ରଥମେ ପଛରେ ଛଡ଼ାଟିଏ ଲାଗିଛି । ନେତର ସର୍ବାଙ୍ଗ କଳା, ମୁଣ୍ଡରେ ଚାନ୍ଦ । କାଳିଗାଈ ମୁଣ୍ଡରେ ଚାନ୍ଦ , ତାକୁ ଆଣି ଶ୍ରୀଘରେ ବାନ୍ଧ ।' ଶିଙ୍ଗ ପାତଳ, ଆଉ ଝାମ୍ପରା ; ଲାଞ୍ଜ ସରୁ, ଖୁବ୍ ଲମ୍ବା । ଲାଞ୍ଜ ଅଗରେ ଚଅଁରପରି ପେଣ୍ଡା ବାଳ ଭୁଇଁରେ ଲୋଟିଯାଉଛି । ପିଠିଟି ନୁଆଣ, ମୁଠୁଣିକରୁ ଊଣା ଚୌଡ଼ା , ପିଚାଟି ଚୌଡ଼ା , ହାକୁଡ଼ଟିଏ ସାନ ପାଣିକଖାରୁ ପରି ପିଠି ଆଡ଼କୁ ନଇଁପଡ଼ିଛି ବେକର ଥଳୀଟା, ଆଉ ଗାଈଠାରୁ କିଛି ବେଶି ଝୁଲୁଛି, ଦୁଧନାଡ଼ଟା ଗୋଟା ପାଳଦଉଡ଼ା ପରି ମୋଟା

ପହ୍ନା କଥା କ'ଣ କହିବୁ ? ''ପୟୋଧରୀଭୂତ ଚତୁଃସମୁଦ୍ରାଃ '' । ନେତ କଳିଙ୍ଗା ଗାଈ ପରି ଖୁବ୍ ଯେ ଗୋଟାଏ ଉଞ୍ଚା , ତାହା ନୁହେଁ, ମଧ୍ୟଭଳି । ଡାକରଷୀ ବଚନ ଅଛି-

''ପେଟେ ଉଞ୍ଚ ଗାଈ । ପଟେ କୁଣ୍ଡା ଖାଇ ।
ଘାସ ଦେଖି ବାଇ । ତା'ଠୁଁ ଦୁଧ ପାଇ ।'' କଥା କ'ଣ କି ଗାଈ ମୁହଁରେ ଦୁଧ । ତେବେ ଆପଣା କି ଠେକି ଧରି ଗାଈ ଥୋବଣିଟା ଦୁହିଁ ବସିବେ ? କଥା ସେପରି ନୁହେଁ, ଗାଈ ଗୋଟିକ କାଗଜକଳପରି । କଳମୁହଁରେ ଛିଣ୍ଡାକନା , ଛିଣ୍ଡାଦଉଡି , ପଚା ପନସି, ପଚା ତୁଳାଗୁଡାଏ ପୂରାଇଦେଲେ ପଛବାଟେ ସଫା, ଧଳା, ସୁନ୍ଦର , ଚିକ୍‌କଣ କାଗଜ ବାହାରିପଡେ । ସେହିପରି ଗାଈ ମୁହଁରେ କୁଣ୍ଡା , ପେଜ, ଘାସଗୁଡାକ ପୂରାଇଦିଅ, ପହ୍ନା ବାଟେ ଦୁଧ ବୋହିପଡିବ । ନେତର ଦୁଧର ପରିମାଣଟା ଆମମାନଙ୍କୁ ଜଣାନାହିଁ । ସେଦିନ ମଙ୍ଗରାଜଙ୍କ ଦରବାରରେ ନେତକଥା ପଡ଼ିଥିଲା । ସମସ୍ତେ ଅନୁମାନ କଲେ ଦୁଇଓଳି ପାଞ୍ଚ ସେରରୁ ଊଣା ନୁହେଁ । ମଙ୍ଗରାଜେ ଗୋଟାଏ ନିଃଶ୍ବାସ ପକାଇ କହିଲେ, ''ଏଁ ! ତନ୍ତୀ ବାପୁଡ଼ାର ଏମନ୍ତ ଗାଈ ?''

ଲୋକେ କହନ୍ତି , ''ପିତା ଗୁଣରେ ପୁତ୍ରୀ ''; ମାତ୍ର ଏ କଥା ମଧ୍ୟ ସତ- ''ବଂଶନାଶବେଳକୁ ଘୋଡ଼ା ମୁହାଁ ପୁଅର ଜନ୍ମ ।'' ଭଗିର ବାପ ଗୋବିନ୍ଦ ଚନ୍ଦ୍ର ଗାଁରେ ଜଣେ ସେରନ୍ତା ଲୋକ ଥିଲା । ନିଜ ଗାଁ ଛାଡ଼ି ଆଖପାଖ ଦୁଇ

ଚାରିଖଣ୍ଡ ଗାଁରେ ପଞ୍ଚୁଆତ ବସିଲା, ଗୋବିନ୍ଦ ଚନ୍ଦ୍ରକୁ ଡାକ । ଭାରୀ ଭାରୀ ମାମଲା ଝାଙ୍କିଲେ ଗୋବିନ୍ଦଙ୍କୁ ଖୋଜା ପଡ଼େ, ଅର୍ଥାତ୍ ପିଆଦା ସମନ ଆଣିଲେ କିମ୍ବା ଡାକରେ ବେରିଙ୍ଗ ଭାଷାଆସିଲେ, ଗୋବିନ୍ଦ ନ ଯିବା ପର୍ଯ୍ୟନ୍ତ ଲୋକମାନେ ଘରୁ ବାହାରୁ ନ ଥିଲେ । ଗୋବନ୍ଦ ନିଜେ ତନ୍ତୁ ବୁଣୁ ନ ଥିଲା, ତନ୍ତିମାନଙ୍କ ବୁଣାଲୁଗା କିଣିନେଇ ହାଟରେ ବିକେ କିମ୍ବା ଉପୁରି ମହାଜନ ଆସିଲେ ମାଲ ପଠାଇଦିଏ । ଏଥିରେ ତାହାର ଭଲ ପାଞ୍ଚପଇସା ହାତକୁ ଚଢୁଥିଲା । ଗୋବିନ୍ଦ ହାତରେ ହଜାର ହଜାର ଥିବାର ଲୋକ ଅନୁମାନ ବିଦ୍ୟାରେ ଗଣି ପକାଇଥିଲେ । ଲୋକମାନେ ଆପଣା ପରମାୟୁ ଓ ପରଧନକୁ ବେଶି ଦେଖନ୍ତି । ଯାହାହେଉ, ଗୋବିନ୍ଦ ଯେ ଦଶଟଙ୍କା ଅରଜିଥିଲା, ଏ କଥା ସତ । ଜମିଦାର ବାଘ ସିଂହ ବଂଶ ପଡ଼ି ଆସିବାବେଳେ ଖଣ୍ଡେ ଖଣ୍ଡେ ଜମି ବିକ୍ରି ହେଲା । ଗୋବିନ୍ଦପୁର ଗାଁତଳେ ଚକେ ଗହୀର ଜମି ଛମାଣ ଆଠଗୁଣ୍ଠ ବାହାଲି ନିଷ୍କର , ତାକୁ ଗୋବିନ୍ଦ କିଣିନେଇଥିଲା । ''ଗାଁ-ଧୋଉରାପାଣି ଯେଉଁଠି ପଶେ, ପଧାନ ହଳ ସେଇଠି ଚଷେ । '' ଅସ୍ୟାର୍ଥ -ପଧ ନ ଗ୍ରାମର ସର୍ବୋତ୍କୃଷ୍ଟ ଜମିଖଣ୍ଡ ଚାଷ କରେ । ଜମିଖଣ୍ଡରେ ଗାଁ ଧୋଉରା ପାଣି ପଶେ, ଭାରି କଳିନ୍ଦ , ପାଣିବହୁଳ ହେତୁରୁ ରାବଣା ଧାନ ହୁଏ । ''ଜମି ପାଇଲେ ସିଆଣା, ଧାନ ବୁଣିବ ରାବଣା । ହାତେ ଲମ୍ବ କାଢ଼ିବ ସୀଂସା ଝୁରି ମରିବେ ସାଇପଡ଼ିଶା । '' ଧୋଇ ନାହିଁ, ମରୁଡ଼ି ନାହିଁ ମାଣକୁ ଆଠଭରଣ ତ ଆଗେ ଥୋଇଦିଅ । ଭଗିଆ ତନ୍ତୀଲୋକ , ଚାଷ କରିବ କ'ଣ ? ବଖରା ଦେଇ ମାଣକୁ ପାଞ୍ଚ ନଉତି ଧାନ ପାଏ । ଭଗି ହୁଣ୍ଡା ହେଲେ କ'ଣ ହେବ, ତାହାର ଢ଼େର ସଦଗୁଣ ଥିଲା । ଶ୍ରାଦ୍ଧ , ମହଳା, ନାବାନ୍ନରେ ଜାତିଭାଇଙ୍କ ମୁହଁ ଧୁଆଏ, ଭାଟ ଭିକାରୀ ଦୁଆରୁ ଫେରନ୍ତି ନାହିଁ । 'ହାଉଡ଼ାର ଦୁଷ୍ମନ ନାହିଁ । ' ହୁଣ୍ଡା ହୁଣ୍ଡୀ କଥା କହି ଜାଣନ୍ତି ନାହିଁ, ଗାଁରେ କଳିହେଲେ କବାଟ କିଳି ଦିଅନ୍ତି । ଗାଁରେ ସମସ୍ତେ ଏମାନଙ୍କୁ ଭଲ ପା'ନ୍ତି । ଅଭାବ ସମସ୍ତ ଦୁଃଖର ମୂଳ । ଧନ, ବିଦ୍ୟା , ଖ୍ୟାତି , ସ୍ବାସ୍ଥ୍ୟ ପ୍ରଭୃତି କୌଣସି ବାଞ୍ଛନୀୟ ଲୋଭନୀୟ ଏବଂ ଅତ୍ୟାବଶ୍ୟକ ପଦାର୍ଥର ଅଭାବ ହେଲେ ଲୋକେ କଷ୍ଟ ଅନୁଭବ କରନ୍ତି । ଆମ୍ଭମାନଙ୍କ ତନ୍ତୁବାୟ -ଦମ୍ପତିର କୌଣସି ପଦାର୍ଥର ଅଭାବ

ନ ଥିଲା । ପବିତ୍ର ଦାମ୍ପତ୍ୟ ସ୍ନେହ , ବିଶୁଦ୍ଧ ପ୍ରେମ ଅଖଣ୍ଡ ସନ୍ତୋଷ , ନିରବଚ୍ଛିନ୍ନ ସ୍ବାସ୍ଥ୍ୟ , ସରଳ ଧର୍ମଭାବ ପ୍ରଭୃତି ସ୍ବର୍ଗୀୟ ଭାବମାନ ଯଦି ଆପଣ ଏକ ସ୍ଥାନରେ ସମାବେଶ ଦେଖିବାକୁ ଇଚ୍ଛା କରନି, ତେବେ ଆମ୍ଭେମାନେ ଏହି ଗ୍ରାମ୍ୟ ତନ୍ତୁବାୟ ପରିବାର ନାମ ଉଲ୍ଲେଖ କରିପାରୁଁ । ଆମେମାନେ ଆଜନ୍ମକାଳ ଦେଖି, ଶୁଣି, ପଢ଼ି ବୁଝିଅଛୁ ନିରବଚ୍ଛିନ୍ନ ସୁଖ ବିଧି ମନୁଷ୍ୟ ଲଲାଟରେ ଲେଖି ନାହାନ୍ତି । ତନ୍ତୁବାୟ ପରିବାର କି ଏହି ନୈସର୍ଗିକ ନିୟମର ବହିର୍ଭୂତ ? ମହାକବି କାଳିଦାସ ଲେଖିଛନ୍ତି , 'ପ୍ରାୟେଣ ସାମାଗ୍ର୍ୟବିଧୌ ଗୁଣାନାଂ ପରାଙ୍ମୁଖ ବିଶ୍ବସୃଜଃ ପ୍ରବୃତ୍ତି । ' ଏହି ମହାବଚନକୁ ବା ଅମର୍ଯ୍ୟାଦା କରିବୁଁ ।

ତେବେ ଏମାନେ କି ପୂର୍ଣ୍ଣ ସୁଖୀ ନୁହନ୍ତି ? କିଏ କହିବ; କିପରି ବା କହିପାରିବ ? ଶାଳଗ୍ରାମର ବସିବା ଶୋଇବା ସମାନ । ମନୁଷ୍ୟ ହୃଦୟଭାବ ହାସ୍ୟସ୍ପନ୍ଦନ ସ୍ରୋତ ଧରି ବାହାରିପଡ଼େ । ଏମାନେ ହସିବାର କେହି ଦେଖି ନାହିଁ, କାନ୍ଦିବାର କେହି ଶୁଣି ନାହିଁ । ଆମ୍ଭମାନଙ୍କ ପାଖରେ କିନ୍ତୁ କାହାରି କଥା ଲୁଚିବାର ବାଟ ନାହିଁ । ବଣୁଆ ମାନେ ଖୋଜର ମଡ଼ା ଧରିଧରି ଯାଇ ଜନ୍ତୁ ଭେଟନ୍ତି । ସେହିପରି ଆମ୍ଭେମାନେ ଲୋକମାନଙ୍କ କାର୍ଯ୍ୟସବୁର ପିଛା ଧରି ଧରି ସେମାନଙ୍କ ମନର ଭାବ ଧରିପକାଉଁ । ସେଦିନ ରାତିରେ ରୁକୁଣିମା ବୋହୂର ଷଠୀଘରକୁ ସାରିଆ ଯାଇଥିଲା, ପିଲାଟାକୁ ଚାହିଁଦେଇ ଚାଲିଆସିଲା , ବାଣ୍ଟଯାଏ ରହିଲା ନାହିଁ । ଘରକୁ ଆସି ପେଟ ଟାଣୁଛିବୋଲି କହିଲା, ଉପାସ ଶୋଇରହିଲା । ଆମ୍ଭେମାନେ ମଧ୍ୟଜାଣୁ ; ଅନେକ ରାତି ପର୍ଯ୍ୟନ୍ତ ନ ଶୋଇ ଏକଡ଼ ସେକଡ଼ ହେଉଥିଲା । ଭଗିଆ ଥରେ କହିଲା , ''ଦଇବତ ଦେଇନାହିଁ , ଦୁଃଖ କଲେକ'ଣ ହେବ ?'' କ'ଣ ଦେଇନାହିଁ କିଛି ତ ବୁଝାଗଲା ନାହିଁ ? ବାର ବରତରେ ସାରିଆର ଆଜିକାଲି ଭାରି ମନ । ବୁଢ଼ୀ ମଙ୍ଗଳାଙ୍କ ଠାରେ ବେଶି ବେଶି ଭକ୍ତି ଦେଖାଯାଉଅଛି । ଡ଼ାକ୍ତର ଆଉ ଓକିଲଙ୍କ ଦୁଆରେ କାହାକୁ ଦେଖିଲେ ବୁଝିନେବ , ସେହିଲୋକଟା ଉପରେ କିପରି ବିପଦ ପଡ଼ିଛି । ଆମମାନଙ୍କ ବୁଢ଼ୀମଙ୍ଗଳାଙ୍କଦ୍ବାରା ଡ଼ାକ୍ତର ଆଉ ଓକିଲ ଦୁଇ କାର୍ଯ୍ୟ ହୁଏ । ଗାଁରେ କାହାରିକିଛି ପୀଡ଼ାହେଲେ କିମ୍ବା ମାଲିମାମଲା ପଡ଼ିଲେ ମଙ୍ଗଳାଙ୍କର

କିଛିଲାଭହୁଏ । ମଙ୍ଗଳାଙ୍କଠାରେ ସାରିଆର ଭକ୍ତି ଦେଖି ବୁଝୁଅଛି, ତାହା ମନରେ କଷ୍ଟ ଜାତହୋଇଅଛି । ସାରିଆ ପିଣ୍ଡାରେ ବସି ନଟି ବୁଲାଉଥିବାବେଳେ ଦାଣ୍ଡରେ କୌଣସି ସାନପିଲା ଖେଳୁଥିବାର ଦେଖିଲେ ତାହା ହାତ ନଟେଇଟା ବୁଲେ ନାହିଁ । ଉଆଁସ ପୁନାଇରେ ଘରେ ପିଠାଟିଏ, ଛେନାଟିକିଏ ହେଲେ ସାରିଆ ନିଃଶ୍ବାସ ପକାଏ । ଭଗି ରାଣ ନିୟମ ପକାଇ ନ ଖୁଆଇଲେ ଖାଏ ନାହିଁ । ସେଦିନ ସାନ କସ୍ତା ଯୋଡ଼ଟିଏ ଜଣେ ଫରମାସ ଦେଇ ଭଗି ପାଖରୁ ବୁଣାଇ ନେଲା । ଯୋଡ଼ଟି ବୁଣା ଗଲା ବାଦ୍ ସାରିଆ ତାକୁ ଓଳିଏ ଯାଏ ଚଉତିବାବେଳେ ତା ଆଖିରେ ପାଣି ଢ଼ଳଢ଼ଳ ହେଉଥିବାର ଭଗି ଦେଖି ଗୋଟାଏ ଲମ୍ବନିଃଶ୍ବାସ ପକାଇଲା ।

--o--

# ଏକାଦଶ ପରିଛେଦ

**ଗୋବରା ଜେନା :**

ତନ୍ତୀସାହିକୁ ଚାରିଶ ପାଞ୍ଚାଶ କଦମ ଦୂର ବିଲ ମଝିରେ ଡ଼ମସାଇ । ଏଟା ଅଲଗା ମୌଜା ନୁହେଁ , ଗୋବିନ୍ଦ ସାମିଲ । ସେଠାରେ ଦଶଘର ଡ଼ମ ଆଉ ଗୋବରା ଜେନା ଚୌକିଦାର ଘର । ଗୋବରା ଜେନା ନିଜ ମୌଜାରେ ଚୌକିଦାର ; ତା'ର ଦେଢ଼ମାଣ ଚୌକିଆ ଜାୟଗିରି ଅଛି , ଏ ସିବାୟ ଫି ଘରୁ ଧାନକଟା ସମୟରେ ଗୋଟାଏ ଲେଖାଏଁ ହଳା ପାଏ । ଜେନା ମଜବୁର ଆପଣା କାମରେ ଖୁବ୍ ହୁସିଆର । ତାହା ଯୋଗେ ଗ୍ରାମରେ ଚୋରି ଚପାଟି ହୁଏ ନାହିଁ । ଫି ବରଷ ଗ୍ରାମ ମଧ୍ୟରେ ଚାରି ପାଞ୍ଚନମ୍ବର ସୀନ୍ଧିହୁଏ ସତ୍ୟ ; କିନ୍ତୁ ଜେନା ମଜବୁରର କିଛି ଦୋଷ ନାହିଁ; କାରଣ ସେହି ସବୁ ଚୋରି ରାତିରେ ଜେନା ପୁଅ ଜାତିଆଣ କାମରେ ଚାର୍‌ିପାଞ୍ଚକୋଶ ଦୂରବର୍ତ୍ତୀ ଗ୍ରାମକୁ ଯାଇଥାଏ । ଚୌକିଦାର ସାରାରାତି ଗ୍ରାମରେ ପହରା ଦିଏ ; ମାତ୍ର ସେ ଏପରି ହୁସିଆରରେ ପହରା ଦିଏ ; ଯେ, ସେ କଥା କେହି କେତେବେଳେ ଜାଣିପାରନ୍ତିନାହିଁ । ପାଟିକରି ପହରା ଦେଲେ ତୁଣ୍ଡଶୁଣି ଚୋରଯେ ପଳାଇଯିବେ । ପୁରୁଣା ପୋଲିସ ଭାରି ଲାଞ୍ଚଖିଆ ଥିଲେ, ଏପରି ଗୋଟାଏ ପ୍ରବା ଦ ଅଛି । ସତ ମିଛ ଜଗନ୍ନାଥ ଜାଣନ୍ତି । ଲୋକମାନଙ୍କ ପାଟିରେ କିଏ ହାତଦେବ ? ବାଘ ମଣିଷ ଖାଏ - ସବୁବାଘ ଗୁଡ଼ାକ ମଣିଷଖିଆ ? ସାଧୁସଚରିତ୍ର ବାଘ କି ଦୁନିଆରେ ନାହାନ୍ତି ? ଆମମାନଙ୍କ ଜେନାପୁଅ ସେହିପରି ଜଣେ ସାଧୁ ସଚ୍ଚରିତ୍ର ଲୋକ । ଆପରାର ହକ୍ ଅର୍ଥାତ୍ ବାର୍ଷିକ ହଳା , ବାହାପୁଆଣିରେ ଖଦୀ ମୂର୍ତ୍ତି ଏ , ଉପରି ବରଠାରୁ ଚୌକିଆ ରୋସମ ଟଙ୍କାଟିଏ , ଆଉ ମଲାମରୁଡ଼ିରେ ଭାତିଆ ବାବଦକୁ କିଛି ଖର୍ଚ୍ଚ ପିଢ଼ାରୁ ଲାଉ କଖାରୁଟାଏ ଛଡ଼ା କାହାଠାରୁ କିଛି ଲାଞ୍ଚ ରିସପତ୍ ଛୁଏଁ ନାହିଁ । ଆଉ ଚୋରି, ସାପକାମୁଡ଼ା , ଜଳବୁଡ଼ିମାମଲା ପଡ଼ିଲେ ପୋଲିସରେ ଏତଲା ଖର୍ଚ୍ଚ । ଟଙ୍କାଟିଏ , ସେ ତ ଆଇନ୍‌ରେ ଅଛି, ସେଥିରେ ଚୌକିଆର କ'ଣ ଇଲାକା ? ବରଞ୍ଚ ଗୋବର୍ଦ୍ଧନ ଭାରୀ ଦୟାଳୁ ଲୋକ, କେହି ଗରିବ ଉପରେ ମାମଲା ପଡ଼ିଲେ କଂସାଖଣ୍ଡି ଢ଼ାଳଟି ନେଇ କାମ ତୁଲାଇନିଏ ।

ମାସକୁଥରେ ପୋଲିସରେ ରିପୋର୍ଟ ଦେବାକୁ ଯିବାବେଳେ ଗ୍ରାମରୁ କଦଳୀ କାନ୍ଦିଟା , ଲାଉ , କଖାରୁ ପୁଞ୍ଜାଏ ମୁନ୍ସି ଜମାଦାର ବରକନ୍ଦାଜ ସକାଶେ ନେବାରେ ତ ସୁବାମତି କଥା । କାମ ଝଞ୍ଜ ଟ ହେତୁରୁ ଜେନାପୁଅ ରାତିଓଳିଟା ଘରୁଭାତ ଖାଇପାରେ ନାହିଁ । ପାଳିକରି ଗାଁ ଲୋକଙ୍କ ଘରୁଖାଏ ଯାହାଘରୁ ଯେଉଁଦିନ ଖାଇବାର ବେଳ ଥାଉଁ ଥାଉଁ ମୁଠାଏ ଚାଉଳ ପକାଇବା ସକାଶେ କହିଯାଏ । ଖଞ୍ଜ ଅଖଞ୍ଜରେ ଭାତ ହେଇନପାରିଲେ ଜେନାପୁଅ ସେଦିନ ରାତିରେ ତାହା ଘର ପହରା କାମରେ ଢ଼ିଲା କରିଦିଏ । ଚୋରମାନେ ତକ୍ଷଣେ ଏ କଥା ଜାଣିପାରି ସେଦିନ ରାତିରେ ତାହା ପିଢ଼ା ବା ବାଡ଼ିରୁ ଫଳ କଦଳୀଟା କିମ୍ବା ବିଲରୁଧାନ ଚୋରି କରି ଘେନିଯାଆନ୍ତି କିମ୍ବା କିଛି ନପାଇଲେ ତାହା ଦାଣ୍ଡ ଦୁଆର ଖୁମ୍ବଟା ଭାଙ୍ଗି ଦେଇଯାଆନ୍ତି । ଗୋବର୍ଦ୍ଧନ ଗାଁରେ ଭାତ ଖାଇସାରି ଆପଣା ଘର ପର୍ଯ୍ୟନ୍ତ , 'ଗାଁଲୋକେ ହୁସିଆର୍ , ଘରବାଲେ ଖବରଦାର, ପାଟିକରି ଡ଼ାକ ଦିଏ । ଚେଇଁଥିବା ପିଲା ମାନେ ସେ ଡ଼ାକଶୁଣି ଶୋଇପଡ଼ନ୍ତି । ତାହା ବାଦ୍ ସେ ଗାଁରେ ସାରା ରାତି ପହରା ଦିଏ , ଏ କଥା କାହାକୁଜଣା ପଡ଼େନାହିଁ । ଗୋବରା ଜେନାକୁ ଗୋଟା ପାଣ ମଧ୍ୟରେ ଗଣିବ ନାହିଁ । ହଜାରେ ପାଞ୍ଚଶ ଗଣିଦେବାର ଲୋକ । ଧାନ ପାଞ୍ଚ ସାତ ଭରଣ ମଧ୍ୟ ଘରେ ସାଇତି ଅଛି । ଯେ ଯେଡ଼େ ହୁସିଆର ହେବ , ଆପଦ ବିପଦ କାହାରିକୁ ଛାଡ଼ିନାହିଁ । ଥରେ ଗୋଟାଏ ଚୋର ମାମଲା ତାହା ଉପରେ ଝୁଙ୍କିଥିଲା । ଶୁଣିବାରେ ଅଢ଼େଇଶ ଟଙ୍କା ମୁନିସ୍‌କୁ ପେଲିଦେଇ ଖଲାସ ପାଇଲା । ସେ ମାମଲାର ହାଲ ଏହିକି , ମାଖନପୁରି ମୌଜାର ଭୁବନିଶା' ତେଲୀ ମହାଜନ ଘର ଡ଼କାଇତି ମୋକଦ୍ଦମାରେ ଆଠ ଜଣ ଡ଼ାକାଇତ ଗ୍ରେପ୍ତାର ହୋଇଥିଲେ । ଗୋବରା ଜେନା ସହ୍ଲାରେ ସେହି ଡ଼କାଇତି ହୋଇଥିବାର ଏବଂ ଆହୁରି ଦଶ ପନ୍ଦର ନମ୍ବର ଚୋରିରେ ତାହାର ସହ୍ଲାଥିବାର ଏବଂ ଚୋରାମାଲ ସବୁ ତାହାଦ୍ବାରା ବିକ୍ରି ହୋଥିବାର ଆସାମୀମାନଙ୍କ ମଧ୍ୟରେ ଦିକଡ଼ିଆ ପାଣ ପ୍ରକାଶ କଲା ; ମାତ୍ର ଆଉ ଆଉ ଆସାମୀ ମାନେ ଏ କଥା ଅସ୍ବୀକାର କରିବାରୁ ଗୋବରା ଦେହକୁ ଆଞ୍ଚ ଲାଗିଲା ନାହିଁ ।

ଗୋବରା ଜେନାଙ୍କ ଯୋଗ୍ୟତାରେ ମଙ୍ଗରାଜେ ତାହା ଉପରେ ଭାରିଖୁସି । ସେ ସକାଳ ସଞ୍ଜବେଳେ ମଙ୍ଗରାଜଙ୍କ କଚେରୀରେ ହାଜର ଥାଏ । ଅଧରାତିବେଳେ ଗୋବରା ଓ ମଙ୍ଗରାଜ ନିରୋଳାରେ ବସିଥିବାର ଲୋକ ଦେଖିଛନ୍ତି । ଫତେପୁର ସରଷଣ୍ଡ ତାଲୁକାରେ ଅନେକ ପାଣଙ୍କ ଘର ଅଛି । ସେମାନେ ଚୋରି, ଡ଼କାୟତି, ରାହାଜାନୀ ବ୍ୟବସାୟୀଥିବାର ଲୋକେ ସନ୍ଦେହ କରନ୍ତି । ପୋଲିସ ଏବଂ ଜେଲଖାନା ସହିତ ଘନିଷ୍ଠ ସମ୍ବନ୍ଧ ଏହି ସନ୍ଦେହର କାରଣ ଅଟେ । ଗୋବର୍ଦ୍ଧନର ଗୋଟିଏ ମହତ୍ ଗୁଣ , କୌଣସି ପାଣ ଜେଲ୍ ଗଲେ ତାହାର ଅସହାୟ ପିଲା ବାଳକଙ୍କୁ ଚଳାଏ ଏବଂ ମଙ୍ଗରାଜଙ୍କ ଖମାରରୁ ଦାନ ଦିଆଦିଏ ; ମାତ୍ର ନିନ୍ଦୁକ ଲୋକର ନିନ୍ଦାକଥା କାହିଁ ଛାଡ଼ ନାହିଁ ; ଲେକମାନେ ଗୋବର୍ଦ୍ଧନର ଏହି ସଦ୍‌ଗୁଣର ଅନ୍ୟ ପ୍ରକାର ଅର୍ଥ କରନ୍ତି । ସେଥି ସଙ୍ଗେ ମଙ୍ଗରାଜଙ୍କ ଦାତବ୍ୟତା ଉଲ୍ଲେଖ କରିବା ମଧ୍ୟ ଗୋଟିଏ ଭାରି ଖରାପ କଥା ଅଟେ ।

--o--

# ଦ୍ବାଦଶ  ପରିଚ୍ଛେଦ

**ଅସୁର ଦୀଘି:**

ଗୋବିନ୍ଦପୁର ମୌଜାର ଗୋଟିଏ ମାତ୍ର ପୋଖରୀ; ଗ୍ରାମର ସମସ୍ତଲୋକ ଏଥିରେ ଜଳ କାରବାର କରନ୍ତି । ପୁଷ୍କରିଣୀଟା ଖୁବ୍ ବଡ଼, ଆଡ଼ ଦୀର୍ଘ ନଳି ଦେଲେ ଦଶବାର ବାଟିରୁ ଊଣା ପଡ଼ିବ ନାହିଁ । ନାମ ଅସୁର ଦୀଘି । ଏଥିରେ ପୂର୍ବେ ଷୋଳଟା ଦୀପଦଣ୍ଡିଥିଲା , ଦେବତା ବଳିଆରରୁ ସବୁ ଡୁବିଇଅଛି । ଚାରିପାଖ ଆଡ଼ି ବଗଚରା-ଠାରୁ ଦଶବାରହାତ ଉଚ୍ଚ । ଏ ପୋଖରୀଟି କେତେକାଳର, କିଏ ଖୋଳାଇଛି ଏଥିର ସଟୀକ ବୃତ୍ତାନ୍ତ ଆମ୍ଭେମାନେ କହିବାକୁ ଅକ୍ଷମ । ଶୁଣିବାରେ ଅସୁରମାନେ ଖୋଳିଛନ୍ତି ଅସମ୍ଭବ ନୁହେଁ । ଏଡ଼େବଡ଼ ଜଳକୀର୍ତ୍ତି ଯେ କରିପାରେ, ସେ କି ଆମ୍ଭମାନଙ୍କପରି ମନୁଷ୍ୟ ? ଗ୍ରାମର ପ୍ଚାନବେ ବର୍ଷର ବୁଢ଼ା ଏକାଦୁଶିଆ ତନ୍ତୀ ମୁହଁରୁ ପୁଷ୍କରିଣୀ ସମ୍ବନ୍ଧରେ ଯେଉଁ ଇତିହାସ ସାର ସଂଗ୍ରହ କରିଅଛୁ , ତାହାର ସଂକ୍ଷିପ୍ତ ବୃତ୍ତାନ୍ତ ଏହି- ବାଣାସୁର ଏହି ପୋଖରୀ ଖୋଳାଇଛି । ସେ ଆପଣା ହାତରେ କୋଡ଼ି ଗାଣ୍ଡୁଆ ଧରି ଖୋଳିନାହିଁ । ତାହା ହୁକୁମରେ ଅସୁର ମାନେ ଆସି ରାତିକ ମଧରେ ଖୋଳିପକାଇଲେ । ଖୋଳୁ ଖୋଳୁ ରାତି ପାହିଗଲା । ଦକ୍ଷିଣ ଆଡ଼ିଆ କୋଣରେ ବାର ଚଉଦ ହାତ ଓସାରର ଗୋଟିଏ ମୁହାଁଣ ଅଛି , ସେଠାରେ ମାଟି ପଡ଼ିପାରିଲା ନାହିଁ । ଦାଣ୍ଡରେ ଲୋକ ବୁଲ ଚାଲ ହେଲେଣି, ଅସୁରମାନେ ଏବେ ଯାଆନ୍ତି କୁଆଡ଼େ ? ପୋଖରୀ ମଧରେ ବିଲ ଖୋଳି ଗଙ୍ଗାକୂଳରେ ବାହାରି ପଡ଼ିଲେ । ସେଠାରେ ଗଙ୍ଗା ସ୍ନାନକରିପଳାଇଲେ । ଆଗେ ଗଙ୍ଗାସାଗରରେ ବାରୁଣୀ ପଡ଼ିଲେ ଅସୁର ଦୀଘୀକୁ ପାଣିତେଣ୍ଡି ଆସୁଥିଲା ;ଗ୍ରାମରେ ବହୁତ ଅନାଚାର ହେବାରୁ ଏଣିକି ଆଉ ପାଣି ଆସୁ ନାହିଁ । ଇଂରେଜୀ ପଢ଼ୁଆ ବାବୁମାନେ ସାବଧାନ! ଆମମାନଙ୍କର ଏକାଦୁଶୀ ଚନ୍ଦଙ୍କ ଇତିହାସ ଶୁଣି ହସିବେ ନାହିଁ , ତାହେଲେ ମାର୍ଶମାନ୍ ଆଉ ଟଡ୍‌ଙ୍କ ଲେଖାରୁ ଆଠପଣି କାହିଁ ଉଡ଼ିଯିବ ।

ଦୀଘିରେ ମାଛଅଛନ୍ତି । ଆପଣ କହିବେ , ଯହିଁ ପାଣି ତହିଁ ମାଛ ଏ କଥା ଲେଖିବାର ଦରକର କ'ଣ ? ମାତ୍ର ଆପଣଙ୍କ କଥାଟା ଯୁକ୍ତିସଙ୍ଗତ ହେଲା ନାହିଁ । ଆଖୁ ସହିତ ଗୁଡ଼ର , ଦେହ ସହିତ ହାଡ଼ର ଯେମନ୍ତ ନିତ୍ୟ ସମ୍ବନ୍ଧ , ପାଣି ସହିତ ମାଛର ସେପରି କିଛି ନାହିଁ । ତାହାଲେ ଆପଣଙ୍କ ଘର ପାଣିମାଠିଆରୁ ତ ମାଛ ବାହାରୁଥାନ୍ତେ ? ଅନୁମାନ ବା ଅଯୌକ୍ତିକ କଥା ଲେଖିବା ଆମମାନଙ୍କର ଅଭ୍ୟାସ ନୁହେଁ । ଅସୁର ଦୀଘିରେ ଯେ ମାଛ ଅଛନ୍ତି ଆମେମାନେ ସେଥିରେ ଅକାଟ୍ୟ ପ୍ରମାଣ ଦେବୁଁ । ଏହି ଦେଖନ୍ତୁ , ଦକ୍ଷିଣ ଆଡ଼ିଆରେ ପାଣିକୁ ପାଞ୍ଚହାତ ଛାଡ଼ି ଆଁ କରି ସାନ ବଡ଼ ତିନି ଗୋଟା ଥଣ୍ଟିଆକୁମ୍ଭୀର ପଡ଼ିଅଛନ୍ତି । ସବୁଦିନେ ପଡ଼ନ୍ତି । ଏମାନେ କି ସକାଶେ ଦୀଘିରେ ଅଛନ୍ତି ? କ'ଣ ଖାଇ ବଞ୍ଚନ୍ତି ? ସେମାନେ କି ଗୋରୁଗାଈ ପରି ପଡ଼ିଆରେ ଘାସ ଚରିବାରେ କେହି ଦେଖିଅଛନ୍ତି ? ନା, ଜୈନମାନଙ୍କ ପରି ଅହିଁସା ପରମ ଧର୍ମ ଜାଣନ୍ତି ? ଅବଶ୍ୟ ଦୀଘିରେ କୌଣସି ପଦାର୍ଥ ଖାଇ ବଞ୍ଚିଅଛନ୍ ତି ? ସେ କି ପଦାର୍ଥ ? ଥଣ୍ଟିଆକୁମ୍ଭୀର ମାନଙ୍କର ଆଉ ଗୋଟିଏ ନାମ ମାଛୁଆ କୁମ୍ଭୀର , ଅର୍ଥାତ୍ ଏମାନେ ମାଛଖାଆନ୍ତି । କେହି କହିବେ , ଏମାନେ ମାଛଖାଆନ୍ତି ସତ୍ୟ , ଆଉ ସ୍ଥାନରୁ ମାଛ ଆଣି ଖାଆନ୍ତି । ହାଟରେ ମାଛ ଶୁକୁଆ ମିଳେ ସତ୍ୟ , ମାତ୍ର ଏମାନେ ପଇସା ନେଇ ହାଟକୁ ମାଛ କିଣିବାକୁ ଯିବାର ତ କେଭେ ଦେଖାନାହିଁ । ଆଉ ଗାଁଆକୁ କେଉଟୁଣି ମାନେ ମାଛବିକିବାକୁ ଆସିଲେ ଗାଁ ମାଈକିନିଆମାନେ ଧାନ ଚାଉଳ ଦେଇ ମାଛ ବଦଳାନ୍ତି । ଆମ୍ଭେମାନେ ଶପଥ କରି କହିପାରୁ , କୁମ୍ଭୀରମାନେ ତ ସେପରି ଧାନଚାଉଳ ଦେଇ ମାଛ ବିଣିବାର କେଭେ ଦେଖିନାହୁଁ । ସୁତରାଂ ପ୍ରମାଣ ହେଲା , ଦୀଘିରେ ମାଛ ଅଛନ୍ତି । ଏତିକି ଯେ ଯଥେଷ୍ଟ ପ୍ରମାଣ ତାହା ନୁହେଁ , ଆହୁରି ମଧ୍ୟ ଅନେକ ଅକାଟ୍ୟ ପ୍ରମାଣ ଅଛି । ଏହି ଦେଖନ୍ତୁ ଚାରିଟା କାଦୁଅଗୁଣ୍ଡି ଗୋଟିପୁଅ ପିଲାଙ୍କ ପରି ନାଚକୁଦି ବୁଲୁଅଛନ୍ତି । ତୋଡ଼ୀ ପିଲାଟିର, ଦଣ୍ଡେଇ ପିଲାଟିର ବେକ ଚିପୁଛନ୍ତି ବୋଲି ସିନା ଏତେ ନାଚକୁଦ । କେହି କହିବେ, କାଦୁଅଗୁଣ୍ଡିଗୁଡ଼ାକ କି ନିଷ୍ଠୁର , କି ଦୁଷ୍ଟ , ପରର ବେକ ଚିପି ଏତେ ଆନନ୍ଦ ! ଭାଇ, କ'ଣ କହିବୁଁ ! ବିଚାରୀ କାଦୁଅଗୁଣ୍ଡିକୁ ନିଷ୍ଠୁର ବୋଲ , ସଇତାନ ବୋଲ,

ଯାହା ବୋଲ ସେ କିଛି ତୁମ ନାମରେ ହୁରମତ ବାହାରର ନାଲିସ୍ ରୁଜୁକରିବ ନାହିଁ ; କିନ୍ତୁ ଜାଣିବ , ତୁମ ମନୁଷ୍ୟ ଜାତିଭାଇ ମଧ୍ୟରେ ସେ ଯେତେ ବେକ ଚିପିପାରେ , ସେ ଯେ ତେଡ଼େ ବାହାଦୂର, ସାହି ମାନ୍ୟ , ସେହି ଗଣ୍ୟ , 'ସ ଚ ଦର୍ଶନୀୟ ' ଏ କଥା କି ଜାଣନ୍ତି ନାହିଁ ? ଚାରିପାଞ୍ଚ ଗଣ୍ଡା ଧଳା ବଗ , ଚାରି ପାଞ୍ଚ ଗୋଟି କାଣ୍ଠିବଗ ନୀଚ ଲୋକ ମୂଲିଆଙ୍କ ପରି ସକାଳୁ ସନ୍ଧ୍ୟାବେଳ ଯାଏଁ କାଦୁଅ ଚକଟୁ ଛନ୍ତି । ଦୀଘିରେ ମାଛ ଥିବାର ଏହା ତୃତୀୟ ପ୍ରମାଣ । ଯୋଡ଼ାଏ ପାଣିକାଉ କେଉଁ ଦେଶରୁ ଉଡ଼ିଆସି ଦୀଘି ମଧ୍ୟରେ ଦୁଇ ଚାରି ଡୁବମାରି ପେଟ ପୁରାଇ ଫର କରି ଉଡ଼ିଗଲେ । ଗୋଟାଏ ପାଣିକାଉ ମେମେସାହେବଙ୍କ ଗାଉନ୍ ପରି କୂଳରେ ବସି ଡ଼େଣା ସୁଖାଉ ଅଛି । ସେ ହିନ୍ଦୁଧର୍ମୀ ବଗମାନେ , ଇଂରେଜ ପାଣିକାଉଙ୍କୁ ଦେଖ, କେଉଁ ଦେଶରୁ ଖାଲି ପକେଟରେ ଉଡ଼ିଆସି ଚେଙ୍ଗ ବେଙ୍ଗ ଗଡ଼ିଶାରେ ପେଟପୁରାଇ ଚାଲିଗଲେ । ଦୀଘି କୂଳର ବରଗଛରେ ତୁମ୍ଭମାନଙ୍କ ବସା , ଦିନଯାକ ପାଣି ଚକଟି ଚକଟି ଦଣ୍ଡେଇ ପିଲା , କେରାଣ୍ଡି ପିଲାରୁ ଅଧିକ କିଛି ପାଉନାହିଁ । ଜୀବନ ସଂଗ୍ରାମ କାଳ ଉପସ୍ଥିତ , ଏଣିକି ଆହୁରି ପଲ ପଲ ପାଣିକାଉ ଆସି ଚେଙ୍ଗ ବେଙ୍ଗ ସବୁ ବହି ନେଇଯିବେ । ତୁମ୍ଭେମାନେ ବିଦେଶକୁ ଯାଇ ସମୁଦ୍ର ପହଁରି ନ ଶିଖିଲେ ଆଉ ରକ୍ଷା ନାହିଁ ।

ଚିଲ ଖୁବ ସିଆଣା, ଭାରି ହୁସିଆର, ଗୁରୁ ଗୋସାଇଁଙ୍କ ପରି ଡ଼ାଳରେ ତୁନି ହୋଇ ବସିଅଛି , ଥରେ ପାଣିକି ଝାମ୍ପିପଡ଼ି ଯାହା ଉଠାଇ ନିଏ , ସେଥିରେ ତାହାର ଦିନକ କଟିଯାଏ । ଗୋସେଇଁମାନେ ବରଯାକ ପିଣ୍ଡାରୁ ଓହ୍ଲାଇ ନାହିଁ, ବରଷକୁ ଥରେ ଶିଷ୍ୟ ଦୁଆରକୁ ଝାମ୍ପମାରନ୍ତି । ବଗଚରାଠରୁ ଚାଳିଶ ପାଞ୍ଚଶ ହାତ ଦୂର ପାଣିଯାଏ ବଉଳମାଳା ଦଳ ଶିଙ୍ଗଡ଼ା ପୂର୍ଣ୍ଣ । ସେହି ଦଳ ମଧ୍ୟରୁ ହିନ୍ଦୁଘର ଭୁଆଷୁଣୀଙ୍କ ପରି କଇଁଗୁଡ଼ିକ ରାତିରେ ତୁନି ତୁନି ଫୁଟନ୍ତି , ଦିନବେଳେ ତୁଙ୍କିଡ଼ାଙ୍କି ରହନ୍ତି । ସେଥିମଧ୍ୟରେ ପାଣିଶିମୂଳି ଫୁଲଗୁଡ଼ିକ ଅଭିଆଡ଼ୀ ଝିଅଙ୍କପରି ଲାଜ ନାହିଁ , ସରମ, ଦିନରାତି ପବନରେ ଫକ୍‌ଫକ୍ ଡ଼େଉଁଛନ୍ତି ପାଣିଭିତରକୁ ରତାକଇଁ । ଏମାନେଶିକ୍ଷିତା ଖ୍ରୀଷ୍ଟ୍ ଟାନ୍ ଲେଡ଼ି, କଇଁଦଳରୁ ବାହାରିଗଲେଣି , ପଦ୍ମ ଦଳରେ ମିଶିପାରି ନାହାନ୍ତି । ଦୀଘିମଝିରେ ଦଳ ନାହିଁ । ରାତିରେ ବୁଢ଼ୀମଙ୍ଗଳା ଠାକୁରାଣୀ ବୁଲନ୍ତି । ସେଥିସକାଶେ ଦଳ

ହୋଇପାରେ ନାହିଁ । ଭାରତ କବିଙ୍କର ସର୍ବସ୍ବ ଧନ ଲକ୍ଷ୍ମୀଙ୍କର ନିବାସ , ସରସ୍ବତୀଙ୍କର ଆସନ , ବ୍ରାହ୍ମଣଙ୍କର ଜନ୍ମସ୍ଥାନ ପଦ୍ମ ବନରେ ପୂର୍ଣ୍ଣ । ଫୁଲଗୁଡ଼ିକରେ ଠାକୁରାଣୀଙ୍କର ଷୋଳପଣି ଅଧିକାର । ଜଣେ ଲୋକ ଥରେ ଗୋଟାଏ ଫୁଲ ଆଣିବାକୁ ପହଁରି ଯାଇଥିଲା । ଠାକୁରାଣୀ ତାହା ଗୋଡ଼ରେ ଶିକୁଳି ଲଗାଇ ପାଣିଭିତରକୁ ଭିଡ଼ିନେଲେ । ସେହି ଦିନଠାରୁ ଆଉ କେହି ଫୁଲକୁ ଅନାଏ ନାହିଁ ।

ଅସୁର ଦୀଘିରେ ଚାରିଟାତୁଠ , ଧରିବାକୁ ଗଲେତିନିଟା । ଦକ୍ଷିଣ ତୁଠଟାକୁ କେହି ଯାଆନ୍ତି ନାହିଁ । ଗ୍ରାମରେ କେହିମରିଗଲେ ସେହି ତୁଠରେ ଦଶାହକ୍ରିୟା ହୁଏ । ଏହି ତୁଠଟା ବଡ଼ ଭୟଙ୍କର ସ୍ଥାନ , ରାତି ତ ରାତି , ଦିନବେଳେ ମଧ୍ୟ ସେଠାକୁ କେହି ଯିବାର ଦେଖିନାହିଁ । ଏହି ତୁଠ ଉପରକୁ ଭାରି ବଡ଼ ଗୋଟାଏ ଅଶ୍ବତ୍ଥ ଗଛ ଅଛି, ସେଥିରେ ସର୍ବଦା ଯୋଡ଼ିଏ ବ୍ରହ୍ମଦୈତ୍ୟ ଥିବାର ସମସ୍ତଙ୍କୁ ଜଣା । ଅଧରାତିରେ ଦୈତ୍ୟମାନେ ଗଛ ଅଗରେ ବସି ଦୀଘି ମଝିଙ୍କୁ ଗୋଡ଼ ଲମ୍ବାଇ ଦେଇଥିବାର ଅନେକ ଅନେକ ଲୋକ ଦେଖିଛନ୍ତି । କିଏ କିଏ ଦେଖିଛନ୍ତି , ନାମ ଜଣା ନାହିଁ; କିନ୍ତୁ ଦେଖିବାର ସତ । ଆହୁରି ମଧ୍ୟ ଏହି ଆଡ଼ିରେ ଅନେକ ପିତାଶୁଣି, ଡାଙ୍କୁଣି ସବୁଦିନେ ଘରକରି ରହି ଅନ୍ଧାର ରାତିରେ ଆଲୁଅ ଜାଳି ମାଛଧରୁଥିବାର , ବିଶେଷରେ ବର୍ଷାର ଅନ୍ଧାର ରାତିରେ ପଲ ପଲ ହୋଇ ବୁଲୁଥିବାର ପ୍ରତ୍ୟକ୍ଷ ପ୍ରମାଣ ଯଥେଷ୍ଟ ଅଛି । ପୂର୍ବ ତରଫରେ ଧୋବାତୁଠ । ଦୁଇ ଜଣେ ଧୋବା ଇଶ୍ ଇଶ୍ , ରାମ ରାମ କହି ପଥର ଉପରେ ଲୁଗା ବାଡ଼ଉଛନ୍ତି । 'ଗାଁ ପରିଗୁଣ ଧୋବାତୁଠରୁ ଜଣା । ' ଅଖାପାଲ ପରି ମୋଟା ମୋଟା ଶଗଡ଼େ ମଇଳା ଲୁଗା ଗଦା ହୋଇଅଛି । ଲୁଗା ସିଝାଇବା ଶୁଖାଇବା କାମରେ ଚାରି ଜଣ ଧୋବଣୀ ଲାଗିଛନ୍ତି । ଉତ୍ତର ପଶ୍ଚିମ କୋଣରେ ତନ୍ତୀତୁଠ । ଗାଁ ମଝାଲରେ ଥିବାରୁ ସେଠାରେ ସକାଳେ ମାଈକିନିଆ ମାନଙ୍କର ହାଟ ବସେ । ହାଟ ନାମ ଶୁଣି ଆପଣମାନେ କହିବେ ନାହିଁ ଯେ , ଏଠାରେ କିରା ବିକାହୁଅନ୍ତି । ପାଟି ଆଉ ଜନତା ସଙ୍ଗରେ ସମାନ ଥିବାରୁ ହାଟ କହିଲୁ । ରାନ୍ଧୁଣୀ ଗାଧୁଆ ବେଳେ ଭାରି ଭିଡ଼ହୁଏ । ଗ୍ରାମରେ ଡ଼େଲି ନିଉଜ୍ ଖବର କାଗଜ ଛାପା ହେଉଥିଲେ, ସମ୍ପାଦକଙ୍କୁ ସମ୍ବାଦ ସଂଗ୍ରହ ନିମନ୍ତେ

ଅଧିକ ପରିଶ୍ରମ କରିବାକୁ ହୁଅନ୍ତା ନାହିଁ । ଖଣ୍ଡେ ପେନ୍‌ସିଲ୍ କାଗଜ ଘେନି ଏହିଠାରେ ବସିଲେ ସମସ୍ତ ସଂଗ୍ରହ କରିପାରନ୍ତେ । ଗଲା ରାତିରେ କାହା ଘରେ କ'ଣ ରନ୍ଧା ହୋଇଥିଲା ; ଆଜି ରାନ୍ଧଣାର ବ୍ୟବସ୍ଥା , କିଏ କେତେ ବେଳେ ଶୋଇଲା , କାହାକୁ କେତେ ମଶାକାମୁଡ଼ିଲା, କାହା ଘରେ ଲୁଣ ନ ଥିଲା , କିଏ ତେଲ ଟିକିଏ କାଲି ଆଣିଛି , ରାମାମା ଘର ନୂଆ ବୋହୂଟା ବଡ଼ କଳିହୁଡ଼ୀ, କାଲିଆସିଲା ଆଜି ଶାଶୁକୁ ଜବାବ ଦେଲାଣି, କମଳୀ କେବେ ଶାଶୁଘରକୁ ଯିବ , ସରସ୍ବତୀ ଝିଅ ବଡ଼ ଭଲ, ରାନ୍ଧେ ଯେପରି ଲାଜସରମ ସେହିପରି । ପଦୀ ପାଣିରେ ବସି ଦାନ୍ତ ଘଷୁଘଷୁ ଗୋଟିଏ କ୍ଷୁଦ୍ର ବକ୍ତୃତା ଆରମ୍ଭ କରିଅଛି । ସାରମର୍ମ , ତା'ପରି ରାନ୍ଧୁଣୀ ଗ୍ରାମରେ ନାହାନ୍ତି , ଇତ୍ୟାଦି ଇତ୍ୟାଦି । ଦରକାରୀ ବେଦରକାରୀ କଥାମାନ ଅବିଶ୍ରାନ୍ତ ଚଳୁଅଛି । କେତେ ଜଣ ସୁନ୍ଦରୀ ମୁଖର ଆହୁରି ସୌନ୍ଦର୍ଯ୍ୟ ବଢ଼ାଇବା ନିମନ୍ତେ ପଣତକାନିରେ ମୁହଁ ରଗଡୁଛନ୍ତି । ଲକ୍ଷ୍ମୀ ରଗଡ଼ି ରଗଡ଼ି ବସଣୀରେ ଉପର ନାକ ଦୁଇପୁଡ଼ା ରଙ୍ଗା କରିପକାଇଲାଣି । ବିମଳୀ ପାରି ପାଖରେ ବସି ଆପଣା ହାତର ବାଇଶ ପଳିଆ ପିତଳ ବାହିବଲା ଅଧବୋଝେ ବାଲି ପକାଇ ସବଳେ ମର୍ଦ୍ଦନ କରୁକରୁ କୌଣସି ଅଜ୍ଞାତନାମା ଲୋକ ଉଦ୍ଦେଶ୍ୟରେ ଅଭିଧାନ ବହିର୍ଭୁତ ଶବ୍ଦମାନ ପ୍ରୟୋଗପୂର୍ବକ ଏକ ଦୀର୍‌ଘବକ୍ତୃତା ଆରମ୍ଭ କରିଅଛି । ଗଲା ରାତିରେ ତାହାର କଖାରୁ ଗଛ କାହାର ଗୋରୁ ଖାଇବା ବକ୍ତୃତାର ବିଷୟ ଅଟେ । ବିମଳୀ କ୍ରମଶଃ ଗୋସ୍ବାମୀର ଊର୍ଦ୍ଧ୍ବ ତନ ତିନି ପୁରୁଷ ପ୍ରତି କୁତ୍ସିତ ପଦାର୍ଥ ବିଶେଷରେ ଖାଦ୍ୟର ବ୍ୟବସ୍ଥା କରି ଗୋରୁର ଅତ୍ୟାଚାରିତା , ଆପଣା ବାଡ଼ିର ଉର୍ବରତ୍ବ ଏବଂ କୁଷ୍ମାଣ୍ଡବୃକ୍ଷର ତେଜସ୍ବୀ ତା ଏବଂ ଅତି ଶୀଘ୍ର ଗୋସ୍ବାମୀ ଉପରେ ଭାରି ବିପଦ ପଡ଼ିଲେ ଗୋରୁଟିକୁ ଯେ ବ୍ରାହ୍ମଣକୁ ଦାନ ସ୍ବରୂପ ଦିଆଯିବ ସେ ସମ୍ବନ୍ଧରେ ବିବିଧ ପ୍ରମାଣ ମାନ ପ୍ରୟୋଗ କରୁଅଛି । ଆମେମାନେ ଘାଟରୁ ଆହୁରି ମଧ୍ୟ ଅନେକ ସମ୍ବାଦ ସଂଗ୍ରହ କରିଥାନ୍ତୁ ; ମାତ୍ର ହଠାତ୍ ମାର୍କଣ୍ଡିଆ ମା ଆଉ ଯଶୋଦା ମଧ୍ୟରେ ଭୟଙ୍କର କଳି ଉପସ୍ଥିତ ହେବାରୁ ସମସ୍ତ କଥା ବନ୍ଦ ହୋଇଗଲା ।

ଯଶୋଦା ପାଣି ମଧ୍ୟରେ  ପେଟ ବୁଡ଼ାଇ ଦାନ୍ତ  ଘଷୁଥିଲା  । ପାଞ୍ଚ ବରଷିଆ ପିଲା ମାରକଣ୍ଡିଆ  କୁଦି ନାଚି ପାଣି ଗୋଳିଆ କଲା ଏବଂ ଉପରେ ପାଣିଛିଟିକା ପକାଇବାରୁ ଯଶୋଦା ପାଣିରୁ ଉଠିପଡ଼ି ଚିତ୍କାର କରି କୁତ୍ସିତ ଭାବରେ ପିଲାଟିକୁ ଗାଳି ଦେବାକୁ ଲାଗିଲା ଏବଂ ତାହାର ପରମାୟୁ ଅଳ୍ପତାକାମନା  କରିବାରୁ ମାରକଣ୍ଡିଆ  ମା ଧାଇଁ ଆସି ସମାନ ସ୍ବରରେ ଉପଯୁକ୍ତ  ଉତ୍ତର  ଦେବାକୁଲାଗିଲା । ଅବଶେଷରେ ମାରକଣ୍ଡିଆ  ମା ପରାସ୍ତ ହୋଇ ପିଲାକୁ ଚାପୁଡ଼ାଏ ମାରି, ପାଣିକଳସି କାଖରେ ବରବର ହୋଇ ମାରକଣ୍ଡିଆର  ହସ୍ତଧାରଣ  ପୂର୍ବକ  ଗୃହାଭିମୁଖେ ଗମନ, ଭେଁ ଭେଁ କରି ଦାଣ୍ଡ ନିଷିଡ଼ି ମାରକଣ୍ଡିଆ  କ୍ରନ୍ଦନ   , ଇତିଯୁଦ୍ଧକାଣ୍ଡ   ।

ବ୍ରଜ  ପଡ଼ିଯାଏ , କିନ୍ତୁ  ଘଡ଼ଘଡ଼ି ଶବ୍ଦଟା  ଆକାଶରେ ଢ଼େର୍ ବେଳଯାଏ ରହେ । କଳି ଭାଙ୍ଗିଲାଣି  ; କିନ୍ତୁ  ସମାଲୋଚନା ଅନେକ ବେଳଯାଏ ଚଳିଲା । ଦରବୁଢ଼ୀ ଓ ବୁଢ଼ୀ ମାଈକିନିଆମାନେ ଦୁଇ ଦଳ ହୋଇ କେହି ମାରକଣ୍ଡିଆର  , କେହି ଯଶୋଦାର ପକ୍ଷ  ସମର୍ଥନ  କରିବାକୁ ଲାଗିଲେ । ଆମାମାନେ କିନ୍ତୁ ସମ୍ପୂର୍ଣ୍ଣରୂପେ     ଯଶୋଦାର ପକ୍ଷପାତୀ   ।  ବିଶେଷ ବିବେଚନା ଏବଂ ସୂକ୍ଷ୍ମବିଚାରଦ୍ବାରା     ବୁଝିଅଛୁଁ, ଉପସ୍ଥିତ   ଉତ୍ପାତର   ମୂଳ  କାରଣ ମାରକଣ୍ଡିଆ , ସେ ସମ୍ପୂର୍ଣ୍ଣରୂପେ     ଦୋଷୀ , ତାହାର ଅପରାଧ ଅମାର୍ଜନୀୟ ।  ତାହାକୁ ଗାଳିଦିଅ, ମାର କି ଯାହା କର, ଆମେମାନେ ସେଥି ସକାଶେ ଜବାବଦେହୀ କରିବାକୁ ପ୍ରସ୍ତୁତ   ଅଛୁଁ ।  ଦେଖନ୍ତୁ , ଜଳ ଲୋକମାନଙ୍କର ଜୀବନ , ପୁଣି ତନ୍ତିତୁଠ  ଜଳ ସମସ୍ତେ  ପିଅନ୍ତି  , ସେ ଜଳକୁ ଗୋଳିଆ କରିବା କି ସାମାନ୍ୟ  ଅପରାଧ ? ଦେଖ ତ , ପଣେ କି ଛଅ ବୋଡ଼ି ମାଈକିନିଆ ଗାଧୋଇବାକୁ ଆସିଲେ , ପ୍ରାୟ  ସମସ୍ତେ  ପେଟ ବୁଡ଼ାଇ ପାରିରେ ବସି ଦାନ୍ତ ଘଷିଲେ । ନବଫେନଖଣ୍ଡବତ୍  ଶୁକ୍ଳବର୍ଣ୍ଣ    ଛେପ ଖଙ୍କାର  ସେମାନଙ୍କ ମୁଖରୁ ବାହାରି ଚାରିଆଡ଼େ ଭାସୁଅଛି , ଈଷତ୍ ଲୋହିତ ପାଟଳାଭ ଜିଭଜଞ୍ଜା  ମଳି ମଧ୍ୟ  ମେଞ୍ଚା  ମେଞ୍ଚା  ଭାସୁଅଛି , ସେଥି ସହିତ ଆଉ କ'ଣ ଭାସୁଛି କି ନାହିଁ ବୋଲାଯାଇ ନପାରେ , କାରଣ ସମସ୍ତ  ସ୍ତ୍ରୀଲୋକ   ପଡ଼ିଆରରୁ ଆସି ଜଳ ଶୌଚ କରିଅଛନ୍ତି  ।  ଆଉ ଲୋକକଥା ଛାଡ଼ , ନିଜେ ଯଶୋଦା ସେହିପରି

କରୁଥିବାର ତାକୁ ପଚାରିଲେ ସେ ଅସ୍ବୀକାର  କରିବନାହିଁ । ଏହା ତ ସନାତନ ପ୍ରଚଳିତ  ପ୍ରଥା , ଅପରାଧର କଥା ଯେ ଲୁଚାଇବୁ ? ଜଣେ ମସ୍କରାଲୋକ କହୁଥିଲା , ମାଇକିନିଆ ମାନେ ପୋଖରୀରୁ ମାଠିଆରେ ଯେତେ ଜଳ ନିଅନ୍ତି  , ତାହାର ପା' ଭାଗ ଜଳ ଛାଡ଼ିଯାଆନ୍ତି  । ଏ କଥା ଠିକ୍ ସତ୍ୟ ହେଲେ ମଧ ଆମମାନଙ୍କ  ଚକ୍ଷୁର  ଅଗୋଚର ।  କେତେ ଜଣ ଶୋଇବା ହେଁସ କାଟି ନେଇଗଲେ , ସାନସାନ ପିଲାଙ୍କର  ଶେଯ କନ୍ଥା  , ଆହୁରି ନାନା ପ୍ରକାର  କନା କତରା କଚା ହେବାର ଦେଖାଗଲା; ସେ ଯାହାହେଉ, ସ୍ତ୍ରୀଲୋକମାନେ   ଘାଟରେ ଏତେ କାର୍ଯ୍ୟ   କଲେହେଁ ମାରକଣ୍ଡିଆ  ପରି ନାଚିକୁଦି କେହି କିଛି କାର୍ଯ୍ୟ କରିନାହିଁ ।  ନାଚକୁଦ ନ କଲେ କି ପାଣି ଗୋଳିଆ ହୁଏ ? ଏଥିସକାଶେ ଆମ୍ଭେମାନେ ବୋଲୁଅଛୁଁ, ମାରକଣ୍ଡିଆର  ଅପରାଧ ନିତାନ୍ତ  ଉତ୍କଟ  ଅଟେ ।

ତନ୍ତୀନୁଠକୁ  ତିନିଶ କଦମ ଛାଡୁଡ଼ି ସାଆନ୍ତତୁଠ  । ସକାଳଓଳି ଏ ତୁଠକୁ କେହି ସ୍ତ୍ରୀଲେକ   ଯାଆନ୍ତି   ନାହିଁ , ସମ୍ପୂର୍ଣ୍ଣରପେ    ପୁରୁଷ ମାନଙ୍କର ଦଖଲ ।  ବୈଶଖମାଶିଆ ଦିନ , ବେଳ ଛଅଘଡ଼ି ନୋହୁଣୁ ଆକାଶରୁ ନିଆଁ ଛିଣ୍ଡି ତାତି ପବନଟା ଦେହରେ ଝାଁ ଝାଁ ବାଜୁଅଛି । ଚାଷବିଲରୁ ଧୂଳି ଉଡ଼ି ମାଟିରେ ନିଆଁ ଲାଗିଧୂଆଁ ଉଡ଼ିଲାପରି ଜଣା ଜାଉଅଛି ।  ଘାଟରେ ଲୋକ ପୁରିଗଲେଣି ଅନ୍ଧାର ପକ୍ଷ  ପିଛିଲା ଜହ୍ନ  ରାତି । ତିନି ପହର ବେଳେ ଚଷାମାନେ ହଳଯୋଚି ଦେଇଥିଲେ, ସମସ୍ତଙ୍କର   ହଳ ଫିଟିଲାଣି , କେହିଘର କାନ୍ଥରେ  ଲଙ୍ଗଳ ଆଉଜାଇ ଦେଇ ତେଲ ଟିକିଏ ମୁଣ୍ଡରେ  ପାଞ୍ଚ  ଆଙ୍ଗୁଳିଆ  କରି ଦେହରେ ବୋଳିହୋଇ ଆସିଅଛି, କାହାକାନ୍ଧରେ  ଅର୍ଦ୍ଧ   ଅଙ୍ଗୁଳି  ମୋଟା ତୋରାଣି ପକା ଗାମୁଛା, କେହି ନିର୍ଗାମୁଛା  , କେତେଜଣ ବାହାରେ  ବାହାରେ ବିଲରୁ ଆସି ଘାଟରେ ବଳଦ କାନ୍ଧରୁ  ଯୁଆଳି ବାହାର କରି ରଖି ପାଣିରେ ପଶିଗଲେ । କେତେ ହଳ ବଳଦ ପେଟେ  ପେଟେ ପାଣିପିଇ କୂଳରେ ଚରୁଛନ୍ତି  ।  କେତେଜଣ ସୁଖିଲା ଦାନ୍ତ  କାଠି ଚୋବାଇ ଚୋବାଇ ଆସି ପାଣିରେ ପଶି ଜିଭଛେଲି କୂଳକୁ ଦାନ୍ତକାଠି ଫୋପାଡ଼ି ଦେଲେ ।  ତୁଠ ଦୁଇ ପାଖରେ ଅଧ ଶଗଡ଼େ ଶୁଖିଲା ଦାନ୍ତକାଠି ଜମାହୋଇ ଅଛି । ପୁରୁଷ ଲୋକମାନେ ଯେ ତୁନି ତୁନି ଗାଧୁଅନ୍ତି  ତାହାନୁହେଁ, ମାଇକିନିଆ ମାନଙ୍କପରି  ଢେର୍ କଥା କହନ୍ତି  ;ମାତ୍ର  ସେହି ଏକରକମ କଥା,

ସେହି ପୁରୁଣାକଥା, ସେଗୁଡ଼ାକ ଲେଖିଲେ କ'ଣ ହେବ? କିଆ ଗୋହିରୀରେ କେତେ ଯୁଣ ବୁଣାସରିଲାଣି , ବରଚକ ଆଜି ଦୋହଡ଼ା ସରିଲା, ରାମାବଡ଼ ଗହୀରରେ ଅଖିମୁଠି ପକାଇଲା, ଭୀମା ବଳଦ ଚଞ୍ଚଳିଆ , ସାଆନ୍ତ ଘର ଧଳାବଳଦ ଯୋଡ଼ାକ ବଳଦ ନୁହନ୍ତି ତ, ଯୋଡ଼ାଏ ହାତୀପିଲା, ମୁଁ କସରାବଳଦଟା କିଣି ମୁଠାଏ ଟଙ୍କା ପାଣିରେ ପକାଇ ଦେଇଛି , ସାଆନ୍ତ ଘର କରଜ ଅମାର ଏହିମାସରେ ଫିଟିବ, ଏହିମାସ ପନ୍ଦର ଦିନରେ ଶ୍ରାବଣ ପଶିବ , ନାହାକ କହିଛି ଲଗାଣ ହେବ । ଏ ସବୁ କଥା ସମସ୍ତଙ୍କୁ ଜଣା, ଅଧିକ କରି କ'ଣ ଲେଖିବୁଁ ?

--o--

# ତ୍ରୟୋଦଶ ପରିଚ୍ଛେଦ

**ହିତୋପଦେଶ :**

ପ୍ରଥମା ଭାରି ତ ଫୁସ୍‌ଫୁସ୍ ? ଦ୍ବିତୀୟା -ଉଠିବ ପରାବାସ ।

ପ୍ରଥମା -ଚାଷ କି ବାସ ? ଦ୍ବିତୀୟା -ସର୍ବନାଶ ।

ଏ କିଏରେ ବାପା ! ତନ୍ତୀ ତୁଠରେ କବିତା ।

ରାନ୍ଧୁଣୀ ଗାଧୁଆବେଳେ ଗଡ଼ିଗଲାଣି, ତନ୍ତୀ ତୁଠରେ ଦିଓଟି ଦରବୁଢ଼ୀ ଦଶ ଦଶ ହାତ ଛାଡ଼ି ବସି ଦାନ୍ତ ଘଷୁ ଘଷୁ ଏ କଥା ଗୁଡ଼ିକ କହି ପରସ୍ପର ମୁହଁକୁ ଚାହାଁ ଚାହିଁ ହେଲେ, ମୁରୁକି ହସି ପୁଣି ଡ଼ରିଗଲା ପରି ତୁନିହେଲେ ।

ତୁମ୍ଭେ ପାଟିକରି କଥା କହ, ସେଥିରେ କେହି ମନ ଦେବେନାହିଁ, ନିହାତି ପାଖଲୋକ ମଧ୍ଯ ନ ଶୁଣିଲା ପରି ରହିବେ; କିନ୍ତୁ ଦୁଇଜଣ ଫୁସ୍ ଫୁସ୍ ହେଉନ୍ତୁ , ଲୋକଙ୍କ ମନ ଦେଖ ସେହିଠାରେ, କଥାଟା ଶୁଣିବାପାଇଁ ସମସ୍ତଙ୍କ ମନ ଗୁଡ଼େଇ ପୁଡ଼େଇ ହେଉଥାଏ ବାସ୍ତବିକ୍ ସାନ ମଞ୍ଜି ଭିତରେ ବଡ଼ ଗଛ ଲୁଚି ରହିଲା ପରି ତୁନି କଥା ମଧ୍ୟରେ କେବେ ଭାରି କାରଖାନା ହେଉଥାଏ । ତୁଠରେ ତ ଆଏ କେହି ନାହିଁ, ଦରବୁଢ଼ୀ ଦିଓଟି କି ସକାଶେ ତୁନି ତୁନି ଇଶାରାରେ ଏପରି କଥା କହିଲେ ;ପୁଣି ଡ଼ରିଯାଇ ତୁନି ହେଲେ ?

ତନ୍ତୀତୁଠରେ ପାଣି ଗଡ଼ନ୍ତି ଡ଼ାହାଣ ହାତ ଅଧାଅଧି ବାଟକୁ କୋଡ଼ିଏ ହାତ ଅନ୍ଦାଜ ଛାଡ଼ି ଯାଉଁଳି ବର ଅଶ୍ବତ୍‌ଥ ଗଛ ଲଗାଲଗି ହୋଇ ରହିଅଛି । ଗଛ ଦିଓଟି ଅଧା ଭଳିଆ ଥାକୁଲ ଥୁକୁଲ, ପୁଣି ସେଥିରେ କଅଁଳପତ୍ର ଲଦି ହୋଇଅଛି । ଘାଟପାଖ ବାଟ ପାଖରେ ବର ଅଶ୍ବତ୍‌ଥ ବିଭା କରାଇଦେଲେ କନ୍ୟା ଦାନର ଫଳ ମିଳେ । ହିନ୍ଦୁମାନଙ୍କର ଏହି ସଂସ୍କାର ର ଚିହ୍ନ ଅନେକ ସ୍ଥାନରେ ଦେଖାଯାଏ । ମାଇକିନିଆ ଦିଓଟି କଥା କହୁ କହୁ ସେହି ଗଛ ମୂଳକୁ ଦୁଇ ତିନି ଥର ଅନାଇଲେ । ଏବେ କଥା କାହିଁ ଯାଏ ? ଚୋର ତ ଅନ୍ଧାର ରାତିରେ ହୁସିଆରୀରେ ଚୋରି କରେ, ଜେଲଖାନାକୁ ଏତେ କଏଦୀ କାହୁଁ ଅଇଲେ? ବୁଦ୍ଧିମାନ ହୁସିଆର ଗୋଏନ୍ଦା ଆଖିରେ ଧୂଳି ପକାଇବା ସହଜକଥା ନୁହେଁ ।

ଅବଶ୍ୟ  ଗଛମୂଳର ପଦାର୍ଥ  ବିଶେଷ ସହିତ ଏମାନଙ୍କ  କଥାର  ଘନିଷ୍ଠ ସମ୍ବନ୍ଧ  ଅଛି । ଠିକ୍ ଆମମାନଙ୍କ  ଅନୁମାନ ସମ୍ପୂର୍ଣ୍ଣ  ଠିକ୍ । ଖିଅ ମୁଣ୍ଡଟି  ହାତରେ ପଡ଼ିଲେ  ବୁଦ୍ଧିମାନ  ତନ୍ତୀ  ଯେମନ୍ତ  ବିଡ଼ାଏ ସୂତା ସଳଖେ ଟାଣିଆଣେ, ଆମମାନଙ୍କୁ  ସେହିପରି ବୁଦ୍ଧିମାନ  ଜାଣିବ, ଟିକିଏ ସଙ୍କୁନ  ଦେଇ ସବୁ କଥା ଆମମାନଙ୍କଠାରୁ  ଶୁଣିଯାଅ । ଯାଉଁଳିଗଛ ଉହାଡ଼ରେ ଦିଓଟି ସ୍ତ୍ରୀ ବସି କଣ କୁହାକୁହି ହେଉଛନ୍ତି  । ମଲା-ଯା! ଏମାନଙ୍କୁ  ଯେ ଆମେମାନେ ଭଲ କରି ଚିହ୍ନୁ  ! ଅସମୟରେ ଆସ୍ଥାନରେ  ଏମାନେ ବସି କଣ କହୁଛନ୍ତି  ? ମିଳନଟା ମଧ୍ୟ  ଭାରି ଚମତ୍କାର  ରକମର । ଗୋଟିଏ ଧୂର୍ତ୍ତା  ନଷ୍ଟ  ପ୍ରକୃତି  ଶୃଗାଳୀ, ଆଉ ଗୋଟିଏ ଠିକ୍

ବିପରୀତ-ନିତ୍ୟାନ୍ତ  ନିରୀହ ମେଣ୍ଢି  ଦୁହିଁଙ୍କ  ମଧ୍ୟରୁ  ଜଣେ ନାକବସାଣୀ ଟେକି, ସାପୁଣୀଫଣା ଟେକି ସାବଧାନତା ସହିତ ଅନାଇ ଅନର୍ଗଳ  ବକ୍ତୃତା ଓଜାଡ଼ି ପକାଉଅଛି । ଦ୍ବିତୀୟାର  ପାଖରେ ପାଣି ମାଠିଆ ଥୁଆ, ଡାହାଣ ହାତରେ ଦାନ୍ତକାଠି  ଖଣ୍ଡିଏ  ମୁଠା, କପାଳଯାଏ ଓଢ଼ଣାଟଣା । ଗୋଟିଏ ଉତ୍କଟ  ଶବ୍ଦ ଶୁଣିଲେ ମେଣ୍ଢି ଯେପରି ସେହି ଦିଗକୁ ତାଟକା ହୋଇ ଚାହିଁ ରହିଥାଏ, ସେହିପରି ସେହି ସ୍ତ୍ରୀଟି  'ସ୍ଥିର  ମନ ଧୀର ବୁଦ୍ଧି  ପଞ୍ଚଭୂତ  ଆତ୍ମା  ଦୋରସ୍ତ  ନିର୍ମଳ ହୃଦୟ  କମଳ'ରେ ଶୁକଦେବଙ୍କ  ମୁଖରୁ ପରିକ୍ଷିତ  ପୁରାଣ ଶୁଣିଲା ପରି ବାକ୍ୟାବଳୀ  ଶ୍ରବଣ  କରୁଅଛି; ମାତ୍ର  ସେଗୁଡ଼ିକ ତାହା ମସ୍ତକଭଣ୍ଡାରରେ ସଞ୍ଚିତ  ହେଉଅଛିକି ଆଉ କାନବାଟେ ସଳଖେ ବାହାରି ଯାଉଅଛି, ତାହାର ସ୍ଥିରତା  ବୋଲିବାକୁ ଆମେମାନେ ନିତ୍ୟାନ୍ତ  ଅକ୍ଷମ  ।

ଆପଣ ଅବଶ୍ୟ ସେମାନଙ୍କ  କଥା ଶୁଣିବାକୁ ଇଚ୍ଛା  କରିବେ, ସନ୍ଦେହ ନାସ୍ତି  ।

ଜଣେ ମୁଡୁଆଲା କହିଥିଲା-

''ସଂସାର ବିଷବୃକ୍ଷସ୍ୟ  ମଦ୍ୟ , ମାଂସ ଏହି ଦିଓଟି ଅମୃତ ଫଳ ଫଳିଅଛି ।

ଏକଥା ଶୁଣି ବୃଦ୍ଧ  ମନୁ ବୋଇଲେ-

''ନ ମାଂସଭକ୍ଷଣେ  ଦୋଷ ନ ମଦ୍ୟେ -

ପ୍ରବୃତ୍ତିରେଷା ଭୂତାନାଂ-''

ଅର୍ଥାତ୍ ଭୂତମାନେ ବା ଭୂତପରି ଲୋକମାନେ ଏପରି କଥା କହନ୍ତି । ଠିକ୍ କଥା, 'ବୃଦ୍ଧସ୍ୟ ବଚନଂ ଗ୍ରାହ୍ୟଂ । ମାତ୍ର ସଂସାର ରୂପ ବିଷବୃକ୍ଷରେ ଯେ ଦୁଇଗୋଟି ଅମୃତ ଫଳ ଫଳିଅଛି, ଏକଥା ଠିକ ସତ୍ୟ । ଚିହ୍ନରା କିଏ ? କେବଳ ଆମ୍ଭମାନଙ୍କୁ ସେ ଫଳ ଦିଓଟି ଜଣା 'ପରୋପକାରଂ ସ୍ବର୍ଗୀୟ ' । ପରର ଉପକାର କରିବା ହେଉଛି ଆମମାନଙ୍କର ବ୍ରତ । ଆପଣମାନଙ୍କର ଉପକାର ସାଧନ ନିମନ୍ତେ ସେହି ଫଳ ଦିଓଟିର ନାମ ପ୍ରକାଶ କରିଅଛୁ । ଗୋଟିଏ ଫଳର ନାମ ତୁନି କଥା ଶୁଣିବାକୁ ଇଚ୍ଛା , ଆଉ ଗୋଟିକର ନାମ ପରନିନ୍ଦା । ତୁମେ କାହାରି ଘରର ଗୁପ୍ତ ଛିଦ୍ର କଥା କହ କି କାହାର ନିନ୍ଦା କର, ଦେଖିବ, ଲୋକମାନେ ଭାରି ଆନନ୍ଦରେ ମନ ଦେଇ ଶୁଣିବେ । ବୁଝିବା ହେଲେଟି କି ? ଫଳର ମାହାତ୍ମ୍ୟ ନଥିଲେ କି ତାହାର ଏଡ଼େ ଆନନ୍ଦ ହୁଅନ୍ତା ?

ଆମ୍ଭେମାନେ କଣ ଲେଖିବାକୁ ଯାଇ କଣ ଲେଖି ପକାଉଅଛୁଁ । ଯେତେବେଳରେ ଆହୁଲା ଭିଡ଼, ପାଣିସୁଅଟା ନାଆକୁ ଲକ୍ଷ୍ୟସ୍ଥାନରୁ ଦୂରକୁ ଟାଣିନିଏ । ମାତ୍ର ଟାଣୁଆ ନାଉରି ମଙ୍ଗ ଛାଡ଼େ ନାହିଁ । ଆମ୍ଭମାନଙ୍କ କଲମ ଏଣେ ତେଣେ ଯାଉଅଛି ସତ୍ୟ ; ମାତ୍ର ମୂଳ କଥାଟା ହଲଚଲ ହୋଇପାରିବ ନାହିଁ; କଥାଟା ଦାଣ୍ଡେ ଦାଣ୍ଡେ ଚାଲିଯିବ ।

ସେକଥା ଯାଉ, ଆପଣଙ୍କୁ ଆଉ ସନ୍ଦେହରେ ପକାଇ ରଖିବା ଉଚିତନୁହେଁ । ଏ ଦିଓଟି ସ୍ତ୍ରୀଲୋକ କିଏ, କି କି କଥା କହୁଅଛନ୍ତି , ସବୁ ଖୋଲାସା କରି କହିଦେବା ଉଚିତ । କୌଣସି କୌଣସି ଲୋକ ଅନେକ କଥା କହିବା ଆଗରୁ ଅନେକ ମୁଖବନ୍ଧ , ଅନେକ ବକ୍ତୃତା କରିବସନ୍ତି ; ମାତ୍ର ଆମ୍ଭମାନଙ୍କର ସ୍ବଭାବ ଏହାର ସମ୍ପୂର୍ଣ୍ଣ ବିପରୀତ । ଯା ବୋଲିବାର ପରିଷ୍କାର କରି ଝଟପଟ କହି ପକାଉଁ ଆଉ ଅନେକ ଲୋକ ଭୟରେ ଅନେକ କଥା ଲୁଚାନ୍ତି କିମ୍ବା କହୁ କହୁ କଣ କହିପକାନ୍ତି । ଏହିଦେଖନ୍ତୁ ନା ଦରବୁଢ଼ୀ ମାଇକିନିଆ ଦିଓଟି ଇଶାରାରେ କଣ କହୁ କହୁ ତୁନି ହୋଇଗଲେ । ମାତ୍ର ତନ୍ତୀଆଣୀ ମାଇକିନିଆମାନଙ୍କଠାରୁ ଆମ୍ଭମାନଙ୍କର ସାହସ ଖୁବ୍ ବେଶି । ବୀର ପରି ସବୁକଥା କହିଯିବୁଁ । ଆଉ ଗୋଟିଏ କଥା କଣ ଜାଣନ୍ତି ? ଆମ୍ଭ

ଭଳିଆ ଲୋକ ଡକାପାଡ଼ିଲେ ମଧ୍ୟ କେହି ଶୁଣିବାକୁ ନାହିଁ; କିନ୍ତୁ କେହି ପ୍ରଧାନ ଲୋକ ଆଁ କରିଦେଲେ ଦେଖିବେ ଦୁଇଶ ଲୋକ ତାଙ୍କ ପାଟିକୁ ଅନାଇ ରହିବେ । ବିଲାତର ଲୋକେ ପ୍ରଧାନ ପ୍ରଧାନ ଲୋକଙ୍କ କଥା ଶୁଣିବାପାଇଁ ଅଣ୍ଟାରେ ପଇସା ଖୋସି ଦଉଡ଼ନ୍ତି । ଗଛମୁଳିଆ ସ୍ତ୍ରୀଲୋକ ଦିଓଟି ଗ୍ରାମରେ ସୁବିଖ୍ୟାତ । ଆପଣମାନେ ମଧ୍ୟ ସେମାନଙ୍କୁ ଭଲକରି ଚିହ୍ନନ୍ତି । ମନୁଷ୍ୟମାନେ ରୂପରେ ନୁହେଁ, ଗୁଣରେ ସିନା ଚିହ୍ନାଯାନ୍ତି ! ଭଲ ହେଉ ବା ମନ୍ଦହେଉ ସାଧାରଣ କଣ୍ଟରୁ ଯାହାର ଗୁଣ ଯେତେ ବେଶି, ସେ ସେତେ ବିଖ୍ୟାତ । ଗୋବିନ୍ଦପୁର ଗ୍ରାମରେ ଊଣା ଅଧିକେ
କାହାଣେ ମାଇକିନିଆ ଅଛନ୍ତି , ସେମାନଙ୍କ ମଧ୍ୟରେ ଏ ଦିଓଟି ବଛା । ଗୋଟିଏ ଚତୁରତା ଓ ଧୂର୍ତ୍ତତାରେ , ଆଉ ଗୋଟିଏ ସରଳତା ଓ ନିର୍ବୋଧତାରେ । ଦିଓଟି ବିଖ୍ୟାତ ସ୍ତ୍ରୀଲୋକ ପୁଣି ଗୁପ୍ତକଥା ଆପଣ କି ନ ଶୁଣି ଛାଡ଼ିବେ ? ସେଥିସକାଶେ ସିନା ଲେଖିବାକୁ ବସିଅଛୁ । ଆମ୍ଭେମାନେ ବହୁ ପରିଶ୍ରମ ବହୁ ଯତ୍ନ କରି ସେମାନଙ୍କର କଥା ସଂଗ୍ରହ କରିଅଛୁଁ । ଗୋଟିଏ ସ୍ତ୍ରୀ ଭାରି ଏକ ଲମ୍ବା ବକ୍ତୃତା କରିଥିଲା । କେତେଗୁଡ଼ାଏ କଥା ଶୁଣିବାକୁ ଅସୁଖ ପାଇବେ, ଲମ୍ବା କଥା ଲେଖିବାରେ ଆମ୍ଭେମାନେ ମଧ୍ୟ ଅନଭ୍ୟସ୍ତ । ତାହାର ସାରମର୍ମ ଲେଖିଅଛୁ । ଦେଖ, ସାରିଆ - ବୁଢ଼ୀ ମଙ୍ଗଳା ସବୁର ମୂଳ, ତାଙ୍କ ଆଜ୍ଞାରେ ପୃଥ୍ବୀ ଚଳୁଛି ସଂସାର ଆତଯାତ ହେଉଚି, ତାଙ୍କ ଆଜ୍ଞା କି ଅନାସ୍ଥା ହବ ? କେତେ ବାର ବରତ କରି ଦେବୀଙ୍କ ଆଜ୍ଞା ପାଇଚ, ତୁମର ଖୁବ୍ ଭାଗ୍ୟ । ଏଡେ ଭାଗ୍ୟ କାହିଁ ଦେଖିବାର ନାହିଁ ପରା ! ଏକା ସାଆନ୍ତଙ୍କ ଘର ଉପରେ ଦୟା ଥିଲା, ଏବେ ତମ ଉପରେ ହେଲା । ତମେ ମଙ୍ଗଳାଙ୍କ ମନ୍ଦିରଟା ବନାଇଦିଅ ତ, ଦେଖିବ ତମ ଘର ଲକ୍ଷ୍ମୀ ଭଣ୍ଡାର ହୋଇଯିବ । ପଣ ପଣ, କାହାଣ କାହାଣ ଟଙ୍କା କାହୁଁ ଆସି ଘରେ ପଶିବ, ଧାଡି ଧାଡି ଧାନ ମରେଇ ବସିଯିବ, ଭଗବାନ କି ଆଉ ତନ୍ତ ବୁଣିବ ? ତମ ପଛରେ ଦଶଜଣ ପୋଇଲୀ ଗୋଡେଇବେ, ତମେ ମଙ୍ଗଳାଙ୍କ ଆଜ୍ଞା ମାନ; ଯେପରି ହେଉ ମନ୍ଦିରଟା ବନାଇଦିଅ । ଟଙ୍କା ସକାଶେ ଭାବନା କ'ଣ ଅଛି ? ମଙ୍ଗଳାଙ୍କ ନାଁ ଶୁଣିଲେ ଟଙ୍କା କିଏ ନ ଦେବ ? ଆଉ କୁଆଡେ କ୍ୟା ଖୋଜିବ ? ମଙ୍ଗରାଜଙ୍କ

କାନରେ ପଡିଲେ ରାତି ଅଧରେ ଟଙ୍କା ଗଣି ଦେବେ । ସେ କଥାରେ ମୁଁ ଲଗା ହେଲି, ମୁଁ ଟଙ୍କା ଆଣି ଦେବି, ତୁମକୁ କିଛି କରିବାକୁ ହେବନାହିଁ । ବେଶି ଟଙ୍କା ଲୋଡା ନାହିଁ, ଦେଢ଼ଶ ଟଙ୍କା ହେଲେ ଖୁବ୍ ଗୋଟାଏ ବଡ ମନ୍ଦିର ହୋଇଯିବ । କେନ୍ଦରାପଡାରେ ଯେ ବଳଦେବଙ୍କ ମନ୍ଦିର ଅଛି, ଠିକ୍ ତେତିକି ଉଞ୍ଚା , ତେତିକି ଚଉଡା ହେବ । ତମ ଛ'ମାଣ ଆଠଗୁଣ୍ଠ ଜମି କଷ୍ଟ ଲେଖିଦେବ, ମୁଁ ଟଙ୍କା ଆଣି ଦେବି । ତମ ଜମି ତ କେହି ଘେନିଯିବ ନାହିଁ, ଯେଉଁଠା ଜମି ସେହିଠାରେ ରହିବ, କେବଳ ଗୁଜାରେ ଲେଖାଯିବ । ମନ୍ଦିର ବନାସରିଲେ ତ ତମେ କେତେ ଲୋକଙ୍କୁ ଟଙ୍କା ଦବ । ମା ମଙ୍ଗଳା କିଛି ଶକୁନ ଦେଇଥିବେ, ନିଶ୍ଚେ ଦେଇଥିବେ । ସେ ପ୍ରଥମେ ଶକୁନ ପରି ଗୋଟିଏ ସୁନାଟଙ୍କା ଦିଅନ୍ତି , ସେ କିଛି ରୂପା-ଟଙ୍କା ଦେବେ ?

ବକ୍ତୃତାକାରିଣୀ କଥା ଯେ ସାରିଆ ହୃଦୟଙ୍ଗମ କରିପାରିଲା, ଏହା ଆମେମାନେ ବିଶ୍ବାସ କରିପାରୁ ନାହୁଁ । ସେ ବଲବଲ କରି ଚାହିଁ ରହିଥାଏ । ପଣ ପଣ ଟଙ୍କା , ଦେଢ଼ଶହ ଟଙ୍କା । ଦେଢ଼ଶହ ଟଙ୍କାର ଅର୍ଥ ବୁଝିବା ତାହା ପକ୍ଷରେ କି ସହଜ କଥା ? ଟଙ୍କାକର ପଇସା ଗଣିବାକୁ ହେଲେ ସାରିଆ ଗାଁକୁ ବାହାରେ ନାହିଁ, ଭଗିଆ ଆଉ ସେ ଦୁଇ ଜଣ କବାଟ କିଳିଦେଇ ଦୁଇ ତିନି ଘଣ୍ଟା ମଧରେ ଗଣିକରି ଠିକ୍ କରନ୍ତି । ଯେଉଁଦିନ ପାଞ୍ଚ ସୁକା କି ଅଠର ଅଣାର ଲୁଗା ବିକ୍ରି ହୁଏ, ସେଦିନ ତାହା ଭାଇ ଲୋକନାଥିଆ ପାଖରୁ ଗଣାଇଆଣେ । ଆଉ ଘରେ ପାଞ୍ଚ ଛ ଜଣ ପୋଇଲୀ ପଶିବେ, ଏହା ବିପଦ କି ସମ୍ପଦ । ମହାମୁସ୍କିଲ ! ଭଗିଆ ପାଖରେ ନାହିଁ, କରେ କ'ଣ ? ପଳାଇପାରିଲେ ରକ୍ଷା । ସାରିଆ ଗୋଟିଏ ଦୀର୍ଘନିଃଶ୍ବାସ ପକାଇ ଥରେ ପାଣିମାଠିଆକୁ ଅନାଇ - ' ଚମ୍ପା ସାଆନ୍ତାଣୀ ' ଏତିକି କହି ତୁନି ହେଲା, ଆଉ କିଛି କହିପାରିଲା ନାହିଁ; ମାତ୍ର ଧୂର୍ତ୍ତା ଚତୁର ଚମ୍ପାର କିଛି ବୁଝିବାକୁ ରହିଲା ନାହିଁ । ତାର ମନ୍ତ୍ର ଯେ କିଛି କାଟ କଲା ନାହିଁ, ତାହା ସେ ବେଶ୍ ବୁଝିନେଲା । ପୁଣି ଶିକାର ହାତରୁ ପଳାଇବା ସକାଶେ ଛଟପଟ ହେଲେଣି । ଢ଼େର ଦିନ ଖୋଜି ଖୋଜି ବିରାଡି ଇଲିଶି ଧରିଅଛି, ତାହା ଦାଢ଼ରୁ କି ସହଜରେ ପଳାଇବ ? ମନ୍ତ୍ର ବଦଳାଇବା ଦରକାର ।

ଚମ୍ପା - 'ଦେଖ ସାରିଆ, ଟଙ୍କାରେ କ'ଣ ଅଛି ସୁନାରେ କ'ଣ ଅଛି? ଟଙ୍କାସୁନାରେ କେହି ସ୍ବର୍ଗକୁ ଯାଏ ନାହିଁ । ମୂଳକଥା ପିଲାଝିଲା । ଯେଉଁ ଘରେ ପିଲା ନାହିଁ, ସେ ଘର ତ ଦିନ ଦିପହରରେ ଅନ୍ଧାର । ବାଞ୍ଝ ବରଡ ହେବା କି ଊଣା ପାପ ? ସାଆନ୍ତଙ୍କ ଘରେ ରୋଜ ପୁରାଣ ହୁଏ, ମୁଁ ଶୁଣେ । ସେ ଦିନ ଗୋସେଇଁ ପୋଥିରେ ଗାଇଲେ -

'' ଯାହାର ପିଲାଝିଲା ନାହିଁ,
ସକାଳୁ ତା ମୁହଁ ଚାହିଁବି ନାହିଁ ।
ତିନିପୁଅ ତୀ ସୁଲକ୍ଷଣୀ
ବାଞ୍ଝବରଡୀ ଗାଁ ନିଉଛୁଣୀ ।
ଯାହାର ଘରେ ପୁଅ ଝିଅ ନ ଥାଏ,
ସେଇ ମାଇକିନିଆ ବଡ ଦୁଃଖ ପାଏ । ''

ଭାଗବତ ପାଠ କ'ଣ ମିଛ ? ମାହାଳିଆକୁ ସମସ୍ତେ ଗାଦିକୁ ମୁଣ୍ଡିଆ ମାରୁଛନ୍ତି ? ଆଉ ତମେ ଦେଖିବଟି, ବଡିସକାଳୁ ତମ ଦୁଆର ବାଟେ କେହି ଲୋକ ଚାଲନ୍ତି ନାହିଁ । କ୍ୟାଁ ଚାଲନ୍ତି ନାହିଁ ? ତମ ମୁହଁ ଦେଖିବେ ନାହିଁ ବୋଲି । ତମେ ଶୁଣିଥିବ, ଆମ ସାଆନ୍ତାଣୀ ପ୍ରଥମେ ବାଞ୍ଝ ଥିଲେ, ଦିନ ଘଡିଏଯାଏ ଆମେମାନେ ତାଙ୍କ ମୁହଁ ଚାହୁଁ ନ ଥିଲୁ ପରା । ସାଆନ୍ତାଣୀ କାନ୍ଦି କାନ୍ଦି ମଙ୍ଗଳାଙ୍କୁ ପୂଜା ଦେଲେ ଦେବୀଙ୍କର ତମ ଉପରେ ଯେପରି ଦୟା ହେଲା । ଏବେ ଦେଖ, ନାତିନାତୁଣୀ ଦେଖିବାକୁ ବସିଲେଣି । ''

ସାରିଆ ଚାହିଁ ସ୍ବପ୍ନ ଦେଖୁଅଛି, କଥା ସବୁ ଶୁଣି ତା କାନ ଭାଁ ଭାଁ ଡାକିଲାଣଟି, ପଳାଇବାକୁ ଇଚ୍ଛା , ବାଟ ନାହିଁ ? ବିରାଡି ମୂଷା ବେକ ମାଡି ବସିଅଛି। ଦୁଇ ଆଖିରେ ପାଣି ଢ଼ଳ ଢ଼ଳ କରୁଅଛି । କଥା କହିବାକୁ ଇଚ୍ଛା , ପାଟି ଫିଟୁନାହିଁ । ବହୁତ କଷ୍ଟରେ ପାଟି ଫିଟିଲା । ସାରିଆ - ମୁଁ କ'ଣ କରିବି ? ଲୋକେ କହୁଛନ୍ତି , ସାଆନ୍ତେ ଜମି କଣ୍ଟ ନେଖିନେଲେ ଫେରାଇ ଦିଅନ୍ତି ନାହିଁ।

ସାରିଆ - ମୁଁ କଣ କରିବି ? ଲୋକେ କହୁଛନ୍ତି , ସାଆନ୍ତେ ଜମି କଣ୍ଟ ନେଖିନେଲେ ଫେରାଇ ଦିଅନ୍ତି ନାହିଁ ।

ଚମ୍ପାରାମ ! ରାମ ! ରାମ ! ଏ କି କଥା କହିଲ ! ମଙ୍ଗଳା କାମକୁ ଟଙ୍କା ଦେବେ; ତମ ଜମି ନେବେ ? ସେ ଗାଁଲୋକଙ୍କ କଥା ଶୁଣୁଛ କ୍ୟାଁ ? ଏ ଗୋବିନ୍ଦପୁର ଗାଁଟା ପୃଥୀର ନିଉଁଛଣା । ଏ ଗାଁ ମାଇକିନିଆଏ ଦିନ ଦିପହରେ ବୁଡାଇମାରିବେ ପରା । ତମ ସୁଖ ଦେଖି ସେମାନେ ହାଇଁପାଇଁ ହେଉଛନ୍ତି । ଏ ଗାଁର ଶାଗଖିଆକୁ ପେଜଖିଆ ଦେଖିପାରେ ନାହିଁ । ତମେ କାହାରି ପାଖରେ କିଛି କହିବ ନାହିଁ । ଆହୁରି ଦେଖ; ଠାକୁରାଣୀଙ୍କ ଆଜ୍ଞା ନ ମାନିଲେ ଆଖି ଫୁଟିଯାଏ, କାନକୁ ଶୁଭେ ନାହିଁ, ଲୋକେ ମରିଯାନ୍ତି । ଗୋପୀନାଥପୁରର ତିନିଜଣ ମାଇକିନିଆ ଠାକୁରାଣୀଙ୍କ କଥା ନ ମାନିବାରୁ ଏକାବେଳକେ ରାଣ୍ଡ ହୋଇଗଲେ, ତମେ କଣ ଏ କଥା ଶୁଣିନାହଁ ? ସାରିଆ ନିଶ୍ଚଳ କାଠ ପିତୁଳାଟି ପରି ସବୁକଥା ଶୁଣୁଥିଲା, ଶେଷ କଥାଟା ଶୁଣି ଆଉ ସମ୍ଭାଳିପାରିଲା ନାହିଁ, କାନ୍ଦି ପକାଇଲା । କଇଁ କଇଁ ହେଇ କହିଲା, ମୁଁ କଣ କରିବି ? ଚମ୍ପା ସାଆନ୍ତାଣି, ମୁଁ କଣ କରିବି ? ଚତୁରୀ ଚମ୍ପା ଏତେବେଳେ ସାରିଆର ମନକଥା ବେଶ୍ ବୁଝିନେଲା, ମନ୍ତ୍ର କାଟୁ କରୁଥିବାର ଜାଣି ମନ ମଧ୍ୟରେ ଖୁବ୍ ଖୁସିଟାଏ ହୋଇ କହିଲା, '' ଦେଖ ସାରିଆ ! ତମେ କିଛି ଡର ନାହିଁ । ତମକୁ କିଛି କରିବାକୁ ହବ ନାହିଁ , ମୁଁ ସବୁ କରିଦେବି । ''

ସାରିଆ - ନାହିଁ ନାହିଁ , ମୋର କିଛି ଲୋଡା ନାହିଁ, ସେ ଭଲ ଥାଆନ୍ତୁ ।

ଚମ୍ପା - କିଛି ଡର ନାହିଁ, ଭଗବାନ ଗୋଡରେ କଣ୍ଟା ବାଜିବ ନାହିଁ । (ଚମ୍ପା ଦଧିବାମନ ଧଣ୍ଡା ଓ ମୂର୍ତ୍ତିଏ ରସକୋରା ମହାରଦ ସାରିଆ ହାତରେ ଦେଇ କହିଲା) ଦେଖ ସାରିଆ, ଏହି ଧଣ୍ଡା , ଏହି ମହାରଦ ସାକ୍ଷୀ ରହିଲେ, ମୁଁ ତମର ସବୁ ଭଲ କରିଦେବି, ତମର ତିନି ପୁଅ ହେବ, ଆଉ ଭଗବାନର କୋଟିଏ ଆୟୁ ହେବ, କିଛି ଚିନ୍ତା ନାହିଁ ।

ସାରିଆ - ମୁଁ କଣ କରିବି ? ଚମ୍ପା ସାଆନ୍ତାଣୀ , ମୁଁ କଣ କରିବି ।

ଚମ୍ପା - ତମକୁ କିଛି କରିବାକୁ ହବ ନାହିଁ, ଆଜି ସନ୍ଧ୍ୟାବେଳେ ଭଗବାନ ଓ ତମେ ଦୁଇଜଣ ଏଠିକି ଆସିବ, ଯାହା କରିବାକୁ ହେବ, ମୁଁ କରିଦେବି । ଆଉ

ମଙ୍ଗଳା ବରତ ଧଇଲେ ଯେତେବେଳ ଯାଏ ମଙ୍ଗଳାଙ୍କ କାମ ନ ହେଇଚି, ଦୁଇଜଣସିନା କରି ଓପାସ ରହିଥିବ, ଖାଲି ଅଳ୍ପ ଚୁଡା ଖାଇବ। ତମେମାନେ ବରତ କଥା ଜାଣି ନାହଁ; ସେଥିପାଇଁ କହୁଛି ।

ତାହାବାଦ୍ ସାରିଆ ଧୀରେ ଧୀରେ ଦୀଘି ମଧ୍ୟକୁ ଗାଧୋଇବାକୁ ଗଲା । ଚମ୍ପା କେତେବେଳଯାଏ ଗଛମୂଳରେ ଠିଆହୋଇ ଚାରିଆଡକୁ ଅନାଇ ସନ୍ତୁଷ୍ଟ ଚିତ୍ତରେ ସାଆନ୍ତଙ୍କ ଉଆସ ଆଡକୁ ଚାଲିଗଲା ।

ଆମ୍ଭେମାନେ ଗୁପ୍ତଭାବରେ ଅନୁସନ୍ଧାନ କରି ସମ୍ବାଦ ପାଇଅଛୁଁ, ସେଦିନ ଅଧରାତିଯାଏ ସାରିଆ ଉଆସ ମଧ୍ୟରେ ଥିଲା, ଭଗବାନ କଚେରୀରେ ଥିଲା । ତହିଁଆର ଦିନଠାରୁ ଚାରିଦିନଯାଏ ଭଗବାନକୁ ଗାଁମଧ୍ୟରେ କେହି ଦେଖିନାହିଁ । ତାହାକୁ କଟକ ବାଟରେ ଲୋକେ ଦେଖିଥିବାର କେହି କେହି କହନ୍ତି ।

--o--

# ଚତୁର୍ଦ୍ଦଶ ପରିଚ୍ଛେଦ

**ମନ୍ତ୍ରଣା :**

ହୁକେ-ହୁକେ-ହୋ । ହୁକେ-ହୁକେ-ହୋ । ହୁକେ-ହୋ, ବିଲୁଆ ଡାକିଲେ ଠିକ୍ ଅଧରାତି । ମଫସଲର ଗାଁରେ ଘଡି ଘଣ୍ଟା ନାହିଁ, ବିଲୁଆ ଡାକ ଶୁଣି ରାତି ଠିକ୍ କଲୁଁ । ଏହି ପ୍ରାଣୀଗୁଡିକ ଗ୍ରାମର ଭାରି ଉପକାରୀ । କ୍ଷୁଦ୍ର ଗ୍ରାମରେ ମିଉନିସିପାଲିଟି କମିଶନର ନାହାନ୍ତି । ଗ୍ରାମରୁ ମଲା କୁକୁରଟି, ମଲାମୂଷାଟି, ମଲା ବିରାଡିଟି, ଆଉ ଆଉ ମଇଳା ଦ୍ରବ୍ୟ ଉଠାଇବା କାର୍ଯ୍ୟ ଏମାନଙ୍କ ଜିମା। ଅଧ ରାତି ଗୋବିନ୍ଦପୁର ଗ୍ରାମ ନିସ୍ତବଧ , ଚେଁ ଭେଁ ଶବ୍ଦଟି ନାହିଁ । ତେଲିସାହିରେ ଗୋଟିଏ ଶେଜପିଲା କୁଆଁ କୁଉଁଆଁ କରି କାନ୍ଦୁଥିଲା , ତାହାର ମା ନିଦ ଅଳସରେ ପିଲାକୁ ଥାପୁଡାଥାପୁଡି କରି ଭାରି ଭାରି ମୂଲ୍ୟବାନ ଏବଂ ଦୁଷ୍ପ୍ରାପ୍ୟ ଜିନିଷମାନ ଯାଚି ଏବଂ ଚୋର, ଚୌକିଆ , ବାଘ ପ୍ରଭୃତି ଭୟଙ୍କର ପ୍ରାଣୀମାନେ ଆସୁଥିବାର ଭୟ ଦେଖାଇ ଏବଂ ପିଲାଟି ଯେ ଖୁବ୍ ଭଲ, ସେ କାନ୍ଦିବ ନାହିଁ, ତୁନି ହୋଇ ଶୋଇପଡିବ ଇତ୍ୟାଦି ପ୍ରଶଂସାବାଦ କରି ଶୁଆଇ ପକାଇଲାଣି । ମଙ୍ଗରାଜଙ୍କ କଚେରି ଅଗଣାରେ ଆମ୍ଭମାନ ଙ୍କ ଗୋବରା ଜେନା ଆଉ ସଉତୁଣିଆ ମୌଜାର ଚୌକିଆ ଦାସ ଜେନା ଦୁଇଜଣ ଚିତାଏ ଲେଖାଏଁ ଲମ୍ବ ବାଉଁଶବାଡି ଦୁଇ ଖଣ୍ଡ ବିଏଁ ବିଏଁ ଲମ୍ବ ଦୁଇଟା ନିଆଁ ବରିଆ ପାଖରେ ପକାଇ ନିଶ୍ଚିନ୍ତଭାବରେ ଶୋଇଛନ୍ତି , ବାହାରର ଲୋକେ ମନରେ କରିବେ, ମଙ୍ଗରାଜଙ୍କ କଚେରିରେ ଦୁଇଟା ଘୁଷୁରି ଚରୁଛନ୍ତି ଅବା । ଆମ୍ଭେମାନେ ସର୍ବ ଦା ସବୁ ବିଷୟରେ ସାବଧାନ ଥାଉଁ, ସବୁ ବିଷୟ ଅନୁସନ୍ଧାନ କରି ବୁଝୁଁ, ତଥାପି ପ୍ରଥମେ ଆମ୍ଭମାନଙ୍କର ମଧ୍ୟ ଭ୍ରମ ହୋଇଥିଲା, ମାତ୍ର ଭଲକରି କାନ ଡେରି ଶୁଣିବାରୁ ଶୁଣାଗଲା, ଚୌକିଦାର ଦୁଇ ଜଣଙ୍କ ନାକର ଘୁଙ୍ଗୁଡି ଡାକ ଭ୍ରମ ପ୍ରମାଦର କାରଣ ଅଟେ । କଚେରି ବାହାର ପିଣ୍ଡାରେ ତିନିଜଣ ପ୍ରଜା ପଟାପଟ୍ ପଟାପଟ୍ ଚାପୁଡା ବାଡେଇ ହୋଇ ଗଡୁଥାନ୍ତି । କ୍ଷୁଧା , ଚିନ୍ତା , ମଶା ଏମାନଙ୍କ ସହିତ ନିଦ୍ରାର ସଉତୁଣୀ

ସମ୍ବନ୍ଧ ଥିଲାପରି ଜଣାଯାଏ । ପ୍ରଜା ତିନିଜଣ କରଜା ଧାନ ସକାଶେ ଅଟକ ଅଛନ୍ତି । ଦିନଯାକ ଦକ୍ଷିଣ ହସ୍ତର କାର୍ଯ୍ୟ ସଙ୍ଗେ ସମ୍ପର୍କ ନାହିଁ, ତାହା ଉପରେ ମଶା, ଏ ଉତ୍ତାରେ ଚିନ୍ତା ଆଉ ନିଦ କଥା କିଆଁ ପଚାର ?

କଚେରି ପ୍ରସ୍ତ ଟପି ଭିତରକୁ ଯିବାର ପ୍ରଥମ ପ୍ରସ୍ତରେ ମଙ୍ଗରାଜଙ୍କ ପହଡ ଘର । ପ୍ରୟୋଜନବେଳେ ଲୋକେ ତାହାକୁ ଗନ୍ତାଘର ମଧ୍ୟ କହନ୍ତି । ଉଆସର ସବୁ ଘରଠାରୁ ଏ ଘରଟି ଶ୍ରେଷ୍ଠ ହେବାର ଉଚିତ, ମଧ୍ୟ ସେ ବିଷୟରେ ତ୍ରୁଟି ହୋଇନାହିଁ । ଘରଟି ଆଟୁ, ପାଞ୍ଚଶେଣିଆ ପୂର୍ବଦୁଆରୀ , ସମ୍ମୁଖରେ ଚୌଡାପିଣ୍ଡା । ଦୁଆରେ ପଣସ କାଠର ଯାଉଁଳି କବାଟ ଲାଗିଛି । କବାଟରେ ଚାରିକୋଣିଆ ଛକ ପଡି ବତା, ଛକରେ ଛତିବାଲା ଲୁହାମେଖ ବାଡିଆ । ବାହାରକୁ କଡା ଆଉ ଶିକୁଳି ଦୁଇଟା ଲାଗିଅଛି । ଦୁଇଟା ବଡ ବଡ ନଳୀ କୋଲପ ପଡେ । ଘର ପଶ୍ଚିମପଟ କାନ୍ଥର ପେଟେ ଉଞ୍ଚରେ ଦେଢ ଚାଖଣ୍ଡେ ଓସାର ଗୋଟାଏ ଗଜଲଗା ଝରକା ଲାଗିଅଛି । ମଗୁଶିର ମାସ ଗୁରୁବାରକୁ ଘର ଲିପାପୋଛା ହେଲେ କଦାଚିତ୍ ସେ ଝରକା ଫିଟେ । ଘର ଚାରିକଣ ଘିଟିଘିଟିଆ ଅନ୍ଧାର , ତୁମ୍ଭ ଆମ୍ଭ ପକ୍ଷରେ ଦିନବେଳେ ଆଲୁଅ ଲୋଡା । ଘର କୋଣମାନଙ୍କରେ ଅସରପା ବୋଲେ-ମୁହିଁ, ମୂଷା ବୋଲେ-ମୁହିଁ । ବର୍ଣ୍ଣସାଦୃଶ୍ୟ ହେତୁରୁ ହେଉ ବା ନାମ ସାମଞ୍ଜସ୍ୟ ହେତୁରୁ ହେଉ, ଚମ୍ପା କହେ ଅସରପା ଲକ୍ଷ୍ମୀ , ଘରେ ଅସରପା ଥିଲେ ଅସର୍ପି ଆସେ; ସୁତରାଂ ଅସରପା ବଂଶ କାହାରି ବିନା ବାଧା ବଳତ୍କାରରେ ପୁତ୍ର ପୌତ୍ରାଦି କ୍ରମେ ଘରକୋଣମାନ ଅଧିକାର କରି ରହିଅଛନ୍ତି । ଘରର ଉତ୍ତରପଟ କାନ୍ଥକୁ ଲଗାଇ ଗୋଟାଏ ଲମ୍ବା ବାଉଁଶଘୁଞ୍ଚୁଞ୍ଜି ଉପରେ ତିନିଟା ବଡ ବଡ ପୁରୁଣା ବେତା ଆଡଖୁର ଥୁଆ । ଘୁଞ୍ଚୁଞ୍ଜି ତଳେ, ଘରକୋଣରେ ଗୁଡମାଠିଆ ଆମ୍ବୁଲ ହାଣ୍ଡି , କରଞ୍ଜତେଲ ଡିବା ପୁଞ୍ଜା ତିନି କି ଚାରି । ଆଉ ମୌଜାମାନଙ୍କରେ ଥିବା ତୋଟାରୁ କରଞ୍ଜସବୁ ବାଡିଆ ହୋଇ ଆସେ । ତେଲି ବେଠିରେ ପେଡିଦିଏ, ସେହି ତେଲ ସବୁ ଗନ୍ତାଘରେ ସାଇତା ଥାଏ । ବରଷକ ତେଲକିଣାରୁ ଖଲାସ-ବରଞ୍ଚ ବଳିପଡେ । ଦକ୍ଷିଣପଟ କାନ୍ଥ ପାଖକୁ ଦୁଇଟା ବଡ ବଡ ଆମ୍ବକାଠର ସିନ୍ଦୁକ , ଆଉ ତାକୁ ଲଗାଇ ଗୋଟାଏ ଶାଳକାଠର ସିନ୍ଦୁକ । ଏଟା ଲକ୍ଷ୍ମୀ ସିନ୍ଦୁକ ,

ପ୍ରତିଦିନ ଚମ୍ପା ସଞ୍ଜ ଦିଏ, ଗୁରୁବାରକୁ ଗୁରୁବାର ସନ୍ଦୁର ଚନ୍ଦନ ଦେଇ ପୂଜା ହୁଏ, ଅରୁଆ ଚାଉଳ ଗୁଡ ଭୋଗ ଲାଗେ । ଓରାରେ ତିନି ଚାରିଟା ଶିକାରେ ଘିଅ ମାଠିଆ ଝୁଲୁଅଛି । ଗୋଠରୁ କାଟଘିଅ ଆସି ସେଥିରେ ଜମାହୁଏ । ସିକା ଆଉ ଓରାମାନଙ୍କରେ କଳା କଳା ପାଲିକି ଥୁପନାପରି ବୁଢ଼ିଆଣୀ ବସା ମେଞ୍ଚା ମେଞ୍ଚା ଝୁଲୁଅଛି । ପଶ୍ଚିମ ପଟ କାନ୍ଥ ପାଖକୁ ଉତ୍ତର ଦକ୍ଷିଣ ହୋଇ ମଙ୍ଗରାଜଙ୍କ ବଡ ତକ୍ତପୋଷ । ଦକ୍ଷିଣ ଦିଗ ମୁଣ୍ଡ ପାଖକୁ ଭାରି ଗୋଟାଏ ବଡ ମଣ୍ଡି ହେଁସ ଉପରେ ମୋଟା ଦେଶିଆ ଲୁଗାର ଦୋହର ବିଛଣା । ଚାଦରକୁ ଦେଖିଲେ ହଠାତ୍ ବୁଟାଦାର ଛିଟଲୁଗା ବୋଲି ଭ୍ରମ ଜନ୍ମିପାରେ , ମାତ୍ର ଆମ୍ଭେମାନେ ଭଲକରି ଦେଖିଅଛୁ, ରକ୍ତକୃଷ୍ଣାଭ ଚିହ୍ନଚାଡିକ ମୃତ ଓଡଶ ଶରୀରନିସୃତ ଶୁଷ୍କ ଶୋଣିତ ବିନ୍ଦୁ ଅଟେ ।

ଆଜି ଏହି ଅଧରାତି ସମୟରେ ସେହି ତକ୍ତପୋଷ ଉପରେ ଗୋଟିଏ ପୁରୁଷ ଏବଂ ତଳେ ଗୋଟିଏ ସ୍ତ୍ରୀ ବସି ଭାରି କଥାବାର୍ତ୍ତାରେ ଲାଗି ଯାଇଅଛନ୍ତି । ପାଠକମାନଙ୍କୁ ଚିହ୍ନାଇଦେବାକୁ ହେବ ନାହିଁ । ଏହି ସ୍ତ୍ରୀ ପୁରୁଷ ଦୁଇ ଜଣ ଆମ୍ଭମାନଙ୍କର ଚମ୍ପା ଆଉ ଖୋଦ୍ ରାମଚନ୍ଦ୍ର ମଙ୍ଗରାଜ । ଚମ୍ପା ତପ୍ତପୋଷ ଉପରେ ଦୁଇହାତ ପକାଇ ଭିଡି ବସିଅଛି; ମଙ୍ଗରାଜେ ତାହା ଆଡକୁ ଈଷତ୍ ଝୁଙ୍କି ପଡିଅଛନ୍ତି । ତକ୍ତପୋଷ ଠାରୁ ତିନିହାତ ଦୂରରେ ପିତ୍ତଳର ଗୋଟିଏ ଦୀପରୁଖା ଥୁଆ, ତାହା ଉପରେ ମାଟି ବଇଠାଟିଏ ମିଞ୍ଜି ମିଞ୍ଜି ଜଳୁଅଛି, ଦୀପରୁଖାଟି ସର୍ବାଙ୍ଗ ତେଲକାଣ୍ଟିରେ ଲିପ୍ତ । ରୁଖାତଳ ଥାଳିଆରେ ବଳିତା ଗୁଳମିଶାନୀଳିଆ ତେଲ ପଳେ ହେବ ଜମା ଅଛି ।

ଚମ୍ପା ଆଉ ମଙ୍ଗରାଜେ ଅନେକ ରାତ୍ରି ପର୍ଯ୍ୟନ୍ତ କି କଥାବାର୍ତ୍ତା , କି ମନ୍ତ୍ରଣା କଲେ ସବୁ କଥାଗୁଡିକ ଶୁଣିବାକୁ ଆପଣ ସୁଖ ପାଇବେ ନାହିଁ । ଆମ୍ଭମାନଙ୍କର ମଧ୍ୟ ଅଧିକ ଲେଖିବା ଅଭ୍ୟାସର ବିରୁଦ୍ଧ ; ଅଥଚ ଏହି କଥାଗୁଡିକ ସତ୍ୟ ଘଟଣା ବୋଲ, ଗାଲୁଗଳ୍ପ ବୋଲା, ଉପନ୍ୟାସ ବୋଲ ଏଥିର ପ୍ରଧାନ ନାୟକ ନାୟିକାମାନଙ୍କର କଥା ଛାଡିଲେ କର୍ମ ଅଚଳ । ସୁତରାଂ ଚାରିଆଡକୁ ଚାହିଁ ପାଠ ଲଗାଇବା ସକାଶେ ' ଘଡିର ତେଲ ନ ସରୁ;

ପୁଅମୁଣ୍ଡ ନୁଖୁରା ନ ରହୁ' ଭଳିଆ କହିଦେବାକୁ ହେଲା । ଚମ୍ପା କହିଲା, '' ବାପାର ଠିକ ନାହିଁ, ମା'ର ଠିକ୍ ନାହିଁ, ଦଗାବାଜି କରି ପଠାଣ ଟୋକାଠାରୁ ଜମିଦାରୀ ଆଣି ଗାଁରେ ବୋଲାଉଛି କି ନା ଜମିଦାରି । ହେଲୁ ହେଲୁ ଜମିଦାର ତୋ ଘରକୁ । ଗୋରୁ ଛାଡିଦେଇ ଫନ୍ଦା ଉଜାଡ, ଫେର କିନା - କହିଲେ ଗାଳି ? ପଳାଇଯାଇ ମାଈକିନିଆ ଭିତରେ ଲୁଚିଲା, ପଡିଥାଆନ୍ତା ତ ହାତରେ ! ସାଆନ୍ତେ , ଜଣେ ନୁହେଁ ଦୁଇଜଣ ନୁହେଁ, ଗାଁ ଲୋକଗୁଡାକ ଜମା ହୋଇଥାଆନ୍ତି , ଦୋକାନ ପିଣ୍ଡାରେ ବସି ଗାଳି ଦେଉଥାଏ, ମୁଁ ପାନ କିଣିବି କ'ଣ ଦୋକାନ ଦୁଆର ପାଖରୁ ପଳାଇ ଆସିଲି । ଅଳପାଇସିଆ; ଖଣ୍ଡିଆ ନଈଶୁଆ ! ସାଆନ୍ତେ ମୁଁ କି ଛାଡିବା ଲୋକ ? ଆଉ କେହି ହୋଇଥିଲେ ତା ନାକ କାମୁଡି ପକାଇଥାନ୍ତି ପରା ? ମାତ୍ର ମଣିଷଟା ଅସୁର ପରି ଭେଣ୍ଡିଆ । ତା ବାଉଁଶଠେଙ୍ଗା ଦେଖି ମୋ ପିଳେହି ପାଣି ହୋଇଗଲା । ତୁମ୍ଭେ ଏହାର ବାଟ କର, ନୋହିଲେ ମୁଣ୍ଡ ଫଟେଇ ଦେବି, ବିଷ ଖାଇ ମରିବି, ପାଣିରେ ବୁଡି ମରିବି । '' ଚମ୍ପା ଏହା କହି ଧକେଇ କାନ୍ଦିବାକୁ ଲାଗିଲା ।

ମଙ୍ଗରାଜେ - ତୁନି ହ ଚମ୍ପା , ତୁନି ହ ! ସେହି ଠେଙ୍ଗାକୁ ତ ମୋର ଡର । ଚାରିଟାକୁ ଚାରିଟା ଅସୁର ପରି ନିହାତି ମୂର୍ଖ । କଥା ପଦକେ ଠେଙ୍ଗା କାଢ଼ି ବସିବେ । ଆଉ ସେ କଥା ତ କେତେଦିନୁ କରାଇ ଦେଇ ସାରନ୍ତିଣି । ଆମର ଗୋଟିଏ ବିଲେଇ ପିଲା ସେ ଗାଁକୁ ଗଲେ ପଛକୁ ଚାହିଁଥିବେ । ଗୋବରା ଏତେ ଚାଲାଖ, ଏତେ ହୁସିଆର, ତା ହାତରେ ତ କିଛି ହେଲା ନାହିଁ । ସେ କ'ଣ କରିବ ? ଦିନ ରାତି ଲୋକ ଜଗୁଆଳି ।

ଚମ୍ପା - ନା ନା ସଆନ୍ତେ , ସେ କଥା ହେବ ନାହିଁ । ତୁମେ ଏହାର ବାଟ କର, ନୋହିଲେ ମୁଁ ତ ଗାଁ ମାଈକିନିଆଙ୍କ ଆଗରେ ମୁହଁ ଦେଖାଇପାରିବି ନାହିଁ ! ସେମାନେ କି ଏଡେ ପାରୁଆ ହେଲେ, ତୁମକୁ ଜିଣିଲେ ?

ମଙ୍ଗରାଜେ - ଦେଖ ଚମ୍ପା , ଶାସ୍ତ୍ରରେ ଅଛି, ''ଛଳେ ବଳେ କଉଶଳେ, ଶତ୍ରୁକୁ ସାଧିବ ହେଳେ । '' ମୁଁ ତ ପାରିଲି ନାହିଁ ତୁ ଏଥିର କିଛି ଫିକର କାଢ଼, ତୁ ବିଚାରିଲେ ସବୁ ହେବ ! ଦେଖ, ମୁଁ ତିନିବରଷ କାଳ ଲାଗି ଲାଗି ସେ ତନ୍ତୀକୁ ପାରି ନ ଥିଲି, ତୁ ଯେପରି ହାତ ଦେଲୁ, କାମ ଫତେ ।

ଚମ୍ପା ବଇଠା ତେଜି ଦେଇ ଖୁବ୍ ଗୋଟାଏ ହସିଲା, କହିଲା, ''ଦେଖ ସାଆନ୍ତେ ପ୍ରଥମେ ମନରେ କରିଥିଲି ପାରିବି ନାହିଁ, ବୁଦ୍ଧି ଖରଚ କଲେ କ'ଣ ନ ହୁଏ ? ସେ ଛମାଣ ଆଠଗୁଣ୍ଠ ଚକକୁ କାଲି ହଳ ଯିବ ତ ?''

ମଙ୍ଗରାଜେ - ମୁଁ ହଳିଆମାନଙ୍କୁ କହିଦେଇଛି, କାଲି ସକାଳେ ହଳ ନେବେ, କଡ଼ାଣ ଦୋହଡ ସବୁ ସାରିବେ । ମୁଁ ମଧ୍ଯ ବିଲକୁ ଯିବି ।

ଚମ୍ପା : ସେମାନଙ୍କ ଘର ଭାଙ୍ଗିଦେଇ ଭଲ କଲ । ଘର ଥିଲେ କେତେବେଳେ ଜମି ସକାଶେ ଲଗାନ୍ତେ ।

ମଙ୍ଗରାଜେ : ଜମି ଛମାସ ମିଆଦରେ କଟବନ୍ଧକ ଥିଲା, ମିଆଦ ଗଲାରୁ ଜମି ପାଇଲୁ, ମକଦ୍ଦମା ସକାଶେ ଘର ହେଲା, ମୁଁ କିଣିନେଇ ଭାଙ୍ଗିଦେଇଛି ।

ଚମ୍ପା : ଜମି ହେଉ, ଘର ହେଉ ଯାହା ହେଉ ସେଇ ଗାଇଟି ଲାଗି ମୁଁ ଏତେକଥା କଲି । ଗାଇ ତ ନୁହେଁ, ଗୋଟିଏ ଗୁଣ୍ଡୁଣୀ ହାତୀ । ଆଜି କଚେରୀ ପିଣ୍ଡାରେ ବାନ୍ଧି ଆସିଅଛି, କାଲିଠାରୁ ଉଆସ ଭିତରେ ବାନ୍ଧିବି । ସେ ଦୁଇଟା କୁଆଡେ ଗଲେ ?

ମଙ୍ଗରାଜେ : କେଉଁ ଦୁଇଟା ? ଭଗିଆ ସାରିଆ ? ବାବନାଭୂତ ପରି ଯା ଓଳି ତା ଓଳିରେ ପଶୁଛନ୍ତି ।

ଚମ୍ପା : ସେଦିନ ସକାଳେ ସାରିଆ ମଙ୍ଗଳା ପାଖରେ କାନ୍ଦିକାନ୍ଦି ମୁଣ୍ଡ କୋଡି ହେଉଥାଏ, ମତେ ଦେଖି ଆହୁରି କାନ୍ଦିଲା , କ'ଣ କହିବ ବୋଲି ମୋ ପାଖକୁ ଆସୁଥିଲା ମୁଁ ମୁହଁ ବୁଲାଇଦେଇ ଚାଲିଆସିଲି । ତାହାବାଦ୍ ଚମ୍ପା ଓ ମଙ୍ଗରାଜଙ୍କ ମଧ୍ଯରେ ଅନେକ ରାତି ପର୍ଯ୍ଯନ୍ତ କଥାବାର୍ତ୍ତା ହେଲା । ଶେଷରେ ଏମନ୍ତ ସାବଧାନ, ଏମନ୍ତ ଗୁପ୍ତ ଭାବରେ ବସି ମନ୍ତ୍ରଣା କଲେ ଯେ, ଆମ୍ଭେମାନେ କୌଣସିକ୍ରମେ ସେଥିର ସନ୍ଧାନ ପାଇପାରିଲୁ ନାହିଁ । ପରସ୍ପର ମୁହଁକୁ ଚାହିଁବସିଛନ୍ତି । ଦୁହେଁ କଥାରେ ମଗ୍ନ । ଏମନ୍ତ ସମୟରେ ସେହି ଦୁହିଁଙ୍କ ମଧ୍ଯରେ ଗୋଟିଏ ସ୍ତ୍ରୀ ମୂର୍ତ୍ତିର ଛାୟା ପଡିଲା । ଦୁହେଁ ଚମକି ପଡିଲାପରି ସେହି ମୂର୍ତ୍ତିକୁ ଅନାଇ ରହିଲେ । ହଠାତ୍ କଥାବାର୍ତ୍ତା ବନ୍ଦ ।

ଆଗନ୍ତୁକ ଫଁ କରି ଗୋଟିଏ ନିଶ୍ବାସ ପକାଇଲେ । ମନରେ ଦାରୁଣ କଷ୍ଟ ଜାତ ହେଲେ ଯେଉଁ ନିଶ୍ବାସ ପଡେ, ଏହା ସେହିପରି ତତଲା ନିଶ୍ବାସ । ସମସ୍ତ ନୀରବ ନିଶ୍ଚଳ , କାଷ୍ଠ ପ୍ରତିମା ପରି ସ୍ପନ୍ଦନହୀନ , ଘର ନିସ୍ତବ୍ଧ ।

କିଛିକ୍ଷଣ ଉତ୍ତାରେ ମଙ୍ଗରାଜେ ସେହି ସ୍ତ୍ରୀ ମୂର୍ତ୍ତିଟିକୁ ଅନାଇ ପଚାରିଲେ, ''କ'ଣ ?''

ସମସ୍ତେ ନିରୁତ୍ତର ।

ପୁନର୍ବାର ମଙ୍ଗରାଜେ ପଚାରିଲେ- ''କ'ଣ ?''

କିଛି ଉତ୍ତର ନାହିଁ, ପୁନର୍ବାର ପୂର୍ବବତ୍ ଦୀର୍ଘ ନିଶ୍ବାସ ।

ମଙ୍ଗରାଜେ କିଞ୍ଚିତ୍ ବିରକ୍ତ ହୋଇ ପୂର୍ବଠାରୁ ଉଚ୍ଚ ସ୍ବରରେ ପଚାରିଲେ, ''କ'ଣ କିଛି କହୁନାହଁ କ୍ୟାଁ ?''

ସାଆନ୍ତାଣୀ : (ଆଗନ୍ତୁକା ମଙ୍ଗରାଜଙ୍କ ଭାର୍ଯ୍ୟା ) ଅତି ଧୀର ଅତି ବିନୟରେ କହିଲେ, ''ମୁଁ କହୁଛି ରାତି ହେଲାଣି, ଶୋଇପଡ, ଆଉ ସେ

କଥାଗୁଡାକ ପାଞ୍ଚ ନାହିଁ । ''

ଚମ୍ପା ଅବଜ୍ଞା କରି ଗମ୍ଭୀର ସ୍ବରରେ କହିଲା, ''ହୁଁ''।

ମଙ୍ଗରାଜେ : ଆଚ୍ଛା ମୁଁ ଯାଉଛି, ତୁମ୍ଭେ ବାହାରକୁ ଯାଅ ।

ଚମ୍ପାର ଅବଜ୍ଞାସୂଚକ 'ହୁଁ' ଶବ୍ଦ ସାଆନ୍ତାଣିଙ୍କ କଲିଜାରେ ବର୍ଚ୍ଛାପରି ବାଜିଥିଲା; ତାହାବାଦ୍ 'ଆଚ୍ଛା ତୁମ୍ଭେ ବାହାରକୁ ଯାଅ' କଥାଟା ତାଲୁରେ ସହସ୍ର ବିଛା କାମୁଡିଲାପରି ଜଣାଗଲା । ଚମ୍ପା ରହିବ ଭିତରେ, ମୁଁ ଯିବି ବାହାରକୁ ! ଯେ ସବୁ ଘଟଣାରେ ପୁରୁଷଙ୍କ କଠିନ ମନ ଭାଙ୍ଗିପଡେ , କୋମଳାମନା ସହଜରେ ସହିଯାଆନ୍ତି । ସହିଷ୍ଣୁତା ଗୁଣ ସ୍ତ୍ରୀମାନଙ୍କର ପୁରୁଷମାନଙ୍କ ଠାରୁ ଢ଼େର ବେଶୀ, ସେମାନେ ଢ଼େର ସହିପାରନ୍ତି ; ମାତ୍ର ସ୍ବାମୀର ଅନାଦର ଏବଂ ଅବିଶ୍ବାସ ସତୀ ସ୍ତ୍ରୀମାନଙ୍କ ପକ୍ଷରେ ଅସହ୍ୟ । ପୁଣି ସ୍ବାମୀ ସାକ୍ଷାତରେ ଦାସୀକୃତ ଅବଜ୍ଞା ମରଣାଧିକ କଷ୍ଟକର । ତେବେ ଉପସ୍ଥିତ ଘଟଣା ନୂତନ ନୁହେଁ ଚିରକାଳ ସହି ସହି ଅଭ୍ୟାସ ପଡିଯାଇଅଛି ତଥାପି; ସାଆନ୍ତାଣୀଙ୍କ କଣ୍ଠରୋଧ ହୋଇଗଲା, ମୁଣ୍ଡ ବୁଲାଇଲା, ସମସ୍ତ

ଅଙ୍ଗ ଅବଶପ୍ରାୟ ହୋଇଗଲା । କୌଣସି ରୂପେ ସମ୍ଭାଳି ହୋଇ ଧୀରେ ଧୀରେ ଘରୁ ବାହାରି ଆସି ପିଣ୍ଡାରେ ବାଡକୁ ଆଉଜି ଲଠ୍‌କରି ବସିଗଲେ । ଆମେମାନେ ସମ୍ବାଦ ପାଇଅଛୁ, ସେହି ରାତ୍ରିଠାରୁ ସାଆନ୍ତାଣୀଙ୍କ ମୁଖରୁ କେହି କିଛି କଥା ଶୁଣି ନାହିଁ । ମଧ୍ୟ ସେ ଲୁଚାଇବାକୁ ବିଶେଷ ଚେଷ୍ଟା କରୁଥିଲେ ସୁଦ୍ଧା ସର୍ବଦା ତାହାଙ୍କ ଆଖିରୁ ପାଣି ବହୁଥିବାର ଦେଖାଯାଉଅଛି ।

ଚମ୍ପା ଧଡ୍‌କରି କବାଟଟା ଆଉଜାଇ ଦେଇ ଆପଣା ସ୍ଥାନରେ ବସି କହିଲା ''ମୋତେ କେହି ଗାଳିଦେଇ ଛାଞ୍ଚୁଣି ମାରୁ ପଛକେ କାଟିବ ନାହିଁ; ମାତ୍ର ତୁମକୁ ପଦେ କେହି କହିଲେ ମୋ ହୃଦ ହାଣିହୋଇଯାଏ । ସାଆନ୍ତାଣୀଙ୍କ କଥା ଶୁଣିଲେ ତ ? ଆଉ କେହି ହେଲେ ମୁହଁ ଚାହନ୍ତା ନାହିଁ ପରା ?'' ସାରିଆ କଥାବେଳେ ତ ସବୁ ବୁଝି ନେଇଅଛ ! ତୁମକୁ ଫେର କିଏ ବୁଝାଇଦେବ ? ବରଷକସାରା ଲାଗିଲା ମୁଠା ମୁଠା ଟଙ୍କା ଘରୁ ବାହାରିଗଲା, କଟକ ମାମଲା ଲାଗିଲା । ବଗିଚାର ଦଶ ଶଗଡ କି କୋଡିଏ ଶଗଡ ପଥର ମଙ୍ଗଳା ପାଖକୁ ବୋହିଦେଲ, ଶେଷରେ ସାଆନ୍ତାଣୀ କହନ୍ତି କି ନା, ସାରିଆର ଛମାଣ ଆଠଗୁଣ୍ଠ ଜମି ଛାଡିଦିଅ, କି ନା ତାହା ଘର ଭାଙ୍ଗ ନାହିଁ ।'' ଏହା କହି ଚମ୍ପା ଠୋ ଠୋ କରି ହସିଲା ।

ଘୋର ନୈଶ ନସ୍ତବ୍ଧତା ଭେଦ କରି ସେହି ପୈଶାଚିକ ବିକଟ ହାସ୍ୟ ସାଆନ୍ତାଣୀଙ୍କ କର୍ଣ୍ଣପଟହ ଭେଦ କରିଥିବ; ମାତ୍ର ସେତେବେଳେ ତାହାଙ୍କର ସେଥିରେ ଦାରୁଣତ୍ୱ ଅନୁଭବ କରିବାର ଶକ୍ତି ନ ଥିଲା ।

ମଙ୍ଗରାଜ ଚମ୍ପା ମଧ୍ୟରେ ଯେଉଁ କଥା ଚଳିଲା, ଅନ୍ୟକୁ ଅଗୋଚର, କେବଳ ଚମ୍ପା ମୁଖର କଥା ଏତିକି ଶୁଣାଅଛି, ''ତୁମେ ତ ମୋତେ ଖଣ୍ଡେ ଡୋଲି ଚାରିଟା ଭାର ସଜାଡି ଦିଅ, ଦେଖିବ, ମୁଁ ଯଦି ନପାରେ ନାକ କାଟିଦେବ ।''

--0--

# ପଞ୍ଚଦଶ ପରିଚ୍ଛେଦ

**ବାଘସିଂହ ବଂଶ :**

ପ୍ରସିଦ୍ଧ ଆଇନ ଆକବରୀ ଲେଖକ ଆବୁଲ୍ ଫାଜଲ ବୋଲନ୍ତି "ଓଡିଶାରେ ପ୍ରକୃତ ଭୂମ୍ୟଧିକାରୀ ଖଣ୍ଡାଏତମାନେ ଥିଲେ ।" ପ୍ରକୃତରେ ଗଜପତି ଦରବାରରେ ଖଣ୍ଡାମୁଠିଠାରୁ ଲେଖନ ମୁନପର୍ଯ୍ୟନ୍ତ ସମସ୍ତ ରାଜକାର୍ଯ୍ୟ ସେମାନଙ୍କ ହସ୍ତଗତ ଥିଲା । ବେତନ ନିମନ୍ତେ ଗନ୍ତାଘରୁ ନଗଦ ଟଙ୍କା ପାଉ ନ ଥିଲେ, ଓଡିଶାର ଅଧିକାଂଶ ଭୂମିଖଣ୍ଡ ଜାୟଗିରିସ୍ବରୂପେ ପୁରୁଷାନୁକ୍ରମେ ବାଣ୍ଟି ଖାଉଥିଲେ । ଖଣ୍ଡାଏତମାନଙ୍କ ବାହୁବଳରେ ଓଡିଶା ବହୁ କାଳପର୍ଯ୍ୟନ୍ତ ସ୍ବାଧୀନତା ରକ୍ଷା କରିବାକୁ ସକ୍ଷମ ହୋଇଥିଲା । ପଠାଣମାନେ ତିନି ବର୍ଷରୁ ଅଧିକ କାଳ ବଙ୍ଗଳାଦେଶରୁ ତୁଙ୍ଗି ତୁଙ୍ଗି ମଧ ସୁବର୍ଣ୍ଣରେଖା ପାର ହୋଇ ପାରି ନ ଥିଲେ । ପାଇକମାନେ ସର୍ବଦା ରାଜଦରବାରରେ ଉପସ୍ଥିତ ନ ଥାନ୍ତି । ଦଳପତିମାନେ ଆପଣା ଆପଣା ଅଧିନସ୍ଥ ପାଇକମାନଙ୍କୁ ଘେନି ଗୋଟିଏ ଗୋଟିଏ ଚକ୍ରରେ ବାସ କରୁଥିଲେ । ଦଳପତିମାନଙ୍କ ବୈଠକ ସ୍ଥାନର ନାମ ଚୌପାଢ଼ୀ । ସେ ସ୍ଥାନରେ ମାଲବିନ୍ଧାଣ , ଫରିଖେଳ, କାଣ୍ଡବିନ୍ଧା ଏବଂ ଗୁଳିମାରିବା ଏହି ଚାରି ପ୍ରକାର ବିଦ୍ୟାଲୋଚନା ହେଉଥିବା ଯୋଗୁ ଚୌପାଢ଼ୀ ନାମରେ କଥିତ ହେଉଥିଲା । ଗଜପତିବଂଶର ପତନ ଉତ୍ତାରେ ଟୋଡରମଲ ବଡ ବଡ ଚୌପାଢ଼ୀକୁ କିଲ୍ଲା ନାମରେ ବନ୍ଦୋବସ୍ତ କରିଅଛନ୍ତି । ଓଡିଶାର ଅନେକ ସ୍ଥାନରେ ଆଜିପର୍ଯ୍ୟନ୍ତ ନାମମାତ୍ର କ୍ଷୁଦ୍ର କ୍ଷୁଦ୍ର ଚୌପାଢ଼ୀ ବିଦ୍ୟମାନ ଥିବାର ଦେଖାଯାଏ ଏବଂ ପ୍ରାଚୀନ ଦଳପତିମାନଙ୍କର ଅଯୋଗ୍ୟ ବଂଶଧରର ମଧ ଅଭାବ ନାହିଁ ।

ଆମ୍ଭମାନଙ୍କର ବାଘସିଂହ ବଂଶ ପୂର୍ବୋକ୍ତ ଦଳପତିମାନଙ୍କର ଜଣେ ବଂଶଧର ଅଟନ୍ତି । ଏମାନଙ୍କର ସଂଜ୍ଞା ମଲ୍ଲ , ଜ୍ୟେଷ୍ଠପୁତ୍ରର ଉପାଧି ବାଘସିଂହ । ଜ୍ୟେଷ୍ଠପୁତ୍ର ଜାୟଗିରିର ଉତ୍ତରାଧିକାରୀ । ଅନ୍ୟ

ପୁତ୍ରମାନେ ଭାତିଆ ପାଆନ୍ତି । 'ପଦା ଭୂଇଁରେ ଗବଦାରୁ' । ବାଘସିଂହ ବଂଶ କ୍ଷୁଦ୍ର ଜାୟଗିରିଦାର ଥଲେ ମଧ୍ୟ ମଫସଲରେ ନାମ ଡାକ ଥିଲା । ରତନପୁର ମୌଜାରେ ଚୌପାଢ଼ୀ , ସେଟା ନିସ୍କର ଖଣ୍ଡାଏତୀ ମାହାଲ, ତାକୁ ଛାଡି ତାଲୁକେ ଫତେପୁର ସରଷଣ୍ଡ ଏବଂ କେତେକ ଖଣ୍ଡ ବାଜେ ରିପୋର୍ଟ ଜମିଦାରି ଥିଲା । ନଟବର ଘନଶ୍ୟାମ ବାଘସିଂହ ଜମିଦାରୀସବୁ ଉଡାଇଦେଇ ଯାଇଛନ୍ତି । ଲୋକଟା ବଡ ସାହାଖର୍ଚ୍ଚୀ ଥିଲେ । ଖର୍ଚ୍ଚବେଳେ ଆଗପଛ ବିଚାର ଥାଏ ନାହିଁ । ଆଜି ପାଞ୍ଚ ବୋଇଲେ ନାହିଁ, ସାତ ବୋଇଲେ ନାହିଁ, ହାତରେ ପଡିଲା ଦେ ଖରଚ । ମୁଁହ ହରାଇ ଜିନିଷଟାଏ ମାଗିଦେଲେ ନା ପଦ ଶୁଣିବ ନାହିଁ । ଭ୍ାଟ ଭିକାରୀପାଇଁ ଦ୍ବାର ମେଲା । ଭାତହାଣ୍ଡି ବସାଇ ଟୋକାଇ ଘେନି ତାଙ୍କ ଆଗରେ ଛିଡାହେବାକୁ ଲୋକମାନଙ୍କର ଭରସା ଖଟୁଥିଲା । ଖାଇବା ଖୁଆଇବାକୁ ଷଣ୍ଢଟାଏ । ଗାଁଲୋକେ କହନ୍ତି , ବାଘସିଂହ ଆଗରେ ଯାହାକୁ ଥରେ ସରୁଚକୁଳି, ନଡିଆପୁର ମଣ୍ଡା , ପାଲୁଅ-କ୍ଷୀରୀ ଖୁଆଇଛନ୍ତି , ବଞ୍ଚିଥିବାଯାଏ ତାହା ମନରୁ ଯିବ ନାହିଁ । ନଟବର ଘନଶ୍ୟାମଙ୍କ ଦେହକରେ ଋଣ ଥିଲା, ତାଙ୍କ ପଛେ ପଛେ ଜମିଦାରୀ ସବୁ ଯାଇଅଛି, ଥିବା ମଧ୍ୟରେ ଖଣ୍ଡାଏତୀ ମାହାଲ । ନଟବର ଘନଶ୍ୟାମ ବାଘସିଂହଙ୍କର ଚାରି ପୁଅ । ଜ୍ୟେଷ୍ଠ ଭୀମସେନ, ଅନ୍ୟ ତିନି ପୁଅ ପହ୍ଲାଦ ମଲ୍ଲ , କୁଚୁଳି ମଲ୍ଲ , ବଳରାମ ମଲ୍ଲ । ପୁଅମାନେ ବାପା ପରି ଉଡାବାଜ ନୁହନ୍ତି , ଚାରିଆଡକୁ ନଜର ରଖି ଚାଲନ୍ତି । ପୂର୍ବ ସମ୍ପତ୍ତି ନାହିଁ, ଏକରକମେ ଦୁଃଖେରାମ, ସୁଖେ ରାମ ଚଳିଯାଏ । ପାଟ ଚିରିଲେ ପାଟ କନା, ପୁରୁଣା ଘର ବୋଲି ଲୋକେ ମାନନ୍ତି , ଭୟ ଭକ୍ତି କରନ୍ତି । ରତନପୁର ମୌଜାରେ ବାଘସିଂହ ଘର ଛାଡି ଗଉଡ, ଭଣ୍ଡାରୀ , ରାଢ଼ୀ ଗୁଡିଆ, ପୁଅଭାୟା ଅଠର ଘର । ଏମାନେ ବାଘସିଂହ ପୂର୍ବବଂଶ ଦିଆକ ଜାୟଗିରି ପୁରୁଷାନୁକ୍ରମେ ଭୋଗ କରି ଆସୁଅଛନ୍ତି । ଦରକାରବେଳେ ବାଘସିଂହ ଘରେ ବେଠି କରନ୍ତି । ପୁରୋହିତ ଘର ମଧ୍ୟ ଏହି ଗ୍ରାମରେ । ଏମାନଙ୍କୁ ଛାଡି ଡମ ଆଠ ଘର, ପର୍ବପର୍ବାଣୀରେ ବାଜା ବଜାଇବା ସକାଶେ ଏମାନଙ୍କର ଜାୟଗିରି ଅଛି । ବାଘସିଂହ ଘରେ ପହରାଦେବା ଏମାନଙ୍କର ଆଉଗୋଟିଏ କାର୍ଯ୍ୟ । ଆଜକୁ ତିନି ବରଷ ହେଲା ନାନା କାରଣରୁ ମଙ୍ଗରାଜଙ୍କ ସହିତ ବାଘସିଂହ ବଂଶର ଭାରି

କଳି ଲାଗିଅଛି । ମଙ୍ଗରାଜେ ଖୁବ୍ ବୁଦ୍ଧିମାନ , ମାଲି ମାମଲାରେ ଖୁବ୍ ଜାହାଁବାଜ; କିନ୍ତୁ ଠେଙ୍ଗାନାମ ଶୁଣିଲେ ଘରୁ ବାହରନ୍ତି ନାହିଁ । ଏଣେ ବାଘସିଂହ ବଂଶ ବୋଲନ୍ତି , "ଠେଙ୍ଗା ସର୍ବାର୍ଥସାଧିକା " । ବିଶେଷରେ ଡମମାନଙ୍କ ଭୟରେ ମଙ୍ଗରାଜଙ୍କ ଲୋକେ ରତନପୁର ପାଖ ପଶିପାରନ୍ତି ନାହିଁ; କିନ୍ତୁ ଡମମାନେ ବାଡି ମଧ୍ୟରେ ଚୋରାମାଲ ପୋତି ରଖିଥିବା ଅପରାଧରେ ଜେଲ ଯାଇଅଛନ୍ତି । ଲୋକେ ବୋଲନ୍ତି , ଡମମାନେ କୌଣସି ପୁରୁଷରେ ଚୋରିବିଦ୍ୟା ଜଣନ୍ତି ନାହିଁ, ମଙ୍ଗରାଜଙ୍କର ଏଥିରେ ଦୁଇଥଳୀ ଟଙ୍କା ଖରଚ । ମଙ୍ଗରାଜଙ୍କ ଉଦୁଆଁ ଗୋରୁ ରତନପୁର ମୌଜାରେ ଫନ୍ଦା ଉଜାଡ କରିବାରୁ ସେଦିନ ବଳରାମ ମଲ୍ଲେ ଗୋବିନ୍ଦପୁର ମୌଜା ଦୋକାନପିଣ୍ଡାରେ ବସି ମଙ୍ଗରାଜଙ୍କୁ ଦୁଇପଦ ଶୋଧିଦେଲେ । ମଙ୍ଗରାଜେ ପାଟି ଫିଟାଇ ପାରିଲେ ନାହିଁ । ଗୋବିନ୍ଦପୁରଠାରୁ ରତନପୁର ଦୁଇକୋଶ ଛଡା; ମାତ୍ର ଦୁଇ ମୌଜାର ବିଲ ଲଗା ଲଗି । ମଙ୍ଗରାଜଙ୍କ ଗୋରୁ ରତନପୁର ମୌଜା ଉଜାଡ କରୁଥିବାର ସର୍ବଦା ଶୁଣାଯାଏ ।

--0--

# ଷୋଡଶ ପରିଚ୍ଛେଦ

**ଟାଙ୍ଗୀ ମାଉସୀ :**

ଆଜି ସ୍ନାନ ପୂର୍ଣ୍ଣିମା , ଜ୍ୟେଷ୍ଠମାସିଆ ଦିନ, ଭାରୀ ଖରା, ମହାପ୍ରଭୁ ଅଣସରକୁ ଯାଇଛନ୍ତି , ଭାରୀ ଗୁଳୁଗୁଳି । ଆଜକୁ ଅଢ଼େଇ ମାସ ହେଲା ଟୋପାଏ ପାଣି ଦେଖିବାକୁ, ନାହିଁ । ପବନ ଗୁମସୁମ କରି ରହିଅଛି, ଖୁଣ୍ଟା ଗଛଗୁଡାକ ଜଗନ୍ନାଥ ମହାପ୍ରଭୁଙ୍କ ଆଗରେ ଗରୁଡଖମ୍ବ ପରି ଛିଡା ହୋଇଅଛନ୍ତି । ଆଉ ଗଛ ଥାଉ, ଅଶତ୍‌ଥପତ୍ର ଗୋଟିଏ ମଧ ଖସ କରିବାକୁ ନାହିଁ । ଦାଣ୍ଡ ବାଲିଗୁଡାକରେ ମୁଠାଏ ଧାନ ପକାଇ ଦେଲେ ଚଡଚଡ କରି ଖଇ ଫୁଟିଯିବ । ଗାଆଁର ବୁଲା କଳୀତିଳକୀ କୁତୀଟା ପୋଖରୀପଙ୍କରେ ପଡି ଲଟଲଟ ହେଉଅଛି, ଆଉ ଡେଙ୍ଗେ ଜିଭଟା କାଢ଼ିପକାଇ ଧକାଉ ଅଛି । ପାଣିକି ଯାଉ ନାହିଁ। ପାଣିଗୁଡାକ ତାତିଯାଇଛି ନା କ'ଣ ? ପଡିଆରେ ଗୋଟାଏ ମଧ ଗୋରୁ ବାଛୁରୀ ନାହାନ୍ତି ; ଗଛମୂଳରେ ଶୋଇପଡି ବୈଷ୍ଣବମାନେ ମାଳ ଝୁଲି ଧରି ହରିନାମ ଭଜିଲାପରି ଆଖି ବୁଜି ପାକୁଳି କରୁଅଛନ୍ତି । ଆକାଶରେ ଗୋଟିଏ କାଉ କୋଇଲି ଉଡିବାକୁ ନାହିଁ, ପତ୍ର ମଧରେ ଲୁଚି ଆଁ କରି ବସିଅଛନ୍ତି । ମୁଣ୍ଡଫଟା ଖରା; ଦିନ ତିନିପ୍ରହର ଗଡିଲାଣି; ତଥାପି ଆକାଶରୁ ନିଆଁ ଛିଡୁଛି ।

ହୁଁ ମେରା ଭାଇରେ ହୁଂ ହୁଁ
ଖବରଦାରିରେ ହୁଂ ହୁଁ
ଜୋର କରି ରେ ହୁଂ ହୁଁ ;
ଡାହାଣେ ଧର ରେ ହୁଂ ହୁଁ ;
ବାଁକୁ ଛାଡି ରେ ହୁଂ ହୁଁ ;
ଖଡପା ଖଡପା ଖଡପା -

ରତନପୁର ମୌଜା ଗୋହିରୀରେ ଗଉଡ ଡାକ ଶୁଭିଲା । ଆଗରେ ଗୋଟାଏ ଡୋଲି, ପଛଲାଗି ପାଞ୍ଚଟା ଭାର ଚାଲିଅଛି । ଡୋଲିଟା ଦଶିଆ

ଲୁଗାରେ ସମ୍ପୂର୍ଣ୍ଣ ଢ଼ଙ୍କା । ଗ୍ରାମରେ ପୁରୁଷ ଲୋକ ପ୍ରାୟ କେହି ନାହାନ୍ତି । ବିଲବାଡି କାମ ନ ଥିବାରୁ ବାଘସିଂହ ଭାଇମାନଙ୍କ ସହିତ କେନ୍ଦ୍ରାପଡା ବଳଦେବଙ୍କ ସ୍ନାନଯାତ୍ରା ଦେଖିବାକୁ ଯାଇଅଛନ୍ତି । ଗାଁ ଏମୁଣ୍ଡ ସେମୁଣ୍ଡ ଚହଳ ପଡିଗଲା, ସୁଆରି ଅଇଲା, ସୁଆରି ଅଇଲା ବୁଢ଼ୀ ଦରବୁଢ଼ୀ, ମାଇକିନିଆମାନେ ଧଡ କରି କବାଟ ମେଲାଇଦେଇ ଗୋହିରୀକୁ ବାହାରିପଡିଲେ । ବୋହୂଗୁଡାକ କବାଟ ଦରଆଉଜା କରି ଫାଙ୍କବାଟେ ମୁହଁ ଗଳାଇ ନାକବସଣି କାଢ଼ିଦେଲେ । ଗାଁ ମାଈକିନିଆ ମଧ୍ୟରେ ଡୋଲ୍ୟାରୋହୀ ସମ୍ବନ୍ଧରେ ନାନା ତର୍କ ଉପସ୍ଥିତ ହେଲା । ପ୍ରଥମେ ଲିଙ୍ଗବିଚାର , ପରେ ବ୍ୟକ୍ତି ବିନିମୟ । କେହି କହିଲା; ନୂଆବୋହୂ କେହି କହିଲା ଜମାଦାର, କେହି କହିଲା ସାହାବ । ଜେମା ମା ଅକାଟ୍ୟ ଯୁକ୍ତି ଦେଖାଇ କହିଲା, ''ଆଜି ସ୍ନାନପୂର୍ଣ୍ଣମୀ , ଜମାଦାର ସାହାବ ଘରକୁ ପରିବା ଭାର ନେଇଯାଉଅଛନ୍ତି ।'' ଡୋଲି ବାଘସିଂହ ଚଉରା ପାଖରେ ମୁହଁ ବୁଲାଇ ନ ଥିଲେ ଜେମା ମା ଅନୁମାନ ସିଦ୍ଧାନ୍ତରେ ପରିଣତ ହେବାର ଖୁବ୍ ସମ୍ଭାବନା ଥିଲା । ବେହେରାମାନେ ବାଘସିଂହ ଦୁଆରେ ଡୋଲିଟା ଗୁମ୍ କରି ଥୋଇଦେଇ ଗାମୁଛାରେ ମୁହଁ ବିଞ୍ଚିହେଲେ , ଗମଗମ ଦେହରୁ ଝାଳ ବହିଯାଉଅଛି । ବାଁ ହାତ ପାପୁଲିରେ ମୁହଁରୁ ପୋଷ ପୋଷ ଝାଳ ପୋଛିପକାଉଅଛନ୍ତି । ଭିତରକୁ ଖବର ଗଲା, ନୂଆବୋହୂ ମାଉସୀ ଆସିଅଛନ୍ତି । ଗଲା ମକର ମାସରେ ବାଘସିଂହଙ୍କ ପୁଅ ଚନ୍ଦ୍ରମଣି ଡାଳିଯୋଡା ଫତେସିଂହଙ୍କ ଝିଅକୁ ବିଭା ହୋଇଅଛନ୍ତି । ଏହି ଡୋଲି ଯେ ସଳଖେ ଡାଳିଯୋଡାରୁ ଅଇଲା, ବିନା ବ୍ୟାଖ୍ୟାରେ ବୁଝିବାକୁ ଗ୍ରାମର ବୁଦ୍ଧିମତୀ ସ୍ତ୍ରୀମାନଙ୍କ ପକ୍ଷରେ ଅଖଞ୍ଜ ହେଲା ନାହିଁ । ମାଣିକ ଭଣ୍ଡାରୁଣୀ ସାଆନ୍ତାଣୀମାନଙ୍କୁ ଖବର ଦେବାସକାଶେ ଭିତରକୁ ଧାଇଁଲା ।

ଆମ୍ଭମାନଙ୍କ ମାଣିକର ନାମ ଶୁଣିଥିବେ, ନଚେତ୍ ଶୁଣିବା ଆବଶ୍ୟକ । ଏହାକୁ ତୁଚ୍ଛା ଭଣ୍ଡାରୁଣୀଟିଏ ବୋଲି ଜାଣିବେ ନାହିଁ । ଏ ବୁଦ୍ଧିରେ , ମାମଲତରେ, ଗୁଣରେ ଅନେକ ପୁରୁଷଙ୍କ କାନ କାଟି ଛାଡିଦେଇପାରେ। ଗ୍ରାମର ସମସ୍ତ ଲୋକେ ଏହାକୁ ଡରିଥାନ୍ତି । ବୁଢ଼ୀ ଦରବୁଢ଼ୀ, ପର୍ଯ୍ୟନ୍ତ ଭାରି ଭାରି କଥାରେ ଏହାଠାରୁ ପରାମର୍ଶ ନେଇ

କାର୍ଯ୍ୟ କରନ୍ତି । ଗୁଣବିଦ୍ୟାରେ ଏହା ଆଗରେ କେହି ଛିଡାହୋଇପାରିବ ନାହିଁ। ଗାଁର କଅଁଳା ପିଲାଙ୍କୁ ଦୃଷ୍ଟିହେଲେ ଫୁଙ୍କି ଉଡାଇଦିଏ । ଧାଇପଣରେ ଖୁବ୍ ଟାଣ-ବୋହୂଝିଅ ଦେହକୁ ଲାଗିଲେ ଉଠିଆରି ପର୍ଯ୍ୟନ୍ତ ପୁଆତି ପାଖଛଡା ହୁଏନାହିଁ । ମୂଳ ମୂଳିକା ମଧ ଢ଼େର୍ ଜଣା, ପର ଉପକାର କରିବାକୁ ଯେପରି ହୁମଯୁମ, ଉପରେ ପଡି କଜିଆ କରିବାକୁ ସେହିପରି ମଜବୁତ୍ । କଜିଆରେ ଲାଗିଅଛି ତ ସେଦିନ ଗାଧୁଆ ନ ହେଲା । କାହାରି ଦେହପା'କୁ ଲାଗିଲେ ତାହାକୁ ଯଦି ଦି'ପଦ କଅଁଳେଇ କହିଦେଇଅଛ, ନ ଖାଇ ନ ଶୋଇ ରାତିସାରା ବସି ଦେହରେ ହାତ ବୁଲାଉଥିବ । ବାହା-ପୁଆଣିରେ ଡାକ ନ ଡାକ ମାଣିକ ଉପସ୍ଥିତ , କହ ନ କହ ସବୁ କାମ କରିପକାଇବ । ମାଣିକ ନ ଜାଣେ, ଏମନ୍ତ କଥା ନାହିଁ । କଟକ କଥା, ସାହେବ ଘର କଥା, ପୁରୀ ଜଗନ୍ନାଥ ମନ୍ଦିର କଥା ଇତ୍ୟାଦି କଥାମାନ ଗ୍ରାମର ସ୍ତ୍ରୀଲୋକମାନେ ମାଣିକ ମୁହଁରୁ କେବଳ ଶୁଣିବାକୁ ପାଆନ୍ତି । ମାଛ ବିନା ପୋଖରୀ ଥାଇପାରେ; ମାତ୍ର ନିନ୍ଦୁକ ଛଡା ଗାଁ ନାହିଁ । କେହି କେହି କହନ୍ତି, ମାଣିକଟା ଉବଡବୀ, ମିଛେଇ, ଆଗତକହୀ, ଏହାର ତିନିପୁରୁଷରେ କେହି ଗାଁ ଡେଇଁ ନାହାନ୍ତି , କଟକ କଥା, ସାହେବ ଘର କଥା କାହୁଁ ଜାଣିଲା । ବାଘସିଂହ ଉଆସରେ ମାଣିକର ଭାରି ଖାତର । ସହସ୍ର ଥର କଥିତ, ଶଏ ଥର ଶ୍ରୁତ ରଜାପୁଅ, ମନ୍ତ୍ରୀପୁଅ , ସାଧବପୁଅ, କଟୁଆଳପୁଅ, ଚାରିଜଣ ମିଶି ବିଦେଶ ଯିବାକଥା, କଲରେଇ ଦେଈ କଥା, ନଈ ସେପାରି ମଙ୍ଗଳା କଥା ଇତ୍ୟାଦି କାହାଣୀମାନ ଶୁଣିବା ସକାଶେ ପ୍ରତିଦିନ ସନ୍ଧ୍ୟାବେଳେ ସାଆନ୍ତାଣୀମାନଙ୍କର ଡାକରା ଆସେ । ରାମ ରାବଣ ଯୁଦ୍ଧ କଥା ମାଣିକ ମୁହେଁ ମୁହେଁ କହିଯାଏ । ଯେ କଥା ପଚାର ସେଥିର ଜବାବ ନିଶ୍ଚୟ ପାଇବ; ମାତ୍ର ଗୋଟିଏ କଥା, ସେ ଯାହା କହିବ, ତୁମ୍ଭେ ସେଥିରେ ହୁଁ ଦେଇ ଯାଉଥିବ । ଯଦ୍ଣ୍ଡିବାଲ ନୁହେଁ ପରା, ଆଉ ଯାଅ କାହିଁ । ସେ କଥା ଯାଉ, 'ସ୍ବନାମା ରମଣୀ ଧନ୍ୟା ।' ମାଣିକକୁ ଗ୍ରାମରେ ସମସ୍ତେ ଭଲ ଜାଣନ୍ତି , ଆମ୍ଭମାନଙ୍କର ଚିହ୍ନାଦେବା ଅନାବଶ୍ୟକ ।

ଡୋଲି ମଝି ଦାଣ୍ଡରେ ଯାଉଥିବାବେଳେ ମାଣିକ ପଛରେ ଥିବା ଭଣ୍ଡାରୀ ସାଙ୍ଗରେ କଥାବାର୍ତ୍ତା କରି ଓଲଟା ବୁଝିଗଲା, ତାହା ବାଦ୍

ବାଘସିଂହଙ୍କ ଦାଣ୍ଡଦୁଆର ପାଟିକରି ଉଆସ ଭିତରକୁ ଧାଇଁଲା । ''ବଡ ସାଆନ୍ତାଣୀଏ ସାନ ସାଆନ୍ତାଣୀଏ , ମଝିଆଁ ସାଆନ୍ତାଣୀଏ , ଧାଇଁ ଆସନ୍ତୁ , କେଉଁଠାରେ ଅଛନ୍ତି ? ଡାଳିଯୋଡାରୁ ସମୁନ୍ଧୁଣୀଙ୍କ ସୁଆରି ଆସି ଓଳିଏ ହେଲା ଦାଣ୍ଡଦୁଆରେ ବସିଲାଣି । ସମୁନ୍ଧୁଣୀଙ୍କ ଆସିବା କଥା ମୁଁ ଚାରିଦିନ ହେଲା ଶୁଣିଲିଣି, ଆପଣମାନଙ୍କୁ କହିବାକୁ ଭୁଲିଯାଇଅଛି । ସେ କାଲିଠାରୁ ଡାଳିଯୋଡାରୁ ବାହାରିଲେଣି, ମୁଁ କହୁଛି କହ, ଏତେ ଡେରି କ୍ୟାଁ ହେଲା ? ଡାଳିଯୋଡାରୁ ଆସିବା ବାଟ ପାଖରେ ଯେ ବଡ ପୋଖରୀଟିଏ ଅଛି,

ସେହିଠାରେ ଗାଧୁଆ ପାଧୁଆ କରିବା ବିଳମ୍ବ ହୋଇଗଲା । '' ବାଘସିଂହ ଘର ଚାରି ଯାଆ ଏକ ଜାଗାହୋଇ ପରସ୍ପର ମୁହଁ ଚୁହାଁଚୁହିଁ ହେଲେ । ସେଥିରେ ଅର୍ଥ ଅଭ୍ୟାଗତା ଅନାହୂତା ସମୁନ୍ଧୁଣୀ ସମ୍ବନ୍ଧରେ କର୍ତ୍ତବ୍ୟ ନିରୂପଣ; ମାତ୍ର ମାଣିକ ଏକାବେଳେ ମୀମାଂସା କରିଦେଲା , '' ଶୀଘ୍ର ଯାଇ ସମୁନ୍ଧୁଣୀ ଙ୍କୁ ପାଛୋଟି ଆଣନ୍ତୁ । ''

ବାଘସିଂହଙ୍କ ଦାଣ୍ଡଦୁଆର କବାଟ ଫାଙ୍କରୁ ଫୁଲଗୁଣା ବସଣି ସହିତ ଦୁଇ ତିନିଗୋଟି ନାସିକା ଦୃଷ୍ଟ ହେଲା । ମାଉସୀ ଡୋଲିରୁ ଓହ୍ଲାଇ ପଡି ଗୁମ୍ ଗୁମ୍ କରି ଭିତରକୁ ପଶିଗଲେ । 'ସମୁନ୍ଧୁଣୀ ସମୁନ୍ଧୁଣୀ ' କହି ପୂର୍ବୋକ୍ତ ବସଣିଧାରିଣୀମାନଙ୍କୁ ପରସ୍ତେ କୁଣ୍ଢାଇଗଲେ । ଗୃହାଧିଷ୍ଠାତ୍ରୀ ସାଆନ୍ତାଣୀମାନେ ନୀରବରେ ହସି ହସି ସମୁନ୍ଧୁଣୀ ହାତଧରି ଭିତରକୁ ଘେନିଗଲେ। ସମୁନ୍ଧୁଣୀଙ୍କ ଅଭ୍ୟର୍ଥନା ବିଷୟରେ ମାଣିକର ଉଦ୍‌ଯୋଗ ଅନୁଷ୍ଠାନ ବେଶି । ସେ ଆଗେ ଆଗେ ଚଞ୍ଚଳ ଧାଇଁଯାଇ ବାଘସିଂହ ପହୁଡ ଘର ଆଗମେଲାରେ ଗୋଟିଏ ଚାରିହାତ ଲମ୍ବା ପୁରୁଣା ଖରଡ ପକାଇ ଦେଲା । ମାଉସୀ ସେଥିରେ ବସିପଡି ଚାରି ସମୁନ୍ଧୁଣୀଙ୍କ ହାତଧରି ପାଖରେ ବସାଇଲେ । ପାଞ୍ଚଟା ଭାର ମଝି ଅରଗଣାରେ ଥୁଆଗଲା । ଭାରର ଡାବ -- ପାଚିଲା ଆମ୍ବ ଏକଭାର , ବଡ ବଡ ଯୋଡାଏ ଖଜା ପଣସ ଏକ ଭାର, ପାଚିଲା କଞ୍ଚା କଦଳୀ ଦୁଇ କାନ୍ଦି ଦୁଇ ପୁଞ୍ଜା ସହିତ ଏକ ଭାର, ପିଠାଉ ପାଣିରେ ଧଉଳା କଦଳୀ ପତ୍ରରେ ମୁହଁ ବନ୍ଧା ବଡ ବଡ ଚାରି ହାଣ୍ଡିକୁ ଦୁଇ ଭାର ଗାଏ ।

ଗାଁ ମାଇକିନିଆମାନେ ଦେଖିବାକୁ ଧାଇଁଲେ, ରେବତୀ,  ଶୁକୁରୀ,  ଶଂକ୍ରି, ମାଳିଆ, ଜେମା ମା, ଭୀମା, ମାଉସୀ, ହଗୁରା ମା,  ସୋରୀ, ମେଙ୍କୀ  , କନକ, ନେତଜେଜୀ, ସବୀ, କମଳୀ,  ପଦିଅପା, ଶାମାବୋହୂ, ନଳିତ, ବିଷ୍ଣା  , ସୁମିତ୍ରା  , ଗଉଡ ଘର କନିଆ ବୋହୂ; କେହି ପିଲା କାଖେଇ , କେହି ପିଲା ହାତ ଧରି ଚଲାଇ , କେହି ଜଣକ ପଛରେ, କେହି ଏକାକିନୀ ଧାଇଁ ଅଛନ୍ତି  । ସୁମିତ୍ରାଘର  ଲିପୁଥିଲା, ଛୁଞ୍ଚ ପାଣି ହାତ ଧୋଇବାକୁ ବେଳନାହିଁ, ସାପ ଫଣା ପରି ହାତଟି ଟେକିଅଛି । ବାଘସିଂ ଅଗଣା ପୂରିଗଲା ।  ଦେବୀ ପ୍ରତିମା  ଦେଖିଲାପରି ମାଇକିନିଆମାନେ ଏକ ଧ୍ୟାନରେ  ମାଉସୀଙ୍କ  ରୂପମାଧୁରି ଅନୁଭବ କରୁଅଛନ୍ତି  ; କିନ୍ତୁ  ବନିଆ, ବଙ୍କିଆ , କାଳିଆ, ବନମାଳିଆ, ଗୋପାଳିଆ, ରାମିଆ, ଉମେଶିଆ, କାଶୀ, ଦୈତାରୀ ପ୍ରଭୃତି  ଗ୍ରାମର  ଦୁଷ୍ଟ  ପିଲା ଗୁଡାକ ମାଉସୀଙ୍କ  ସୌନ୍ଦର୍ଯ୍ୟ  ଦର୍ଶନ  ବିଷୟରେ ମନଯୋଗ ନକରି ବିରାଡି ଶୁଖୁଆ ଖାଳେଇକୁ ଅନେଇଲାପରି ବାହାରେ ଥୁଆ ହୋଇଥିବା ପାଚିଲା କଦଳୀ, ପାଚିଲା ଆମ୍ବକୁ  ଅନେଇ ରହିଛନ୍ତି  ।  ଏହା ଯେ ସଭ୍ୟତାର  ଏକ ନୀତିଶାସ୍ତ୍ର  ବିରୁଦ୍ଧ  କାର୍ଯ୍ୟ  ସେଥିରେ ସନ୍ଦେହ  ନାହିଁ ।  ଆଉ ସେମାନଙ୍କର  ବୃତ୍ତରେଖାକ୍ରମ  ଗତିରେ ଯେପରି ସଙ୍କୋଚଭାବ  ଧାରଣ କରି ଆସୁଥିଲା, ବୁଦ୍ଧିମତୀ  ମାଣିକ ସେଥିରେ ପ୍ରଚ୍ଛନ୍ନ  ଅସଦାଭିପ୍ରାୟ  ହୃଦୟଙ୍ଗମ  କରି ଈଷତ୍ ତର୍ଜନ  ପୂର୍ବକ  ଡାହାଣ ହାତ ହଲାଇ ସେମାନଙ୍କୁ  ଅପସାରିତ କରିଦେଇ ନ ଥିଲେ, ଗୋଟାଏ ଲୁଟତରାଜ ମାମଲା ଉକୁ ହେବାର ଖୁବ୍ ସମ୍ଭାବନା  ଥିଲା ।

ବୋହୂମାଉସୀ ମୁଣ୍ଡରେ  ମା ମଙ୍ଗଳା  ପରି ମୁଣ୍ଡାଏ ସିନ୍ଦୂର  , ଆଖିରେ କଜ୍ଜ୍ୱଳ   , ନାକରେ ଗୁଣା, ତାପରେ ନାଟ ମୟୂର, ବାଁ ପୁଡାରେ ବସଣି, ଦୁଇ କାନରେ ବଡ ବଡ ଦୁଇଟା କାପ, ବେକରେ ଚାପସରୀ, ତା ତଳେ ପାଟ ସୂତାରେ ଗୁନ୍ଥାମାଳେ  କୁରୁଜାତକ, ବାହୁରେ ବିଦ, ହାତରେ ପଇଞ୍ଚି , ତାହା ଉପରେ କଟା, ତାହା ଉପରେ ଚୂଡି, ହାତ ପାଞ୍ଚ  ଆଙ୍ଗୁଳିରେ  ରୂପା ଛାପମୁଦି, ସାତ ଗୋଟା ଗୋଡରେ ଚବିଶପଳ  ଓଜନରେ ଦୁଇଟା କଂସା ବାଙ୍କ  , ଗୋଡ ଦଶ ଆଙ୍ଗୁଳିରେ  ଝୁଣ୍ଟିଆ  । ମୁଣ୍ଡରେ  ଦଶବାର କୋରାପାଟ ଥୋପରେ ବିଶାଳ ଜୁଡା, ତାହା ଉପରେ ତିନିଟା ବେଙ୍ଗପାଟିଆରେ  ତିନିକେରା ଶିକୁଳିଲଗା

ଗୋଜିକାଠି ଖୋସା, କୁମ୍ଭକର୍ଣ୍ଣୀଧଡି ଷୋଳ ହାତି ବରମପୁରୀ ପାଟଶାଢୀ ପିନ୍ଧା , ଗାଲରେ ଗାଲେ ପାନ ଡାଳିଯୋଡା ଫତେସିଂହ ଘର ବେଶ ଚଳ, ପୂର୍ବରୁ କାନରେ ଶୁଣାଥିଲା, ବର୍ତ୍ତମାନ ଆଖିର ଅଳଙ୍କାର ବିଭବ ଦେଖି ଗାଁ ମାଇକିନିଆମାନେ ବୁଝିଗଲେ, ହଁ, ଘରପରି ଘରଟାଏ ।

ମାଉସୀ ବସିପଡି କହିଲେ, 'ମୋ ଝିଆରୀ କାହିଁ ? ମୋ ଝିଆରୀ କାହିଁ? ମୋ ଝିଆରୀକୁ ଦେଖିବି । ଆହା! ମା ଛେଉଣ୍ଡିଟି ଶୁଖିଯିବଣି !' ସାନ ଖୁଡୀ ଶାଶୁ ନୂଆ ବୋହୁଟିଏ ଘେନି ଆସିଲେ । ବୋହୂଟି ଦେଢହାତ ଓଢଣା ପକାଇ ଅଳ୍ପ ନଇଁ ନଇଁ ଆସି ମାଉସୀ ଗୋଡତଳେ ଲଠ କରି ମୁଣ୍ଡିଆଟିଏ ମାଇଲା। ମାଉସୀ ଝିଆରୀକୁ କୁଣ୍ଢାଇ ପକାଇ ବାହୁନି ବସିଲେ । 'ଆରେ ମୋଝିଅରେ, ତୋତେ ନଦେଖି ଅନ୍ଧ ହୋଇଯାଇଥିଲି । ଆରେ ମୋ ଚନ୍ଦ୍ରଉଦିଆରେ , ମୋଘର ଅନ୍ଧାର କରି ଆସିଛୁ, ଆରେ ମୋ କଳାମାଣିକରେ । ' ମାଉସୀ ବାହୁନି ଅଥୟ ହୋଇ ଗଲେଣି, ଦୁଇ ଆଖିରୁ ଝର ଝର କରି ପାଣି ବୋହି ପଡୁଛି। ବଡ ସମୁନ୍ଧୁଣୀ କୁଣ୍ଢାଇ ପକାଇ ଆପଣା ପଣତ କାନିରେ ପୋଛିଦେଲେ ଏବଂ ଅନେକ ପ୍ରକାର ବୁଝାଇ ସୁଝାଇ ତୁନି କରାଇଲେ । ମାଉସୀ କହିଲେ , ''କ'ଣ କହୁଛ ସମୁନ୍ଧୁଣୀ , ଝିଅ ଆସିଲା ଦିନୁ ଅନ୍ନଜଳ ପିତା କରିଦେଲାଣି । ଖାଲି ଦାଣ୍ଡକୁ ଚାହିଁ ବସିଥାଏ, ଏଣୁ ଲୋକଟିଏ ଗଲେ ପଚାରେ, ବାକଟିଏ ଗଲେ ପଚାରେ ।''

ଝିଆରୀତ ନୂଆ ପାଟି ଶୁଣି ଏବଂ ବାହୁନା ଦେଖି ତାଟକା ହୋଇଗଲାଣି । ମାଉସୀ ମୁହଁ ଦେଖିବାପାଇଁ ଟିକିଏ ଓଢଣା ଟେକୁଥିଲା । ଚତୁରୀ ମାଉସୀ ଝିଆରୀର ଅଭିପ୍ରାୟ ସହଜରେ ବୁଝିପାରି ଓଢଣା ଟାଣିଦେଇ କହିଲେ, ''ଆରେ ମୋ ଲାଜକୁଳୀ ବଦନରେ, ଆରେ ମୋ ଲାଜକୁଳି ଲତାରେ , ତୋତେ କିଏ ଲାଜ ଶିଖାଇବରେ, ସମୁନ୍ଧୁଣୀ କଣ କହିବି , ଏହା ମାର ଏହିପରି ଲାଜ ଥିଲା, ବୁଢୀହୋଇମଲା, ଶାଶୁମାନଙ୍କ ଆଗରେ ଆଖିଫିଟାଇ ଚାହିଁନାହିଁ, ଓଢଣା ଟେକିନାହିଁ। ଶାଶୁ ସାଙ୍ଗରେ ଭଟ ଭଟ ଲଗାଇବ ପଛକେ, ଖୁଡୀଶାଶୁମାନଙ୍କୁ ଗାଳିଦେବ ପଛକେ ସେହି ଓଢଣା ଭିତରୁ । ଧାନ ପେଟରୁ କଣ ବାଳୁଙ୍ଗା ବାହାରିବ ? ତୁଳସୀ ମଞ୍ଜିରୁ କଣ ବିଛୁଆତି ହେବ ? ତିରିଲା ଝିଅ ହୋଇ ଯେବେ

ଲାଜ ନ ହେଲା, ଧିକ ତା ଜୀବନ, ଛାଡ ତା କଥା ।'' ଝିଆରୀ ତ ମାଉସୀ କଥା ଶୁଣି ଆହୁରି ଢାଙ୍କି ଢୁଙ୍କି ହୋଇ ବେଙ୍ଗୁଲି ପରି ବସିଲା । ଟାଙ୍ଗୀରେ ତାହାର ଗୋଟାଏ ମାଉସୀ ଘର ଥିବାର ସେ ଥରେ ଶୁଣିଥିଲା । ସେ ତା ମାଆର ଖୁଡୁତା ଝିଅ ଭଉଣୀ । ମନରେ ବୁଝିଲା , ଏ ସେହି ମାଉସୀ ।

ତାହା ବାଦ୍ ବୋହୂମାଉସୀ ହସି ହସି ସମୁନ୍ଧୁଣୀମାନଙ୍କ ସହିତ କଥାବାର୍ତ୍ତା କଲେ, ସମୁନ୍ଧୁଣୀ ସମୁନ୍ଧୁଣୀ କଥା, ହସକୈତୁକ କଥା, ଟାପରା ଟାପୁରୀ କଥା ଢେର ହେଲା । ଆପଣଙ୍କର ସେ ସମସ୍ତ କଥା ଶୁଣିବାକୁ ଇଚ୍ଛା ଥାଇପାରେ; ମାତ୍ର ଭଲଲୋକଘର ବୋହୂ ଭୁଆସୁଣୀ କଥା ପ୍ରକାଶ କରିବାକୁ ଆମ୍ଭେମାନେ ନିତାନ୍ତ ନାରାଜ । ତେବେ ଆପଣ ଯଦି ଶୁଣିବାକୁ ନିତାନ୍ତ ଇଚ୍ଛା କରନ୍ତି ; ଆଉ ଯାହା କହିଲେ କୌଣସି ଦୋଷ ନାହିଁ, ତେତିକି କଥା କହିପାରୁ । ବୋହୂମାଉସୀ କହିଲେ--

'' ଏ ବରଷ ଭାରି ଯୋଗ ପଡିଛି, ସମସ୍ତେ ବଳଦେବ ଯାତ ଦେଖିବାକୁ ଧାଇଁଛନ୍ତି , ଆମ ଗାଁ ତ ଶୂନଶାନ । ମୁଁ କହିବି, ଆଚ୍ଛା , ବେଳ ପଡିଲା, ଦିଅଁ ଦେଖା, ସମୁନ୍ଧୁଣୀ ଭେଟ ଏକ ସାଙ୍ଗରେ ହୋଇଯିବ । ଝିଆରିଟି କେମନ୍ତ ଅଛି ଦେଖିବି । ସମସ୍ତଙ୍କୁ ଦେଣ୍ଟରେଇ ହେଣ୍ଟରେଇ ଘରୁ କାଢିଲି । ଆମର ସେମାନେ ଆଉ ଭିଣୋଇ ସାଆନ୍ତ ଗୋଟାଏ ଗୋଟାଏ ଘୋଡାରେ ଚଢି ଦାଣ୍ଡେ ଦାଣ୍ଡେ ଆଗରେ ଯାଇ ତୋଟାରେ ବସିଛନ୍ତି । ଭଣ୍ଡାରୀ ଗଉଡ ସମସ୍ତେ ସେମାନଙ୍କ ସାଙ୍ଗରେ । ମୁଁ କହିଲି ଝିଅଟିକୁ ନ ଦେଖି ଯିବି ନାହି । ଏକାବାହାରି ଆସିଲି । କାଲି ଦର୍ଶନସାରି ସମସ୍ତେ ଏହିବାଟେ ବାହୁଡିବା । ବାଟରେ ଶୁଣିଲି ସମୁନ୍ଧିମାନେ ଯାତ ଦେଖି ଯାଇଉନ୍ତି , ଭଲ ହେଲା, ସମସ୍ତେ ସାଙ୍ଗ ହୋଇ ଆସିବା । ଦେଖ ସମୁନ୍ଧୁଣୀ ତୁମ୍ଭମାନଙ୍କ ସଙ୍ଗରେ ଦୁଃଖ ସୁଖ କଥା, ହସକୌତୁକ କଥା କିଛି ହୋଇପାରିଲା ନାହିଁ । ଫେରିବାବେଳେ ଏହିଠାରେ ଚାରିଦିନ ରହିଯିବି । ଭିଣୋଇ ସାଆନ୍ତେ କହୁଥିଲେ, କେବଳ ଦିନେ ରହିବେ । ଦେଖିବଟି ଭଲା, କିପରି ଚାରିଦିନ ନ ରହିବେ, ଅଣ୍ଟିରେ ହାତ ପୁରାଇଦେବିପରା । ଝିଆରୀ ମୁଣ୍ଡରେ ହାତ ବୁଲାଇ କହିଲେ, ''ମା'ରେ, ଝିଅରେ, ଆହା ! ପିଲାଲୋକ, କେଜାଣି ଚିହ୍ନିପାରିବୁ ନାହିଁ, ଢେର ଦିନ ହେଲା ଦେଖିନାହୁଁ, ମୁଁ ଫେରି ଆସେ

ନିରୋଳାରେ ବସି ଢେର କଥା କହିବି । '' କାନରେ ତୁନି ତୁନି କହିଲେ, ''ତୋ ଲାଗି ଯାତ୍ରାରୁ ଢେର ଜିନିଷ ଆଣିବି । ''

ବୋହୂମାଉସୀ ବାଡି ଆଡକୁ ଯିବାକୁ ଇଚ୍ଛାକରି ଠିଆ ହୋଇ କହିଲେ, ''ଦେଖ ସମୁନ୍ଧୁଣୀ ମୁଁ ପଦା ଆଡେ ଗଲେ ସ୍ନାନ କରେ, ଚାରିଥର ଯିବି ପଛେ ଚାରିଥର ସ୍ନାନ । ଘର ପଛକୁ ଗଲେ ଲୋଟାଏ ପାଣି । ଆଚାରେ ଲକ୍ଷ୍ମୀ , ବିଚାରେ ପଣ୍ଡିତ । '' ଏହା କହି ଦାଣ୍ଡ ଦୁଆର ଡୋଲି ପାଖକୁ ଗୁମ୍ ଗୁମ୍ କରି ବାହାରିଗଲେ । ସାଙ୍ଗ ଭଣ୍ଡାରୀ ପୂର୍ବରୁ ଢାଳଟିଏ ଧରି ଛିଡାହୋଇଥିଲା । ବୋହୂମାଉସୀ ପାଣି ପଡିଯିବା ଭୟରେ ଲୋଟା ମୁହଁରେ ହାତ ଘୋଡାଇ ବାଡି ଦୁଆରକୁ ବାହାରିଗଲେ । ବାଘସିଂହ ଘର ପୋଇଲୀ ମୃତୁରୀମା ଓଳିତଳ ଦେଖାଇଦେଇ ବାଡିଦୁଆରେ ଛିଡାହେଲା । ବୋହୂମାଉସୀ ତାକୁ ଅନାଇ କହିଲେ, '' ଦେଖ ସକାଳୁ ମୋତେ ପୀଡା ହେଲାଣି , କଣ କରିବି, ଚାରିଆଡେ ଲୋକ । ପୁରୁଷ ହେଉ ସ୍ତ୍ରୀ ହେଉ, କେହି ଅନାଇଲେ ମୁଁ ବସିପାରେ ନାହିଁ । '' ମୃତୁରୀମା କହିଲା, '' ନାହିଁ ନାହିଁ , ଏଠାରେ କେହି ନାହାନ୍ତି , ଆପଣ ଯାଆନ୍ତୁ । ଆପଣ ଯାଆନ୍ତୁ '' ଏହା କହି ଘର ମଧ୍ୟକୁ ଆସି ବାଡି ଦୁଆର ଆଉଜାଇ ଦେଲା ।

ଅନ୍ଧାର ହୋଇଆସିଲାଣି, ବୋହୂମାଉସୀ କହିଲେ, 'ମୁଁ ଆଉ ରହିପାରିବି ନାହିଁ, ସେମାନେ ବାଟ ଚାହିଁ ବସିଥିବେ । '' ସମୁନ୍ଧୁଣୀମାନେ କିଛି ଖାଇବାକୁ କହିଲେ । ବୋହୂ ମାଉସୀ ଝିଭ କାମୁଡି ପକାଇ କହିଲେ , '' ରାମ--ରାମ--ରାମ! କଣ କହିଲ ସମୁନ୍ଧୁଣୀ , କ'ଣ କହିଲ? ଏ ଘରେ ଝିଅ ଦେଇଛି, ପାଣି ଛୁଇଁବି? ବିଦାବେଳେ ବୋହୂମାଉସୀ ସମୁନ୍ଧୁଣୀମାନଙ୍କୁ କୁଣ୍ଢାଇ ପକାଇ କହିଲେ--

ଦେଉନ୍ତୁ ମେଲାଣି ଯାଉଛି ସଙ୍ଗାତ , ମନଟି ରଖିଲ ବାନ୍ଧି ,
ଦିନ ରାତି ସିନା ସରିବ ନାହିଁଟି, ସକେଇ ସକେଇ କାନ୍ଦି । ''

ଡୋଲି ଗାଁରୁ ବାହାରି ବିଲବାଟ ଅନ୍ଧାରରେ ମିଶିଗଲା । ଏଣେ ସାମନ୍ତ ମାନଙ୍କୁ ଦେଖାଇବା ସକାଶେ ଭାରସବୁ ରଖାଇ ଦିଆଗଲା । ବୋହୂମାଉସୀ

ବିଦାୟ ହୋଇଗଲା ବାଦ ତାଙ୍କ  ରୂପ ଗୁଣ ବିଷୟରେ ଢେର ସମାଲୋଚନା ହେଲା। ସମସ୍ତେ ପ୍ରଶଂସା କଲେ, କେହି ରୂପର, କେହି ଗୁଣର, କେହି ଅଳଙ୍କାରର , କେହି ପାଚିଲା କଦଳୀର, ; ମାତ୍ର  ମାଣିକ କହିଲା, ' ହେଲା ହଁ, ବଡଲୋକ ଘର, ରୂପଟା ଏକା ସେ ରୂପ ନୁହେଁ, ଛାମୁଦାନ୍ତ  ଦିଟା ବାହାଡା, ଗାଲ ଦୁଇଟା ଉଆଉ ଫଡାପରି । '' ହଗୁରା ମା କହିଲା, କଥାଟାରେ ତାର ମିଠା ନାହିଁ, ଠୋସ୍ ଠୋସ୍ । ''ମୁଡୁରୀମା କହିଲା, ଚାଲିଟା ଧସ୍ ଧସ୍ । '' ଶଂକ୍ରୀ  କହିଲା, '' ହଁ ହଁ ହସସା ଫସ୍ ଫସ୍ । '' ଶୁକ୍ରୀ  କହିଲା, '' ଚାହାଣିଟା କସ୍ ମସ୍ । '' ମୁହୂର୍ତ୍ତ  ମଧ୍ୟରେ ' ଏକୋହି ଗୁଣରେ ଦୋଷ ସନ୍ନିପାତ ' ହୋଇଗଲା । ନୂଆବୋହୂକୁ ମାଉସୀ ସମ୍ବନ୍ଧରେ  ଅନେକ ପ୍ରଶ୍ନ  କରାଗଲା, ମାତ୍ର ସେ ଏତିକି କହିଲା --''ଟାଙ୍ଗୀ  ମାଉସୀ । ''

--o--

# ସପ୍ତଦଶ ପରିଚ୍ଛେଦ

**କିପରିଘର ପୋଡ଼ିଲା :**

ଆଜି ଅନନ୍ତପୁର ଗ୍ରାମରେ ହାହାକାର ପଡ଼ିଛି । ଗଲା ଅଧରାତିରୁ ବାଘସିଂହ ଘରେ ନିଆଁ ଲାଗି ସମସ୍ତ ଘର, ଧାନ ଅମାର ପୋଡ଼ି ଛାରଖାର ହୋଇଗଲାଣି । ନିଆଁ ପାଉଁଶ ବୋଲି ହୋଇ କାଳିଆ କାଳିଆ କାଛଗୁଡ଼ାକ ଛିଡ଼ା ହୋଇଅଛି। ଏପର୍ଯ୍ୟନ୍ତ ନିଆଁ ଲିଭି ନାହିଁ । ଘର ଭିତରେ ଚାଳ ବସିଯାଇ ଧୂ ଧୂ ହୋଇ ଜଳୁଅଛି ମୂଳିବାଉଁଶଗୁଡ଼ାକ ଫଟ୍ ଫଟ୍ କରି ଫୁଟୁଅଛି । କେଉଁଠାରେ କାଛ ଉପରେ ବାଉଁଶ ଯୋଡ଼ାଏ, କେଉଁଠାରେ ନଡ଼ା ମେଞ୍ଚାଏ ଲାଗି ଜଳୁଅଛି । ମୋଟା ମୋଟା ଖମ୍ବଗୁଡ଼ାକ ଅଗ୍ନିସ୍ତମ୍ଭ ପରି ଦିଶୁଅଛି । କବାଟରେ ନିଆଁ, ଚୌକାଠରେ ନିଆଁ, ଚାରିଆଡ଼େ ନିଆଁ । ଧାନଘର ଭିତରେ ନିଆଁ ପଶି ଭାରି ଧୂଆଁ ବାହାରୁଅଛି । ଜ୍ୟେଷ୍ଠମାସିଆ ଦିନ , ଚାଳ ବାଡ଼ ଶୁଖି ସବୁ ଝୁଣା ହୋଇ ରହିଥିଲା, ପାଖ ମୁହିଁବାକୁ ସାଧକାହାର ? ପବନ ଏତିକିବେଳେ କାହିଁ ଥିଲା । କେବଳ ଆଟୁ ଭିତରକୁ ନିଆଁ ଯାଇପାରି ନାହିଁ, କବାଟ ଧରିଲାଣି । ହଳିଆମାନେ ମାଠିଆ ମାଠିଆ ପାଣି ପକାଇ ଆଟୁ କବାଟ ପାଖକୁ ଯିବାକୁ ଚେଷ୍ଟା କରୁଅଛନ୍ତି । ଯାତ୍ରାକାଳିଆମାନେ ବାହୁଡ଼ି ଅଇଲେଣି । ଦିନ ଛ ଘଡ଼ି , ତଳେ ନିଆଁ , ଉପରେ ନିଆଁ , ଘରୁକୁଟାକେରାଏ ବାହାରି ନାହିଁ । ଅଧରାତିରେ ନିଆଁ ଲଗିଲା , ମାଇକିନିଆମାନେ ନିଦବାଉଳାରେ ହାଉଳି ଖାଇ ଦେହଲୁଗା ଘେନି ବାହାରି ତୋଟା ମଧରେ ଗଛମୂଳେ ବସିଅଛନ୍ତି । ବଣବିରାଡ଼ି ପରି ଘରନିଆଁକୁ ଅନାଇ ଡ଼କା ପାଡୁଛନ୍ତି । ହଳିଆ ମାନେ ଗାଈ ବଳଦ ଫିଟାଇଦେଇ ଆଗରୁ ପଳାଇଯାଥିଲେ। ସେମାନେ ଚେଷ୍ଟା କରିଥିଲେ କେତେକ ଜିନିଷ ବଞ୍ଚାଇପାରିଥାଆନ୍ତେ ; ମାତ୍ର ପରପାଇଁ କେତେଜଣ ନିଆଁରେ ପଶନ୍ତି ? ଦିନ ବୁଡ଼ିଆସିଲାଣି । ବାଘସିଂହ ଘରେ ପିଲାଠାରୁ ବୁଢାଯାଏ କାହାରି ଦାନ୍ତରେ ଦାନ୍ତକାଠି ବାଜିନାହିଁ ; ପିଲାଗୁଡ଼ିଙ୍କୁ ଆଉ ବୋହୁଗୁଡ଼ାଙ୍କୁ ଝୋଲା ମାରିଗଲାଣି । ବୁଢା ପୁରୋହିତ କେଳୁ ରଥେ ଅନେକ ବୁଝାଇ ସମଝାଇ ଦାନ୍ତ ଘସାଇଲେ ଘରୁ ଗୁଡ଼, ଚୁଡ଼ା କଂସା କଂସା ତୋରାଣି ସମସ୍ତଙ୍କୁ ମୁଦାଏ ମୁଦାଏ ପିଆଇ ସାଷ୍ଟମ କରାଇଲେ। ମାଇକିନିଆ

ମଧ୍ୟରେ  କେହି ଖାଇଲା ବା କେହି ନ ଖାଇଲା, ବାଘସିଂହ ଘରଆଡ଼େ ଚାହିଁ ଢ଼କଢ଼କ କରି ଢ଼ାଳେ ପାଣି ପିଇଦେଇ  ପଡ଼ିଗଲେ । ଧାନଘର ଛାଡ଼ି ଆଉ ଆଉ ଘରେ ନିଆଁ ଲିଭିଲାଣି , କୌଣସି  କୌଣସି  ଘରୁ ଅଳପ ଅଳପ ଧୂଆଁ ବାହାରୁଅଛି। ରାତି ଅନ୍ଦାଜ  ଦୁଇଘଡ଼ି, ଭାଇମାନଙ୍କ  ସହିତ ବାଘସିଂହ ଆଉ ଗାଁଲୋକେ ସମସ୍ତେ  ଗୋଟାଏ ଗଛମୂଳେ ବସିଛନ୍ତି  । ବାଘସିଂହ ପଚାରିଲେ, ''ନିଆଁ କିପରି ଲାଗିଲା ? '' ସମସ୍ତଙ୍କର   ପ୍ରଶ୍ନ  -ନିଆଁ କିପରି ଲାଗିଲା?ଉତ୍ତର  ଦେଉଛି କିଏ? କେଲୁ ରଥେ କହିଲେ , ''ନିଆଁ ଲଗାଇବ କିଏ , ବାଘଦୁଆରକୁ କିଏ ଆସିବ। ହିଙ୍ଗୁଳା ଠାକୁରାଣୀଙ୍କର କର୍ମ । ''ସମସ୍ତେ ତାହାଙ୍କ ମୁହଁକୁ ଚାହିଁ କହିଲେ , '' ଠିକ୍ , ଏଇ କଥା ଠିକ୍ । ''ଗୋବିନ୍ଦ  ରଥେ କହିଲେ, ''ନାହିଁ ହୋ ତାହା ନୁହେଁ , ବୁଢୀ ମଙ୍ଗଳାଙ୍କ   କୋପ । ଦେଖ ନାହାନ୍ତି ମଙ୍ଗରାଜ ବରଷକସାରା ପୂଜା ଲଗାଉଛନ୍ତି  ।  ମୁଁ କେତେ ଥର କହିଲି ପୂଜା ପଠାଅ ଶୁଣିଲେନାହିଁ , ଏବେ ଦେଖିଲେତ ? ମୁଁ ନବୁଝି ନସୁଝି କଛି କଥା କହେ ନାହିଁ । ଠାକୁରାଣୀ କୁଟ ନ ହେଲେ ଓଳିପଛ ପାଳଦଉଡ଼ି ଗଦାରୁ ନିଆଁ କାହୁଁ ଅଇଲା ? ''ମାଣିକ କହିଲା, ସେସବୁ ''କଥା ଯାହାହେଉ, ନୂଆବୋହୁ ପହରାଟା ଏକା ବଡ଼ ଖରାପ ।  ସେ ଏ ଘରେ  ପାଦଦେବା ଦିନୁ ନାନା ଅମଙ୍ଗଳ  ଗୋଡ଼ାଇଛି । ''  ଶାମା ମାଆ କହିଲା, ''ଏକଥାଟାଏକା ସତ, ଠିକ୍  ସତ ।  ଡ଼ରରେ ସିନା କହିପାରୁନଥିଲି!  ଦେଖିଲେ ନା ଚୈଇତମାସରେ କିଛି କାହିଁ ନାହିଁ, ଗାଈଟାକୁ ସାପ ଦଂଶିଦେଲା !ସାପ କି ଏ ଗାଁରେ ନ ଥିଲେ ? ଗାଈ କାମୁଡ଼ିଥିଲେ କେଉଁ ଦିନ? ମୋହର ତ ବାରପୁଞ୍ଜା  ବୟସ ହେଲା , 'ବାଘସିଂହ ଘର ଗାଈକୁ ସାପ କାମୁଡ଼ିଛି' , ଏକଥା ଶୁଣି ନାହିଁ । ''ମଓରା ହଳିଆ କହିଲା , ନୁହେଁ ତ କ'ଣ? ଦୁଇବରଷ ତଳେ ମୋହର ହାତୀ  ପରି ଦୁଇଟା ବଳଦ ଗୁମ୍‌ଗୁମ୍  କରି ବସିଗଲେ । '' ଅର୍ଜ୍ଜୁନା   ହଳିଆ କହିଲା , ''ଏହି ଆମ୍ବ ତୋଟାରେ ଗୋରୁ ଚରୁଥିଲେ , ଏ ବରଷ ଗୋଟାଏ ଦେଖିବାକୁ ସପନ ।  ''ହଳିଆ ହଳିଆଣୀ, ଭଣ୍ଡାରି  ଭଣ୍ଡାରୁଣୀ  ସମସ୍ତଙ୍କ   ଅନୁମାନ, ଯୁକ୍ତି  ଏବଂ ପ୍ରମାଣ ପ୍ରୟୋଗଦ୍ବାରା    ସ୍ଥିରହେଲା  ବୋହୁ ପହରା ଘରପୋଡ଼ିର କାରଣ ଅଟେ । ଏହି ସିଦ୍ଧାନ୍ତର   ପୋଷକତାନିମନ୍ତେ  ମାଣିକ ପୁନଶ୍ଚ  କହିଲେ, '' ଦେଖୁନାହଁ, ବୋହୁ ମାଉସୀ ଯେପରି ପାଦ ଦେଇଛି, ତିନିଦିନ ଯାଇନାହିଁ, ତିନି ପକ୍ଷ  ଯାଇନାହିଁ

ଅମଙ୍ଗଳ ସାଙ୍ଗେ ସାଙ୍ଗେ !'' ବାଘସିଂହ ପଚାରିଲେ, ''ବୋହୁ ମାଉସୀ କିଏ ?ବୋହୁ ମାଉସୀ କିଏ?' ଡ଼ୋଲିଚଢ଼ି ବୋଉ ମାଉସୀର ଆଗମନ, ଅଶ୍ବାରୋହଣପୂର୍ବକ ଡ଼ାଳିଯୋଡ଼ା ଫତେ ସିଂହଙ୍କର ଦେବଦର୍ଶନକୁ ଯାତ୍ରା ଇତ୍ୟାଦି ଯଥା ଦୃଷ୍ଟ ; ଯଥା ଶ୍ରୁତ ସାଳଙ୍କାରେ ପୂର୍ବକଥିତ ମାଣିକ ବର୍ଣ୍ ଣନା କଲା ଏବଂ ସଙ୍ଗେ ସଙ୍ଗେ ମାଉସୀ ଆଣି ଥିବ ଭାରର ସଂଖ୍ୟା , ଭାରସ୍ଥିତ ପଦାର୍ଥମାନଙ୍କ ବିଷୟ ବର୍ଣ୍ଣନା କରିବାକୁ ବିସ୍ମୃତ ହେଲାନାହିଁ । ସାବି ମା କେଉଟୁଣୀ କହିଲା, ''ସେ ଗୋବିନ୍ଦପୁରକୁ କେତେଥର ଚୁଡ଼ା ବିକିବାକୁ ଯାଇ ଦେଖିଆସିଛି, ବୋହୁ ମାଉସୀ ରୂପ ଠିକ୍ ରାମଚନ୍ଦ୍ର ମଙ୍ଗରାଜ ଘରର ଚମ୍ପାପରି । '' ଶଙ୍କରା ହଳିଆ କହିଲା , '' ଯେଉଁ ଲୋକଟା ପଣସ ଭାର ଆଣିଥିଲା , ସେଟା ମଙ୍ଗରାଜଙ୍କ ହଳିଆ । '' ବାଘସିଂହ ଭାଇମାନେ ମୁହଁ ଚାହାଁଚୁହିଁ ହୋଇ କହିଲେ , '' କାହିଁ, ଆମ୍ଭେମାନେ ତ ଦାଣ୍ଡ ଦାଣ୍ଡ କେନ୍ଦ୍ରାପଡାରୁ ଆସୁଅଛୁଁ, ଡୋଲି କିମ୍ବା ଘୋଡା ତ ଦେଖିଲୁ ନାହିଁ ?'' କେନ୍ଦ୍ରପଡା ଦାଣ୍ଡ ଏବଂ ଡାଳିଯୋଡା ଫତେସିଂହଙ୍କ ଘରଠାରୁ ରାତିରାତି ଲୋକ ଗଲେ । ସେମାନେ ବାହୁଡି ଯେଉଁ ସମ୍ବାଦ ଦେଲେ , ସେଥିରୁ ଜଣାଗଲା , ସର୍ବୈବ ମିଥ୍ୟା , ମାଉସୀର ଅସ୍ତିତ୍ବ ଅସ୍ବୀକାର । ଏହି ଘଟନା ଘେନି ଗ୍ରାମ ମଧ୍ୟରେ ଅନେକ ଦିନ ପର୍ଯ୍ୟନ୍ତ ଆଲୋଚନା ହେଲା, ଆଖ ପାଖ ଗ୍ରାମରେ ମଧ୍ୟ କଥା ପଡିଲା । ସମସ୍ତେ ଅନୁମାନ କଲେ, ଏହା ମଙ୍ଗଳାର ମାୟା । ଆମ୍ଭେମାନେ କହୁ, ପିଶାଚୀର କାର୍ଯ୍ୟ ହୋଇପାରେ । ଡାଳିଯୋଡା ଫତେସିଂହ ସଞ୍ଜୁଳି ଆସି ଝିଅକୁ ଘେନିଗଲେ । ଲୋକେ କହନ୍ତି , ପିଲାଟା ଯେପରି ଅନ୍ନଜଳ ଛାଡି ବସିଥିଲା, ବାପ ଘେନିଯାଇ ନ ଥିଲେ, ପ୍ରାଣ ପାଇବା କଠିନ ହୋଇଥାନ୍ତା ।

--o--

# ଅଷ୍ଟାଦଶ ପରିଚ୍ଛେଦ

**ସାଆନ୍ତାଣି :**

" ସର୍ବେ ଚଳିବେ କାଳବଳେ, କଥା ରହିବ ମହୀକତଳେ । "

ଶ୍ରାବଣ ମାସ ରାଧାଷ୍ଟମୀ ଦିନ, ଖୁବ୍ ଭୋର, ଅଳ୍ପ ଅଳ୍ପ ଅନ୍ଧାର ଅଛି, ଲୋକମାନେ ବିଛଣା ଛାଡି ନାହାନ୍ତି । ଅବଶ୍ୟ ଅନେକ ଲୋକଙ୍କ ନିଦ ଭାଙ୍ଗିଲାଣି ; ମାତ୍ର ଖୁବ୍ ଦରକାର ନଥିଲେ ବର୍ଷା ଆଉ ଶୀତ ଋତୁର ପାହାନ୍ତି ବିଛଣାଟା ଲୋକମାନଙ୍କୁ ଟିକିଏ ଟାରି ଧରେ । ମଙ୍ଗରାଜଙ୍କର ପୋଇଲୀ ମରୁଆ ଢାଳଟିଏ ଡେବିରି ହାତରେ ଧରି ଖାଇବା ହାତରେ କବାଟ ଫିଟାଇ ଘରୁ ବାହାରି ପଡିଲା । ହଠାତ୍ ତାହାର ଦୃଷ୍ଟି ଚଉରା ଉପରେ ପଡିଗଲା, ସେ ଥକାହୋଇ ଠିଆ ହୋଇଗଲା । ଧଳାଟାଏ କଣ? ତୁଳସୀ ଚଉରାଟା ମଙ୍ଗରାଜଙ୍କ ମଝିଅଗଣା ମଧ୍ୟରେ । ସାଆନ୍ତାଣିଙ୍କ ନିଜସ୍ବ ମଧ୍ୟରେ ଚଉରାଟା । ବୃନ୍ଦବତୀ ପୂଜା ତାହାଙ୍କ ଜୀବନର ବ୍ରତ । ତୋଟା ମଧ୍ୟରେ ପୁଆଟିଏ ଆଣି ନିଜେ ରୋଇଛନ୍ତି । ସକାଳୁ ଉଠି ଚଉରା ଚାରିପାଖ ଖରକିବା, ଗୋବର ପାଣିରେ ଛୁଞ୍ଚଦେବା , ଗାଧୋଇ ଆସି ମୂଳରେ ପାଣି ଦେବା, ଅରୁଆ ଚାଉଳ ପୁଞ୍ଜାଏ ଭୋଗ ଦେବା, ସଞ୍ଜ ଦେବା, ଏହିସବୁ କାର୍ଯ୍ୟ କରୁ କରୁ ଦିନ ଅଣ୍ଟେ ନାହିଁ । ସଞ୍ଜ ଦେଇସାରି ବେକରେ ପଣନ୍ତ କାନି ପକାଇ ପୂରା ଅଧ ଘଡିଏ ଜୁହାର ହୁଅନ୍ତି ତୁନି ତୁନି କ'ଣ କହନ୍ତି ବୃନ୍ଦାବତୀଙ୍କୁ ଜଣା ।।

ମରୁଆ ଧୀରେ ଧୀରେ ଚଉରା ପାଖକୁ ଯାଇ ଭଲ କରି ଅନାଇଲା ଏଁ, ଏ କ'ଣ ? ସାଆନ୍ତାଣିକଏଁ - ସାଆନ୍ତକାଣିଏଁ - ସାଆନ୍ତାଣିଏଁ -ଉତ୍ତର ନାହିଁ। ମରୁଆ ଢାଳଟି ତଳେ ଥୋଇଦେଇ ଦେହରେ ହାତ ଦେଇ ହଲାଇଲା । ରାତିରେ ଅସ୍ରାଏ ପାଣି ବର୍ଷିଯାଇଛି । ଲୁଗାପଟା ଓଦା, କାଦୁଅ ଲଟପଟ, ଦେହଟା କାଠ ପରି ହୋଇଯାଇଛି, କୁଆପଥର ପରି ଶୀତଳ । ମରୁଆ ଗୋଟାଏ

ଭୟଙ୍କର ରଡି ଛାଡି ବାହୁନି ବସିଲା--''ମୋ ସାଆନ୍ତଣି ଗୋ; ମୋ ସାଆନ୍ତାଣି ! କାହିଁ ହୁଡିଗଲ, ମୋ ସାଆନ୍ତଣି ! ପିମ୍ପୁଡି ପେଟବଥା କଥା କିଏ ଜାଣିବ, ମୋ ସାଆନ୍ତାଣୀ ଗୋ ! ମୋତେ ଜର ହେଲେ କିଏ ପଥି ରାନ୍ଧି ଖୁଆଇବ, ମୋ ସାଆନ୍ତାଣି ଗୋ ! ମରୁଆ ପାଟି ଶୁଣି ଉଆସର ସମସ୍ତେ ଧାଇଁ ଆସିଲେ, ଅଗଣା ପୂରିଗଲା । ସମସ୍ତେ ବାହୁନି ବସିଲେ, ବୋହୂମାନଙ୍କ ମୁଣ୍ଡରେ ଲୁଗା ନାହିଁ, କାନ୍ଦି ଲୋଟି ଯାଉଛନ୍ତି । ସମସ୍ତଙ୍କଠାରୁ ବେଶି ବାହୁନିଲା ଚମ୍ପା । ସେ ବାଡି ଦୁଆରଠାରୁ ଦାଣ୍ଡ ଦୁଆର ପର୍ଯ୍ୟନ୍ତ ଧାଁଦଉଡ କରି ଡାକ ଛାଡିଥାଏ । ସମସ୍ତେ କାନ୍ଦି ବସିଛନ୍ତି ; କିଏ କାହାକୁ ତୁନି କରାଉଛି? ମୁହୂର୍ତ୍ତ ମଧ୍ୟରେ ଗାଁ ଏମୁଣ୍ଡ ସେମୁଣ୍ଡ ବିଦ୍ୟୁତ୍ ଗତିରେ ଖବର ହୋଇଗଲା । ସ୍ତ୍ରୀ ଲୋକମାନେ ବାସିପାଇଟି ଛାଡି , ପୁରୁଷମାନେ ଦୁଃଖ ଧନ୍ଦାଛାଡି ସାଆନ୍ତାଣିଙ୍କ ଗୁଣ ଗାଇ ବସିଲେ । ନିତାନ୍ତ ନିଃସମ୍ପର୍କୀୟା ସ୍ତ୍ରୀମାନେ ମଧ୍ୟ କାକନ୍ଦିପକାଇଲେ । କେହି କହିଲା--ଆଜି ମହାଷ୍ଟମୀ , ପୁଣ୍ୟଦିନରେ ଗାଁରୁ ଲକ୍ଷ୍ମୀ ଚାଲିଗଲେ । କେହି କହିଲା ମଙ୍ଗରାଜଙ୍କ ଘର ବଢନ୍ତି ଏତିକି, ଆଜିଠାରୁ ଶିରୀ ଛାଡିଲା । ଗାଁ ସ୍ତ୍ରୀମାନଙ୍କ ମଧ୍ୟରେ ସ୍ବାମୀସେବା କଥା ପଡିଲେ, ସାଆନ୍ତାଣୀଙ୍କୁ ପଟାନ୍ତର ଦେଉଥିଲେ । ତାହାଙ୍କ ଚରିତ୍ର ଯେମନ୍ତ ନିର୍ମଳ , ଧର୍ମରେ ସେହିପରି ମତି । ସ୍ତ୍ରୀମାନଙ୍କ ସର୍ବସ୍ବ ଧନ 'ପତିସୋହାଗ' ବିଧାତା ତାହାଙ୍କ କପାଳରୁ ପୋଛି ଦେଇଥିଲା; ମାତ୍ର ସେଥିକି ତାଙ୍କର ଶୋଚନା ନ ଥାଏ । ସେ ମନରେ ଭଲକରି ବୁଝିଥିଲେ, ପତି ସେବା ସ୍ତ୍ରୀମାନଙ୍କର ଧର୍ମ , ପତି ସେବାରେ ସ୍ତ୍ରୀମାନଙ୍କର ସୁଖ । କେବଳ ପତିସେବା ନୁହେଁ, ମନୁଷ୍ୟ ସେବାକୁ ମଧ୍ୟ ସେ ମଧ୍ୟ ସେ ମହାସୁଖକର ଜ୍ଞାନ କରୁଥିଲେ । ମୁଣ୍ଡକୁ ହାତ ପାଇଲା ଦିନୁ ପୁଅମାନେ ପାଖ ପଶନ୍ତି ନାହିଁ । ବୋହୂମାନେ ଯେ ଅମାନ୍ୟ କରନ୍ତି ତାହା ନୁହେଁ, ମାତ୍ର ମୁରବୀ ମାନ୍ୟତା ଥିଲା ନାହିଁ । ଶାଶୁ ବାଧିକି ପଡିଛନ୍ତି ବୋଲି ଯେ ବୋହୁମାନେ ତେଲ ହାତଟା ଗୋଡରେ ହାତରେ ବୁଲାଇ ଦେଇଛନ୍ତି , ଏ କଥାଟା କେବେ ଦେଖିବାରେ ଆସି ନାହିଁ । ଏଇଟା କିନ୍ତୁ ସାଆନ୍ତାଣିଙ୍କ ନିଜ କୃତ ଦୋଷର ଫଳ । ଘରଣୀପଣିଆ ଜଣାଇବା, ପୁଅ ବୋହୂ, ଚାକର, ପୋଇଲୀମାନଙ୍କୁ ଶାସନରେ ରଖିବାର କ୍ଷମତା

ତାଙ୍କର ନଥିଲା । ସେ କଥାଟାକୁ ସେ ମଧ୍ୟ ସୁଖ ପାଉ ନ ଥିଲେ । ତାଙ୍କଠାରେ ଧୁଆ ମୂଳା ଅଧୁଆ ମୂଳା ସମାନ। ତାଙ୍କୁ ଯେ ମାନିଲା ଭଲ, ଯେ ନ ମାନିଲା ସେ ମଧ୍ୟ ଭଲ। କେହି ଦଶ ପଦ ଗାଳି ଦେଉ ଜାଡି ହାଉଡି ପରି ଥାଆନ୍ତି । ଶାଳଗ୍ରାମର ଶୋଇବା ବସିବା ପରି ତାଙ୍କ ହସ କାନ୍ଦ କେହି ଜାଣିପାରିବେ ନାହିଁ । କାହାରି ସଙ୍ଗରେ କଳି କିମ୍ବା କାହାରି ସଙ୍ଗରେ ଭାବ ନାହିଁ । କାହାରି ପାଖରେ ବସି ଦୁଃଖ-ସୁଖ ଦୁଇଟା କଥା କହିବାର କେହି ଦେଖିନାହିଁ । କେବଳ ଉଆସ ମଧ୍ୟରେ କାହାରି ବେମାର ହେଲେ ଦିନ ନାହିଁ ରାତି ନାହିଁ, ଜଗି ବସି ସେବା କରନ୍ତି । ବେମାରି ସମୟରେ ପୋଇଲି ହେଉ ବା ବୋହୂ ହେଉ, ନାହିଁ କରୁ କରୁ ଗୋଡରେ, ହାତରେ ହାତ ବୁଲାଇଦେବେ । ବାହାରେ ହେଉ, ଘରେ ହେଉ, କେହି ଉପାସ ଥିଲେ ତାକୁ ନ ଖୁଆଇ ଜଳ ଛୁଅନ୍ତି ନାହିଁ । ଗାଁର ଦରିଦ୍ର ବୁଢୀ ବା ଅନାଥା ବିଧବାଙ୍କର ସର୍ବଦା ଖବର ନିଅନ୍ତି । କାହାରି ଘରେ ଖାଇବାକୁ ନ ଥିବାର ଶୁଣିଲେ ସାଆନ୍ତକୁ ଲୁଚାଇ , ପୁଅବୋହୂଙ୍କୁ ଲୁଚାଇ , ଚାଉଳ ମାଣେ, ବିରିଜାଇ ମୁଠାଏ, ଲୁଣ ବକଟେ, ତେଲ ଟିକିଏ, କଖାରୁ ଖଣ୍ଡେ , ଭେଣ୍ଡି ଜହ୍ନି ପୁଞ୍ଜାଏ , ଯାହାର ଯାହା ଦରକାର ପଠାଇ ଦିଅନ୍ତି । ଗାଁର କାହାରି ବୋହୂଝିଅ ଦେହକୁ ଲାଗିଲେ ପୋଇଲି ପଠାଇ ତନଖି କରନ୍ତି । ଦେଉନ୍ତୁ ନ ଦେଉନ୍ତୁ , ଗରିବ ଦୁଃଖୀମାନଙ୍କର ତାଙ୍କଠାରେ ଗୋଟାଏ ବଡ ଆଶା ଭରସା ଥାଏ । ଅନେକ ପରଜାଏ ଖାତକ, ଅନେକ ଦରିଦ୍ର ପ୍ରଜା ସାଆନ୍ତାଣୀଙ୍କ ଯତ୍ନରେ ମଙ୍ଗରାଜଙ୍କ ଦାଢରୁ ମୁକ୍ତି ପାଇଥିବାର ଶୁଣାଯାଏ । ମଙ୍ଗରାଜେ କାହାରି ଉପରେ ଜୁଲମ କଲେ ସେ ଯଦି ବୋହୂ ଝିଅ ପଠାଇ ସାଆନ୍ତାଣୀଙ୍କ କାନରେ ଦୁଃଖ କଥାଟା ବଜାଇପାରିଲା, ତେବେତ ବାସ୍ । ସେଥିସକାଶେ ମଙ୍ଗରାଜଙ୍କଠାରୁ ଢେର୍ ଗାଳି ଗଞ୍ଜଣା ଶୁଣିବାକୁ ହୁଏ । ଚମ୍ପା ଟାହୁଲି ମାହୁଲି କେତେ କଥା କହେ; ମାତ୍ର ସାଆନ୍ତାଣୀ ତେତେବେଳେ କାଲୁଣୀ । କାହାରି ଉପକାର କରିପାରିଲେ କୋଟିନିଧି ପାଆନ୍ତି । ଶିବୁ ପଣ୍ଡିତେ ସାଧୁ ଭାଷାରେ କହନ୍ତି , 'ସାଆନ୍ତାଣୀ ଦୟା, ସ୍ନେହ , ଭକ୍ତି ପ୍ରଭୃତି ସ୍ବର୍ଗୀୟ ଗୁଣାବଳୀର ମୂର୍ତ୍ତିମତୀ ଦେବୀ ।'

ସାଆନ୍ତାଣୀଙ୍କର କିନ୍ତୁ ଗୋଟିଏ ବିଚିତ୍ର ସ୍ବଭାବ ଥିଲା, ସେଇଟି ଦୋଷ କି ଗୁଣ, ଆମ୍ଭେମାନେ ସ୍ଥିର କରିପାରୁ ନାହୁଁ, ଆପଣମାନେ ବୁଝନ୍ତୁ । ପାଞ୍ଚଟା କଥା ଯୋଡି ରଙ୍ଗଭଙ୍ଗ କରି କହିବାର ଶକ୍ତି ନ ଥିଲା, ପୁଣି କଥାଗୁଡାକ ଏତେ ଧୀର ଯେ, ଦାଣ୍ଡଦୁଆର ଲୋକେ କେଭେ ତାଙ୍କର ତୁଣ୍ଡ ଶୁଣି ନାହାନ୍ତି ; ମାତ୍ର ସାଆନ୍ତେ ଉଆସ ମଧ୍ୟରେ କୌଣସି ପୋଇଲୀ ବା ଚାକର ଉପରେ ରାଗି ଚଳିହେଲେ ବା ମାରିବାକୁ ବସିଲେ, ସାଆନ୍ତାଣୀ କିଛି ନ ଶୁଝି ମଝିରେ ପଶିଯାନ୍ତି ଏବଂ ବିବିଧ ଯୁକ୍ତି ପ୍ରୟୋଗପୂର୍ବକ ତାହାର ନିର୍ଦ୍ଦୋଷତା ପ୍ରମାଣ କରାଇବାକୁ ବିବିଧ ପ୍ରକାର ଚେଷ୍ଟା କରନ୍ତି । ତେତେବେଳେ ତାଙ୍କର ସତ୍ୟ ମିଥ୍ୟା ଜ୍ଞାନ ଥାଏ ନାହିଁ; ସୁତରା ସାଆନ୍ତଙ୍କ ରାଗଟା ତାଙ୍କରି ମୁଣ୍ଡ ଉପର ଦେଇ ଚାଲିଯାଏ । ପର ପାଇଁ ବିଶେଷରେ ଦୋଷୀକୁ ରକ୍ଷା କରିବା ପାଇଁ ମିଥ୍ୟା କଥା କହିବା ଏବଂ ଅନ୍ୟର ଅପରାଧ ସକାଶେ ଆପେ ଲାଞ୍ଛିତ ହେବା ଅବଶ୍ୟ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ, ମାତ୍ର ଆଜିଯାଏ ତାଙ୍କର ସ୍ବଭାବ ବଦଳି ନ ଥିଲା । ' ସ୍ବଭାବୋ ନୈବ ମୁଚ୍ୟତେ । ' ଦୋଷୀ ହେଉ ବା ନିର୍ଦ୍ଦୋଷ ହେଉ, କାହାରି ଦୁଃଖ ଦେଖିଲେ ସେ କାନ୍ଦି ପକାଉଥିଲେ । ଆଉ ଗୋଟିଏ କଥା, ଉଆସ ମଧ୍ୟରେ ଦୁଇଟା ପୋଇଲୀ ମଧ୍ୟରେ ବା ବୋହୂ ବୋହୂ ମଧ୍ୟରେ କଳି ହେଲେ ସେ ପ୍ରାୟ ଦୁର୍ବଳ ପଟ ଧରି ଚାଲିବାର ଦେଖାଯାଏ । ଏଇଟା ଅବଶ୍ୟ ପକ୍ଷପାତିତାର ଚିହ୍ନ । ବୁଝି ସମଝି ପକ୍ଷ ଧରିବାକୁ ହୁଏ, ତାଙ୍କଠାରେ ଏ ଗୁଣର ନିତାନ୍ତ ଅଭାବ ଥିଲା ।

ସାଆନ୍ତାଣୀଙ୍କର ଗୋଟିଏ ମହତ୍ ଦୋଷ ଥିଲା- ଅବଶ୍ୟ ମହତ୍ ଦୋଷ ବୋଲିବାକୁ ହେବ, ସାଆନ୍ତେ ସେଥିସକାଶେ ଚିରକାଳ ବିରକ୍ତ । ତାଙ୍କର ଘରକରଣା ବୁଦ୍ଧି ଜଡସଦ ନ ଥିଲା । ଟଙ୍କା ପଇସା ଯେ କି ମହାମୂଲ୍ୟ ପଦାର୍ଥ , ସେ ତାହା ଜାଣୁ ନ ଥିଲେ । ସେ ଖୋଜନ୍ତି ନାହିଁ, ସୁତରାଂ ହାତ ପୈଠ ହୁଏ ନାହିଁ । ଯଦି ଦୈବାତ୍ ଦୁଇ ଅଣା ଚାରି ଅଣା ପଇସା, ଟଙ୍କାଟିଏ , ସୁକିଟିଏ ହାତରେ ପଡିଯାଏ, ଧାନଉଷୁଆଁ ହାଣ୍ଡିତଳେ , ନୋହିଲେ କୁଣ୍ଡାହାଣ୍ଡି ତଳେ ଉଗାଡି ପକାନ୍ତି , ନୋହିଲେ ଚାଳବାଡରେ ଖୋସିଦିଅନ୍ତି । ଗାଁର କାହାରି ଝିଅ ଶାଶୁଘରକୁ ଯିବାବେଳେ ଶାଢୀ ଖଣ୍ଡେ କିମ୍ବା ଥୋପ ଯୋଡାଏ କିମ୍ବା

ଭୁଜାଉଖୁଡା ଦୁଇମାଣ ମୁକୁନ୍ଦ ହାତରେ କିଣେଇଦିଅନ୍ତି କିମ୍ବା କାହାରି ଘରେ ଖାଇବାର ନ ଥିଲେ ତାହା ଭାଗ୍ୟରେ ପଡେ । ଏପରି ଦେବାର ଶୁଣାଯାଏ, କିନ୍ତୁ କେହି କେବେ ଦେଖି ନାହିଁ । ଯାହାହେଉ, ସାଆନ୍ତାଣୀଙ୍କର ଦୋଷ ଥାଉ ବା ଗୁଣ ଥାଉ, ଘରଠାରୁ ବାହାର ପର୍ଯ୍ୟନ୍ତ ସମସ୍ତେ ହାୟ ହାୟ କରୁଛନ୍ତି । କେବଳ କାନ୍ଦୁ ନାହିଁ ଜଣେ । ମୁକୁନ୍ଦା ହଳିଆ ପାକୁଆ ପାଟିଟାକୁ ଆଁ କରି, ଆଖିବୁଜି, ମାଂସଶୂନ୍ୟ ଡେଙ୍ଗା ହାଡୁଆ ଗୋଡ ଦୁଇଟା ଲମ୍ବାଇଦେଇ ବାଡକୁ ଆଉଜି ବସି ପଡିଅଛି । ମୁକୁନ୍ଦାର ତିନିକୂଳରେ କେହିଥିବାର ଜଣା ନାହିଁ । ତାହାର ବୟସ, ଜାତି, କୁଳ, ଗୁଣ ଗ୍ରାମର କଥା ଶୁଣିବେ ? ହଳିଆ ବାପୁଡା କଥା କିଏ ପଚାରେ ? ସେ ନିଜେ କହେ ସାଆନ୍ତାଣୀଙ୍କ ଜନ୍ମସମୟରେ ଧାଙ୍କଇକୁ ଡାକିଦେବାକୁ ଯାଇଥିଲା । ତାହା କୋଳରେ ସାଆନ୍ତାଣୀ ଏଡେଟିଏ, ବାପଘରୁ ସାଙ୍ଗେ ସାଙ୍ଗେ ଆସିଅଛି । ହାଉଡା କଥା ହାଉଡା ମା ଜାଣେ । କେବଳ ମୁକୁନ୍ଦା ସାଆନ୍ତାଣୀ ମନକଥା ବୁଝୁଥିଲା । କୌଣସି କଥାରେ ସାଆନ୍ତାଣୀ ମନ ଦୁଃଖ କଲେ ମୁକୁନ୍ଦା ଆସି ଜଳ ଜଳ କରି ତାଙ୍କ ମୁହଁକୁ ଚାହିଁରହେ । ସାଆନ୍ତାଣୀ ତା ମୁହଁକୁ ଚାହିଁ ମୁଣ୍ଡ ତଳକୁ ପୋତିଦିଅନ୍ତି । ସେ ଚାହାଣୀ ଅର୍ଥାତ୍ ନୀରବ ବକ୍ତୃତାରେ ସବୁ କଥା ଛିଡେ। ସାଆନ୍ତାଣୀ ସାନ୍ତ୍ବନାପାଇ ତୁନି ହୁଅନ୍ତି ।ସାଆନ୍ତାଣୀ କିଛି ମାତ୍ର ମନଦୁଃଖ କଲେ ତାହା ଆଖିରୁ ଝରଝର ହୋଇ ପାଣି ବୋହି ପଡୁଥିଲା; ଆଜି ମରି ପଡିଛନ୍ତି , ସେ କାନ୍ଦୁନାହିଁ । ଯାହାର ଜଗତର ସମସ୍ତ ସୁଖ, ସମସ୍ତ ଶାନ୍ତି , ସମସ୍ତ ଭରସା, ସମସ୍ତ ଆଙ୍କା , ସମସ୍ତ ସାନ୍ତ୍ବନା , ସମସ୍ତ ସ୍ନେହ ଏକ ସଙ୍ଗରେ ଶେଷ ହୋଇଯାଏ, ସେ କାନ୍ଦେ ନାହିଁ । କେବଳ ସେ ବେଳେବେଳେ ଫଁ-ଫଁ ନିଃଶ୍ବାସ ପକାଉଅଛି। ବୋଧହୁଏ ସେଥିସକାଶେ ତାହାର ଶୁଷ୍କ ହୃଦୟ ଫାଟିଯାଉ ନାହିଁ ।

ମଙ୍ଗରାଜେ ମୁଣ୍ଡ ପାଖରେ ବସି ଏକଧ୍ୟାନରେ ସାଆନ୍ତାଣୀଙ୍କ ମୁହଁକୁ ଅନାଇ ଅଛନ୍ତି । ନିଶ୍ଚଳ , ସ୍ତବ୍ଧ ଦୁଇ ଆଖିରୁ ଲୋତକ ବହିଯାଉଅଛି। ମଙ୍ଗରାଜଙ୍କ ଆଖିରେ କେହି କେବେ ଲୋତକ ଦେଖିନାହିଁ, ଆଜି ନୂତନ ଦେଖାଗଲା। ଲୋକେ କହନ୍ତି ସ୍ନେହ , ମାୟା, ମମତା, ଚକ୍ଷୁଲଜ୍ଜା , ଧର୍ମକର୍ମ ମଙ୍ଗରାଜଙ୍କ ମନକୁ ଛୁଇଁନାହିଁ। ସେ ଭଲକରି ବୁଝିଥିଲେ ''ଟଙ୍କା

ଏବଂ ମନୁଷ୍ୟାଣାଂ ଚତୁର୍ବର୍ଗଫଳପ୍ରଦା । '' ଦିବା-ରାତ୍ର ତାଙ୍କର ଟଙ୍କା ଥିଲା ଧ୍ୟାନ - ଟଙ୍କା ଥିଲା ଜ୍ଞାନ । ସେ ତୁନି ହୋଇ ବସି ଭାବିବାର ଅନେକଥର ଦେଖାଯାଇଛି; କିନ୍ତୁ ସେ ସମୟରେ ଏକ ପ୍ରକାର ଜ୍ୟୋତି ତାଙ୍କ ଆଖିରୁ ବାହାରୁଥାଏ । ସମୁଦ୍ର ଗର୍ଭଜାତ ଉତ୍ତାଳ ତରଙ୍ଗମାଳା ବେଳାଭୂମିରେ ପଡି ଲୀନ ହୋଇଗଲା ପରି ହୃଦୟଜାତ ନାନା ଆଶା, ନାନା ଚିନ୍ତାର ତରଙ୍ଗ ଆସି ଭ୍ରୂଲତାର ଉପରିଭାଗରେ ରେଖାକାର ଧରି ଲୀନ ହେଉଥାଏ । ଆଜି ଭାବନା କିନ୍ତୁ ଅନ୍ୟ ରୂପ। ନେତ୍ର ଅର୍ଦ୍ଧ ନିମୀଳିତ, ସ୍ପନ୍ଦନ ଶୂନ୍ୟ , ଅଶ୍ରୁସିକ୍ତ । ମଙ୍ଗରାଜ କି ସାଆନ୍ତାଣୀଙ୍କ ସକାଶେ କାନ୍ଦୁଛନ୍ତି ? ପ୍ରିୟବସ୍ତୁର ବିୟୋଗ ମନୁଷ୍ୟ ପକ୍ଷରେ ଅସହ୍ୟ । ମଙ୍ଗରାଜ କି ପବିତ୍ର ଦାମ୍ପତ୍ୟ ପ୍ରେମର ସ୍ବର୍ଗୀୟମାଧୁରୀ ଅନୁଭବ କରୁଥିଲେ ? କାହିଁ ? ସେ ସାଆନ୍ତୀଣୀଙ୍କୁ ପ୍ରେମରେ ଦୁଇଟା କଥା କହିବାର ତ କେହି କେବେ ଶୁଣି ନାହିଁ। ତେବେ ଆଜି ଏତେ ବ୍ୟାକୁଳ କି ପାଇଁ ? ଯାହାହେଉ ସାଆନ୍ତାଣୀଙ୍କ ବିଚ୍ଛେଦଯନ୍ତ୍ରଣା ଯେ ସେ ଅନୁଭବ କରିଅଛନ୍ତି , ସହଜ ବିଶ୍ବାସରେ ଆମ୍ଭେମାନେ ଏହା ବୋଧ କରୁଅଛୁ । ଯାହାକୁ ଆଠକଳସ ମାଡି ବେଦି ଉପରେ ବିବାହ କରି ଅର୍ଦ୍ଧାଙ୍ଗ ରୁପେ ଗ୍ରହଣ କରିଅଛି, ସେ ଭଲ ହେଉ ବା ମନ୍ଦ ହେଉ ତା'ପ୍ରତି ଗୋଟାଏ ମାୟା ଥାଏ। ଏହି ନୈସର୍ଗିକ ମାନବ ଧର୍ମ ଅତିକ୍ରମ କରିବା ସହଜସାଧ ନୁହେଁ ଯେ ସ୍ତ୍ରୀ ଧର୍ମକାର୍ଯ୍ୟର ସହଧର୍ମିଣୀ -ପ୍ରାଣାଧିକ ସନ୍ତାନ - ସନ୍ତତିଙ୍କ ଜନନୀ, ଯେ ସ୍ତ୍ରୀ ସୁଖ ବା ଦୁଃଖରେ ଏକମାତ୍ର ସମଭାଗିନୀ , ଯେ ସ୍ତ୍ରୀ ରୋଗରେ ଶୁଶ୍ରୁଷାକାରିଣୀ , ବିପଦରେ ମନ୍ତ୍ରୀ , ଶରୀରରକ୍ଷାରେ ଧାତ୍ରୀ ତୁମ୍ଭେ ଯଦି ନିତାନ୍ତ ପାଷାଣ୍ଡ ହୁଏ , ତାହାର ଗୁଣଗାରିମା ଅନୁଭବ କରିବାର ଶକ୍ତି ଯଦି ନିତାନ୍ତ ତୁମ୍ଭର ନଥାଏ- ଜୀବନ କାଳରେ ତାହାକୁ ପ୍ରେମ କର ଅବା ନକର; କିନ୍ତୁ ତାହାର ବିଚ୍ଛେଦ ଯନ୍ ୍ରଣା ଅବଶ୍ୟ ଭୋଗ କରିବାକୁ ହେବ। ଆଉ ସାଧ୍ବୀ , ସଚ୍ଚରିତ୍ରା , ପତିପରାୟଣା, ଧାର୍ମିକ ସ୍ତ୍ରୀର ଗୁଣଗାରିମା ଯେଉଁ ଲୋକ ଥରେ ମାତ୍ର ହୃଦୟରେ ଅନୁଭବ କରୁଅଛି ତାହାର ବିଚ୍ଛେଦ ଯନ୍ତ୍ରଣା ଯେ କି ରୂପ ଅସହ୍ୟ ତାହା ବର୍ଣ୍ଣନା କରିବାକୁ ଭାଷାର ସୃଷ୍ଟି ହୋଇନାହିଁ । ତାହା ସ୍ତ୍ରୀ

ବିୟୋଗବିଧୂର ବ୍ୟକ୍ତି କେବଳ ହୃଦୟରେ ଅନୁଭବ କରେ। ନାଗସର୍ପ ଯାହାକୁ ଦଂଶନ କରିଅଛି, ସେ ବ୍ୟକ୍ତି ବିଷର ଯନ୍ତ୍ରଣା ଜାଣେ, କଥାରେ ବୁଝାଇବାର କଥା ନୁହେଁ। ସେହି ବ୍ୟକ୍ତି ଜାଣେ , ଶୋଣିତବାହିନୀ ଶିରା ସମସ୍ତ ଛିନ୍ନଭିନ୍ନ ହୋଇଯାଇ ତାହାର ହୃତ୍‌ପିଣ୍ଡ ଶୁଷ୍କଭାବରେ ପଡିଅଛି, ସେହି ବ୍ୟକ୍ତି ବୋଧକରେ ଜଗତର ସମସ୍ତ ସୁନ୍ଦର ପଦାର୍ଥର ସୌନ୍ ଦର୍ଯ୍ୟ , ସମସ୍ତ ମାଧୁର୍ଯ୍ୟର ମଧୁରିମା, ସମସ୍ତ ପୁଷ୍ପର ସୁଗନ୍ଧ , ସମସ୍ତ ସଙ୍ଗୀତର ତାନଲହରୀ , ସମସ୍ତ ପବିତ୍ରତା ଚିତାଗ୍ନିରେ ଦଗ୍‌ଧିଭୂତ ହୋଇ ଯାଇଅଛି । ସଂକ୍ଷେପରେ କହିବାକୁ ଗଲେ , ସେ ଆପଣଙ୍କୁ ମୃତଲୋକ ମଧ୍ୟରେ ଜୀବିତ , ଜୀବିତ ମଧ୍ୟରେ ଆପଣଙ୍କୁ ମୃତ ବୋଲି ଜ୍ଞାନ କରେ ମଙ୍ଗରାଜଙ୍କ ଜୀବନ କ୍ଷେତ୍ରରେ ଦୁଇଗୋଟି ନଦୀ ପ୍ରବାହିତ ହେଉଥିଲା । ଗୋଟିଏ ଉତ୍ତାଳ ତରଙ୍ଗମୟୀ ସର୍ପ କୁମ୍ଭୀରସଙ୍କୁଳା କୂଳପ୍ଲାବିନୀ ଚର୍ମଣ୍ୱତୀ , ଆଉ ଗୋଟିଏ ଅନ୍ତଃସ୍ରୋତ ପୂତସଲିଳା କୂଳପ୍ଲାବିନୀ ଫଲ୍‌ଗୁ । ହୁଏତ ମଙ୍ଗରାଜେ ବୁଝିଛନ୍ତି ଫଲ୍‌ଗୁ ଚିରକାଳ ନିମନ୍ତେ ବିଦାୟ ଗ୍ରହଣ କଲା । ମଦ୍ୟପର ସମ୍ମୁଖରେ ଗିନାଏ ଜଳ, ଗିନାଏ ମଦିରା ଥୁଆହୋଇଥିଲେକ ସେ ସୁରା ଗିନାଟିକୁ ଅଧିକ ଆଦର କରେ ଏବଂ ଯତ୍ନରେ ରଖେ; ମାତ୍ର ଜଳଗିନାଟିର ଏକାବେଳେକେ ଅଭାବ ହେଲେ ସେ ତେତେବେଳେ ବୁଝିପାରେ , ସୁରା ଉନ୍ମାଦକାରିଣୀ ସତ୍ୟ , ମାତ୍ର ଜଳ ତାହାର ଜୀବନ ।

ମଙ୍ଗରାଜଙ୍କ ଅବସ୍ଥା ଦେଖି ଆମ୍ଭେମାନେ ଅନୁମାନ କରୁଅଛୁ, ତାଙ୍କ ମନରେ ଦୁଃଖ ଓ ଅନୁତାପ ଉଭୟ ଉପସ୍ଥିତ ହୋଇଅଛି । ଦୁଃଖରେ ମନୁଷ୍ୟ କାନ୍ଦେ , ଅନୁତାପରେ କାନ୍ଦେନାହିଁ , ଦୁଃଖ ହୃଦୟର ଜ୍ବଳନ୍ତ ଅଙ୍ଗାର , ଆନୁତାପ ତୁକଷା ନଳ । ନିଜର ଦୃଷ୍କୃକତି , ନିଜର ଅଯତ୍ନ ସହିତ ସାଆନ୍ତାଣୀଙ୍କ ମୃତ୍ୟୁର ନିକଟସମ୍ବନ୍ଧ ଥିବାର ଅନୁମାନ କରି ସେ ଅନୁତାପ କରୁଅଛନ୍ତି କି ?ତାଙ୍କଦ୍ବାରା ସଂଖ୍ୟାତୀତ ଦୁଷ୍କୃତ ଅନୁଷ୍ଠିତ ହୋଇଅଛି । କାହିଁ, କେବେହେଲେ ସେ ତ ଅନୁତାପ କରୁଥିବାର କେହି ଦେଖିନାହିଁ ? କିଏ ବୋଲିପାରେ ? କ୍ଷଣ ପରି ବର୍ତ୍ତନଶୀଳ ମନୁଷ୍ୟ ସ୍ବଭାବ କିଏ ଜାଣେ ?

ବିଶ୍ବବିଧାତା ସମାନ ଉପାଦାନରେ ଜଗତରେ ସମସ୍ତ ନରନାରୀକୁ ସୃଷ୍ଟି କରିଅଛନ୍ତି । ରକ୍ତ , ମାଂସ, ଅସ୍ଥି , ମଳ, ମୂତ୍ରରେ ଯେପରି ଶରୀର ଗଠିତ, ସେହିପରି ଦୟା, ମାୟା, ସ୍ନେହ , ମମତା, ହିଂସା, ଦ୍ବେଷ , ନିଷ୍ଠୁରତା ପ୍ରଭୃତି ବୃତ୍ତିମାନଙ୍କରେ ମନ ଗଠିତ । ସେହି ସମସ୍ତ ବୃତ୍ତି ଉପଯୁକ୍ତରୂପେ ସମାନ ଭାବରେ କାର୍ଯ୍ୟକାରୀ ହେଲେ ମନୁଷ୍ୟ ମନୁଷ୍ୟ ହୋଇଥାଏ; ମାତ୍ର ଯେବେ ଗୋଟିଏ ଉପାଦାନ ବଳବତ୍ତର ହୋଇ ସୀମା ଲଙ୍ଘନପୂର୍ବକ ଅନ୍ୟ ବୃତ୍ତିମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରେ, ତେବେ ସେ ମନୁଷ୍ୟର ମନୁଷ୍ୟତ୍ବ ଲୁପ୍ତ ହୋଇଯାଏ, ତେତେବେଳେ ହୁଏତ ସେ ଦେବତା, ନଚେତ୍ ରାକ୍ଷାସ ରୂପରେ ପରିଣତ ହୁଏ, ଅର୍ଥାତ୍ ମନୁଷ୍ୟର ମନ ସ୍ବର୍ଗୀୟ ଓ ନାରକୀୟ ବୃତ୍ତି ରାକ୍ଷାସ କରି ପକାଏ । ଯଦି ତୁମ୍ଭେ ଶୁଣ ଗୋଟିଏ ଲୋକ ଦୟାପରବଶ ହୋଇ ଅନ୍ୟର ଜୀବନ ରକ୍ଷା କରିବାକୁ ଯାଇ ଆପଣା ଜୀବନ ବିସର୍ଜନ କଲା, ସେତେବେଳେ ତାହାକୁ କି ଦେବତା କହିବ ନାହିଁ ? ଯେତେବେଳେ ଶୁଣ , ଜଣେ ଲୋକ କେତେକ ଖଣ୍ଡ ସୁନା ଅଳଙ୍କାର ସକାଶେ ଗୋଟିଏ ଶିଶୁହତ୍ୟା କଲା; ମିଳାଇ ଦେଖ, ପୁରାଣବର୍ଣ୍ଣିତ ରାକ୍ଷାସ ସହିତ ତାହାର ମେଳ ହେଉଛି କି ନା ? ମାତ୍ର ଏପରି ଦୃଷ୍ଟାନ୍ତ ବିରଳ ଥିଲେ ମଧ୍ୟ ସଚରାଚର ଦେଖାଯାଏ ନାହିଁ । ମନୁଷ୍ୟ ଚିରକାଳି ମନୁଷ୍ୟ ଏବଂ ମନୁଷ୍ୟ ମନର ମୂଳ ଉପାଦାନ ସମାନ ଥିଲେ ମଧ୍ୟ ବାହ୍ୟ ପ୍ରକୃତି ଆସାମଞ୍ଜସ୍ୟମୟ କୋଟି କୋଟି ମନୁଷ୍ୟ ମଧ୍ୟରେ ଜଣକ ରୂପ ସହିତ ଅନ୍ୟ ଜଣକର ରୂପରେ ମିଳନ ନାହିଁ, ମାନସ ପ୍ରକୃତି ମଧ୍ୟ ସେହିପରି । କାହାରି କାହାରି କୌଣସି ଚିରବୃତ୍ତି ବଳବତୀ , କାହାର ଦୁର୍ବଳ , କାହାର କାହାର ଚିରନିଦ୍ରିତା । ସମୟ ବିଶେଷରେ ଘଟନାଚକ୍ର ପରିବର୍ତ୍ତରେ ନିଦ୍ରିତା ବୃତ୍ତି ସମସ୍ତ ଜାଗରିତ ହୋଇ ଉଠିବାର ଦେଖାଯାଏ। ମଦ୍ୟପ ଦୂରାଚର ଜଗାଇ ମାଧାଇ ପରମ ବୈଷ୍ଣବ ହେବେ, କିଏ ଜାଣିଥିଲା ? ଆଉ ଖ୍ରୀଷ୍ଟ ବିଦ୍ବେଷୀ ଅତ୍ୟାଚାରୀ ପାଉଲ୍ ଆଜି ପୂଜନୀୟ ମହର୍ଷୀ ପଦବାଚ୍ୟ । ଗାଧିନନ୍ଦନ ରାଜର୍ଷି ବିଶ୍ବାମିତ୍ରଙ୍କର ସହସ୍ର ସହସ୍ର ଯୁଗବ୍ୟାପୀ ତପସ୍ୟା ତତୋକର୍ଧିକ ଜ୍ବଳନ୍ତ ବ୍ରାହ୍ମନିଷ୍ଠା ମେନକାର ନିମେଷ ମାତ୍ର ଅପାଙ୍ଗ

ଦୃଷ୍ଟିରେ ଟଳି ଗଲା । ବିଶେଷ ଅନୁଧ୍ୟାନ କରି ଦେଖ , ଏପରି ହଠାତ୍ ପରିବର୍ତ୍ତନର ମୂଳ କାରଣ ଘଟଣା ଏବଂ ସଂସର୍ଗ ଭଗବାନ ଶଙ୍କରାଚାର୍ଯ୍ୟଙ୍କର ମହାବାକ୍ୟ ସମସ୍ତଙ୍କର ସ୍ମରଣ ରଖିବାର ଉଚିତ୍ ---

''କ୍ଷଣମିହ ସଜ୍ଜନ ସଂଗତିରେକା
ଭବତି ଭବାର୍ଣ୍ଣବତରେଣ ନୌକା ।''

ସନାତନ ବ୍ରହ୍ମଧର୍ମର ଉପଦେଶ ତୁମ୍ଭେ ପାପକୁ ଘୃଣା କର, ପାପୀକୁ ଘୃଣା କର ନାହିଁ । ଯେଉଁ ବୃତ୍ତିର ବଶମ୍ବଦ ହୋଇ ମନୁଷ୍ୟ ଅନୁତାପ କରେ, ମଙ୍ଗରାଜଙ୍କର ସେହି ବୃତ୍ତି ଆଜି ଉତ୍ତେଜିତ ହୋଇ ଉଠିନାହିଁ, ଏକଥା କିଏ କହିପାରେ ? ଆମ୍ଭେମାନେ ଅନ୍ତର୍ଯ୍ୟାମୀ ନୋହୁ, ମଙ୍ଗରାଜଙ୍କର ମନର ଭାବ କିପରି ଜାଣିବୁ ? ଜାଣିଲେ ମଧ୍ୟ ଦୁଃଖ ଏବଂ ଅନୁତାପ ଯୁଗପତ୍ କିପରି ତାହାଙ୍କ ମନକୁ ବଶୀଭୂତ କରି କଣ୍ଠରୋଧ ଏବଂ ବାହ୍ୟଜ୍ଞାନଶୂନ୍ୟ କରିପକାଉଛି, ତାହା ବର୍ଣ୍ଣନାକରି ଆପଣଙ୍କୁ ବୁଝାଇଦେବାର ଶକ୍ତି ନାହିଁ ।

ଜଡ଼ା ଯେପରି କଥା କହି ନପାରି ହାତ ଗୋଡ ହଲାଇ ଆପଣା ମନର ଭାବକୁ ପ୍ରକାଶ କରିବାକୁ ଚେଷ୍ଟା କରେ, ଆମ୍ଭେମାନେ ସେହିପରି ଏଣୁ ତେଣୁ ଗୁଡାଏ କହିପକାଇଲୁଁ ।

ହେ ପାଠକ ଅବଧାନ ! କ୍ଷମା କରନ୍ତୁ , ଏତିକି ହେଉ, ଦେବଦୁନ୍ଦୁଭି ଅହିଅ ନାଗରା ବାଜିଗଲଣି, ଶୁଭକଉଡି ଗୋଟାଇନେଇ ମଙ୍ଗଳ ପେଡିରେ ରଖିବା ସକାଶେ ଗ୍ରାମର ସୁଲକ୍ଷଣୀ ଅହିଅ ସ୍ତ୍ରୀମାନେ ଦାଣ୍ଡକୁ ଚାହିଁ ବସିଛନ୍ତି , ଏତିକି ହେଉ ।

'ହରି ହରି ବୋଲ ମନ ' ।

--o--

# ଊନବିଂଶ ପରିଚ୍ଛେଦ

**ପୁଲିସ ତଦାରଖ :**

ପ୍ରତିଦିନ ଗୋବିନ୍ଦପୁରରେ ଯେପରି ରାତି ପାହେ, ଆଜି ମଧ୍ୟ ଠିକ୍ ସେହିପରି ପାହିଅଛି; କିନ୍ତୁ ସୂର୍ଯ୍ୟ ସଙ୍ଗେ ଦେଖା ନାହିଁ । ମେଘଟା ଝରଝର ଫରଫର କରୁଥିଲା 'ସକାଳ ମେଘ ମେଘ ନୁହେଁ, ସକାଳ କୁଣିଆଁ କୁଣିଆଁ ନୁହେଁ ।' ଆକାଶଟା ଟିକିଏ ସଫା ହୋଇଗଲାଣି , ବଛାବଛି କାମ ସରିଛି, କେହି ବିଲ ବାଡିକୁ ଯିବାକୁ ନାହିଁ । କେହି ପିଣ୍ଡାରେ ବସି ବାଟଣା ବାଟୁଛି, କେହି ଗୁହାଳ କଢାରେ ଲାଗିଛି, କେହି କେହି ଝାମ୍ପିଟାଏ ମୁଣ୍ଡରେ ହାତରେ ଦଉଡ଼ି ଖଣ୍ଡେ ଦା' ଟାଏ ଧରି କାହାଳିଟାଏ ଓଟାରି ଓଟାରି ବାହୁଙ୍ଗିଟାଏ କାନ୍ଧରେ ପକାଇ ଘାସ କାଟିବାକୁ ବାହାରିଅଛି, କେହି ପିଢାରେ ଚଢି କଖାରୁ ଡଙ୍କ ସଳଖି ଦେଉଅଛି, ଘରେ ଲୁଣ ନଥିବାର ଶୁଣି ହରି ପୁହାଣ ବିବଧ ଯୁକ୍ତି ପଦର୍ଶନ ପୂର୍ବକ ଆପଣା ଭାର୍ଯ୍ୟାର ଅପରିମିତ ବ୍ୟୟଶୀଳତା ସାବ୍ୟସ୍ତ କରୁଅଛି । ମାଇକିନିଆମାନେ ବାସିପାଇଟିସାରି ବାଡି ପୋଖରୀକୁ ବାହାରିଲେଣି । ତନ୍ତୀସାଇଟା ଝମ୍ ଦୁମ୍ , ଝସଦୁମ୍ ଶବ୍ଦରେ ଉଚ୍ଛୁଳି ପଡିଅଛି, ତନ୍ତୀଆଣୀମାନେ ପିଣ୍ଡାରେ ବସି ଖଡରଖଡର କରି ନଟେଇ ବୁଲାଇ ପକାଉଛନ୍ତି । ବେଳ ଅନ୍ଦାଜ ତିନି ଘଡିକି ଦଣ୍ଡେ ଦୁଇଦଣ୍ଡ ବେଶି, ଶାମ ସାହୁଘର ହଳିଆ ଗୋପାଳ ସାମଲ ଝାମ୍ପିଟିଏ ମୁଣ୍ଡରେ ଦେଇ କୋଡି ଧରି ନଇଁପଡି ବିଲର ହିଡ ବାନ୍ଧୁଥିଲା । ବାଟ- ପାଖିଆ ବିଲ, ସାମନ୍ତ ଘର ହଳିଆ ଘୁଷୁରିଆ ଗୋବରା ଜେନା ଘରଆଡ଼କୁ ଚଞ୍ଚଳ ଚାଲିଅଛି, ଗୋପାଳିଆ ଉପରେ ନଜର ପଡ଼ିଯିବାରୁ ତାକୁ ହାତ ଟେକି ଇଶାରା କରି ପାଖକୁ ଡ଼ାକିଲା, ମୁଁ ଗୋଟିଏ ଭାରି କାମରେ ଯାଉଛି, ଭାରି ଗୁପ୍ତ କଥା, ତୋତେ ବିଶ୍ବାସ ପାଏ ବୋଲି କହୁଛି ।'' ତାହା କାନରେ ତୁନି ତୁନି କରି କହିଲା, ''ବୁଝି ଖବରଦାର ! ଏ କଥା ଯେମନ୍ତ ଆଉ କାହା କାନରେ ନ ପଡ଼େ ସାଆନ୍ତଙ୍କର ମନା ଅଛି ।'' ଘୁଷୁରିଆ ଯାଉଁ ଯାଉଁ ବାଟରେ ମକର ଜେନା ପାଣକୁ ଭେଟିଲା, ତାହା କାନରେ ଉପଦେଶ ଦେଇ ଚାଲିଗଲା ତାହା ବାଦ୍ ଦନେଇ ସାହୁ , ବିନୋଦିଆ, ନଟବରିଆ, ଭୀମା ମା ଏମାନଙ୍କ ସଙ୍ଗରେ ସାକ୍ଷାତ ହେଲା, ସେମାନଙ୍କୁ ମଧ୍ୟ ସେହିପରି ତୁନି ତୁନି କହି ସେହିପରି ଗୁପ୍ତରେ ରଖିବାକୁ ଉପଦେଶ ଦେଲା । ଗୋପାଳିଆ କାମ କରିବା କ'ଣ ସାହୁ ପାଖକୁ ଧାଇଁଲା । ହରି

ସାହୁ କହିଲା ଶାମ ସାହୁକୁ; ହଟିଆ କହିଲା ନଟିଆକୁ, ଜେମା ମା କହିଲା ଶାମା ମାକୁ, ଶ୍ରୀମତୀ କହିଲା କନ୍ୟା ବୋହୂକୁ, ଗ୍ରାମ ଗୋଟାକଯାକ କୁହାକୁହି ହେଲେ । ସମସ୍ତଙ୍କ ତୁନି ତୁନି କଥା, ଗୋପନ ରଖିବାକୁ ସମସ୍ତଙ୍କର ଉପଦେଶ । କେହି କହିଲା, ଉଁଛୁଣି ଜମାଦାର ପହଞ୍ଚିବ , ଆଉ ଜଣେ ପ୍ରତିବାଦ କରି କହିଲା, ନାହିଁ ନାହିଁ, ଖୁଣି ମାମଲା, ଦାରୋଗା ନିଜେ ଘୋଡ଼ାରେ ଚଢ଼ି ଆସିବେ, ମାତ୍ର ଜାଣିବା ଶୁଣିବା ଲୋକମାନେ କହିଲେ, ଏ କି ତମ ଆମ ଘର କଥା ? କଟକରୁ ନିଜେ କୁମ୍ପୁନୀ ପଲଟନ ଘେନି ଆସିବ, ଗାଁ ଲୋକେ ଯେ ବନ୍ଧାଛନ୍ଦା ହେବେ, ଏହା ନିଃସନ୍ଦେହ , ସର୍ବବାଦୀସମ୍ମତ । ଦଣ୍ଡକ ମଧ୍ୟରେ ଗାଁ ନିସ୍ତବ୍ଧ ହୋଇଗଲା । ବୋହୂଗୁଡ଼ାକ ପାଣିରେ ବୁଡ଼ିପଡ଼ି ଘରକୁ ଧାଇଁଛନ୍ତି , ଲୁଗା ଚିପୁଡ଼ିବାକୁ ବେଳନାହିଁ । ଲୁଗା ଧଡ଼ର ଧଡ଼ର ବାଜି ଗୋଡ଼ତଳେ ଝରଝର ହୋଇ ପାଣି ବୋହି ପଡୁଅଛି । ଚଞ୍ଚଳରେ ମାଠିଆ ପୂରାଇ ପାରି ନାହିଁ, ଅଧାମାଠିଆ ପାଣି ବେଶି ଦେହହିତୈଷୀମାନେ ସଭାରେ ବକୃତା କଲାପରି ଘଟର ଘଟର କରି ଭାରି ଗର୍ଜନ କରୁଅଛି । ବେତ୍ରହସ୍ତ ଅବଧାନେ ସହସା ଅନ୍ତର୍ଦ୍ଧାନ ହେବାରୁ ଚାଟ ଟୋକାଗୁଡ଼ାକ ଗୋହିରୀରେ ଭାରୀ ଗୋଳମାଳ କରି ଧାଁ ଦଉଡ଼ ଲଗାଇଅଛନ୍ତି । ଖୂଣୀ ଆସାମୀକୁ ପୁଲିସ ବାନ୍ଧିନେଲା ପରି ଗୋଟାଏ ସାନ ପିଲାକୁ ବଡ଼ ଚାଟ ଧରି ଘେନି ଯାଇଥିଲେ । ସେହି ପିଲାଟା ସମସ୍ତଙ୍କଠାରୁ ବେଶି ଧାଇଁଛି ।

ଘୁଷୁରିଆ ଫେରିଆସି ସାଆନ୍ତକୁ ଖବର ଦେଲା, ଗୋବରା ଜେନା ଘରେ ନାହିଁ । ସାଆନ୍ତେ ପ୍ରଥମେ ହଳିଆ ପଠାଇଲେ, ତାହା ବାଦେ ଆପେ ତନ୍ତୀସାଇ ଦୁଆର ଦୁଆର ବୁଲିଲେ, ଜଣକର ସୁଦ୍ଧା ଭେଟ ପାଇଲେ ନାହିଁ। ଆଉ ଯାହା ଦୁଆରକୁ ଯା'ନ୍ତି , ତାହାର କବାଟ କିଳା, ଘରେ କେହି ନାହିଁ । ମଙ୍୍ଗରାଜ୍ଜୈତାନ୍ତ ବ୍ୟସ୍ତ ହୋଇପଡ଼ି ଘର ବାହାର ହେଉଛନ୍ତି , କାହାରି ଭେଟ ନ ପାଇ କିଛି ସ୍ଥିର କରିପାରୁ ନାହାନ୍ତି ଘୁଷୁରିଆ ହଳିଆ ଗୋଟାଏ ଠେଙ୍ଗା ଧରି ବାଡ଼ିପଟରେ କୁକୁର ତଡୁଅଛି, ଯୋଡ଼ାଏ ବିଲୁଆ କିଆବଣ ଭିତରେ ପଶି ଜଳ ଜଳ କରି ଓଳିକୁ ଚାହିଁ ତୁନି ହୋଇ ପଡ଼ିଛନ୍ତି ।

ବେଳ ଦୁଇ ପ୍ରହର ଗଡ଼ିଗଲା । ଗୋବିନ୍ଦପୁର ଗ୍ରାମ ପୂର୍ବ ମୁଣ୍ଡରେ ଗୋଟାଏ ଟାଙ୍ଗଣ ଘୋଡ଼ା ଉପରେ ଏକ ବିଶାଳମୂର୍ତ୍ତି ସୁଆର

ଦେଖାଗଲେ । ସୁଆରଙ୍କ ବିଶାଳ ଦାଢ଼ି ଛାତି ଘୋଡ଼ାଇ ପକାଇଛି, ଦେହରେ ଛ'କଲିଆ ଢ଼ିଲା ହାତ ଚପ୍‌କନ୍ , ମୁଣ୍ଡରେ ଜାମଦାନି ଲୁଗାର ବାଙ୍କ ଟୋପି, ଗୋଡ଼ରେ ଢ଼ିଲା ପାଇଜାମା । । ଘୋଡ଼ା ଠକ୍ ଠକ୍ କରି ମିଠା କଦମ ଚାଲିଅଛି । ଆଗରେ ପଛରେ ପାଞ୍ଚଜଣ ଠେଙ୍ଗାସ୍କନ୍ଧ ଚୌକିଦାର ନସର ପସର ହୋଇ ଧାଇଁଛନ୍ତି । ସମସ୍ତଙ୍କ ଆଗରେ ଗୋବରା ଜେନା ଠେଙ୍ଗା କାନ୍ଧେଇ ଧାଇଁଛି। ମଂଗରାଜଙ୍କ ଦୁଆର ଆଗରେ ଗୋବରା ପଛମୁହଁ କରି ଛିଡ଼ା ହୋଇଗଲା । ସୁଆର କହିଲେ, ''ଏହି ଘର ?'' ଗୋବରା ହାତ ଯୋଡ଼ି କହିଲା, 'ଖୋଦାବନ୍ଦ ।' ସୁଆର ଘୋଡ଼ାରୁ ଓହ୍ଲାଇପଡ଼ି 'ବିସ୍‌ମିଲ୍ଲା ' କହି ନିଶ୍ବାସଟାଏ ପକାଇଲେ ।

ଘଡ଼ିକ ଉତ୍ତରେ ଗୋହିରୀ ଦାଣ୍ଡରେ ଆହୁରି ଏକ ଘୋଡ଼ାସୁଆର ମୂର୍ତ୍ତି ଦେଖାଗଲା । ଘୋଡ଼ାଟି ଦଳଖିଆ ତଟୁ ବୟସ ପ୍ରବୀଣତାର ସାକ୍ଷଦେବା ନିମନ୍ତେ ଦେହର ପଞ୍ଜରା ହାଡ଼ଗୁଡ଼ାକ ଉପରକୁ ବାହାରି ପଡ଼ିଅଛି, ପଛ ଦୁଇଗୋଡ଼ ଘଷିହୋଇ ଲୋମଶୂନ୍ୟ , ଘା'ଯୁକ୍ତ ହୋଇଗଲାଣି, ଖୋଲ ପଶିଯାଇ ବଡ଼ ବଡ଼ ଆଖି ଦୁଇଟା ବାହାରି ପଡ଼ିଅଛି, ପିଠିରେ ଖୁଗରୀ, ତାହା ଉପରେ ଲାଲ ବନାତର ଚାରଜାମା । ସୁଆରଟି କିନ୍ତୁ ବିଶାଳ ଶରୀର, ପୋଷାକ ମଧ୍ୟ ବଡ଼ଲୋକ ଭଳିଆ- ମାଣିଆବନ୍ଦୀ ଚାରିଫୁଲିଆ ଧୋତି ପିନ୍ଧା , ଦେହରେ ବନ୍ଧଲଗ ◌ଗନ୍ତା , ମୁଣ୍ଡରେ ମଝିସିଆଁ ଛଫୁଲିଆ ରହୁମୀ ବନ୍ଧା । ଘୋଡ଼ା ପଛରେ ଜଣେ ଚୌକିଦାର ବାଉଁଶ ଠେଙ୍ଗା କାନ୍ଧରେ ପକାଇ ଡ଼ାହାଣ ହାତରେ ଖଣ୍ଡେ ବାସଙ୍ଗ ଛଡ଼ି ଧରି ବାଡ଼ୋଉଅଛି ଏବଂ ପାଟିରେ ଟାକରା ଫୁଟାଉଅଛି । ସଇସ ପାଣଟୋକା ଖଣ୍ଡେ ଝୋଟଦଉଡ଼ି ବାଗଡ଼ୋର ଲଗାଇ ଆଗରେ ଭିଡ଼ୁଅଛି । ଘୋଡ଼ାଟା ବେକ ଲମ୍ବ କରିଦେଇ ବଡ଼ କଷ୍ଟରେ ଧୀରେ ଧୀରେ ଟଳଟଳହୋଇ ଚାଲୁଅଛି । ଏହି ସୁଆର ମଧ୍ୟ ପୂର୍ବ ସୁଆରଙ୍କ ପରି ମଂଗରାଜଙ୍କ ଦୁଆର ଆଗରେ ଜଣେ ଲୋକ କାନ୍ଧରେ ଦୁଇହାତ ଭରାଦେଇ ଓହ୍ଲାଉ ଓହ୍ଲାଉ ହାମୁଡ଼ି ପଡ଼ିଗଲେ । ଉଠିପଡ଼ି ସେହି ଲୋକ ଗାଲରେ ଠୋ କରି ଚାପୁଡ଼ାଟାଏ ମାରିଲେ - ଅର୍ଥାତ୍ ଲୋକମାନେ ଜାଣନ୍ତୁ ସେହି ଲୋକର ଅସାବଧାନତା ଏହି ପତନର କାରଣ ଅଟେ, ନୋହିଲେ ଏପରି ପକ୍‌କା ସୁଆର ପଡ଼ିବାର ନୁହେଁ । ସୁଆର ଓହ୍ଲାଇଯିବା ମାତ୍ରକେ ସଇସ ପିଲା ଧରୁଁ ଧରୁଁ ଜଗନ୍ନାଥ ମହାପ୍ରଭୁଙ୍କ

ରଥ ଆଗ ଶରଧା ବାଲିରେ ଭକ୍ତ ଗଡ଼ିଗଲା ପରି ଘୋଡ଼ାଟା ତିନି ଚାରି ଥର ଗଡ଼ିଯାଇ ଠିଆହେଲା । ଘୋଡ଼ାଟା ଧୂଳିରେ ଗଡୁଥିବା ସମୟରେ ସୁଆର ମଧ ଦାନ୍ତନିଷିଡ଼ି ଦେହର ସ୍ଥାନ ଅସ୍ଥାନରେ ଯାଦୁଗୁଡ଼ାକୁ କୁଣ୍ଡେଇ ପକାଇଲେ ।

ସେଖ ଇନାତ୍ ହୋସେନ୍ କଟକ ଜିଲ୍ଲାରେ ଜଣେ ଅଉଲ ନମ୍ବର ପୁଲିସ ଦାରୋଗା, ପାର୍ଶି ଇଲମରେ ଭାରି ମଜବୁତ୍ । ଓଡ଼ିଆ ନାଲାଏକ୍ ଇଲମ, ସେଥିସକାଶେ ସେ ଲେଖନ୍ତି ନାହିଁ, ସରକାରୀ କାଗଜରେ ପାର୍ଶି ଦସ୍ତଖତ କରନ୍ତି । ଲାଏକତୀ ହେତୁରୁ ବାର ବରଷ ହେଲା ଏକ କଲମରେ କେନ୍ଦ୍ରାପଡ଼ା ଥାନାରେ ଅଛନ୍ତି । ଗଲା ବରଷ କେବଳ ସଦର କଚେରୀ ସେରସ୍ତାଦାର ଆଉ ପେସ୍କାରଙ୍କ ପର୍ବଣ ଫରମାସ ପହଞ୍ଚିବାରେ ବିଳମ୍ବ ହେବାରୁ ଥରେ ବଦଳି ଗୋଳମାଳ ଶୁଣା ଯାଉଥିଲା । ମୁନସି ଚକ୍ରଧର ଦାସ ମଧ ଜଣେ ଓଆକଫକାର ପୁଲିସ ଅମଲା । ଏହାଙ୍କ ରିପୋର୍ଟ ପଢ଼ି ମେଜେଷ୍ଟ ର ସାହେବ ଭାରି ଖୁସ୍ ଥିବାର ଚୌକିଦାରମାନଙ୍କଠାରୁ ସର୍ବଦା ଶୁଣାଯାଏ ।

ମଂଗରାଜଙ୍କ କଚେରୀ ମେଲାରେ ପୋଲିସ କଚେରୀ ବସିଅଛି । ଖୋଦ୍ ଦାରୋଗା ସେଖ୍ ଇନାଏତ୍ ହୋସେନ ଖଣ୍ଡେ ସତରଞ୍ଜିରେ ଦାଢ଼ି ମେଲାଇ ଦେଇ ବସିଛନ୍ତି । ଆଗ ଡ଼ାହାଣପାଖରେ ମୁନସି ଚକ୍ରଧର ଦାସ ହେଁସଉପରେ ବିଛା ଘୋଡ଼ା ଚାରଜାମାରେ ବସିଛନ୍ତି । ଆଗରେ କୋଡ଼ିଏ ହାତ ଦୂରରେ ବରକନ୍ଦାଜ ଗୋଲାମ କାଦର ଏବଂ ପାଞ୍ଚଜଣ ଚୌକିଦାର ଛିଡ଼ା ହୋଇଅଛନ୍ତି । ରାମଚନ୍ଦ୍ର ମଙ୍ଗରାଜ ଗ୍ରେପ୍ତାର ହୋଇ ସେମାନଙ୍କ ନଜରବନ୍ଦୀରେ ମୁଣ୍ଡକୁ ତଳେ ପୋତିହୋଇ ବସିଅଛନ୍ତି । ମଙ୍ଗରାଜଙ୍କ ଘର ଚାରିପିଠି ମହାସଭା ବସିଗଲାଣି, ବାହାର ମନୁଷ୍ୟ ଭିତରକୁ ଯିବାକୁ, ଭିତର ମନୁଷ୍ୟ ବାହାରକୁ ଆସିବାକୁ ହୁକୁମ ନାହିଁ । ପ୍ରଥମେ ସ୍ତ୍ରୀ ଲୋକମାନଙ୍କୁ ଏକ ତରଫ କରିଦିଆଯାଇ ଘର ଖାନତଲାସ ଆରମ୍ଭ ହେଲା । ଘରର ପ୍ରତ୍ୟେକ ସିନ୍ଦୁକ , ପେଟରା ଆଡ଼କୁର ତଲାସ ହେଲା, ଧାନ ଅମାରରେ ଲୁହା ଗଜ ମାରି ତଦାରଖ ହେଲା, ଭାତହାଣ୍ଡି ଖୋଜାଗଲା, ଦୁଇଚାରି ଜାଗା ଚାଳ ଓଲରାଗଲା, କୌଣସି ସନ୍ଦେହୀ ମାଲ ଠିକଣା ହେଲା ନାହିଁ । କେବଳ ମଙ୍ଗରାଜଙ୍କ ପହଡ଼ଘରୁ ତିନି ଚାରି ହାତ ଲମ୍ବରେକେ ମୋଟ ଗୋଟାଏ ବାଉଁଶ

ଠେଙ୍ଗା  ବରାମଦ ହେଲା । ବାଡ଼ି ପଛ ଓଳିତଳେ ଗୋଠାଏ ସ୍ତ୍ରୀଲୋକର  ଲାସ୍ ଖଣ୍ଡେ  ପୁରୁଣା ହେଁସରେ ଘୋଡ଼ାହୋଇଥିବାର  ବରାମଦ ହୋଇ ଦାଣ୍ଡ  ଦୁଆରକୁ ଅଣାଗଲା । ସେହି ଲାସ୍ ତନ୍ତୀଆଣୀ  ସାରିଆର ଥିବାର ଗୋବରା ଜେନା ସନାକ୍ତ  କଲା । ଦାରୋଗା ଦାଢ଼ିରେ ହାତ ବୁଲାଇ କହିଲେ, '' କେଉଁ ରାମଚନ୍ଦ୍ର ମଙ୍ଗରାଜ  ! ଅବ୍ କ୍ୟା  ମତଲବ୍ ହୈ- ରତନପୁର  ଡ଼ୋମ ଲୋକମାନେ ମାମଲା ଇଆଦ ହୈ କି ନହିଁ ?'' ମୁନ୍‌ସି  କହିଲେ, ''ଏକା ମାଘରେ ଶୀତ ଗଲା ବୋଲି ମଙ୍ଗରାଜେ  ମନେକରିଥିଲେ ପରା !'' ଆମ୍ଭେମାନେ  ଗୋପନରେ ସନ୍ଧାନ  କରି ବୁଝିଲୁ, ରତନପୁର ଡ଼ୋମମାନଙ୍କୁ  ଜେଲ  କରାଇଦେବା ସକାଶେ ମଙ୍ଗରାଜେ ଦାରୋଗାଙ୍କୁ ହଜାରେ ଟଙ୍କା ଲାଞ୍ଚ ଯାଚିଥିଲେ ;ମାତ୍ର ଫାଙ୍କି ଦେବାରୁ ଦାରୋଗା  ସେହି କଥାଟା  ମନେ କରାଇଦେଲେ ।

ମାମଲା ତଦାରଖ୍ ଆରମ୍ଭ  ହେଲା । ମୁନସି ଚକ୍ରଧର  ଦାସ ବିଶାଳ ବସ୍ତାନି  ଫିଟାଇ ସେରସ୍ତ  ମେଲିଦେଲେ । 'ବେକରେ ଦଉଡ଼ିବନ୍ଧା ' ମୁହଁରେ ସୋଲବିଣ୍ଡା  ଦିଆ  ଚେନିବାସନର  ଦୁଆତ ଆଗରେ ଥୁଆଗଲା । ପାହାଡ଼ୀ ଗୋଟାଏ ଶରକଲମ ଶିଶୁକାଠବେଣ୍ଟିଆ  ଛୁରୀରେ  କାଟ ଖଣ୍ଡେ  ସାନ କାଗଜରେ ପରୀକ୍ଷା  କଲେ, '' ଶ୍ରୀଗୁରୁଦେବ  ଉଦ୍ଧାର  କରିବେ''  ''ଶ୍ରୀଜଗନ୍ନାଥ  ମହାପ୍ରଭୁଙ୍କର  ଚରଣେ ଶରଣ '' ''ଶ୍ରୀବଳଦେବଜୀଉଙ୍କ  ଚରଣେ ଶରଣ , '' ଇତ୍ୟାଦି  ଦେବାଦେବୀଙ୍କ  ନାମ ଲେଖି କଚେରୀ କାମରେ ହାତ ଦେଲେ ।

ସରକାର କମ୍ପୁନୀ  ବାହାଦୂର ମୁଦେଇ । ରାମଚନ୍ଦ୍ର  ମଙ୍ଗରାଜ  । ସା: ଗୋବିନ୍ଦପୁର  । ଜି :କଟକ, ମୁଦାଲା ।

ସାରିଆ ନାମକ ତନ୍ତୀଆଣୀକୁ  ବଧ କରି ତାହା ଘରୁ ନେତ ନାମକ ଗାଇ ଏକରାଶ ଏବଂ  ଅନ୍ୟାନ୍ୟ  ମାଲ ଲୁଟତରାଜ କରି ଆଣିଥିବାର ମୋକଦ୍ଦମା  ।

ଗୁହା ତଲାସ ହେଲା- ବରକନ୍ଦାଜ  ଚୌକିଦାରମାନେ  ଗ୍ରାମଯାକ  ବୁଲିଆସି ଖବର ଦେଲେ, ଗ୍ରାମରେ  ପୁରୁଷ ଲୋକ ଜଣେ ନାହିଁ,  କବାଟ ଫାଙ୍କରୁ  ସ୍ତ୍ରୀଲୋକମାନେ  ଯେ ଜବାବ ଦେଲେ , ସେଥିରୁ ଜଣାଗଲା, ଆଠପଣ ଲୋକ ଯାଇଛନ୍ତି  କୁଣିଆ, ଘରକୁ ଚାରିପଣ ଗୋରୁ ଖୋଜି, ଦୁଇପଣ ଜଗନ୍ନାଥ  ଦର୍ଶନକୁ  , ଦୁଇପଣ ପଡ଼ିଛନ୍ତି  ବାଧିକି। କେବଳ ଦୁଇପଣ ଭଲଲୋକ

ଭିନ୍ନ ଲୋକ ଗ୍ରାମବାସୀ ଗୁହା ଆପଣାର କର୍ତ୍ତବ୍ୟ ବୁଝି ଆପେ ହାଜର ହୋଇଗଲେ । ଗ୍ରାମର ଲୋକ ହାଜର ନ ହେବାରୁ ଦାରୋଗା ଖପା ହୋଇ ବରକନ୍ଦାଜମାନଙ୍କୁ ଉଲ୍ଲୁ , ଗଧା, ବେକୁଫ୍ , ନାଲାଏକ୍ ଇତ୍ୟାଦି ସମ୍ବୋଧନ କରିବାରୁ ଗ୍ରାମଯାକ ହୁରି ହାଲର ପଡ଼ିଗଲା । ଯମକୁ ଫାଙ୍କିଦେଇ ଦୁଇ ତିନିଦିନ ରହିଯାଇପାରେ ;ମାତ୍ର ପୁଲିସ୍‌କୁ ଫାଙ୍କିଦେବ କିଏ ? ପୁରୁଷ ଲୋକଗୁଡ଼ିକ ସଳଖ ଘରୁ ବାହାରି ଆସିଲେ । ଦୁଇଦିନ ପର୍ଯ୍ୟନ୍ତ ବତ୍ରିଶ ଜଣ ଗୁହାଙ୍କ ଜବାନବନ୍ଦୀ ଗ୍ରହଣ କରାଗଲା । ପ୍ରଥମ ଦିନରେ ଦୁଇ ଜଣ ଚୌକିଦାର ହମରାଏ ଲାସ୍ ମାଇନା ସକାଶେ ଚାଲାଣ ଦିଆଗଲା । ମୁନସି ସାହେବ ଜେଲଖାନା କଏଦୀ ତୟାରି ଅଢ଼େଇ ଦିସ୍ତା ହରିତାଳି କାଗଜରେ ଜମାନବନ୍ଦି କଲମ ବନ୍ଦ କରି ପକାଇଲେ । ଆପଣ ଜାଣିବା ନିମନ୍ତେ ସେଥିରୁ କେତେ ଜଣ ସାକ୍ଷୀଙ୍କ ଜମାନବନ୍ଦି ଏଠାରେ ପ୍ରକାଶ କରୁଅଛୁଁ-

୧ ନମ୍ବର ଗୁହା-ତରଫ ସରକାର କୁମ୍ପନୀ ବାହାଦୂର, ''ମୋ ନାମ ଗୋବରା , ବାପର ନାମ ଗୁଡ଼ିଆ ଜେନା, ମୁତୋଫ ଜାତିର ପାଣ, ବୟସ ୪୫ ବର୍ଷ , ପେଶା-ଗ୍ରାମରେ ଚୌକିଦାର । ସା-ଗୋବିନ୍ଦପୁର । ପ୍ର - ବାଲୁବିଶ । ଜିଲ୍ଲା -କଟକ ।

''ମୁଁ ମୌଜା ମଜକୁର ଚୌକିଆ , ସାରାରାତି ଗ୍ରାମରେ ଠିଆ ପହରାଦିଏ। ଗଲା ରାତିରେ ପହରା ଦେବା ସମୟରେ ଅଧରାତି ଅନ୍ଦାଜ ସାରିଆ ତନ୍ତୀଆଣୀ '' ମାରିପକାଇଲା ମାରିପକାଇଲା ''ବୋଲି ମଙ୍ଗରାଜ ବାଡ଼ି ପଛଆଡ଼େ ହୁରି ପକାଉଥାଏ, ମୁଁ ଶୁଣିଅଛି । ତାକୁ କେହି ବାଉଁଶ ବାଡ଼ିରେ ମାଇଲା ପରି ଜଣାଯାଉଥାଏ । ''

ସୁଆଲରେ ଜବାବ ଦେଲା, ''ନା, ମୁଁ ସେ ସମୟରେ ମଙ୍ଗରାଜଙ୍କୁ ଦେଖି ନାହିଁ । '' ପୁନର୍ବାର କହିଲା, ''ହଁ ହଁ ତାଙ୍କ ପାଟି ଶୁଣିଅଛି । ଏହିଗାଈ ସାରିଆର ଏହାର ନାମ ନେତ । ଆଜିକୁ ମାସେ ହେଲା ମଙ୍ଗରାଜଙ୍କ ଅଗଣାରେ ବନ୍ଧାହେବାର ଦେଖୁଅଛି । କିପରି ଏଠାକୁ ଆସିଲା ଜାଣେନାହିଁ । '' ପୁନର୍ବାର କହିଲା, ''ମଙ୍ଗରାଜେ ବାନ୍ଧି ଆଣିଛନ୍ତି । ''

ଏ ବାଡ଼ି ସନ୍ତକ ଗୋବରା ଜେନାର ସହି ।

୨ ନମ୍ବର   ଗୁହା- ସନା ରଣା ପ୍ରଥମେ   ହାଜର ହୋଇ କୌଣସି କଥା ଜାଣି ନ ଥିବାର ପ୍ରକାଶ   କଲା । ଦାରୋଗା  ସାହେବ ଭାରି ଖପ୍‌ପା  ହୋଇ ତାହାକୁ ଚାଟଶାଳୀ ବୁଲାଇ ଆଣିବା ସକାଶେ  ହୁକୁମ ଦେବାରେ ସେ ଦୁଇଜଣ ବରକନ୍ଦାଜ  ହେପାଜତରେ ଅଧଘଣ୍ଟା  ବାଦ୍  ମୁକୁଳା ବାଳ, ଧୂଳିଆ ଦେହ, ପିଠି, ହାତ ଗାଲରେ ମାଡ଼ର  ଦାଗ ସହିତ ହାଜର  ହୋଇ କହିଲା,  ''ହଜୁର, ମୁଁ ସବୁ ସତ କହିବି ।  ମୋ ନାମ ସନା ରଣା, ବାପର ନାମ ବନା ରଣା, ଜାତି ମାଳୀ, ବୟସ ତିରିଶ, ପେଷା-ଗ୍ରାମଦେବୀଙ୍କ    ପୂଜା ଆଉ ଚାଷ । ସା -ଗୋବିନ୍ଦପୁର   । ପ୍ର  - ବାଲୁବିଶ । ଜି-କଟକ ।

''ମୁଁ ସାରିଆକୁ ଚିହ୍ନେ  , କିପରି ମଲା ଜାଣେ ନାହିଁ ।  ଆଜକୁ ଅନ୍ଦାଜ ବରଷେ କି ଦେଢ଼  ବେଷ ହେବ ସକାଳ ଓଳି ମଙ୍ଗରାଜେ   ମୋତେ ଜଣେ ହଳିଆ ହାତରେ ତୋଟା ମଧରେ    ନିରୋଳାରେ କହିଲେ ;ଦେଖ୍  ସନା, ତୋତେ ମୁଁ କହୁଛି, ତୁ ଗୋଟାଏ କାର୍ଯ୍ୟ   କରିବୁ ।  ମୁଁ ଯାହା କହୁଛି , ସେ କାମଟା କରିଦେଲେ ତୋତେ ଭଲ ଗହୀର ଜମି ଦୁଇମାଣ ଚଷିବାକୁ ଦେବି, ଆଉ ଦୁଇଟଙ୍କା ଖଜାଖାଇବାକୁ ଦେବି । ପଚାରିଲି 'କ'ଣ କରିବି ?' ସାଆନ୍ତେ   କହିଲେ , ଏହି ଯେ ଭଗିଆ ତନ୍ତୀ   ଅଛି- ତା ମାଇପ ଯେ ସାରିଆ, ସେଟା ବାଞ୍ଝ   ।  ପୁଅ ହେବାପାଇଁ ପ୍ରତିଦିନ  ବୁଢ଼ୀମଙ୍ଗଳାଙ୍କ    ପାଖରେ  ମୁଣ୍ଡିଆ  ମାରେ ।  ତୁ ଯାଇ ତାକୁ କହିବୁ, ଠାକୁରାଣୀ ସ୍ବପ୍ନରେ    କହିଛନ୍ତି , ତୁ ପୂଜା ଦେ, ଠାକୁରାଣୀ ତୋ ସାଙ୍ଗରେ   ଆପେ କଥା କହିବେ, ଆଉ ତୋତେ ପୁଅ ଦେବେ । ମୁଁ ଯାଇ ଦୁଇ ତିନି ଥର ଭଗିଆକୁ ଆଉ ସାରିଆକୁ ସାଆନ୍ତେଙ୍କ   କହିବା ମାଫିକେ କହିଲି, ସେମାନେ ଭଲକରି ଶୁଣିଲେ, ମାତ୍ର   କିଛି ଜବାବ ଦେଲେନାହିଁ ।  ଦିନେ ଉପର ଓଳି ଭଗିଆ ମୋତେ ତା ଦୁଆରକୁ  ଡ଼ାକି ଘେନିଗଲା, କିପରି ପୂଜା ହେବ, କି ଦ୍ରବ୍ୟ   ଲୋଡ଼ା, କେତେ ଖରଚ ହେବ, ସବୁ କଥା ପଚାରିଲା । ମୁଁ ତାକୁ ସବୁ ବୁଝାଇଦେଲି । ପୂଜାଦ୍ରବ୍ୟ   କିଣିବା ସକାଶେ ତା ପାଖରୁ ଦଶଅଣା ଦୁଇ ପାହି ପଇସା ଆଣିଲି ।  ଦିନେ ଶନିବାର ସଞ୍ଜବାଦ  ମୁଁ ମଙ୍ଗରାଜେ  ଆଉ ଜଗା ଭଣ୍ଡାରୀ , କୋଡ଼ି ଧରି ହଳିଆ , ଚାରିଜଣ ମଙ୍ଗଳାଙ୍କ   ନିକଟକୁ ଗଲୁ । ମଙ୍ଗରାଜ  କହିବା ଅନୁସାରେ ଠାକୁରାଣୀଙ୍କ  ସ୍ଥାନ  ତଳୁ ପଛ ଦିଗକୁ ଗୋଟାଏ ବଡ଼ ଗାଡ଼ ଖୋଳାଗଲା ।  ଗାଡ଼ ମଧରେ  ଜଗା ଭଣ୍ଡାରୀ  ଲୁଚିରହିଲା।

ଗାଡ଼ମୁଁହ ଡ଼ାଳପତ୍ରରେ  ଲୁଚାଇଦିଆଗଲା । ମୁଁ ସକାଳୁ ଖବର ଦେଇ ସାରିଆ ଆଉ ଭଗିଆକୁ ଉପାସ ରଖାଇଥିଲି, ଅଧରାତିବେଳେ ଗ୍ରାମ  ନିଶୋର ହେବାରେ ସେମାନଙ୍କୁ  ଡ଼ାକିଆଣିପୂଜା କଲି, ଭୋଗ ଲଗାଇ ଠାକୁରାଣୀଙ୍କୁ  ଅନେକ ଜଣାଣ କଲି । ମୋ କହିବା ଅନୁସାରେ ସାରିଆ ଏବଂ ଭଗିଆ ବେକରେ ଲୁଗା ପକାଇ ମୁହଁମାଡ଼ି ଠାକ୍ୁରାଣୀଆଗରେ ଧାରଣା ପଡ଼ିଥାନ୍ତି  ।  ମୁଁ ଆହୁରି ଜଣାଣ କରି କହିଲି, 'ମା ମଙ୍ଗଳା  ! ସାରିଆକୁ ଆପେ ବର ଦିଅ,  ସେ ଅନେକ ଦିନହେଲା ତୁମର  ସେବା କରୁଅଛି,  ଅନେକ ଲୋକଙ୍କୁ  ବର ଦେଲଣି, ଏମାନଙ୍କୁ  ବର ଦିଅ। ' ଜଗା ଗାଡ଼ ଭିତରୁ ଜବାବ ଦେଲା,  'ଆଲୋ ସାରିଆ, ତୁ ଅନେକ ଦିନ ହେଲ ମୋର ପୂଜା କରୁଛୁ, ପ୍ରତିଦିନ  ଗାଧୋଇ ଯିବାବେଳେ ମୋତେ ଜୁହାର  ହେଇ ଯାଉ, ପାଣି ଚଳାଏ ଦେଉ , ମୁଁ  ସେ ପାଣି ପାଏ, ତୋତେ ବର ଦେଉଛି, ତୋର ତିନିଗୋଟି ପୁତ୍ର  ହେବ,  ଆଉ ତୋହର ଢ଼େର ଟଙ୍କା  ସୁନା ହେବ, ତୁ ମୋହର ଦେଉଳ ତୋଲାଇଦେ ।  କାଲି ବଡ଼ି ସକାଳେ  ଅଧୁଆ ମୁହଁରେ  ଦୁଇ ପ୍ରାଣୀ  ତନ୍ତୀତୋଠକୁ  ଆସିବ, ମୋ ପୂଜା ମନ୍ଦାର  ଫୁଲ ଯେଉଁଠାରେ ପଡ଼ିଥିବ ତା ତଳେ ଖୋଳିବୁ, ଯାହା ପାଇବୁ ଘରେ ନେଇ ରଖିବୁ, ପ୍ରତିଦିନ  ପୂଜା କରିବୁ, ତୋତେ ସେହିପରି ଥଳି ଥଳି ଦେବି । ମୋ ଆଜ୍ଞା  ନ ମାନିଲେ ଭଗିଆ ବେକ ମୋଡ଼ିଦେବି। 'ସାରିଆ ଭଗିଆ ଦୁଇ ଜଣ ଶୁଣି ଡ଼ରରେ ଥରୁଥାନ୍ତି  , କିଛି କଥା କହିପାରିଲେ ନାହିଁ। ମୁଁ ପୂଜା ସାରି ସେମାନଙ୍କୁ  କିଛି ଭୋଗ ଦେଇ ଘରେ ଛାଡ଼ିଆସିଲି, ବାକି ଭୋଗକୁ ବାନ୍ଧିଲି  । ମୁଁ ସେମାନଙ୍କୁ  ଛାଡ଼ିଆସିବା ବାଦ୍  ଜଗା ହସି ହସି ଗାଡ଼ରୁ ବାହାରି ଆସିଲା !ଆମେ ଦୁଇ ଜଣ ସାଆନ୍ତେ  ଦେଇଥିବା ଗୋଟିଏ ମୋହର ତୋଠ ପାଖରେ ପୋତି  ତାହା ଉପରେ ମନ୍ଦାରଫୁଲ  ଥୋଇଦେଇ ଘରକୁ ଗଲୁଁ । ତହିଁଆରଦିନ ମୁଁ  ଭଗି ଦୁଆରକୁ ଯାଇଥିଲି । ମୋତେ ଦେଖିେସେ  ଦୁଇଜଣ କାନ୍ଦଣୁ  ମାନ୍ଦୁଣୁ  ହୋଇ କହିଲେ, ମୋ କହିବା ଅନୁସାରେ ଦେଉଳ କିପରି ତୋଲାଇବୁ ବୁଦ୍ଧି  କହିଦିଅ । ' ମୋ କହିବା ଅନୁସାରେ ତାହାର ଜମି 'ଛମାଣ ଆଠଗୁଣ୍ଠ ' ମଙ୍ଗରାଜଙ୍କ  ପାଖରେ ବନ୍ଧକ  ଦେଇ ଟଙ୍କା  ନେଲେ । ସରକାରରୁ  ଜମାଦାର ଆସି ଭଗିଆ ଘର ଭାଙ୍ଗିଲେ ,  ଜମାଦାର ଛିଡ଼ା ହୋଇଥାଏ;ତାହାର ସବୁ ଜିନିଷ ବୋହି ଘେନିଗଲେ । ଘର ଭଙ୍ଗାଗଲା  ଦିନଠାରୁ

ଭଗିଆ ବାୟା ହୋଇ ଗାଁରେ ବୁଲୁଛି, ସାରିଆ ସାତ ଆଠ ଦିନ ହେଲା ମଙ୍ଗରାଜଙ୍କ ବାଡ଼ି ଦୁଆରେ ବସି କାନ୍ଦୁଥିବାର ମୁଁ ଶୁଣିଅଛି । ''

ସୁଆଲରେ ଜବାବ ଦେଲା- ''ମଙ୍ଗରାଜେ ଭଗିଆକୁ ଟଙ୍କା ଦେଲେ ମୁଁ ଜାଣେ ନାହିଁ, କେବଳ ତମସୁକ ରେଜଷ୍ଟ୍ରୀ କରିବା ସକାଶେ କଟକକୁ ଘେନିଯାଇଥିବା ସମୟରେ ସାରିଆ ସକାଶେ ଯୋଡ଼ିଏ ଶଗଡ଼ ଅନ୍ଦାଜ ପଥର ମଙ୍ଗରାଜେ ମଙ୍ଗଳାଙ୍କ ନିକଟରେ ପକାଇଅଛନ୍ତି । ମଙ୍ଗରାଜେ ସେହିଦିନ ମୋତେ ଚାରିଅଣା ପଇସା ଦେଇଥିଲେ, ଆଉ କିଛି ଦେଇ ନାହାନ୍ତି । ମୁଁ ଡ଼ରରେ ମାଗେ ନାହିଁ । ମୁଁ ଆଉ କିଛି ଜାଣେ ନାହିଁ । ''

୩ ନମ୍ବର ଗୁହା- ମୋ ନାମ ମରୁଆ, ବାପର ନାମ ଲକ୍ଷ୍ମଣ ତିହାଡ଼ି, ଜାତି ବ୍ରାହ୍ମଣ , ବୟସ ଜଣା ନାହିଁ । ସା: ହାଲ ଗୋବିନ୍ଦପୁର ଜି:କଟକ।

ସୁଆଲରେ ଜବାବ ଦେଲା ସାରିଆ କି ରୋଗରେ ମଲା ମୋତେ ଜଣାନାହିଁ । ଆଜକୁ ଆଠ ଦିନ ହେଲା ଆମବାଡ଼ି ଦୁଆରେ ବସିଥିଲା । ଦିନରାତି ଏକଜାଗାରେ ବସିଥାଏ ଯାହାକୁ ଦେଖେ ଡ଼କାପାଡ଼େ '' ମୋ ଛମାଣ ଆଠଗୁଣ୍ଠ , ମୋ ଛମାଣ ଆଠଗୁଣ୍ଠ , ମୋ ନେତ, ମୋ ନେତ''-ଏତିକି କହି ଡ଼କାପାଡୁଥାଏ । ସାଆନ୍ତାଣୀକୁ ଦେଖିଲେ ଗୋଡ଼ତଳେ ପଡ଼ି ଗଡ଼େ କାନ୍ଦେ । ସାଆନ୍ତାଣୀ ମଧ କାନ୍ଦନ୍ତି । ଚମ୍ପା ତାକୁ ତିନିଥର ଛାଞ୍ଚୁଣୀ ମାରି ତଡ଼ିଦେଲା । ସେ ଗଲା ନାହିଁ । ସେ ଆଠଦିନ ହେଲା କିଛି ଖାଇନାହିଁ । ସାଆନ୍ତାଣୀ ଆପଣା ଭାତ ଖଣ୍ଡେ କଦଳୀ ପତ୍ରରେ ତା ପାଖରେ ଥୋଇଦିଅନ୍ତି , ସେ ଖାଏ ନାହିଁ । ଭାତ କୁକୁର ନୋହିଲେ ଘାଇ ଖାଇଯାଏ । କେବେ କେବେ ସାଆନ୍ତାଣୀ ବସି କୁହାବୋଲା କଲେ ଦୁଇଗୁଣ୍ଡା ଗୁଣ୍ଡାଏ ଖାଏ । ସାଆନ୍ତାଣୀ ମଧ ସାତଦିନ ହେଲା ଖାଇନାହାନ୍ତି । ଖାଇବାକୁ କହିଲେ ସେ ଅଧିକ କାନ୍ଦନ୍ତି । ସେଥିସକାଶେ ମୁଁ କିଛି କହେ ନାହିଁ । ସପ୍ତମୀ ଦିନ ଏକବାର ରାତି ବୁଢ଼ୀମଙ୍ଗଳାଠାକୁ ଯାଉଥିଲେ, ତେତିକିବେଳେ ସାରିଆ ପାଟି କରିବାରୁ ହବିଷ ଭାତ ତା ପାଖରେ ବସାଇଦେଲେ । ସେତିକିବେଳୁ ସାଆନ୍ତାଣୀ ଘରକୁ ଆସି ଯେ ପଡ଼ିଅଛନ୍ତି , ସେ ପଡ଼ିଛନ୍ତି । ଗଲା ଅଷ୍ଟମୀ ଦିନ ତାଙ୍କର କାଳ ହେଲା । '

ସୁଆଲରେ ଜବାବ ଦେଲା, 'ସାଆନ୍ତାଣୀଙ୍କର କି ବେମାର ହୋଇଥିଲା, ଜାଣେ ନାହିଁ । ସ୍ନାନପୂର୍ଣ୍ଣମୀ ଆଠ ଦଶ ଦିନ ଆଗରୁ ତାଙ୍କୁ ଅଳ୍ପ ବେମାରୀ ଧରିଥିଲା । ସ୍ନାନପୂର୍ଣ୍ଣମୀ ଦିନ ଚମ୍ପା କୁଆଡ଼େ ସୁଆରି ଚଢ଼ିଯାଉଥିଲା, ହସି ହସି ଆସି କ'ଣ କହିଲା । ସେହିଦିନୁ ସାଆନ୍ତାଣୀଙ୍କର ବେମାରୀ ବଢ଼ିଅଛି, ରାତିରେ କିଛି ଖାଆନ୍ତି ନାହିଁ, ଦିନବେଳେ ଖିଆ ମଧ ସେହିପରି, ସବୁବେଳେ କାନ୍ଦନ୍ତି । ସାରିଆ ଜମି ଛାଡ଼ିଦେବା ସକାଶେ ସାଆନ୍ତଙ୍କ ଗୋଡ଼ତଳେ ପଡ଼ି ଢ଼େର କହିଲେ । ସାଆନ୍ତେ ଶୁଣିଲେ ନାହିଁ । ଚମ୍ପା ଖପା ହେବାରୁ ସାଆନ୍ତାଣୀ ଆଉ କହିଲେ ନାହିଁ, ଅନ୍ନ ଛାଡ଼ିଦେଲେ । ମୁକୁନ୍ଦ ବଇଦ ପାଖରୁ ତାଙ୍କ ବେମାରୀ ସକାଶେ ଔଷଧ ଆଣି ଦେଇଥିଲା । ସେ ଔଷଧ ଖାଇଲେ ନାହିଁ, ମୁଣ୍ଡରେ ମାରି ଥୋଇଦେଲେ ।''

ସୁଆଲରେ ଜବାବ ଦେଲା-''ମୁଁ , ମୁଁ ଆଜକୁ ଦଶବରଷ ହେଲା ଏହି ଘରେ ଅଛି । ମୋ ବାପଘର ବ୍ରାହ୍ମଣ ଶାସନରେ ଥିଲା । ମୋ ସ୍ବାମୀର ନାମ ଟାଗନାଥ ତିହଡ଼ି । ଶୁଣିଛି, ବିଭାବେଳେ ମୋର ସାତବରଷ ବୟସ ହୋଇଥିଲା, ସ୍ବାମୀର ବୟସ ହୋଇଥିଲା ତିନିକୋଡ଼ି ଚାରି ବରଷ । ମୋ ସ୍ବାମୀ ତାଙ୍କ ଜମି ବିକି ମୋ ବାପାଙ୍କୁ ଆଠ କୋଡ଼ି ଟଙ୍କା ଦେଇଥିଲେ । ବିଭାବେଳେ ମୋ ସ୍ବାମୀର ଶ୍ବାସ ବେମାରୀ ଥିଲା । ସେହି ବେମାରୀରେ ସେ ମଲେ । ମୋ ସ୍ବାମୀଘରେ ଆଉ କେହି ନଥିଲେ । ନନା ଯାଇ ତାଙ୍କ ଜମି ବାଡ଼ି ବିକିଦେଇ ମୋତେ ଘରକୁ ଘେନି ଆସିଲେ । ନନାଙ୍କ ଘରେ ପାଞ୍ଚ ସାତ ବରଷ ରହିଲିଣି। ଗ୍ରାମରେ ଲଳିତା ଦାସ ବାବାଜି ଥିଲେ । ମୁଁ ତାଙ୍କ ପାଖକୁ ଚୈତନ୍ୟ ଚରିତାମୃତ ଶୁଣିବାକୁ ଯିବାରୁ ଭାଇମାନେ କଳି ଲଗାଇଲେ । ମୁଁ ବୃନ୍ଦାବନ ଯିବା ସକାଶେ ବାବାଜି ସାଂଗରେ ଦିନେ ରାତିରେ ପଳାଇ ଆସି କଟକ ତେଲଂଗା ବଜାରରେ ଥିଲି । ସାଆନ୍ତ ମାମଲା କରିବା ସକାଶେ କଟକ ଯାଇଥିଲେ । ତାଙ୍କ ସାଂଗରେ ଆସି ଏହି ଘରେ ଅଛି ।''

ଠାଏ ଏ ମୁଦି ସନ୍ତକ ମରୁଆର ସହି ।

୪ନମ୍ବର ଗୁହା- ''ମୋ ନାମ ବାଇଧର ମହାନ୍ତି , ବାପର ନାମ ଡ଼ମ୍ବରୁଧର ମହାନ୍ତି , ଜାତି କରଣ, ବୟସ ୫୬ ବରଷ, ସା: କନକପୁର, ପ୍ର :ଝଙ୍କଡ଼ , ଜି:କଟକ ।

ଆଜକୁ କୋଡ଼ିଏ ବରଷ ହେଲା ମୁଁ ଏହି ଫତେପୁର ସରଷଣ୍ଡ ତାଲୁକାରେ ଗୁମାସ୍ତା ଅଛି । ପ୍ରଥମେ ମେଦିନୀପୁର ର କେରାମତ୍ ଅଲି ଜମିଦାର ରାମଚନ୍ଦ୍ର ମଙ୍ଗରାଜେ କଣ୍ଟବନ୍ଧକ ସୂତ୍ରେ ଏହି ଜମିଦାରୀ ପାଇଅଛନ୍ତି ।

(ଦାରୋଗା ଗୁହାଙ୍କୁ ଢ଼େର ସୁଆଲ କଲେ, ଗୁହା ମଧ ଢ଼େର ଜବାବ ଦେଲେ । ସେ ସମସ୍ତ ଛାଡ଼ିଦେଇ ଆମ୍ଭେମାନେ ଗୁହା ଜବାବର ସାର ସାର କେତୋଟି କଥା ବାଛି ଲେଖୁଅଛୁ ।)

ଗୁହାର ଜବାବ- 'ମଙ୍ଗରାଜେ ଘରୁ କିଛି ଟଙ୍କା ଦେଇ ଜମିଦାରୀ କିଣି ନାହାନ୍ତି , ଜମିଦାରୀ ଅସୁଲ ଟଙ୍କାରୁ କିଣିଛନ୍ତି । ମଙ୍ଗରାଜେ ପ୍ରଥମ ବରଷ ଖଜଣା ଟଙ୍କା ଅସୁଲ କରି ନେଇ ଜମିଦାର ଦିଲଦାର ମିଆଁକୁ ଦେଲେ । ଦୁସରା କିସ୍ତି ଟଙ୍କା ଅସୁଲ କରିଦେଇ ମେଦିନୀପୁର ଗଲେ, ମୁଁ ସାଙ୍ଗରେ ଗଲି, ଜମିଦାରଙ୍କୁ କହିଲେ, ''ପୁରୁଣା ଜମିଦାର ବାଘସିଂହ ବଂଶ ମେଳି ଲଗାଇବାରୁ ଖଜଣା ଅସୁଲ ହେଲାନାହିଁ, କ'ଣ ହେବ ? କାଲି ନାଟବନ୍ଦି ।'' ମଙ୍ଗରାଜେ ତମସୁକ ଲେଖାଇନେଇ ଖଜଣା ଟଙ୍କା କରଜ ଦେଲେ । ଏଣେ ଜମିଦାର କରଜ କରିଅଛନ୍ତି ବୋଲି ପ୍ରଜାମାନଙ୍କଠାରୁ କଳନ୍ତର ନିଅନ୍ତି । ପ୍ରତି କିସ୍ତିରେ ଏହିପରି ହୁଏ । ଶେଷଥର ମଙ୍ଗରାଜେ ମୁସାହେବମାନଙ୍କୁ ଅନେକ ଲାଞ୍ଚ ଦେଇ ଅସଲ ସୁଧ ତିରିଶ ହଜାର ଟଙ୍କାରେ ତମସୁକ ଲେଖାଇନେଲେ । ଦିଲୁମିଆଁ ନିଶାରେ ପଡ଼ିଥିବା ସମୟରେ ତମସୁକ ଦସ୍ତଖତ କରିଦେଲେ । ମଙ୍ଗରାଜେ ଆଉ ମେଦିନୀପୁର ନ ଯାଇ କଟକରେ ମାମଲା କରି ଜମିଦାରୀ ଦଖଲ କରିଗଲେ ।''

ସୁଆଲରେ ଜବାବ ଦେଲା, ''ହଁ ଭଗିଆ ତନ୍ତୀଠାରୁ ଛମାଣ ଆଠଗୁଣ୍ଠ ଜମି କଣ୍ଟ କବଲା କରିନେଇଥିଲେ । କବଲାରେ ଦେଢ଼ଶଟଙ୍କା ଲେଖାଅଛି । ତମସୁକ ଲେଖାଇ, ମାମଲା ଖରଚ ଇତ୍ୟାଦି ସେଥିରେ କେତେଟଙ୍କା ଖରଚ ପଡ଼ିଅଛି, ପାଞ୍ଜି ଦେଖିଲେ କହିବି-(ଗୁହା ପାଞ୍ଜି ଦେଖି କହିଲା) ଗାଏ ଟ୩୪.୮ଅଣା, ୧୭.୮ଅଣା ।''

ଗୁହା କହିଲା-'ହଁ, ସାଆନ୍ତେ ଭଗିଆ ନାମରେ କଟକ ଅଦାଲତରେ ନାଲିଶ କରିଥିଲେ । ମକଦ୍ଦମାର ଏତଲାନାମା, ଡ଼ିଗ୍ରୀଧାରୀ ପରୁଆନା, ନିଲାମି

ଇସ୍ତାହାର ସବୁ ମୋ ପାଖରେ ଅଛି, ଭଗିଆକୁ କିଛି ଦିଆଯାଇ ନାହିଁ । ଅଦାଲତର ପିଆଦା ଆସି ସାଆନ୍ତଙ୍କଠାରୁ ବକ୍‌ସିସ ନେଇ ମୋ ପାଖରୁ ରସିଦ ଲେଖାଇନେଇ ଚାଲିଯାଏ । ସାରିଆ କିପରି ମଲା, ମୁଁ ଜାଣେ ନାହିଁ । ଏହି ଗାଈଟା ଭଗିଆର। ''

(ସ୍ବାକ୍ଷର ) ବାଇଧର ମହାନ୍ତି ।

୫ନମ୍ବର ଗୁହା-'ମୋ ନାମ ଚମ୍ପା , ବାପର ନାମ ଜଣା ନାହିଁ, ଜାତି ଏହି ଘର ମନୁଷ୍ୟ , ସା.ଗୋବିନ୍ଦପୁର ଜି.କଟକ । ମୁଁ ସାରିଆକୁ ଚିହ୍ନେନାହିଁ , ତା ଘର ଏ ଗାଁରେ ନୁହେଁ, ସେ ଆମ ଦୁଆରେ ମରିନାହିଁ, ଆଉ କୁଆଡ଼େ ମରିଯାଇ ଆମ ଦୁଆରେ ପଡ଼ିଥିଲା, ତାକୁ ଜର ହୋଇଥିଲା, ମରିଗଲା । ଆମ ସାଆନ୍ତ ତାକୁ କିଛି କହିନାହାନ୍ତି । ସାଆନ୍ତ ବଡ଼ ଭଲଲୋକ, ହଳିଲା ପାଣିରେ ଗୋଡ଼ ଦିଅନ୍ତି ନାହିଁ । ସାଆନ୍ତାଣୀଙ୍କୁ ଜର ହୋଇଥିଲା, ସେ ମରିଗଲେ । ତାଙ୍କପାଇଁ ମୁଁ ଭାତଖାଉନାହିଁ । ଢ଼େର କାନ୍ଦୁଛି । (ଗୁହା କାନ୍ଦିବସିଲା , ଦାରୋଗା ଧମକ୍ ଦେବାରୁ ତୁନି ହେଲା) ଏଇ ଗାଈଟା ଆମର ଘର ବାଛୁରୀ, (ପୁନର୍ବାର କହିଲା) ସାରିଆକୁ ଟଙ୍କା ଦେଇ କିଣିଛୁ । ''

ଠାଏ ମୁଦି ସନ୍ତକ ଚମ୍ପାର ସହି

ଅଧିକ ରାତି ହେବାରୁ କଚେରୀ ବନ୍ଦ ହେଲା । ଦାରୋଗା , ମୁନ୍‌ସି , ଚୌକିଦାର , ଗୋବରା ଜେନା ଅନେକ ରାତି ପର୍ଯ୍ୟନ୍ତ ବସି ପରାମର୍ଶ କଲେ। ଉପଯୁକ୍ତ ଗୁହା ଠିକଣା କରାଯାଉ ତହିଁ ପରଦିନ ପୁନର୍ବାର ସାକ୍ଷୀ ଜମାନବନ୍ଦୀ ଆରମ୍ଭ ହେଲା ।

୬ନମ୍ବର ସାକ୍ଷୀ -''ମୋ ନାମ ବନା ଜେନା, ବାପର ନାମ ଦନା ଜେନା , ଜାତି ପାଣ, ବୟସ ୧୮, ପେଷା ହଳିଆଗିରୀ । ସା.ମକ୍ରାମପୁର । ପ୍ର .ବାଲୁବିଶି ଜି.କଟକ-ମୁଁ ସାରିଆକୁ ଚିହ୍ନେ , ତା ଦୁଆରକୁ ଢ଼େର ଥର ଯାଇଛି । ତା ଘର ସଉତୁଣିଆ ମୌଜା ବ୍ରାହ୍ମଣ ସାହିରେ, ନା ନା, ପାଣ ସାଇରେ (ପୁନର୍ବାର କହିଲା) ନା ନା, ଏହି ଗ୍ରାମରେ ରାମଚନ୍ଦ୍ର ମଙ୍ଗରାଜ ଆଜକୁ ଆଠଦିନ ହେଲା ତାହାକୁ ଧରିଆଣି ବାଡ଼େଇଥିଲେ । ଏହି ବାଉଁଶବାଡ଼ିରେ ବାଡ଼ଉଥିଲେ । (ସାକ୍ଷୀ ବାଡ଼ି ଦେଖାଇଦେଲା ) ଗଲା ଦ୍ବାଦଶ ଦିନ ଅଧରାତି

ବେଳେ ରାମଚନ୍ଦ୍ର ମଙ୍ଗରାଜ ବାଡ଼ଉଥିଲେ; ଦେଖିଅଛି । ସାରିଆ ପିଠିରେ କୋଡ଼ିଏ ପାହାର ବାଡ଼େଇଲେ । ମୁଁ ସାଉଘର ଗୋରୁ ଖୋଜି ଆସିଥିଲି । ମୋ ଘର ଏଠାକୁ ଦୁଇ କୋଶ ବାଟ । ସାଆନ୍ତଙ୍କ ସାଙ୍ଗରେ ମୋର ତରକାର ନାହିଁ । ଗୋବରା ଜେନା ଚୌକିଆ ମୋ ଭିଣୋଇ ନୁହେଁ ।

ଏ ବାଡ଼ି ସନ୍ତକ ବନା ଜେନାର ସହି ।

୭ନମ୍ବର ଗୁହା-'ମୋ ନାମ ଧକେଇ ଜେନା, ବାପର ନାମ ନାଙ୍ଗୁଡ଼ ଜେନା, ଜାତି ପାଣ , ବୟସ ଜଣା ନାହିଁ, ପେଷା ହଳିଆଗିରୀ, ସା.ରାଇପୁର । ପ୍ର .ବାଲୁବିଶି ଜି.କଟକ ।

ଗଲା ନବମୀ ଦିନ ଅଧରାତି ବେଳେ ମୁଦଲା ରାମଚନ୍ଦ୍ର ମଙ୍ଗରାଜ ଏହି ବାଉଁଶ ବାଡ଼ିରେ ସାରିଆକୁ ବାଡ଼ୋଉଥିଲେ, ମୁଁ ଦେଖିଅଛି । ମୁଁ ଲୁଣ କିଣିବାକୁ ଦୋକାନକୁ ଆସିଥିଲି। ରାତି ହୋଇଯିବାରୁ ଦୋକାନ ପିଣ୍ଡାରେ ଶୋଇଥିଲି। ଗୁମ୍‌ଗୁମ୍ ଶବ୍ଦ ଶୁଭିବାରୁ ମୁଁ ଦୋକାନ ଚାଳ ଉପରେ ଚଢ଼ି ଅନାଇଲି, ଦିଶୁଥିଲା । ମୁଁ ଏହି ଗାଈକୁ ଚିହ୍ନେ , ନିଜେ ଢ଼େର ଥର ଦୁହିଁଛି । ଏ ଗାଈର ନାମ ବଉଳା । ଏ ଗାଈ ଭଗିଆ ତନ୍ତୀର । ରାମଚନ୍ଦ୍ର ତା ଘରୁ ଚୋରି କରି ଆଣିଛନ୍ତି ।

ମୁଦାଲାର ସୁଆଲରେ ଜବାବ ଦେଲା-''ଗୋବରା ଜେନା ମୋ ମାଉସୀ ପୁଅ ଭାଇ ନୁହେଁ । ସେ ମୋତେ ଡ଼ାକିଆଣି ନାହିଁ। ମୁଁ ଗୁହାଇ ଦେବା ସକାଶେ ଆପଣା ଇଛାରେ ଆସିଅଛି । ସେ ମୋତେ ଖାଇବାକୁ ଦିଏନାହିଁ । ମୁଁ ଘରୁ ଚୂଡ଼ା ଚାଉଳ ବାନ୍ଧି ଆଣିଅଛି । ନବମୀ ଆଜକୁ କୋଡ଼ିଏ କି ବାଇଶ ଦିନ ହେଲା ଗଲାଣି । ଆଜି ତିଥି କ'ଣ ମୋତେ ଜଣାନାହିଁ । ଏହି ବାଡ଼ି ସନ୍ତକ ଧକେଇ ଜେନାର ସହି ।

୮ନମ୍ବର ଗୁହା-'' ମୋ ନାମ ଖତୁ ଚନ୍ଦ , ବାପର ନାମ ନିତା ଚନ୍ଦ । ଜାତି ତନ୍ତୀ , ବୟସ ୨୮, ପେଷା ଲୁଗାବୁଣା । ସା-ଗୋବିନ୍ଦପୁର । ଜି-କଟକ ।

ଏ ଗାଈ ଭଗିଆର ଜାଣେ । ଭଗିଆ ମୋ ପଡ଼ିଶା । ଯେଉଁ ଦିନ ସରକାରୀ ଜମାଦାର ଆସି ଭଗିଆର ଘର ଭଙ୍ଗାଇ ଦେଲେ, ସେଦିନ ମଙ୍ଗରାଜେ ଗାଈ ବାନ୍ଧିଆଣି ଉଆସରେ ରଖିଅଛନ୍ତି । କି ସକାଶେ ଗାଈ ବାନ୍ଧିଆଣିଲେ

ମୋତେ ଜଣାନାହିଁ । ମଙ୍ଗରାଜଙ୍କର ହଳିଆମାନେ ଯାଇ ଘର ଭାଙ୍ଗି ପକାଇଲେ, ଘରର ସବୁ ଜିନିଷ ବୋହି ଆଣିଲେ । ଭଗିଆ, ସାରିଆ ଦୁଇଜଣ ଡ଼କାପାଡି ଦାଣ୍ଡରେ ଗଡୁଥାନ୍ତି । ସରକାରୀ ଜମାଦାର ଆସିଥିବାରୁ ଆମ୍ଭେମାନେ କବାଟ କିଳିଦେଇ ଜଳାରେ ଅନାଇଥାଏ । ଚୌକିଆ ଗୋବରା ଜେନା ମୋତେ ଡ଼ାକୁଥାଏ । ମୁଁ ଜବାବ ଦେଲି ନାହିଁ । ମୋ ଭାରିଯା ଜବାବ ଦେଲା, ମୁଁ ଘରେ ନଥିବାର କହିଲା ।''

( ) - ଏ ଢ଼ଙ୍ଗ ସନ୍ତକ ଖତୁ ଚନ୍ଦର ସହି ।

ଜବାବ ଆସାମୀ ରାମଚନ୍ଦ୍ର ମଙ୍ଗରାଜ ପିତାର ନାମ ଧନୀ ନାୟକ, ଜାତି ଖଣ୍ଡାୟତ , ବୟସ ୫୨, ପେଷା ଜମିଦାରୀ । ଗୋବିନ୍ଦପୁର । ଜି- କଟକ ।

ଜବାବ ଦେଲା-''ମୁଁ ସାରିଆକୁ ମାରିନାହିଁ । ଭଗିଆ ମୋପାଖରୁ ଟଙ୍କା କରଜ ନେଇଥିଲା, ନାଲିସ କରି ତା 'ଛମାଣ ଆଠଗୁଣ୍ଠ ' ଜମି ଡ଼ିଗ୍ରୀ କରି ନେଇଅଛି, ମୋକଦ୍ଦମା ଖର୍ଚ୍ଚାକୁ ତାହାର ଗାଇ ନେଇଅଛି ।''

(ସ୍ବାକ୍ଷର ) ରାମଚନ୍ଦ୍ର ମଂଗରାଜ

ଠିକ୍ ଏହି ସମୟରେ ଗୋଟାଏ ବାୟା ସେଠାରେ ପହଞ୍ଚିଲା । ଅଣ୍ଟାରେ ଖଣ୍ଡେ ଛିଣ୍ଡାକନା ଗୁଡ଼ାଇଛି, ମୁଣ୍ଡବାଳ ମୁକୁଳା, ଦେହଯାକ ଧୂଳି କାଦୁଅ, ହାତରେ ଗୋଟିଏ ବାଇଜି ହାଣ୍ଡି ଧରିଅଛି, ଖୁବ୍ ନାଚିଲା, ସାରିଆ ସାରିଆ ବୋଲି ଗୀତ ଗାଇଲା । ତାକୁ ଦେଖି ଗାଁ ଲୋକମାନେ ହାହାକାର କରି କହିଲେ , ''ଆରେ ଭଗିଆ, ତୋ କପାଳରେ ଏହା ଥିଲା ।'' ମଙ୍ଗରାଜଙ୍କ ଉପରେ ନଜର ପଡ଼ିଯିବାରୁ ବାୟା ତାକୁ କାମୁଡ଼ିବାକୁ ଧାଇଁଲା । ଚଉକିଆମାନେ ତାକୁ ଧରିପକାଇଲେ; ସମ୍ଭାଳି ନପାରି ଦାରୋଗାଙ୍କ ଅନୁସାରେ ବାନ୍ଧି ପକାଇଲେ ।

ଦାରୋଗା ମାମଲା ତଦାରଖ ଖତମ କଲେ; ବତ୍ରିଶ ଜଣ ଗୁହାର ଜମାନବନ୍ଦୀ ହୋଇଥିଲା । ସେଥିମଧ୍ଯରୁ ଚାରିଜଣ ଗୁହାଙ୍କୁ ବାହାଲ ରଖି ଆଉ ଆଉ ଲୋକମାନଙ୍କୁ ରୋକସାତ୍ ଦେଲେ ।

## ଆସାମୀ ଚଲାଣି

ବେଳ ପ୍ରହରକ ସମୟରେ ମଙ୍ଗରାଜ ଚଲାଣ ହେଲେ । ହାତରେ ହାତକଡ଼ି , ଚୌକିଆ ବରକନ୍ଦାଜ ଘେରିଛନ୍ତି , ମଧ୍ୟରେ ମଂଗରାଜେ ମୁଣ୍ଡରେ ଖଣ୍ଡେ ଗାମୁଛା ମୁଣ୍ଡପୋତି ଚାଲିଛନ୍ତି । ଗ୍ରାମଲୋକମାନେ ଯାତ୍ରାକାଳୀପରି ଛିଡ଼ାହୋଇ ଚାହିଁଅଛନ୍ତି । ଆଗରେ ଦାରୋଗା, ପଛରେ ମୁନସି। ମଂଗରାଜଙ୍କର ଏହି ଦୁର୍ଦ୍ଦଶା ଦେଖି ଗ୍ରାମର କେହି ବ୍ୟାକୁଳ ହୋଇଥିଲା କି ନାହିଁ, ଆମ୍ଭେମାନେ ଠିକ୍ କହିବାକୁ ଅକ୍ଷମ । କେବଳ ଚମ୍ପା ''ମୋ ସାଆନ୍ତ , ମୋ ସାଆନ୍ତ , ମୋ ସାଆନ୍ତକୁ କାହିଁ ଘେନିଯାଉଚ, ମୋ ସାଆନ୍ତ '' ଇତ୍ୟାଦି କରୁଣ ରାଗିଣୀରେ ଡ଼କାପାଡ଼ି ଧାଇଁଥିବା ବେଳେ ବାଟ ଉଛୁଳିପଡୁଥାଏ । ସାଆନ୍ତେ ପଛକୁ ମୁହଁ ବୁଲାଇ ଦୁଇ ତିନି ଥର ଫେରିଯିବାକୁ କହିଲେ । ଦାରୋଗା ମୁନସି ଦିକ୍ଦାର ହେଲେଣି, ଶୁଣିବାକୁ ନାହିଁ, ମୁଣ୍ଡରେ ଲୁଗା ନାହିଁ, କାନ୍ଦିଅଥୟ ହୋଇଯାଉଛି । ''ଗନ୍ତାଘର ଜିନିଷଗୁଡ଼ାକୁ ଉଇ ଧରିଯିବେ, ମୂଷା ଖାଇଯିବେ, କ'ଣ ହେବ ?''ମଂଗରାଜେ ଟିକିଏ ଛଡ଼ା ହୋଇଯାଇ ଲମ୍ବ ଲମ୍ବ ଦୁଇଟା ନଳୀକଞ୍ଚି ତା ହାତରେ ଦେଇ କହିଲେ, 'ସବୁ ସାବଧାନରେ ରଖିବୁ, କିଛି ଚିନ୍ତା କରିବୁ ନାହିଁ । 'ଚମ୍ପା କଞ୍ଚି ଦୁଇଟା ଖୁବ୍ ସାବଧାନରେ ଅଣ୍ଟାରେ ଖୋସିଦେଇ କହିଲା, 'ଆପଣ ଠା'ରେ ବସୁଥିବେ, ଓପାସ ରହିବେ ନାହିଁ। 'ଗୋବିନ୍ଦା ଭଣ୍ଡାରୀ ସାଂଗେ ସାଂଗେ ଥିଲା । ଦୁଇଜଣ ସାଂଗହୋଇ ଘରକୁ ବାହୁଡ଼ିଲେ । ବାହୁଡ଼ିବା ସମୟରେ ଚମ୍ପାର କାନ୍ଦଣା କେହି ଶୁଣିନାହିଁ ।

ଦାରୋଗା ସାହେବ ଥାନାରେ ପହଞ୍ଚି ଗୁହା ଜମାନବନ୍ଦୀ ସମସ୍ତ ପୁନର୍ବାର ଥରେ ଶୁଣି ମୁନସିଙ୍କ ପରାମର୍ଶ ଅନୁସାରେ କାଟକୁଟ କରି ଗୁହାମାନଙ୍କୁସଦୁପଦେଶ ଦେଲେ । ତାହା ବାଦ ରିର୍ପୋଟ ସହିତ ଆସାମୀକୁ କଟକ ମେଜେଷ୍ଟର ସାହେବଙ୍କ ହଜୁରକୁ ଚାଲଣ ଦେଲେ । ଆମ୍ଭେମାନେ ଦାରୋଗାଙ୍କ ରିପୋର୍ଟର ଏକପ୍ରସ୍ତ ସଇମୋହର ନକଲ ହାସଲ କରିଅଛୁ । ଆପଣଙ୍କର ଇଚ୍ଛା ହେଲେ ଶୁଣନ୍ତୁ । ଦାରୋଗା ରିପୋର୍ଟର ନକଲ ଧର୍ମାବତାର , ଚଳିତ ଅକ୍ଟୋବର ମାସ ତିନି ତାରିଖ ଭୋର ଆଠ ବଜେ ଅତ୍ରାଧୀନ ଆପଣା ଏଲାକା ମଧ୍ୟରେ ଆପଣା କଚିରି ଜାଗାରେ ବସି ସରକାରୀ କାମ ଅଞ୍ଜାମ କରୁଥିବା ହାଲତ - ମୁନ୍ସି ଚକ୍ରଧର ଦାସ ବନ୍ଦା ଡାହାଣ

ପାଖରେ ବସି ରୋଜିନା ଡାଏରୀ କଲମ ବନ୍ଦ  କରୁଥିବା ହାଲତ - ବରକନ୍ଦାଜ ଗୋଲାମ କାଦର ଓ ହରି ସିଂହ ଆପଣା ପହରାରେ ମୁତୟନ ଥିବା ହାଲତ - ଅତ୍ର ଥାନା  ଏଲାକା ଫତେପୁର ସରଷଣ୍ଡ  ମୌଜା ଗୋବିନ୍ଦପୁର  ଛାଟିଆ ଗୋବରା ଜେନା ହାଜର ଆସି ଜାହେର କଲା କି, ତାଲୁକା ମଜକୁର ମୌଜା  ମଜକୁର ରହିସ ସାରିଆ ନାମକ ତନ୍ତୀଆଣୀକୁ  ଖୁଣ କରିଥିବା ।  ବନ୍ଦା  ଏହି ରିପୋର୍ଟ ପାଇବାମାତ୍ର ୍ରେଲହମାକ ଗୁଦସ୍ତ  ନ କରି ହଜୁରର ପ୍ରଥମ  ଏତଲାଇ କାଟି ଆସାମୀ ଜଣେ ଜମିଦାର ଥିବା ଏବଂ ସେ ଜଣେ ମସୁର ବଦମାଏସ ଏବଂ ଜାଲିମବାଜ ଥିବା ହାଲତ ଏବଂ ମାମଲା ଭାରି ସଙ୍ଗିନ  ଥିବା ଲିହାଜ ବନ୍ଦା ତଡେଦମ୍ ଉକ୍ତ  ସ୍ଥାନରୁ  ରମାନା ହୋଇ ସରଜମିନରେ ପହଞ୍ଚି  ବସ୍ତୁର ମୁତାବକ  ଆସାମୀ ଘର ମହାସଗ ଖାନତଲାସ ବହୁତ ହୁସିଆରିରେ ଅ‌ାସାମୀକୁ ଗ୍ରେପ୍ତାର   କଲା ବାଦ -  ମହିଲୁକିଆ ସାରିଆର ଲାଶ୍ ଏବଂ ତାହାର ଘରର ମାଲ ଆସବାବ ଏବଂ ମହିଲୁକିଆର ନେତ ନାମକ ଏକରାଶ ସଫେଦା ଗାଇ ଆସାମୀ ଜିମାରୁ ବରାବଦ୍  କରିଅଛି - ଆସାମୀ ଯେଉଁ ବାଉଁଶ ବାଡିରେ ସାରିଆକୁ ଖୁଣ କରିଅଛି, ସେ ବାଡି ମଧ  ବରାମଦ ହେବା ହାଲତ - ଆସାମୀ ରାମଚନ୍ଦ୍ର ମଙ୍ଗରାଜ  ଆପେ ଏକଗୋଟି ବାଉଁଶ ବାଡିରେ ସାରିଆକୁ ଖୁଣ କରିଥିବା ଚାରିଜଣ ଗୁହାଙ୍କ  ଜବାନ ବନ୍ଦୀରୁ  ସାଫ ସାବିତ୍ ।  ଏମାନେ ରୁଇତଗୁହା ଥିବା ସାଫ ସାବିତ ।  ଆସାମୀ ଯେ ଜଣେ ଜାଲିମବାଜ, ଜଣେ ଇମାନଦାର ମୁସଲମାନର ଜମିଦାରୀ ଜୁଆଚୋରୀ କରି ନେଇଅଛି, ତାହା ଚାରି ନମ୍ବର  ଗୁହା ଜମାନବନ୍ଦିରୁ ସାଫ ସାବିତ । ଏହିସବୁ ଜାଲ ଲିହାଜରେ ଆସାମୀ ଉପରେ ଖୁଣ ସାବିତ ହେବାରୁ ହଜୁରକୁ ଚାଲଣ ଦେଲି, ହଜୁର ଖୋଦାବନ୍ଦ  ମା ବାପ, ଦୁନିଆର ବାଦସା, ରିପୋର୍ଟ  କସୋର ମାଫ ହେବ, ନୌସନାରୀ ତଜ୍‌ବିଜ୍  ହେବ ।

୧୦ ତାରିଖ ଅକ୍‌ଟୋବର ସନ ୧୮୩୧

ଦାରୋଗା ଇନାଏତ ହୋସେନ

ଥାନେ କେନ୍ଦ୍ରାପଡା   ।

ପ୍ରକାଶ ଥାଉକି, ଆଲାହିଦା ଫର୍ଦ ମୁତାବକ ଆସାମୀ ଘରୁ ବରାମଦ୍ ହୋଇଥିବା ଚୋରାମାଲ ହରି ସିଂ ବରକନ୍ଦାଜ ହେପାଜତରେ ଭେଜାଗଲା । ଏପରି ଆସାମୀ ସାରିଆକୁ ଖୁନ୍ କରିବାରୁ ତାହାର ମାଲିକ ଭଗିଆ ଚନ୍ଦ୍ର ଭାରି ବାୟାହୋଇ ଲୋକମାନଙ୍କ ଉପରେ ଜୁଲମ କରୁଥିବା, ତାହାର ହେପାଜତ୍ ସକାଶେ କେହି ଏଗାନା ଲୋକ ନ ଥିବା ହାଲତ ହଜୁରକୁ ଚାଲଣ ଦେଲି, ହଜୁର ମାଲିକ୍ ।

ତାରିଖ ସନ ପନ୍ଦର ।

--0--

# ବିଂଶ ପରିଚ୍ଛେଦ

**ଓକିଲ ରାମ ରାମ ଲାଲ :**

କାଠ ରେଲିଂ ବେଢ଼ା ନାଜରଖାନା ଗାରଦଘରର ଗୋଟିଏ କୋଣରେ ବାଡକୁ ଆଖି ବୁଜି ଗୋଟିଏ ଆସାମୀ ବସିଅଛି । ଚାରିଜଣ ବରକନ୍ଦାଜ ପହରା । ଆହା ! ଲୋକଟାକୁ ପଦେ କଥା କହିବାକୁ କେହି ନାହିଁ । ସମସ୍ତେ ସୁଖର ସାଥୀ, ଅର୍ଥର ଦାସ, ବେଳ ପଡିଲେ କେହି କାହାରି ନୁହେଁ । ତୁମେ ତ ଦେଖୁଛ, କାହା ଦୁଆରେ ଦୂବ ମରୁ ନାହିଁ, କାହାର ଦୁଆରେ ମଣିଷ ପେଲାପେଲି । ଅବସ୍ଥା ସବୁ କରାଏ । ଜଣେ ବିଲାତୀ କବି କହିଛନ୍ତି , ' ସୂର୍ଯ୍ୟହୀନ ଜଗତ ଆଉ ବନ୍ଧୁହୀନ ଜୀବନ ସମାନ । ' ଏଣୁ ମନୁଷ୍ୟକୁ ବନ୍ଧୁ ଛାଡିପାରେ ନାହିଁ । ଦଣ୍ଡବତ ମଙ୍ଗରାଜେ !' ଆସାମୀ ଚମକି ପଡି ଅନାଇଲେ । ପୂର୍ବ ସେ ଢ଼େର ଢ଼େର ଦଣ୍ଡବତ ଶବ୍ଦ ଶୁଣିଥିଲେ; ମାତ୍ର ଆଜି ଦଣ୍ଡବତ ଶବ୍ଦଟା ପୁଣି ତାଙ୍କ ପିଣ୍ଡରେ କିଛି ପ୍ରାଣ ପଶିଲାପରି ଜଣାଗଲା । ବନ୍ଦୀ କିଛି କଥା କହି ନ ପାରି ଗୋଡଠାରୁ ମୁଣ୍ଡଯାଏ ସେହି ମୂର୍ତ୍ତିକୁ ଦର୍ଶନ କରୁଛନ୍ତି । ବିଶାଳ ମୂର୍ତ୍ତି ଆଣ୍ଠୁଲମ୍ବିତ ବାହୁ, ଦେହରେ ଢ଼ିଲାହାତ ଆଜାନୁଲମ୍ବିତ ଛ'କଲିଆ ବନ୍ଧଲଗା , ସ୍ଥାନେ ସ୍ଥାନେ କାଳି ଚିହ୍ନିତ ଚପକନ, ମୁଣ୍ଡରେ ହାତେ ଚଉଡା ଚବିଶ ହାତ ଲମ୍ବ ଜରିମୁହାଁ ଢ଼ାଲିଆ ପାଗବନ୍ଧା , ପାଛୋଡି ଖଣ୍ଡକ ପଛରୁ ଫେରିଆସି ବାଁ କାନି ଡାହାଣ କାନ୍ଧରେ ଡାହାଣ କାନି ବାଁ କାନ୍ଧରେ ଛାତିରେ ଛକ ପଡିଛି, ତିନି ଫୁଲିଆ ମାଣିକବନ୍ଦୀ ଖଦି ପିନ୍ଧା, ଗୋଡରେ ଫୁଲପକା ମରହଟ୍ଟା ଯୋତା, କାନରେ ପାହାଡୀ ଶର କଲମ, ଯାଉଁଳୀ ନିଶ, ଏକଗାଲିଆ ଗାଲେ ପାନ । ସେହି ମୂର୍ତ୍ତି ଦେଖି ଆଶା ଭରସା ବିସ୍ମୟ , ସନ୍ଦେହ ଆସାମୀ ମନକୁ ମନ୍ଥି ପକାଉଛି। କିଛି କଥା କହିପାରୁ ନାହିଁ । ଜଣା ଲୋକପରି, ସେହି ଲୋକପରି ଦଣ୍ଡବତ କଲେ, ଏ କିଏ ! ଆମ୍ଭେମାନେ ଅନୁମାନ କରୁଁ ଏ ଜଣେ ବନ୍ଧୁ ହେବେ। ଚାଣକ୍ୟ ଶାସ୍ତ୍ରରେ ଆମ୍ଭମାନଙ୍କର ବିଶେଷ ଜ୍ଞାନ ଥିବାରୁ ଏପରି ମୀମାଂସା କରିବାକୁ ସାହାସ କରିଅଛୁଁ । ଶାସ୍ତ୍ରରେ ଅଛି, '' ରାଜଦ୍ବାରେ ଶ୍ମଶାନେ ଚ ଯଃ ତିଷ୍ଠତି ସ ବାନ୍ଧବଃ । '' ବୋଇଲେ ରାଜଦ୍ବାରେ କି କଚେରିରେ; ଶ୍ମଶାନେ କି ମଶାଣିପଦାରେ ତିଷ୍ଠତି କି ଥାନ୍ତି ଇତ୍ୟର୍ଥଃ , ସେ

ବାନ୍ଧବଃ ଅର୍ଥାତ୍  ଓକିଲମାନେ କଚେରିରେ ଆଉ ବିଲୁଆମାନେ ମଶାଣିରେ ଥାଆନ୍ତି , ଏମାନେ ବାନ୍ଧବ । କେବଳ ଜୀବିତ ଆସାମୀକୁ ବହୁତ ବେଳଯାଏ ଭକ ଭକ କରି ଚାହିଁ ରହିବାକୁ ହେଲାନାହିଁ । ପହରା ବରକନ୍ଦାଜ ଗୋପୀ ସିଂହ ଚିହ୍ନାଇଦେଇ କହିଲା, '' ଦେଖ, ଏହାଙ୍କର ନାମ ରାମ ରାମ ଲାଲା, କଚେରୀରେ ବଡ ଓକିଲ, ୟାଙ୍କୁ ଆଚ୍ଛା କରି ଧର, ସାହାବ ଏହାଙ୍କ କଥା ଖୁବ୍ ଶୁଣନ୍ତି । '' ଓକିଲବାବୁ ଖୁସିହୋଇ ଛାତି ଆଉ ଦୁଇ ବାହୁରେ ଦୁଇଥର ଆଖି ବୁଲାଇଲେ, ଦୁଇଥର ଗଳା ଖଙ୍କାରି ପୁରୁଣା ସ୍ନେହୀ ମଣିଷପରି କହିଲେ, '' ମଙ୍ଗରାଜେ ; ମାମଲାଟା ଏତେ ବଢ଼ିଗଲା, ଆଗରୁ ମୋତେ ଖବର ଦେଲେନାହିଁ ? ସଂସାରଯାକ ମାମଲା ମୋ ପାଖରେ ଲୋକମାନେ ଥୁକ ପକାଇବାକୁ ସୁଦ୍ଧା ବେଳ ଦେଉନାହାନ୍ତି । ତେବେ ମଧ ଆପଣଙ୍କ ନାମ ଯେପରି କାନରେ ପଡିଲା ଧାଇଁଛି । '' ମଙ୍ଗରାଜେ ଫଁ କରି ନିଃଶ୍ବାସଟାଏ ପକାଇ ଭୋ କରି କାନ୍ଦି ପକାଇଲେ, ହାତଯୋଡି ଭୂଇଁରେ ମୁଣ୍ଡ ଲଗାଇଦେଲେ ।

ଓକିଲ - '' ଉଠନ୍ତୁ , ଉଠନ୍ତୁ , ଏଣିକି ସବୁ ମୋତେ ଲାଗିଲା, ଆପଣ ନିଶ୍ଚିନ୍ତରେ ବସନ୍ତୁ , କିଛି ପରବାଏ ନାହିଁ । କାଲି ରାତିରେ ସାହେବଙ୍କ କୋଠିକି ଯାଇଥିଲି, ଢ଼େର ଢ଼େର ମାମଲା କଥା ପଡିଲା । ଆପଣଙ୍କ କଥା ମୋତେ ଜଣାଥିଲେ ଆଜି କଣ ବୋଲି କଣ କରି ପକାଇଥାନ୍ତି , ଆପଣଙ୍କ ମକଦ୍ଦମା ହାଲ ମୁଁ ସବୁ ବୁଝିଗଲିଣି, ସବୁ ମିଛ, ସବୁ ମିଛ । ସେହି ମୁହଁପୋଡା ଦାରୋଗା; ତାହାରି ଏତେ ଖେଳ । ସେହି ଦାରୋଗା ହାଲ କଣ କରିବି, ଦେଖିବେ । ଥରେ ସାହେବଙ୍କ ସଙ୍ଗରେ କଥାହେଉ । '' ମଙ୍ଗରାଜେ - (ହାତଯୋଡି) ' ଓକିଲ ସାହେବ, ମୁଁ କଣ କରିବି, ମୋତେ ବଞ୍ଚାଉନ୍ତୁ , ମୋତେ ପ୍ରାଣ ଦିଅନ୍ତୁ , ଆପଣ ମୋର ଧର୍ମର ବାପ, ମୁଁ ପିଲାଲୋକ, ପିଲା ବୁଦ୍ଧି , ଆପଣଙ୍କୁ ସବୁ ଲାଗିଲା । ''

ଓକିଲ - '' ଆପଣଙ୍କୁ କିଛି କହିବାକୁ ହେବ ନାହିଁ, ମୁଁ ସବୁ ଜାଣେ, ସବୁ କରିବି । ତେବେ ଗୋଟାଏ କଥା ଜାଣନ୍ତି , ମାମଲାଟା କିଛି ଟାଣ, ଭାରି ଟାଣ, ଫାଶିର ମାମଲା, ବେଳରୁ ନ ଜାଣିଲେ ଫାଶି ଠିକ୍ । ପୁଣି ସେହି ପୋଡାମୁହାଁ ଦାରୋଗାର ପିଛା ଧରି ଚାଲିଛି । ଆପଣ ତ ବୁଦ୍ଧିମନ୍ତ ଲୋକ, ଅଧିକ କଣ କହିବି, କଚେରୀ ମାମଲା କଥା ସବୁ ଆପଣଙ୍କୁ ଜଣା, କିଛି ଖରଚ ଲାଗିବ,

ଖରଚକୁ ଡରିଲେ ହେବ ନାହିଁ, ହାତ ଫିଟାଇବାକୁ ହେବ । ଦାରୋଗା କଣ କହି ବୁଲୁଚି, ଶୁଣିଲେଣି ତ ? ଫାଶି ମକଦ୍ଦମା । ପ୍ରାଣ ଥିଲେ ସବୁ । ଟଙ୍କା ଆପଣ ଅର୍ଜିଛନ୍ତି କି ଟଙ୍କା ଆପଣଙ୍କୁ ଅର୍ଜିଛି ? ଆପଣ ସେଥିର ଗୋଟାଏ ଠିକ୍ କରିପକାନ୍ତୁ ।''

ମଙ୍ଗରାଜେ - (କାନ୍ଦି କାନ୍ଦି ) '' ଆଜ୍ଞା , ଏଥିରେ କେତେ ଟଙ୍କା ଲାଗିବ ? ମୋ ହାତରେ ତ ଗୋଟିଏ ପଇସା ନାହିଁ, ସାଙ୍ଗରେ କେହି ଲୋକ ନାହିଁ। ଯେ ଗୁମାସ୍ତା ଚାକର ଆସିଛନ୍ତି , ଦାରୋଗା ସେମାନଙ୍କୁ ମୋ ସାଙ୍ଗରେ କଥା କହି ଦେଉନାହିଁ । ମୋତେ ଖଲାସ କରିଦେଉନ୍ତୁ , ଘରକୁ ଗଲେ ହଜାର ଟଙ୍କା ଆପଣଙ୍କୁ ଦେବି ।''

ଗୋପୀ ସିଂହ - '' ଆହା ମଙ୍ଗରାଜେ , ତୁମେ କି ଏହି ବୁଦ୍ଧିରେ ଜମିଦାରୀ କରୁଥିଲ ? ଏଠାରେ କଣ କିଣା ବିକା କଥା ଯେ ଧାର ଉଧାର ଚଳିବ ? ମକକେଲ ବୋଲେ ରଖ ମଉସା, ଓକିଲ ବୋଲେ ଆଣ ପଇସା । ଟଙ୍କାଟି ଥୁଅ, କଥାଟି କୁହ, ଟଙ୍କା କାଢ଼, ଟଙ୍କା କାଢ଼ । ମାମଲା ଜିଣିବ ତ ଟଙ୍କା କାଢ଼ । ଓକିଲ ସାହେବ, ମୁଁ ଆଉ ଆସାମୀ ସାଙ୍ଗରେ କଥା କହିବାକୁ ଦେବି ନାହିଁ । ନାଜର ଦୁଇପଦ କଥା କହିବାକୁ ହୁକୁମ ଦେଇଥିଲେ । ମୁଁ କିଛି ଏକଲା ନାହିଁ; ଆମ୍ଭେମାନେ ଚାରିଜଣ ।''

ଓକିଲ - '' ଶୁଣୁଛ ତ ମଙ୍ଗରାଜେ ! ସହଜ କଥା ନୁହେଁ, ବରକନ୍ଦାଜଠାରୁ ହାକିମ ପର୍ଯ୍ୟନ୍ତ ସମସ୍ତଙ୍କୁ ହାତ କରିବାକୁ ହେବ । ମାମଲା ଯେପରି ଟାଣ, ଆଉ କେହି ଓକିଲ ହୋଇଥିଲେ ନଗଦ ଦଶହଜାର ଧରି ମଧ ମୁହଁ ଦେଇପାରନ୍ତା ନାହିଁ, ମୁଁ ବୋଲି ଏଥିରେ ପଶୁଛି । ଆପଣ ଯେତେବେଳେ ଧର୍ମବାପ ବନାଇଲେଣି, ଆଉ କଣ ଭସାଇଦେବି ? ଆଚ୍ଛା , ଏହି ମାମଲାରେ ଯେତେ ଟଙ୍କା ଖରଚ ହେବ, ମୁଁ ଖରଚ କରୁଛି, ଏଥିରେ ତ ଦଶହଜାରରୁ ପଇସାଏ ଊଣା ନୁହେଁ । ଆପଣଙ୍କ ଜମିଦାରୀ ମୋତେ କଟକବାଲା ଲେଖି ଦେଉନ୍ତୁ । ସବୁ ଟଙ୍କା ଯେ ଏବେ ଖରଚ ହୋଇଯିବ; ଏପରି ନୁହେଁ । ଆପଣ ଖଲାସ ହେଲେ ମୁଁ କଡା ଦାମ ହିସାବ ବୁଝାଇଦେବି ।''

ମଙ୍ଗରାଜେ ଗାଲରେ ହାତ ଦେଇ ଦଣ୍ଡେ ବସି କଣ ଭାବିଲେ, ସାପର ଗୋଡ ସାପକୁ ଦିଶେ । କଟକବାଲା ଅର୍ଥ ମଙ୍ଗରାଜେ ଭଲ ଜାଣନ୍ତି ।

ତେବେ ମନୁଷ୍ୟ ଭାସି ଯାଉଥିବାବେଳେ ବାଘ ଲାଞ୍ଜଟା ମଧ୍ୟ ହାତରେ ପଡିଲେ ଛାଡେ ନାହିଁ ।

ଓକିଲ ରାମରାମ ଲାଲ କାର୍ଯ୍ୟବେଳେ ଖୁବ୍ ଚଞ୍ଚଳ । ଦୁଇଘଣ୍ଟା ମଧ୍ୟରେ ସିଠାମ କିଣି କବଲା ଚିଠା, ସାଫି ଶେଷ କଚେରୀରେ କାର୍ଜିଖାନାରେ କବଲା ରେଜଷ୍ଟରୀ ସମାପ୍ତ । ଓକିଲ ସାହେବ ଶେଷରେ କହିଲେ - '' ମଙ୍ଗରାଜେ ! ଆପଣ ବେପାରବାଏ ହାଜତଖାନାରେ ବସିଥାନ୍ତୁ , ମୁଁ ଅଛି, ଚିନ୍ତା ନାହିଁ । ''

**--0--**

# ଏକବିଂଶ ପରିଛେଦ

**କଟକ ସେସନ୍ ଜଜକୋର୍ଟ ;**

ଆଜି ଜଜ୍ କୋର୍ଟରେ ଭାରି ଭିଡ । କଚେରିଆ, ବଜାରୀ ହଟାରୀ ପର୍ଯ୍ୟନ୍ତ ଦେଖିବାକୁ ଧାଇଁଅଛନ୍ତି । କୌଣସି ସ୍ଥାନରେ ବାଦୀପାଲା ହେଲେ ଦେଖଣାହାରୀମାନେ ଯେପରି ଗାଆଣିଆମାନଙ୍କ ବେଶ ବାନ୍ଧିବା ଆଗରୁ ଜମିଯାଅନ୍ତି , ସେହିପରି ଜଣଜଣ କରି କଚେରୀ ପୂରିଗଲେଣି । ଭାରି ଭିଡ, ଗୋଳମାଳ, ଦୁଇଜଣ ଚପରାଶି ଚୋଓପ ଚୋ-ଓ-ପ କହି ଆହୁରି ଗୋଳମାଳ ବଢାଉଛନ୍ତି । ମଫସଲରେ ଜଣେ ମାନ୍ୟବର ଜମିଦାର ମଣିଷମାରୁ ମାମଲାରେ ଚଲାଣ ହୋଇ ଆସଛି । ମେଜେଷ୍ଟର ସାହେବ ଦୋହରା ସମ୍ପ୍ରୋଦ କରିଥିଲେ, ପାଞ୍ଚଦିନ ହେଲା ମକଦ୍ଦମା ଚାଲିଛି, ଆଜି ଶେଷ ବିଚାର ଦିନ, ମାମଲା ଏପର୍ଯ୍ୟନ୍ତ ପଡିନାହିଁ । କାଲି ବୁଧବାର ବିଲାତୀ ମେଲ୍ ଯିବ । ସାହେବ ମାଇଁ ଡିଅର୍ ଲେଡି ଆରମ୍ଭ କରି ଚଞ୍ଚଳ ଚିଠିଖଣ୍ଡ ଲେଖି ପକାଉଛନ୍ତି । ଫୌଜଦାରୀ ମାମଲା ପଡିଲେ ହାକିମ ସାହେବ ବିଲାତୀ ଛାପା କାଗଜ ମେଲାଇ ବସନ୍ତି କିମ୍ବା ଚିଠିଲେଖା ଅରମ୍ଭ କରନ୍ତି , ପେସ୍କାର ଜିମା ସବୁ କାର୍ଯ୍ୟ । ସାହେବ ଜମାନବନ୍ଦୀ କାଗଜରେ ଗାଁରେ ଗାଁରେ ଦସ୍ତଖତ ଟାଣିଦେବା ଆଉ ରାୟ ଶୁଣାଇବାରେ ମାଲିକ । ଆଜି ସାହେବଙ୍କୁ ସବୁ କାର୍ଯ୍ୟ ହାତରେ କରିବାକୁ ହେବ, କାରଣ ଆଜି ସାକ୍ଷୀ ଜଣକ ଇଂରାଜ, ଇଂରାଜୀରେ ମଧ୍ୟ ରାୟ ଲେଖିବାକୁ ହେବ । ଆଜିକାର କାରଖାନା ସବୁ ଇଂରେଜୀମୟ; ମାତ୍ର ଆମ୍ଭେମାନେ ଓଡ଼ିଆ, ପାଠକମାନେ ମଧ୍ୟ ସେହିପରି ଛାପାଖାନା ଅକ୍ଷରଗୁଡ଼ାକ ମଧ୍ୟ ଏହି ଦେଶୀ, ସୁତରାଂ ଆମ୍ଭମାନଙ୍କୁ ତରଜମା କରି ସମସ୍ତ କଥା ଲେଖିବାକୁ ହେଉଛି । ସାହେବ ମୋଞ୍ଚାଏ ଛେପରେ ଲଫାପା ବନ୍ଦ କରି ଚପରାସୀ ହାତରେ ଡାକଘରକୁ ପଠାଇଦେଇ କହିଲେ, 'ଉଏଲ ବାବୁ ! ମକଦ୍ଦମା ପେଶ୍ କର । ସରକାର ତରଫ ଓକିଲ ଇଶାନଚନ୍ଦ୍ର ସରକାର ଏବଂ ପୋଲିସ ଦାରୋଗା ଇନାଏତ ହୋସନ ମୁଦାଲା ଓରଫ ଓକିଲ ରାମ ରାମ ଲାଲା ହାଜର ।

ଆସାମୀ ରାମଚନ୍ଦ୍ର ମଙ୍ଗରାଜ ଆସାମୀ କାଠଗଡା ଭିତରେ ହାତଯୋଡ଼ି ଠିଆ ହୋଇଅଛନ୍ତି । ଜଜ୍ ସାହେବଙ୍କ ଡାହାଣ ପାଖରେ ଚଉକିରେ ବସି ହୋଲି ବାଇବେଲ ଧରି ଡାକ୍ତର ସାହେବ ଜମାନବନ୍ଦୀ ଦେଲେ -

ମୋର ନାମ ଏ.ବି.ସି.ଡି. ଡଗ୍‌ଲାସ , ବାପର ନାମ ଇ.ଏଫ୍.ଜି. ଏଇଚ ଡଗଲସ୍ ଜାତି ଇଂରେଜ, ବୟସ ୪୦ ହାଲ ସାକିନି କଟକ, ଆମ୍ଭେ କଟକ ଜିଲ୍ଲାର ସିଭିଲ ସର୍ଜନ । ଗତ ତାରିଖ ଭୋର ସାତଟା ତିରିଶ ମିନିଟ ସମୟରେ ସରକାରୀ ଲାସ୍ ମାଇନା ଘରେ ଆମ୍ଭ ସାକ୍ଷାତରେ ସାରିଆର ଲାସ୍ ପୋଷ୍ଟମର୍ଟମ ଏକ୍‌ଜାମିନ କରାଯାଇଛି । ଚୌକିଦାର ଗୋବରା ଜେନା ଚିହ୍ନିତ ଦେବା ଅନୁସାରେ ଆମ୍ଭେ କହୁଛୁ ତାହା ସାରିଆର ଲାସ୍ ଥିଲା । ଆମ୍ଭେ ଯେତେଦୂର ପରୀକ୍ଷା କରିଅଛୁ, ସାହାସ କରି କହିପାରୁଁ କୌଣସି ପ୍ରାଣନାସକ ଅସ୍ତ୍ର ବା ଅନ୍ୟ ପଦାର୍ଥ ଏହାର ମୃତ୍ୟୁର କାରଣ ନୁହେଁ । ଦୀର୍ଘକାଳ ଉପବାସ ରହି ବିଶେଷ ମାନସିକ ଯନ୍ତ୍ରଣା ଭୋଗକରି ମରିଯାଇଥିବାର ଆମ୍ଭେ ଯଥେଷ୍ଟ ପ୍ରମାଣ ପାଇଅଛୁ ।

ଜଜ୍ ସାହେବ ସୁଆଲରେ ସାକ୍ଷୀ ଜବାବ ଦେଲେ, ଲାସ୍ ଦେହରେ କୌଣସି ପୀଡାର ଲକ୍ଷଣ ଥିଲା ନାହିଁ, ଅଥଚ ତାହା ଦେହର ରକ୍ତ ଶୁଖିଯାଇଥିଲା, ହୃଦୟରେ ପ୍ରାୟ ରକ୍ତ ଥିଲା ନାହିଁ । ପାକସ୍ଥଳୀ ପ୍ରାୟ ଶୂନ୍ୟ ଥିଲା । ମୂତ୍ରଧାର , ମଳବାହିନୀ ନାଡିରେ କିଛି ପଦାର୍ଥ ନ ଥିଲା । ଏହି ସମସ୍ତ ଲକ୍ଷଣ ଦ୍ବାରା ଜାଣୁଅଛୁଁ, ସେ ଉପବାସରେ ମରିଚି ।

ସରକାରୀ ଓକିଲଙ୍କ ସୁଆଲରେ ଜବାବ- ହଁ, ଲାସ୍ ପିଠିରେ ତିନି ଜାଗାରେ ଚିହ୍ନଥିବାର ଗୋବରା ଜେନା ଆମ୍ଭଙ୍କୁ ବିଶେଷରୂପେ ଦେଖାଇଲା । ଆମ୍ଭେ ମଧ୍ୟ ଉତ୍ତମ ରୂପେ ପରୀକ୍ଷା କରି ଦେଇଅଛୁଁ, ତାହା ମାଡର ଦାଗ ନୁହେଁ, ପ୍ରାଣତ୍ୟାଗ ଉତ୍ତାରେ ଗରମ ଲୁହା କିମ୍ବା ଅନ୍ୟ କୌଣସି ଆଗ୍ନେୟ ପଦାର୍ଥରେ ଦାଗ ଦେଲେ ଚିହ୍ନ ହୁଏ, ଏହା ସେହିପରି ଈଷତ୍ ପୋଡା ଚିହ୍ନ ।

ପୁନର୍ବାର ସରକାରୀ ଓକିଲଙ୍କ ସୁଆଲରେ - ନା, ଆମ୍ଭେ ନିଜେ ଛୁରି ଧରି ଶବ କାଟି ନାହୁଁ, ନେଟିଭ ଡାକ୍ତର ଗୌରାଙ୍ଗ କର, ଆଉ କମ୍ପାଉଣ୍ଡର ବାସୁଦେବ ପଟ୍ଟନାୟକ ଦୁଇ ଜଣ ଆମ୍ଭ ସାକ୍ଷତରେ ଶବଚ୍ଛେଦ କରିଛନ୍ତି ।

ପୁନର୍ବାର   ଓକିଲ ସୁଆଲରେ ସାକ୍ଷୀ  କିଞ୍ଚିତ୍  ଖପା ହୋଇ ଜବାବ ଦେଲେ, ଆମ୍ଭେ  ଆଜକୁ ସାଢେ ଦଶ ବରଷ ହେଲା ସିଭିଲସର୍ଜନୀ  କରି ଆସିଅଛୁଁ, ପ୍ରଥମେ  ମିଲିଟାରୀ ଡିପାର୍ଟମେଣ୍ଟରେ   ଥିଲୁ, ଆମ୍ଭେ  ଲଣ୍ଡନ କଲେଜରେ ଡାକ୍ତରୀ  ପଢ଼ି ପାଶ୍ କରିଛୁ ।

ପୁନର୍ବାର  ସୁଆଲରେ ଜବାବ ଦେଲେ- ପ୍ରଥମେ  ଆମ୍ଭେ  ହସ୍‌ପିଟାଲ ଆସିଷ୍ଟାଣ୍ଡ   ଥିଲୁ, ବର୍ମା  ଯୁଦ୍ଧରେ  ଆମ୍ଭର  ପ୍ରମୋଶନ  ହୋଇଛି ।

ଜଜ୍ ସାହେବ ଆସାମୀ ଓକିଲକୁ ଅନାଇ କହିଲେ- ତୁମାରା କୁଛ୍ ସବାଲ ହେ ?

ଆସାମୀ ତରଫ ଓକିଲ ରାମରାମ ଲାଲାଙ୍କ  ସୁଆଲ - ଡାକ୍ତର  ସାହେବଙ୍କୁ ଅନାଇ କହିଲେ, ''ଆଚ୍ଛା , ମିସଲ ଉପରେ ଆସାମୀର ଯେଉଁ ବାଉଁଶ ଠେଙ୍ଗା ଅଛି, ଏହି ଠେଙ୍ଗାର  କିଛି ଦାଗ ଲାସ୍ ପିଠିରେ ଅଛି କି ?

ଜଜ୍ ସାହେବ - ''ନନ୍‌ସେନ୍‌ସ ! ଆଉର କ୍ୟା ପୁଛ୍  ନେକା ହେ ପୁଛେ  ।

ଓକିଲ ସାକ୍ଷୀକୁ  ପୁନର୍ବାର  ଜେରା କଲେ - ଆଚ୍ଛା , ଆପଣ କହୁଛନ୍ତି ସାରିଆ ଉପାସ ରହି ମରିଛି, ଯେ ଆପେ ଉପାସ ରହିଥିଲା କି ଆସମୀ ତାକୁ ଉପାସ ରଖାଇଥିଲା ।

ଜଜ୍ ସାହେବ - ''କୁଛ ବଡ୍ ନେହି, ଗୋ ଅନ୍, ଚଲୋ ଚଲୋ ।''

ପୁନର୍ବାର  କେରା - ''ଆଚ୍ଛା , ସାରିଆ ଆସାମୀ ଦୁଆରେ ମରିଥିବାର କିଛି ପ୍ରମାଣ  ଅଛି ?''

ଜଜ୍ ସାହେବ ଖପା ହୋଇ କହିଲେ - ''ଦେଖୋ, ତୁମ୍ ଏସା ବେହୁଦା ସବାଲ କରୋଗେ ତ ତୁମାରା ଓକିଲାତି କେନ୍‌ସଲ କର ଦେଗା ।''

ଓକିଲ - ''ହଜୁର ଖୋଦନ୍ଦ୍  - ମା ବାପ ଦୁନିଆକା ବାସସା ।''

ଆସାମୀର ଜବାବ ନିଆଗଲା ଉତ୍ତାରେ  ଦୁଇପକ୍ଷ  ଓକିଲଙ୍କ  ବକ୍ତୃତା ହେଲା, ଭାରି ଝଟାପିଟା ଲାଗିଲା, ଊଣା ନୁହେଁ, ଅଢ଼େଇ ଘଣ୍ଟା  କାଳ ବକ୍ତୃତା  । ଏହି ଅବକାଶରେ ସାହେବ ବେଲମ୍ବର  ଖଣ୍ଡେ  ଛପା କାଗଜ ପଢ଼ିପକାଇ ଟିଫିନ୍ ଖାଇ ଆସିଲେଣି ! ହାକିମ ବନ୍ଦ  କରାଇ ନ ଥିଲେ ବକ୍ତୃତା  ବରାବର ଚାଲିଥାନ୍ତା  ।

ହାକିମଙ୍କ  ହୁକୁମ ଅନୁସାରେ ସେରସ୍ତଦାର  ରୋବକାରୀ ଲେଖି ପ୍ରକାଶ କଲେ ସେହି ରୋବକାରୀଟା ବାରଫର୍ଦ୍ଦ    କାଗଜରେ ଲେଖଗଲା । ରୋବକାରୀ

ଲେଖାଯାଇ ପ୍ରକାଶ ହେବାକୁ ତିନିଦିନ ଲାଗିଲା । ଆମ୍ଭେମାନେ ସେହି ରୋବକାରୀର ସହିମୋହର ନକଲ ହାସଲ କରିଛୁଁ ; ମାତ୍ର ଆମ୍ଭେମାନେ ସମସ୍ତ ସଂକ୍ଷେପରେ ବୋଲି ଆସୁଥିବାରୁ ସେହି ରୋବକାରୀର ଯେତିକି କଥା ପ୍ରକାଶ କଲେ ପାଠକ ମକଦ୍ଦମାର ସମସ୍ତ ହାଲ ବୁଝିପାରିବେ, ଆମ୍ଭେମାନେ ତେତିକି ସାର ଅଂଶ ମାତ୍ର ପ୍ରକାଶ କରୁଛୁ ।

ରୋବକାରୀ କଚେରୀ ଅଦାଲତ ଓ ଫୌଜଦାରୀ ସେମନ୍ ଜର୍ଜ କୋର୍ଟ ଇଜଲାସ୍ ଏଇଚ: ଆର୍. ଜେକ୍‌ସନ୍ ସ୍କୋୟାର ସେସନ୍ ଜଜ୍ ମିଲିକିୟଥ୍ ଶ୍ରୀଯୁକ୍ତ ଇଷ୍ଟଇଣ୍ଡିଆ କମ୍ପାନୀ ବାହାଦୂର ଓଡ଼ିଶା ଖଣ୍ଡ , ଜିଲେ କଟକ ।

ସରକାର ବାହାଦୂର ମୁଦେଇ ବନାମ ରାମଚନ୍ଦ୍ର ମଙ୍ଗରାଜ ସା. ଗୋବିନ୍ଦପୁର ପ୍ର ; ଅସୁରେଶ୍ବର , ଜିଲେ କଟକ । ମୁଦାଲା ସାରିଆ ନାମକ ଗୋଟିଏ ତନ୍ତୀଆଣି ସ୍ତ୍ରୀକୁ ହତ୍ୟା କରିଥିବା ଏବଂ ତାହା ଘରର ଆସବାବ ଲୁଟତରାଜ କରିନେଇଥିବାର ମାମଲା ।

ନଥିର ସମସ୍ତ କଥା କାଗଜାତ ଏବଂ ପକ୍ଷମାନଙ୍କର ଜବାବ ସୁଆଲ ଦୃଷ୍ଟି ଏବଂ ଶ୍ରବଣରେ ଆସିଲା ଉତ୍ତାରେ ଜଣାଗଲା କି ଏହି ମକଦ୍ଦମା ପୋଲିସ ଚାଲାଣୀ ଅଟେ । ଜିଲ୍ଲାର ମାଜିଷ୍ଟ୍ରେଟ ସାହେବ ଆସାମୀ ଉପରେ ନରହତ୍ୟା ଅଭିଯୋଗ କରି ଏହି ମକଦ୍ଦମା ସେସନ୍ ସମ୍ପୋଦ କରିଛନ୍ତି । ଆସାମୀର ଦୋଷ ସାବ୍ୟସ୍ତ କରାଇବା ନିମନ୍ତେ ପୋଲିସ ଆଠଜଣ ସାକ୍ଷୀର ଜମାନବନ୍ଦୀ କରାଯାଇଛି । ଆମ୍ଭେ ସାକ୍ଷୀମାନଙ୍କୁ ଅତି ସତର୍କତା ଏବଂ ମନଯୋଗ ସହିତ ପରୀକ୍ଷା କରିଛୁ ଏବଂ ଉଭୟ ପକ୍ଷ ଓକିଲମାନଙ୍କ ବକ୍ତୃତା ଶ୍ରବଣ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛୁଁ କି, ଆସାମୀ ପୋଲିସ କଥିତମତେ ବାଉଁଶ ଠେଙ୍ଗାରେ ପ୍ରହାର କରି ସାରିଆକୁ ବଧ କରି ନାହିଁ, ଦୀର୍ଘକାଳ ଉପବାସ ଏବଂ ମନକଷ୍ଟ ତାହାର ମୃତ୍ୟୁର କାରଣ ଅଟେ । ଆମ୍ଭର ଏପରି ବିଶ୍ବାସ କରିବାର ହେତୁ ଏହି କି ପ୍ରଥମ ନରହତ୍ୟା ମକଦ୍ଦମାର ପ୍ର ଧାନ ସାକ୍ଷୀ ସିଭିଲ ସର୍ଜନ ସୁସ୍ପଷ୍ଟରୂପେ ପ୍ରକାଶ କରିଅଛନ୍ତି କି, ଲାସ ଦେହରେ କୌଣସି ପ୍ରକାର ଆଘାତର ଚିହ୍ନ ନ ଥିଲା ।

ଆମ୍ଭେ ସାକ୍ଷୀମାନଙ୍କ ଦ୍ବାରା ଯଥେଷ୍ଟ ପ୍ରମାଣ ପାଉଛୁ ଯେ , ଏହି ମକଦ୍ଦମାଟି ସଂପୂର୍ଣ୍ଣରୂପେ ଗଠିତ ଅଟେ । ଆମ୍ଭର ବିଶ୍ବାସ , ପ୍ରଥମ

ରିପୋର୍ଟକାରୀ ଗୋବରା ଜେନା ଚୌକିଦାର ସୂତ୍ରପାତକାରୀ ଅଟେ । ତାହାର ପ୍ରଥମ ରିପୋର୍ଟ ସହିତ ଶେଷ ଜମାନବନ୍ଦୀ ମିଳାଇ ଦେଖିଲେ ସ୍ୱଷ୍ଟ ଜଣାଯାଏ, ସେ ମିଥ୍ୟାକୁ ସତ୍ୟରୂପେ ପ୍ରତିପନ୍ନ କରାଇବା ନିମନ୍ତେ ଯଥେଷ୍ଟ ଚେଷ୍ଟା କରି ଅଦାଲତରେ କୁଟ ପ୍ରଶ୍ନରେ ଆତ୍ମରକ୍ଷା କରିବାକୁ ଅସମର୍ଥ ହୋଇଛି । ମକଦ୍ଦମାର ଚାକ୍ଷୁସ ସାକ୍ଷୀ ବନା ଜେନା ଏବଂ ଧକେଇ ଜେନା କି ଯେଉଁମାନେ ଆସାମୀ ବାଉଁଶ ବାଡିରେ ସାରିଆକୁ ମାରିପକାଇଥିବାର ବୟାନ କରନ୍ତି , ସେମାନେ ଚୌକିଦାରର ଆତ୍ମୀୟ , ସେମାନଙ୍କ ଘର ଆସାମୀ ଘର ଠାରୁ ଦୁଇ କୋଶ ଦୂର, ଅର୍ଦ୍ଧରାତ୍ର ସମୟରେ ଜାଗରିତ ହୋଇ ଆସାମୀର କାର୍ଯ୍ୟମାନ ଦେଖିବା ନିତାନ୍ତ ଅସମ୍ଭବ ।

ପୋଲିସ ମାମଲା ଉକ୍ତ ସ୍ଥାନର ଯେଉ ନକ୍ସା ଦାଖଲ କରିଅଛି, ସେଥିରୁ ସ୍ୱଷ୍ଟ ଜଣାଯାଏ, ଆସାମୀ ଯେଉଁ ସ୍ଥାନରେ ଠିଆ ହୋଇଥିବାର ପ୍ରକାଶ କରନ୍ତି , ତହିଁ ମଧ୍ୟରେ ତିନି ପରସ୍ତ ଘର ବ୍ୟବଧାନ , ସୁତରାଂ ଦୃଷ୍ଟିରେଖା ଭେଦ କରି ଚଳିବା ନିତାନ୍ତ ଅସମ୍ଭବ ଏବଂ ଅନ୍ୟାନ୍ୟ ପାର୍ଶ୍ୱଘଟଣା ଏବଂ କୁଟ ପ୍ରଶ୍ନରେ ସାକ୍ଷୀ ମାନଙ୍କର ବିଶୃଙ୍ଖଳ ଜବାବଦ୍ୱାରା ଏମାନଙ୍କୁ ଅବିଶ୍ୱାସ କରିବାର ଯଥେଷ୍ଟ କାରଣ ବିଦ୍ୟମାନ ରହିଅଛି । ଏହି ହତଭାଗ୍ୟମାନେ ସରଳ ଗ୍ରାମ୍ୟଲୋକ ଥିବାଯୋଗୁଁ ଅନ୍ୟ ଲୋକର କୁମନ୍ତ୍ରଣାରେ ପ୍ରତାରିତ ହୋଇ କିପରି କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି , ସେଥିରେ ଭୀଷଣତ୍ୱ ହୃଦୟଙ୍ଗମ କରିବାକୁ ସେମାନେ ଅକ୍ଷମ ଏବଂ ଗୋବରା ଜେନା କୂଟପରୀକ୍ଷାରେ ବାରମ୍ବାର ମିଥ୍ୟା କଥା କହୁଥିବାର ପ୍ରକାଶ ପାଇଛି, ଅତଏବ ଆମ୍ଭେ ତାହାକୁ ଫୌଜଦାରୀ ସମ୍ପୋଦ କଲୁଁ ।

ଆସାମୀର ପୂର୍ବ ଦୁଶ୍ଚରିତ୍ରତା ପ୍ରମାଣ କରାଇବା ସକାଶେ ପୋଲିସ କେତେଜଣ ସାକ୍ଷୀର ଜମାନବନ୍ଦୀ କରାଉଛି; କିନ୍ତୁ ତଦ୍ଦ୍ୱରା ଆମ୍ଭେ ଏହି ପ୍ରମାଣ ପାଇଅଛୁଁ କି, ଆସାମୀ ଅନ୍ୟ ଲୋକର ସମ୍ପତ୍ତି ହରଣ କରିବା ସକାଶେ କୂଟିଳ ବୁଦ୍‌ଧି ପ୍ରୟୋଗ କରିବା ବିଷୟରେ ନିପୁଣ ଅଟେ, ମାତ୍ର କାହାରି ପ୍ରତି ଦୋଷଯୁକ୍ତ ବଳପ୍ରକାଶ କରିବାର ପ୍ରମାଣ ନାହିଁ । ସୁତରାଂ ଏପରି ଲୋକ ଦ୍ୱାରା ନରହତ୍ୟା ଘଟଣ ହେବା ଅସମ୍ଭବ ଅଟେ ଏବଂ ହତ୍ୟା କରିବାର କୌଣସି କାରଣ ମଧ ଦେଖୁନାହିଁ ।

ମୃତ ସାରିଆ ବା ଭଗିଚନ୍ଦର ପାନିଆ, ଢୁଙ୍ଗୀ , ନାରାଜ, ଚରଖି, ତନ୍ତବୁଣାର ସରଞ୍ଜାମ ଏବଂ କଂସା, ଡାଳ ପ୍ରଭୃତି ଗୃହର ବ୍ୟବହାର୍ଯ୍ୟ ଦ୍ରବ୍ୟ ପୋଲିସ ଆସାମୀ ଘରୁ ବରାମଦ କରିଛି; ମାତ୍ର ଆସାମୀ ସିଭିଲକୋର୍ଟରେ ଯେଉଁ ତାଲିକା ଦାଖଲ କରେ, ସେଥିରୁ ଜଣାଯାଏ ସେ ଭଗିଚନ୍ଦର ଛ ମାଣ ଆଠଗୁଣ୍ଠ ଜମି ଆସାମୀଠାରେ କଟବନ୍ଧକ ରଖିଥିଲା । ସେହି ମାମଲାର ଅଦାଲତର ଖର୍ଚ୍ଚା ଆଦାୟ ଜୁମିଲାକୁ ଆସାମୀ ନିଲାମ ସକ୍ରେ ସେ ସବୁ ଖରିଦ କରିନେଇଅଛି । ଅବଶ୍ୟ ସ୍ବୀକାର କରିବାର ଯଥେଷ୍ଟ କାରଣ ବିଦ୍ୟମାନ ଅଛି ଯେ , ସେ କଟକବଲା ନାଲିସ ନିଲାମ ସମସ୍ତ ପ୍ରତାରଣାପୂର୍ଣ୍ଣ : ମାତ୍ର ଉପସ୍ଥିତ ମକଦ୍ଦମାରେ ସେ ସମସ୍ତ ବିଷୟ ବିବେଚ୍ୟ ନୁହେଁ । ଆସାମୀ ଭଗିଚନ୍ଦର ଛମାଣ ଆଠଗୁଣ୍ଠ ନିଷ୍କର ଭୂମି ଏବଂ ତାହାର ସର୍ବସ୍ବ ହରଣ କରିବାରୁ ସେହି ଦୁଃଖରେ ଭଗିଚନ୍ଦର ପାଗଳ ହୋଇଯାଇଥିବା ସାରିଆ ଅନାହାରରେ ପ୍ରାଣତ୍ୟାଗ କରିଥିବା, ଆମ୍ଭେ ବିଶ୍ବାସ କରୁଁ ମାତ୍ର ସେଥିପାଇଁ ଆସାମୀକୁ ନରହତ୍ୟା ଅପରାଧରେ ଅପରାଧୀ କରାଯାଇ ନ ପାରେ ।

ଆସାମୀ ଅଗଣା ମଧ୍ୟରୁ ନେତ ନାମକ ଏକରାସ ଧଳା ରଙ୍ଗର ଗାଈ ପୋଲିସ ବରାମଦ କରିଅଛି । ଗାଈ ଭଗିଚନ୍ଦର ଥିବା ପକ୍ଷମାନେ ସ୍ବୀକାର କରୁଅଛନ୍ତି । ଆସାମୀ ପ୍ରକାଶ କରେ, ତାହାର ମକଦ୍ଦମା ଖର୍ଚ୍ଚ ଆଦାୟ ନିମନ୍ତେ ଅଦାଲତରେ ପିଆଦା ନିଲାମ କରିବାରୁ ପ୍ରକାଶ୍ୟ ନିଲାମରେ ସେ ତାହା ଖରିଦ କରିଅଛି । ମାତ୍ର ଏହା ସମ୍ପୂର୍ଣ୍ଣ ଅସତ୍ୟ ଅଟେ: କରଣ ସିଭିଲକୋର୍ଟ ଦସ୍ତଖତ ମୋହରଯୁକ୍ତ ଯେଉଁ ନିଲାମ ଫର୍ଦ୍ଦ ଆମ୍ଭ ସାକ୍ଷାତରେ ଉପସ୍ଥିତ କରାଯାଇଅଛି, ସେଥିରେ ନେତଗାଈର ଉଲ୍ଲେଖ ନାହିଁ । ଆମ୍ଭେ ଯଥେଷ୍ଟ ପ୍ରମାଣ ପାଇଛୁ ଯେ, ଆସାମୀ ଶଠତା ପ୍ରତାରଣା ଦ୍ବାରା ପର ସମ୍ପତ୍ତି ଆତ୍ମସାତ୍ କରିବା ବିଷୟରେ ଖୁବ୍ ନିପୁଣ ଅଟେ । ସେ ଜଣେ ସାମାନ୍ୟ ଲୋକ ଥିଲା । ଅସତ୍ ଉପାୟ ଅବଲମ୍ବନ ଦ୍ବାରା ଅନେକ ଉପାର୍ଜ୍ଜନ କରିଛି ଏବଂ ସେ ଗ୍ରାମର ଜମିଦାର ଓ କ୍ଷମତାଶାଳୀ ଥିବାର ଏବଂ ଭଗିଚନ୍ଦ୍ରକୁ ଦୁର୍ବଳ ଏବଂ ପ୍ରତିକାର କରିବାକୁ ଅକ୍ଷମ ଜ୍ଞାନ କରି

ସ୍ୱଭାବିକ ଲୋଭପୁର ଦ୍ବାରା ଚାଳିତ ହୋଇ ଉଲ୍ଲିଖିତ ଗାଈକୁ ଆତ୍ମସାତ କରିଅଛି । ଏହି ସମସ୍ତ କାରଣ ଦୃଷ୍ଟିରେ ।

ହୁକୁମ ହେଲା କି,

ଆସାମୀ ରାମଚନ୍ଦ୍ର ମଙ୍ଗରାଜକୁ ନରହତ୍ୟା ଅପରାଧରୁ ମୁକ୍ତି ଦିଆଯାଇ ନେତ ନାମକ ଗାଈକୁ ଆତ୍ମସାତ କରିଥିବା ଅପରାଧରେ କଠିନ ପରିଶ୍ରମ ସହିତ ଛ ମାସ କାରାଦଣ୍ଡ ଏବଂ ପାଞ୍ଚଶତ ଟଙ୍କା ଜରିମାନା କରାଯାଉ । ଜରିମାନା ଅସୁଲ ନ ହେଲେ ଅତିରିକ୍ତ ୩ ମାସ କାରାରୁଦ୍ଧ ରଖାଯାଉ । ଇତି ।।
ମେ ମାସ ୧୭ ତାରିଖ ସନ ୧୯୩୨ ମସିହା ।

ଏଇଚ.ଆରି;ଜେକ୍ସନ୍
ସେସନ୍‌ଜଜ୍ ।

କଚେରୀ ଶେଷ ହେଲାଣି । ଜଜ୍ ସାହେବ ବଗି ଚାଲିଗଲାଣି । ଚାରି ଜଣ ବରକନ୍ଦାଜ ଜଣେ ଆସାମୀକୁ ହାତକଡି ଦେଇ ନାଜରଖାନାରୁ ଜେଲ ଓଆରଣ୍ଟ ଜାରି କରି ବାହାରିଲେ । ଓକିଲ ରାମରାମ ଲାଲା କଚେରୀ ଆଗ ବରଗଛ ମୂଳରେ ବସିଥିଲେ । ଆସାମୀ ଉପରେ ତାଙ୍କର ଦୃଷ୍ଟି ପଡିଯିବାରୁ ସେ ଦୂରରୁ ଡାକିଦେଲେ ଦେଖନ୍ତୁ ମଙ୍ଗରାଜେ , ଆଜି ଆପଣଙ୍କ ସକାଶେ ସାହେବଙ୍କ ଆଗରେ କିପରି ଲଢ଼ିଲି, ଦେଖିଲେ ତ? ଫାଶିରୁ ଖଲାସ କରାଇଦେଲି । କିଛି ପରବାଏ କରିବେ ନାହିଁ, ବେଧଡ଼କ ଜେଲ୍‌ଖାନାକୁ ଚାଲିଯାଆନ୍ତୁ । ମାଠିଆଏ ତେଲ ପେଡ଼ିଥିବେକି ନାହିଁ, ସୁପ୍ରିମ କୋର୍ଟରେ ଅପିଲ କରି ଖଲାସ କରାଇଦେବି । ଆମ୍ଭେମାନେ ନିଶ୍ଚିତ ସମ୍ବାଦ ପାଇଅଛୁ, ଅପିଲ୍ ବିଷୟରେ କୌଣ ସି ଯତ୍ନ କରାଯାଇ ନାହିଁ ।

**--0--**

# ଦ୍ୱାବିଂଶ ପରିଚ୍ଛେଦ

**ଗୋପୀସାହୁର ଦୋକାନଘର :**

ବିରୂପା ନଦୀକୂଳ-ଗୋପାଳପୁର ଘାଟ, ଏହିଟି କଟକ ଯିବାର ଦାଣ୍ଡ ; ଲୋକମାନେ ଏହିଠାରେ ପାରି ହୁଅନ୍ତି । ଆଗେ ଗୋପାଳପୁର ଗ୍ରାମ ଏହିଠାରେ ଥିଲା, ଗଲା ଆଠଅଙ୍କ ଭୋଦୁଅ ଅଷ୍ଟମୀ ବଡ଼ ବଢିରେ ଭାସିଯାଇଅଛି । ଗ୍ରାମ ଗଲାଣି, ନାମ ଯାଇ ନାହିଁ । ଡୁଠ ଉପରେ ଗୋଟିଏ ଭାରି ବଡ଼ ବରଗଛ । ଗଛମୂଳରେ ଗୋପୀସାହୁର ଦୋକାନଘର, ଘରଟି ସାତପାଞ୍ଚ । ସେଥିମଧ୍ୟରୁ ଅଧକରେ ଗୋଟିଏ କେଠରୀ, ଅଧେ ମେଲା । ଆଗରେ ଦୁଇହାତ ଲମ୍ବ ପିଣ୍ଡା । ଦୈବ ଦୁର୍ବଳେ କେହି ବାଟୋଇ ରହିଗଲେ ମେଲାରେ ରୋଷେଇ କରନ୍ତି । ଗୋପୀ ବୁଢା ହୋଇଗଲାଣି, ବିଲବାଡ଼ିକି ଆଉ ପାରେ ନାହିଁ । ଗଲା ଅଙ୍କରେ ବୁଢୀ ଚାଲିଗଲା ଦିନରୁ ତା ଅଣ୍ଟା ବସିଗଲାଣି । ପୁଅମାନେ ମଧ୍ୟ ବୁଢାକୁ ଧନ୍ଦାରେ ପକାନ୍ତି ନାହିଁ । ଗୋପୀ ତୁଚ୍ଛା ବସିବା ଲୋକ ନୁହେଁ, ବସିବାଠାରୁ କାଷିବା ଭଲ, ବରଷେ ହେଲା ଫନ୍ଦାଟାଏ ଫାନ୍ଦିଛି । ଦିନ ପ୍ରହରକବେଳେ ଚାରିଟା ମୁହଁରେ ଦେଇ ଦୋକାନକୁ ଆସେ, ସଞ୍ଜବେଳେ ଦୋକାନ ଘରେ ଲମ୍ବା ନଳୀ କୋଲପଟାଏ ପକାଇ ଘରକୁ ଚାଲିଯାଏ । ଦୋକାନଠାରୁ ଅଧକୋଶ ଛଡ଼ା । ଦୋକାନରେ ଚାଉଳ, ଡ଼ାଲି, ଲୁଣ, ଚୁଡ଼ା, ଧୂଆଁପତ୍ର ରଖିଥାଏ । ସଞ୍ଜବେଳେ ଘରକୁ ଯିବାବେଳେ ପସରା ସବୁ ଗୋଟାଏ ଟୋକେଇରେ ଭରତି କରି ଘରକୁ ଘେନିଯାଏ । ଗୋପୀ ଗାଁ ଲୋକଙ୍କ ପାଖରେ କହେ, ସେ ଏଣିକି ବଡ଼ ସାହାଖର୍ଚ୍ଚୀ ହୋଇପଡ଼ିଲାଣି । ସଞ୍ଜବେଳେ ସୋରିଷେ ସୋରିଷେ ଆପୁ ନ ଖାଇଲେ ରାତିରେ ନିଦ ହୁଏ ନାହିଁ । ଆପୁ ଖାଇସାରି ଚୂଡ଼ା ଗୁଣ୍ଡି ଦି'ଟା କିମ୍ବା ମୁଢିଗୁଣ୍ଡି ଦି'ଟା ପାଟିରେ ନ ପକାଇଲେ ନୁହେଁ । ଧୂଆଁ ଅଭ୍ୟାସ ତ ଅଛି । ହେଲେ ଖର୍ଚ୍ଚ ନିଜ ଅର୍ଜନରୁ ଚଳାଏ । ପୁଅମାନେ ଦୋକାନ କରିବା ସକାଶେ ଯେ ଆଠଣିଟିଏ ଦେଇଥିଲେ, ସେଥିରୁ ଯେ ପଇସାଏ ଅଧଲାଏ ବାହାରେ, ସେଥିରେ ଚଳିଯାଏ, ପାଣ୍ଠିରେ ହାତ ଲାଗେ ନାହିଁ ।

ଅଶିଣମାସିଆ ଦିନ, ଦିନଯାକ ମେଘଟା ଘୋଡ଼େଇଛି, ଦୁଇ ଦିନ ଅସରା ପାଣି ମଧ୍ୟ ହୋଇଗଲାଣି । ବର୍ଷା ପଡ଼େ ଟପର ଟପର, ବାଟଟା କାଦୁଅରେ ଚପର

ଚପର, ବାଟୋଇ କେହି ନାହାନ୍ତି । ବେଳ ଆହୁରି ଦଣ୍ଡେ ଅଛି, ମାତ୍ର ମେଘ ଘୋଟିଥିବାରୁ ଅନ୍ଧାର ହୋଇ ଆସିଲା ପରି ଜଣାଯାଅଛି । ଗୋପୀ ଦୋକାନକୁ ଅନାଇ କହିଲା, ''ସକାଳୁ କାହା ମୁହଁ ଚାହିଁଥିଲି, ଅଧାଲାଟିକର ଧୂଆଁପତ୍ର ମଧ ସରିଲା ନାହିଁ । '' ଗୋପୀ ଦୋକାନକୁ ଗୋଟିଏ ଟୋକେଇରେ ପୁରାଇ ଗାମୁଛା ମୁଣ୍ଡରେ ବାନ୍ଧି ପିଣ୍ଡାରେ ବସିଲା; ଆକାଶକୁ ଅନାଇ ଆପେ ଆପେ କହିଲା- ''ବେଳ ବୁଡ଼ିନାହିଁ । ନଦୀଘାଟକୁ ଅନାଇ ଅଛି; କେହି ବାଟୋଇ ପାରିହୋଇ ଆସିବ ପରା ! ନଦୀ ତୁଠକୁ ଏକ ଧ୍ୟାନରେ ଅନାଇ ଭଜନ ଆରମ୍ଭ କରିଅଛି -''

''ଦିନ ଗଲାଟିରେ ସରି
ବୃଥା କାଳ କାଟିଦେଲି ନ ଭଜି ଶ୍ରୀହରି । ଘୋଷା ।

ବହିଯାଇଅଛି ଆୟୁ ନଦୀସ୍ରୋତ ପରି
ପଡ଼ିଲେ କାଳ ସାଗରେ ନ ଆସିବ ଫେରି ।

ବିଷୟରେ ମତ୍ତ ହୋଇ ଦିବସଶର୍ବରୀ ,
ଆପଣାର ନିଜ ଧାମ ରହିଛି ପାସୋରି ।
ଦୀନଜନେ ଦୟା କର ଦୟାମୟ ହରି
ନିରନ୍ତର ତୁମ୍ଭ ନାମ ଥିବି ହୃଦେ ଧରି । ''

''ଏ ଦୋକାନି -! ରହିବାକୁ ଜାଗା ମିଳିବ ?'' ଗୋପୀ ଚମକିପଡ଼ି ଅନାଇଲା ଦୋକାନ ଆଗରେ ଦୁଇଜଣ ବାଟୋଇ । ଜଥାଟି ପିନ୍ଧା , ମୁଣ୍ଡରେ ଗାମୁଛାଗୁଡ଼ିଆ ପିଠିରେ ସାନ ଗୋଟାଏ ବୋକଚା, କାନ୍ଧରେ ତାଳପତ୍ର ଛତାଟିଏ, ଜଣେ ପୁରୁଷ, ତା' ପଛଆଟେ ଗୋଟିଏ ସ୍ତ୍ରୀ , ପାଟଶାଢ଼ୀ ଖଣ୍ଡିଏ ପିନ୍ଧା , କୁମ୍ଭକର୍ଣ୍ଣ ଧଡ଼ି, ସୂତଶାଢ଼ୀ ଖଣ୍ଡିଏ ଚଉତା ହୋଇ ଉପରାଣ ପଡ଼ିଛି, ସର୍ବାଙ୍ଗ ଢଙ୍କା , କେବଳ ନାକର ଫୁଲଗୁଣା ଆଉ ନାଟମୟୂର ଦିଶିଛି । ଲୋକେ କହନ୍ତି , ''ଭେକ ଥିଲେ ଭିକ । '' ଲୁଗାପଟାରୁ ଗୋପୀ ବୁଝିଗଲା ଆଣ୍ଠୁଆ ମହାଜନ । ଗୋପୀ ଚଞ୍ଚଳ ଦୋକାନ ପିଣ୍ଡାରୁ ଓହ୍ଲାଇପଡ଼ି ଦୁଇଜଣଙ୍କୁ ଦୁଇଟା ଦଣ୍ଡବତ ହୋଇ କହିଲା, 'ଆଜ୍ଞା ଆସନ୍ତୁ , ଦୋକାନ ଉପରକୁ ଆସନ୍ତୁ , ରୋଷେଇ କରନ୍ତୁ ସବୁ

ସରଞ୍ଜାମ ଅଛି, ଘରେ ଛିଣ୍ଡା ପଟିଖଣ୍ଡ ମେଲାଇଦେଲା । ସ୍ତ୍ରୀ ଲୋକଟି ଆଗେ ଗୋଡ଼ଧୋଇ ଓଦାଲୁଗା ପାଲଟି ପାଟିରେ ଯାଇ ଚକାପାରି ବସିଲେ । ଦେହର ଅଳଙ୍କାର ଦେଖି ଗୋପୀ 'ଆଜ୍ଞା ' 'ସାଆନ୍ତ ' 'ସାଆନ୍ତାଣୀ ' ଇତ୍ୟାଦି ସମ୍ବୋଧନ କଥାମାନ ପ୍ରତି କଥା ଆଗରେ ବୋଲି ଯାଉଅଛି । ଏଣେ ସ୍ତ୍ରୀ ଲୋକ ଗୋପର ଭକ୍ତି ଦେଖି ଖୁସି ହୋଇଗଲେଣି, ପଣତକାନିରୁ ଚାରିଅଣାଟିଏ ଫିଟାଇ ଗୋପ ପାଖକୁ ଫୋପାଡ଼ିଦେଇ କହିଲେ, 'ଏ ବୁଢାପୁଅ ରୋଷେଇ ସରଞ୍ଜାମ ଦେ'। ଗୋପ ଲଣ୍ଡଭଣ୍ଡ ହୋଇ ସୁଉକିଟିଏ ଉଠାଇନେଇ ଦୁଇ ହାତରେ ଲେଉଟା ଲେଉଟି କରି ଦୁଇ ତିନି ଥର ଦେଖିଲା, ତାହା ବାଦ୍ ଦୁଇ ଥର ଚୁମା ଖାଇ ଦୁଇଥର ମରେ ମାରି କୁଞ୍ଚଳ ତଳ କାନିରେ ବାନ୍ଧି ନାହି ପାଖରେ ଖୋସି ଦେଲା । ଗୋପ ମୁଖ ଦେଖି ଜଣାଯାଏ, ସେ ଆଉ ଥରେ ମନ ମଧ୍ୟରେ ବୋଲିଥିବ, ''ଆଜି ସକାଳେ କାହା ମୁହଁ ଚାହିଥିଲି, ସଉଦା ନ ହେଉଣୁ ସୁଉକିଟାଏ । '' ଦୋକାନ ଆରମ୍ଭ ଦିନରୁ ଏଟା ନୂଆକଥା । ଗୋପୀ ରୋଷେଇ ସରଞ୍ଜାମ ସମସ୍ତ , ଅର୍ଥାତ୍ ଚାଉଳ, ଚୋପାଳିଆ ବିରିଜାଇ; ଲୁଣ ଆଣି ଥୋଇ ଦେଇ ଆଗେ ନିଆଁ ବରିହା ଫୁଙ୍କି ଚୁଲୀ ଲଗାଇ ଦେଲା । ସ୍ତ୍ରୀ ଲୋକଟି ଭାତ ରାନ୍ଧିବାକୁ , ପୁରୁଷ ମାଠିଆ ଡ଼େବିରି ହାତରେ ଧରି ପାଣି ଆଣିବାକୁ ବାହାରିଲେ । ସ୍ତ୍ରୀ ଲୋକଟି କହିଲେ, ''ଆରେ ବୁଢାପୁଅ, ଏଠି ଦୁଧ ଘିଅ ମିଳିବ ? ଦୁଧ ଘିଅ ନ ହେଲେ ମୁଁ ଖାଏ ନାହିଁ । '' ଗୋପୀ କହିଲା 'ଆଜ୍ଞା ସତକଥା, ସତକଥା ନ ମିଳିବାକୁ ସିନା, ଏସବୁ କଣ ଛାମୁଁ ଠା' ବସିବା ଜିନିଷ ? ଜଳଖିଆ ପାଇଁ ଆଚ୍ଛା କାଣ୍ଡିଆ ସରୁଚୂଡ଼ା ହୁଅନ୍ତା , ନିରୁତା ଗାଇଦୁଧ ହୁଅନ୍ତା , ନବାତ ନୋହିଲେ ଦକ୍ଷିଣୀ ନୂଆଗୁଡ଼ ହୁଅନ୍ତା , ଆଉ ଖନ୍ଦା ପାଇଁ ବଡ଼ ଶେଉଳ ନୋହିଲେ ବାଳିଆମାଛ, ବନ୍ତଳକଦଳୀ , ମୁଗଜାଇ, ଦୁଧଘିଅ ହୁଅନ୍ତା । କଣ କରିବି ? ଅଜ୍ଞା ଏଇଟା ତ କାଙ୍ଗାଳି ଦେଶ, ଆପଣା ପଦାରବିନ୍ଦ ଧୂଳିରଜ କିପରି ମୋ କପାଳକୁ ପଡ଼ିଗଲା । ଆଜ୍ଞା ଗୋଟାକେତେ ପଇସା ଦିଅନ୍ତୁ , ଗାଁ ବୁଲି ଦେଖେ । ' ସ୍ତ୍ରୀଲୋକଟି ପୁନର୍ବାର ଗୋଟାଏ ସୁଉକି ଫୋପାଡ଼ି ଦେଲେ । ଗୋପ ପୂର୍ବପରି କାନିରେ ବାନ୍ଧି ଗ୍ରାମକୁ ଧାଇଁଲା । ରାତି ଅଧଘଡ଼ି ସମୟରେ ଗୋପର ସାନ ପୁଅ ବୃନ୍ଦାବନ ଖଣ୍ଡେ କଦଳିପତ୍ର ଠୋଲାରେ ଦୁଇ ତିନି ତୋଳା ଘିଅ, ଗୋଟାଏ ମାଟି ଠେକିରେ ମାଣେ ଅନ୍ଦାଜ ଦୁଧ, ଯୋଡ଼ାଏ ବାଇଗଣ

ଦୋକାନ ପିଣ୍ଡାରେ ଥୋଇ ଦେଇ କହିଲା, '''ଆଜ୍ଞା , ବାପା ବଟେଇଦେଲା, ସେ ଅନ୍ଧାରକଣିଆ , ଆସିପାରିଲା ନାହିଁ । '

ଦୋକାନରେ ତୃତୀୟ ଲୋକ ନାହିଁ, ସ୍ତ୍ରୀ ଲୋକଟି ଭାତ ରାନ୍ଧୁଛି , ପୁରୁଷଟି ଯୋଗାଇଦେଉଛି, ଦୁହେଁ କଥାବାର୍ତ୍ତା ଆରମ୍ଭ କଲେ ।

ସ୍ତ୍ରୀ -ଶୁଣିଲୁରେ ଗୋବିନ୍ଦ ! ଶୁଣିଲୁ ତ, କାନ ଲଗେଇ ଶୁଣିଲୁ ତ, ମତେ ସମସ୍ତେ ସାଆନ୍ତାଣୀ କହୁଥିଲେ, ଯେଉଁଠିକି ଯିବ ସମସ୍ତେ ସାଆନ୍ତାଣୀ କହିବେ, ତତେ ସାଆନ୍ତ କିଏ କହୁଥିଲା ? ଆରେ ଚାଲ, କଟକ ଚାଲ, ତତେ କ'ଣ କରିଦେବି ଦେଖିବୁ, ତତେ ଚାରିଦିନ ହେଲା ବୁଝେଇ ବୁଝେଇ ଥକିଲିଣି । ''

ଗୋବିନ୍ଦା - ନା ଚମ୍ପା ସାଆନ୍ତାଣୀ , ଚାଲ ଆମ ଗାଁକୁ ଯିବା, ସେଇଠି ରହିବା, ବିଲବାଡ଼ି କିଣିବା, ଚାଷ କରିବା, ହଳିଆ ରଖିବା ।

ଚମ୍ପା - ଆରେ, ସତେ ଲୋକେ ଯାହା କହନ୍ତି ,

'ଅତି ନିଉଁଛଣା ଅନ୍ଧାର ରାତି,
ଅତି ନିଉଁଛଣା ଭଣ୍ଡାରି ଜାତି । '

ବିଲବାଡ଼ି କ'ଣ ହବ ରେ ? ଆରେ ଯାହା ସାଙ୍ଗରେ ଆଣିଛି, ଶହେ ବରଷ, ଦି'ଶ ବରଷ ବସି ଖାଇଲେ ତ ସରିବ ନାହିଁ ।

ଗୋବିନ୍ଦା - ନା ସେ କଥା ହବ ନାହିଁ, ମୁଁ ଗାଁକୁ ଯିବି, ଘରୁ ଢେର ଦିନ ହେଲା ଖବର ପାଇ ନାହିଁ, ମୋ ମନ କେମିତି ଗୁଡ଼େଇପୁଡ଼େଇ ହେଉଛି, ନୋହିଲେ, ମୁଁ ଯାଏଁ , ତୁମର ଯାହା ମନ କର ।

ଚମ୍ପା - ଭାଗ ? ଭାଗ କ'ଣ ? ଭାଇଭାଗ କ'ଣ ? ଆରେ ଯାହା କହନ୍ତି -

'ପଡ଼ୋଶୁଣୀ ପିଠା ଦେଖି ରବାଇ ଖବାଇ,
ଘଷିଫଡ଼ାରେ ଗୁଡ଼ ଲଗାଇ ଭଡ଼ ଭଡ଼ ଚୋବାଇ । '

ଧନ ସେଠି ଥିଲା ମୋର - ଏଠି ବି ମୋର । ମୁଁ କଣ ଚୋରିକରି ଆଣିଛି ? ସାତଦିନ ହେଲା ବରଷା ନାହିଁ, କାଦୁଅ ନାହିଁ, ଏ ଗାଁ, ସେ ଗାଁ, ୟା ଓଳି, ତା ଓଳି ବୁଲେଇ ବୁଲେଇ ମାରିଲାଣି । କହିଲୁ, ସାଆନ୍ତ ପହଡ଼ ଘର କଣରେ ତିନି ଜାଗାରେ ସୁନାଟଙ୍କା , କଳା ଟଙ୍କା , ସୁନା ଗହଣା ସବୁ ପୋତା ହୋଇଥିଲା, କିଏ ପୋତିଥିଲା ? ନିଶୂନ ରାତିରେ ମୁଁ ଗାତ ଖୋଳେ, ସାଆନ୍ତ ମୁଁ ଦୁହେଁ ପୋତୁଁ । ତୁ କ'ଣ ଜାଣିଥିଲୁ ? ଏସବୁ ମୋର ନା ଆଉ କାହାର ?

ଗୋବିନ୍ଦ - ଟଙ୍କା ତ ପୋତିଥିଲ, ସବୁ କରିଥିଲ, କଞ୍ଚି ନ ପାଇଥିଲେ କିଛି ପାଇଥାନ୍ତ କି ? କଞ୍ଚି ଆଣିବା ବୁଦ୍ଧି କିଏ କାଢିଲା ?

ଚମ୍ପା - 'ଏହିକି ଏତେ ନା- ମୁଦି ନାହିଁ ଗୋଡ଼ କଚାଡୁ କେତେ ? ବଡ଼ ବୁଦ୍ଧିଟାଏ କାଢିଲା ରେ ! ମତେ ଆଉ ବୁଦ୍ଧି ଆସନ୍ତା ନାହିଁ । ଦେଖୁଛି, ସେ ଦିନ ସାଆନ୍ତଙ୍କ ପଛେ ପଛେ ତତଲା ବାଲିରେ ଦୁଇକୋଶ ବାଟ ଧାଇଁ ଗୋଡ଼ରେ ଫୋଟକା ବାହାରି ପଡ଼ିଲା, କାନ୍ଦି କାନ୍ଦି ତୋଟି ବସିଗଲା, କହୁଛି କ'ଣ ନା, ବୁଦ୍ଧି କହିଲି । 'ବୁଦ୍ଧିରେ ବୁଦ୍ଧିନା - ବଳେଇପଡ଼ି ଯାଇଛି କୁଦି ?' ଆଚ୍ଛା କହିଲୁ, ମୁଁ ସେ ରାଣ୍ଡୀ ବ୍ରାହ୍ମଣୀ ସାଙ୍ଗରେ ବସି ରାତିଏ ରହି ତା ଘର ଜମିର ସନନ୍ଦ ଆଡ଼ଖୁର ଭିତରୁ ଘେନିଆସିଲି, ସେ ବୁଦ୍ଧି ତୁ କହିଦେଇଥିଲୁ ?

ଗୋବିନ୍ଦ ଆଉ କିଛି ନ କହି ରୁଷି ଆସି ପିଣ୍ଡାରେ ବସିଲା । ଚମ୍ପା ମଧ ତୁନି । ଏକ ଚାହାଳୀର ପାଠ, ଏକ ଅବଧାନର ଚାଟ, ଚତୁର ଚତୁରା କଥା, କେହି କାହାକୁ ଊଣା ନୁହେଁ, ସହଜରେ କିଏ ପଛଘୁଞ୍ଚା ଦେବ ? ଦୁଇଜଣଙ୍କୁ ଦୁଇଜଣ ଚିହ୍ନନ୍ତି । ଚମ୍ପାର ଭାବନା, ଯଦି ଗୋବିନ୍ଦା ଘରକୁ ଯାଏ, ଟଙ୍କା ସୁନା ଗୁଡ଼ାକ ତା ହାତରୁ ଯାଇ ଭଣ୍ଡାରୀ ଘରେ ପଶେ, ପୁନର୍ବାର ହାତପୈଠ ହେବା ସହଜ ନୁହେଁ ! ପୁଣି ଗୋବିନ୍ଦାର ମା ଓ ଭାର୍ଯ୍ୟା କଥା ମଧ ତା ମନରେ ପଡ଼ିଲା । ଏଣେ ଗୋବିନ୍ଦାର ଭାବନା, ଚମ୍ପା କଟକ ସହରରେ ପଶିଲେ ତାକୁ ଆୟତ୍ତ ରଖିବା ସହଜ ହେବ ନାହିଁ । ଅଇଣ୍ଠା ଖାଇ କୁକ୍ କୁରୀ ଆଉ ଖଣ୍ଡିଏ ଅଇଣ୍ଠା ପତ୍ର ସମ୍ମୁଖରେ ଦେଖିଲେ ପୂର୍ବପତ୍ର ଗୋଡ଼ରେ ଦଳିଦେଇଯାଏ । ବିପରୀତମୁଖ ଦୁଇ ବଳ ସମାନ ହେଲେ ଦୁହେଁ ସ୍ବ ସ୍ବ ସ୍ଥାନରେ ସ୍ଥିର ହୋଇ ରହନ୍ତି ।

ରାତ୍ର ଅନ୍ଦାଜ ପାଞ୍ଚ ଘଡ଼ି କି ଛ ଘଡ଼ି, ଭାତ ଡ଼ାଲି ପ୍ରସ୍ତୁତ ହୋଇଗଲାଣି, ଚମ୍ପା ଅଳ୍ପକାଳ ଛିଡ଼ା ହୋଇ କଣ ଭାବିଲା, ପାଖକୁ ଆସି ସାକୁଲେଇ କହିଲା, ''ଦେଖ୍ ଗୋବିନ୍ଦା , ତୁ ତ କହୁଛୁ ନଈ ଆରପାରି ଚାରିକୋଶ ବାଟରେ ତୋ ଘର । ହଉ ଚାଲ, କଟକ ଚାଲ, ମୁଁ କିଛି ଟଙ୍କା ଦେବି, ତୁ ଘରେ ଦେଇଯିବୁ । ତୁ ଯଦି ମୋ କଥା ନ ଶୁଣୁ, ଟଙ୍କା ତ ଟଙ୍କା , ସୁନା ତ ସୁନା, କାଣି କଉଡ଼ି ଧୋଇ ପାଣି ଟୋପାଏ, ! ଆ, ଆ ବଡ଼ ଭୋକ ଲାଗିଗଲାଣି, ଖାଇବା ଆ । '

ଗୋବିନ୍ଦା ମଧ ଭୋଗରେ କାଉଳି ହେଲା, ବୋଧହୁଏ ସେ ଏଥିରେ ଅଧା ରାଜି

ହୋଇ ଉଠ ଉଠ ହେଉଥିଲା; ମାତ୍ର ଅନ୍ଧାରରେ ଚମ୍ପାକୁ ତ ଦିଶୁ ନାହିଁ, କିଛି ଜବାବ ନ ପାଇ ସେ ଭାରି ଖପା ହୋଇ କହିଲା, ''ମଲା ଯା ପୋଇଲାଙ୍କୁ ସାଆନ୍ତ କହିଲେ ମୁଣ୍ଡରେ ଚଢନ୍ତି । ଯା ମ ଯା, ଖାଇଲୁ, ନ ଖାଇଲୁ, ଖାଇଲୁ ନାହିଁ ନାହିଁ । ' ଗୋବିନ୍ଦା ଉଠୁଥିଲା, ପୁନର୍ବାର ବସିପଡ଼ି ଚମ୍ପାକୁ ତରାଟିମରାଟି ଚାହିଁଲା । ପାଞ୍ଚିଲା , ହଁ , ମୁଁ ପୋଇଲା, ତୁ ସାଆନ୍ତାଣୀ ; ମାତ୍ର ପାଟି ଫିଟାଇ କିଛି କହିଲା ନାହିଁ । ଗୋବିନ୍ଦା ଆପଣାର କେଡ଼େ ସୌଭାଗ୍ୟ ସ୍ବପ୍ନ ଦେଖୁଥିଲା, କେତେ ବିଲବାଡ଼ି, କେତେ ବଳଦ ହଳିଆ, କେତେ ଦୁହାଁଳଗାଈ ଘରେ ବନ୍ଧା , କେତେ ଖାତକ ଟଙ୍କାକରଜ ନେବାକୁ ଆସି ଦୁଆରେ ବସିଛନ୍ତି , ସବୁଥିରୁ ଏକାବେଳକେ ନିରାଶ । ଦିନଯାକ ପାଣି କାଦୁଅରେ ବୁଲିବୁଲି ଥକା, ତା' ଉପରେ ଭୋକ ! ଗୋବିନ୍ଦା ଏତେବେଳେ ଯାଏ ମନର ଦୁଃଖରେ ବସି ଭାବୁଥିଲା । ବର୍ତ୍ତମାନ ଚମ୍ପା ପୋଇଲା' କହିବାରୁ ତାଳୁରେ ବିଛା କାମୁଡ଼ିଲାପରି ସର୍ବାଙ୍ଗ ଜଳୁଅଛି, କିଛି କହିପାରୁ ନାହିଁ । ସେ ଜାଣେ ତା' ପରି ଦୁଇଜଣ ଲୋକ ବଳରେ ଚମ୍ପା ସାଙ୍ଗରେ ପାରିବେ ନାହିଁ । ସେ କେତେ ଥର ମଙ୍ଗରାଜ ଘର ଭେଣ୍ଡିଆ ହଳିଆମାନଙ୍କୁ ବାଡ଼େଇଥିବାର ନିଜ ଆଖିରେ ଦେଖିଛି । ତୁମ ମଧ୍ୟରେ ନିଆଁ ଥିଲା ପରି ତା ମନ ଭିତରେ ପୋଡ଼ି ପକାଉଛି ।

ଚମ୍ପା ଦୁଇ ପତ୍ର ଭାତ ବାଢି ମଝିରେ ଗାଡ଼ କରିଦେଇ ଡ଼ାଲି ବାଢି ଦେଲା, ବୃନ୍ଦାବନ ଯେ ଦୁଧ ଠେକିଏ ଦେଉଥିଲା, ସେତକ ବାହାରକୁ ଥରେ ଅନାଇଦେଇ ଆପଣା ଭାତରେ ଢାଳିଦେଲା । ଗୋବିନ୍ଦା ଅନ୍ଧାରେ ବସି ଦେଖୁଛି । ଦୁଧ ଢଳା ଦେଖି ତା ଦେହରେ ନିଆଁ ଢାଳି ହେଲାପରି ଜଣାଗଲା । ମନରେ କଲା, ଦୁଧ ଟିକିକରେ ତ ଏହା 'ଟଙ୍କା ସୁନା କଥା ତ ଅଛି ।

ଚମ୍ପା ଡ଼ାକିଦେଲା, ''ହୋଇ ତୋ ଭାତ ରହିଲା, ଖା ବା ନ ଖା, ମୁଁ ଏତେ ଗୋଡ଼ ଧରିପାରେ ନାହିଁ । '' ଚମ୍ପା ଓଦା ହାତଟା ମୁହଁରେ ବୁଲାଇଦେଇ ଠୁଙ୍ଗା ହୋଇ ଭାତପତ୍ର ପାଖରେ ବସି ବଡ଼ ବଡ଼ ଗୁଣ୍ଡା ସୁଡ଼ ସୁଡ଼ ଶବ୍ଦରେ ଦଣ୍ଡକ ମଧ୍ୟରେ ପତ୍ର ଖାଲି କରିଦେଲା । ଚୁଲିମୁହଁ ପାଖରେ ମୁହଁଟା ଧୋଇପକାଇ ପୁନର୍ବାର ଥରେ ବାହାରକୁ ଅନାଇ ଡ଼ାକିଲା, ''ଆରେ ଆ, ଭାତ ଖାଆ । '' ଉତ୍ତର ନାହିଁ, ଖପା ହୋଇ କହିଲା, ''ଆରେ ଯାକୁ କହନ୍ତି , ସୁଖ ଭାତ ତୋଟି କୁଣ୍ଡାଇ ହେବା । '' ଜଳନ୍ତା ନିଆଁରେ କୁଟା ପକାଇଲାପରି ଗୋବିନ୍ଦକୁ ଏ କଥା

ଜଣାଗଲା । ତାହା ବାଦ୍ ଚମ୍ପା ପଟି ଖଣ୍ଡିକ ଉପରେ ଗଣ୍ଡିରା ଲୁଗାରୁ ଅଧେ ମେଲାଇ ଦେଇ ଗଣ୍ଡିରାଟି ସାବଧାନରେ ବେକତଳେ ପର୍ଯ୍ୟନ୍ତ ଦେଇ ଚିତ୍ ହୋଇ ଶୋଇପଡ଼ିଲା । ଗୋବିନ୍ଦା ସେହି ପିଣ୍ଡାରେ ବସି ଭାବୁଛି । ସେ ବର୍ତ୍ତମାନ ଭଲ କରି ବୁଝିଲାଣି, ସାପୁଣୀ ମୁଣ୍ଡରୁ ମଣି ନେବା ସହଜ ନୁହେଁ । ଆମ୍ଭେମାନେ ଗୋବିନ୍ଦପୁର ଲୋକଙ୍କଠାରୁ ଯେପରି ଶୁଣିଛୁ, ସେଥିରୁ ଅନୁମାନ କରୁଅଛୁଁ । ଗୋବିନ୍ଦାର ଆଉ ଅଧିକ କିଛି ପ୍ରତ୍ୟାଶା ଥିଲା । ସ୍ତ୍ରୀଠାରୁ ମର୍ଯ୍ୟାଦା , ପ୍ରେମ , ଭକ୍ତି ଆନୁଗତ୍ୟ ପ୍ରତାଶା କରିବା ପୁରୁଷଜାତିର ସ୍ବଭାବ । ଚମ୍ପାର ଆଚରଣରୁ ଜଣାଯାଏ, ତାହାର ଇଚ୍ଛା ଭଲ ପାଏ ତ ଭଲ ପାଏଁ; ହେଲେ ତୁ ଯେଉଁ ଭଣ୍ଡାରୀ , ସେହି ଭଣ୍ଡାରୀ । ଗୋବିନ୍ଦା ଏହି ଅବସ୍ଥାରେ କେତେବେଳ ଯାଏ ବସିଲାଣି, ସେ ଜାଣେ ନାହିଁ ।

ଘୋର ଅନ୍ଧକାର ରାତ୍ର , ମଣିଷ ନିଜ ଦେହ ଦେଖିପାରିବ ନାହିଁ । ସଁ ସାଁ କରି ଦକ୍ଷିଣା ପବନ ବାଡ଼ୋଉଛି, ତୁହାକୁ ତୁହା ବରଷା, ବରଗଛଟା ଗୋଟାଏ ଅନ୍ଧକାର ଗଦା ପରି ଛିଡ଼ା ହୋଇ ଦୋହଲି ଦୋହଲି ଗୋଟାଏ କେମନ୍ତ ଆତଙ୍କଜନକ ଶବ୍ଦ କରୁଅଛି । ଗୁଡ଼ାଏ ବାଦୁଡ଼ି ସାନାସାନ ଅନ୍ଧକାର ଖଣ୍ଡପରି ଚାରିଆଡୁ ଉଡ଼ି ସେହି ଅନ୍ଧକାର ଗଦାରେ ଝୁଲିପଡ଼ିଛନ୍ତି , ପୁଣି କେତେ ଖଣ୍ଡ ଅନ୍ଧକାର ପରି ବାହାରି ଆକାଶରେ ଉଡ଼ିଯାଉଛନ୍ତି , କିଚ୍ କିଚ୍ ଶବ୍ଦ କରି ବରଫଳ ଖାଉଅଛନ୍ତି , ଟପ୍ ଟପ୍ ବରଫଳ ତଳେ ପଡୁଛି, ଚତୁର୍ଦ୍ଦିଗରେ ପୈଶାଚିକ ଶବ୍ଦ , ଘର ମଧ୍ୟରେ ଚମ୍ପାର ଅନୁନାସିକ ଶବ୍ଦ ଆହୁରି ଭୟଙ୍କର ଶୁଭଅଛି । ସେହି ଅନ୍ଧକାର ଗଦାତଳେ ଦୁଇଟା ପଶୁର ଖେଁ ଖେଁ କାମୁଡ଼ା କାମୁଡ଼ି ଶବ୍ଦ ଶୁଣି ଗୋବିନ୍ଦା ଚମକିପଡ଼ି ଅନାଇଲା । ଘର ମଧ୍ୟରେ ଜଳୁ ଥିବା ଦୀପର କେତୋଟି ମାତ୍ର ଲୋହିତ କିରଣରେଖା ନିସ୍ତେଜଭାବରେ ସେହି ଅନ୍ଧାର ତଳେ ପଡ଼ିଅଛି । ଗୋବିନ୍ଦା ଭଲ କରି ଅନାଇ ଦେଖିଲା, ଦୁଇଟା ବିଲୁଆ ବରଫଳ ଖାଉ ଖାଉ କଳିଲାଗିଲା; ଗୋଟାଏ ବିଲୁଆ ଆରଟାକୁ ତଡ଼ିଦେଇ ଆପେ ସମସ୍ତ ଫଳ ଅଧିକାର କରି ବସିଲା । ଗୋବିନ୍ଦା ବିଲୁଆର କାର୍ଯ୍ୟ ଦେଖି କଣ ବୁଝିଲା, କଣ ମନରେ ପାଞ୍ଚିଲା , ଉଠିବସି ଚାରିଆଡ଼କୁ ସାବଧାନରେ ଅନାଇଲା । ଧୀରେ, ଅତି ଧୀରେ ଉଠିଯାଇ ଚମ୍ପାର ଗୋଡ଼ଠାରୁ ମୁଣ୍ଡଯାଏ ଅନାଇଲା । ଠଣାରେ ମୁଠି ରଖିଦେଇଥିଲା, ଧୀରେ

ଧୀରେ ଆଣି ସେଥିରୁ କ'ଣ ଫିଟାଇ ଅଣ୍ଟାରେ ଭଲ କରି ଲୁଗା ଭିଡ଼ି ଦେଇ ସେହି ପଦାର୍ଥଟା ଦୃଢ ରୂପେ ଧରିଲା, ଧୀରେ ଧୀରେ ଯାଇ ଚମ୍ପାକୁ ଏକ ଧ୍ୟାନରେ ଅନାଇଲା । ଭୂମି ଉପରେ ପଡ଼ି ନିଦ୍ରିତା ଶୂକରୀକୁ ବଣ ମଧ୍ୟରୁ କେନ୍ଦୁଆ ଯେପରି ଅନାଏ, ସେହିପରି ଏକ ଧ୍ୟାନରେ ଚାହିଁଅଛି ତାହାର ଆଖି ଦୁଇଟା ଜଳୁଅଛି, ଡାହାଣ ହାତରେ ଦୃଢ କରି କ'ଣ ଧରିଅଛି; ଏତେ ସାବଧାନ, ଏତେ ଧୀର ଯେ, ନିଃଶ୍ୱାସଟା ମଧ୍ୟ ବଳରେ ପକାଉ ନାହିଁ । ଡ଼ାହାଣ ଗୋଡ଼କୁ ଆଗକୁ ପକାଇବା ମାତ୍ରେ ଗୋଟିଏ ଜ୍ୟୋତି ଚକ୍ ଚକ୍ କରି ଚମ୍ପା ଉପର ଦେଇ କନ୍ଥାରେ ବୁଲିଗଲା, ଗୋବିନ୍ଦା ଚମକିପଡ଼ି ଏକାବେଳକେ ପିଣ୍ଡାତଳକୁ ଓହ୍ଲାଇ ପଡ଼ିଲା । ଚତୁର୍ଦ୍ଦିଗକୁ ସାବଧାନରେ ଅନାଇଲା, କାହିଁ କିଛି ନାହିଁ, କେବଳ ପୂର୍ବପରି ଚତୁର୍ଦ୍ଦିଗରେ ଘୋର ପୈଶାଚିକ ଶବ୍ଦ , ଗଛତଳ ଡ଼ାଳରୁ କେତେ ଖଣ୍ଡ ଅନ୍ଧାର ଫଡ଼ ଫଡ଼ ହୋଇ ଉଡ଼ି ପଳାଇଲେ, ବିଲୁଆଟା ଚରୁଥିଲା, ପଳାଇଗଲା । ତାହା ହସ୍ତରେ ଥିବା ପଦାର୍ଥ ବିଶେଷରେ ଆଲୁଅ ପଡ଼ି ଚକ୍ ଚକ୍ ଦିଶିଲା । ଗୋବିନ୍ଦା ସମସ୍ତ ବୁଝିପାରିଲା ପୂର୍ବଠାରୁ ଅଧିକ ସାହସ ବାନ୍ଧି ଧୀରେ ଧୀରେ ଗୋଡ଼ ପକାଇ ଘର ମଧ୍ୟକୁ ଗଲା । ଶୁକରୀ ଉପରେ କେନ୍ଦୁଆ ଯେପରି ଝାମ୍ପି ପଡ଼େ, ସେହିପରି ଚମ୍ପା ଉପରକୁ ଝାମ୍ପି ପଡ଼ିଲା । ଠିକ୍ ସେ ସମୟରେ ଦୀପଟା ପୋଡ଼ିଯାଇ ଦପ୍ କରି ଜଳିଉଠି ଲିଭିଯିବାରୁ କିଛି ଦିଶିଲା ନାହିଁ। ଘର ମଧ୍ୟ ଉକ୍‌ଟ ଗଁ ଗଁ ଶବ୍ଦ ଗୋଡ଼ ହାତ ବାଡ଼େଇବା ଶବ୍ଦ ଶୁଭି ନିସ୍ତବ୍ଧ ହୋଇଗଲା । ସେହି ଶବ୍ଦ ଶୁଣି ବିଲୁଆ ଧଡ଼ପଡ଼ ହୋଇ ପଳାଇଗଲା । ଗଛଟାରୁ ଅନ୍ଧକାରଖଣ୍ଡ ବୁଣିଗଲା ପରି ବାଦୁଡ଼ିଗୁଡ଼ା କର୍କଶ ଡ଼େଣା ଶବ୍ଦ କରି ଉଡ଼ିବାକୁ ଲାଗିଲେ । ଏହି ସମୟରେ ଗୋଟାଏ ପ୍ରବଳ ଝଞ୍ଜା ପବନ ଆସି ଗଛର ଡ଼ାଳମାନଙ୍କୁ ଦୋକାନ ଘରକୁ କଡ଼କରି ଦେହଲାଇଦେଲା । ମୁହୂର୍ତ୍ତକ ସକାଶେ ସେଠାରେ ଅଦୃଶ୍ୟ ଅନ୍ଧକାର ମଧ୍ୟରେ ପ୍ରଳୟ ଉପସ୍ଥିତ ହେଲାପରି ଜଣାଗଲା ।

--0--

# ତ୍ରୟୋବିଂଶ ପରିଚ୍ଛେଦ

**କର୍ମଫଳ** :

ଗୋପାଳପୁର ପାଖରେ ବିରୂପା ନଦୀଟା ଭାରି ଚୌଡ଼ା , ଅଧେକୋଶରୁ ଊଣା ନୁହେଁ ମାତ୍ର ଧାରଟା ତେତେ ଚୌଡ଼ା ନୁହେଁ, ଗଣ୍ଡଗୋଳିଆ ଜାଗାକମ୍ ଚୌଡ଼ା ହୁଏ । ନଦୀର ଦକ୍ଷିଣ ତରଫଟାରେ ଧାର, ଗୋପାଳପୁର ଘାଟଠାରେ ତୁଚ୍ଛା ବାଲି । ସେହିପରି ଟାଣୁଆ ବଢିହେଲେ ତୋଠଯାଏ ପାଣିଯାଏ । ଦଶ ବାର ଦିନ ହେଲା ସେହିପରି ବର୍ଷା ନ ଥିବାରୁ ନଦୀଟା ଛାଡ଼ିଥିଲା, ଗଲା ପରଦିନ ଓପର ଓଡିଠାରୁ ଅଳ୍ପ ଅଳ୍ପ ପାଣି ପଡୁଅଛି, ମେଞ୍ଚା ମେଞ୍ଚା ଫେଣ ଧାଡ଼ି ଧାଡ଼ି ହୋଇ ଭାସିଯାଉଛି । କୌଣସି କୌଣସି ସ୍ଥାନରେ ପାଣିକଖାରୁ ପରି ଫେଣଟାଏ ଭଉଁରୀରେ ପଡ଼ି ଭାଙ୍ଗି ଟିକି ଟିକି ହୋଇଯାଉଛି । କାଠିକୁଟା କେତେ ଭାସିଯାଉଅଛି ଠିକଣା ନାହିଁ । ଗଣ୍ଡଜାଗା ଥିବାରୁ ଏଠାରୁ ଗୋମୁଁହା କୁମ୍ଭୀରର ଉପଦ୍ରବ ଭାରି, ଦଢିଆଣି, ପଣ ଘଡ଼ିଆଳ ତ ପଣ । ଏଠାରେ ଭରସି ଆଣ୍ଠୁ ଆଣି ପାଣିରୁ କେହି ବେଶି ପାଣିକି ଯାଇପାରେ ନାହିଁ । ପୁଣି ନୂଆ ପାଣି ପଡ଼ିଲେ କୁମ୍ଭୀର ଗୁଡ଼ିକ ଭାରି ମାତନ୍ତି । ନୂଆ ବଢିକି ପରତେ ନାହିଁ, ଫେଣରେ କୁମ୍ଭୀର ଖାଏ । ' ତୋଠରେ ଦିନରାତି ଖଣ୍ଡିଏ ଡ଼ଙ୍ଗା ବନ୍ଧା ହୋଇଥାଏ; ଗାଉଁଲୀ ଲୋକେ, ହାଟୁଆ ଲୋକେ ପାରିହୁଅନ୍ତି । ସରକାରୀ ଡ଼ାକ ପାରିକରିବା ସକାଶେ ନାଉରୀ ଦିନରାତି ପଲାମାରି ଜଗିଥାଏ, ସରକାରରୁ ମାସକୁ ଦୁଇଟଙ୍କା ଦରମା ପାଏ । ଗାଉଁଲୀ ଲୋକେ ନଗଦ କିଛି ଦିଅନ୍ତି ନାହିଁ, ପୁଷମାସ ଧାନକଟା ସମୟରେ ନାଉରୀ ବିଲ ବିଲ ବୁଲି ପ୍ରତି ଘରୁ ଗୋଟିଏ ଗୋଟିଏ ହଳା ଅସୁଲ କରେ । ହାଟପାଳି ଦିନ ବାଟୁଆମାନେ କେହି ପିତାଶୁଖୁଆ ପୁଞ୍ଜାଏ , କେହି ବାଇଗଣ ଯୋଡ଼ାଏ, କେହି ଲୁଣ ଚିମୁଟେ, କେହି ତେଲ ଦିଟୋପା ଦେଇଯାଏ । କୌଣସି କୌଣସି ଦିନ ବଡ଼ ବଡ଼ ମହାଜନ ଅଚିହ୍ନା ବାଟୋଇ ପହଞ୍ଚିଗଲେ ପଇସାଏ ଅଧଲାଏ ଖଜାଖିଆ ଦେଇଯା'ନ୍ତି । ଦେଶ କାଳ ପାତ୍ର ଘେନି ଏହି ଲାଭ ଊଣା ଅଧିକ ହୁଏ; ମାତ୍ର ସରକାରୀ ମନୁଷ୍ୟ ଅର୍ଥାତ୍ ଥାନାଦାରୋଗା, ମୁନିସି, କାନଗୋଇ ପାର ହେବାଦିନ କାନମୋଡ଼ାଟା, ଚାପୁଡ଼ାଟା, ଗାଳିଟା କେଭେ ଊଣା ହୁଏ ନାହିଁ । କେଉଟ ଚାନ୍ଦିଆ ବେହେରା କହେ, ଏହି ଘାଟ ବହି ତା ଦିହକ

ପାହିଲାଣି, ତା' ପରି ଜଣେ ଆଣ୍ଟୁଆ ନାଉରୀ ଏ ଖଣ୍ଡମଣ୍ଡଳରେ ଦେଖାନାହିଁ ।
''

ରାତି ଶେଷ ହୋଇଆସିଲାଣି । ରାତିରେ ଭାରି ବର୍ଷା ; ଭାରି ତୋଫାନ ଥିଲା, ବର୍ତ୍ତମାନ ପାଣି କିମ୍ବା ପବନ ନାହିଁ, ମେଘଟା ସେହିପରି ଘୋଡ଼ାଇଛି, ଅକାରଣ କେଉଁଠି କିପରି ଫାଙ୍କରେ ସାନ ସାନ ତରାଟିମାନ ଜୁଲୁ ଜୁଲୁ କରି ଅନାଇ ଲୁଚିଯାଉଛନ୍ତି । ଠିକ୍ ଏହି ସମୟରେ ଜଣେ ବାଟୋଇ ସାନ ଗଣ୍ଠିରା ଟିଏ ପିଠିରେ ବୋକଚା କରି ତୋଠ ପାଖରେ ନଦୀ କୂଳେ କୂଳେ ବୁଲୁଅଛି, ନଦୀ କୂଳେ କୂଳେ ଚାରି ପାଞ୍ଚଶ ହାତ ଚାଲିଯାଇ ପୁନର୍ବାର ତୋଠ ଠାକୁ ଫେରିଆସୁଅଛି । ଜଣାଯାଏ ପହଁରି ନଦୀପାର ହେବାର ଲୋକଟାର ଇଚ୍ଛା , ହେଲେ ବଳ ଖଟୁ ନାହିଁ । ତୋ ଠାରେ ଠିଆ ହୋଇ ଡ଼ାକିଲା, ''ଏ ନାଉରି ଭାଇ, ଏ ନାଉରି ଭାଇ !'' ଚାନ୍ଦିଆ ବେହେରା, ବାଲିରେ କାତଟା ପୋତି ଖଣ୍ଡେ ଲମ୍ବା ଦଉଡ଼ିରେ ଡ଼ଙ୍ଗାଟା ଖଟାଇ ଦେଇ ତୁଠ ପାଖରେ ଭୂଇଁପଲାରେ ଶୋଇଅଛି । ବାଟୋଇ ପୁନର୍ବାର ଥରେ ଅତି ସାବଧାନରେ ଡ଼ାକିଲା, ''ଏ ନାଉରି ଭାଇ, ଏ ନାଉରି ଭାଇ !'' ବାଟୋଇ ଡ଼ାକିସାରି ଚମକି ପଡ଼ିଲାପରି ଥରେ ପଛକୁ ଅନାଇଲା । ନାଉରି କି ଶୋଇ ଯାଇଛି ? ଏତେ ଡ଼ାକର ଜବାବ ନାହିଁ ? ମାତ୍ର ଆମ୍ଭମାନେ ନିଶ୍ଚୟ ଜାଣୁ, ନାଉରି ରାତି ଘଡ଼ିଏ ଥାଉଁ ଉଠି ବସିଥାଏ । ଶାସ୍ତ୍ରକାରମାନେ ବୋଲି ଅଛନ୍ତି , ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟା ତ୍ୟାଗ କରିବ । ଶାସ୍ତ୍ରବିଧି ପାଳିବା ସକାଶେ ଯେ ଚାନ୍ଦିଆ ଉଠିଥାଏ, ଏହା ନୁହେଁ । ଦିନେ ଦିନେ ରାତି ପିଛିଲା ପହରରେ ଡ଼ାକ ଆସି ପଡ଼ିଯାଏ, ସେଥିସକାଶେ ସେ ଜାଗ୍ରତ ତାଏ । ଆଉ ଗୋଟିଏ କଥା, ସଞ୍ଜ ବେଳକୁ ଘାଟ ବନ୍ଦ ହୋଇଯାଏ, ସଅଳେ ସଅଳେ ଚାରିଟା ଖାଇଦେଇ ଶୋଇପଡ଼ିଥାଏ । ରାତିଟାଯାକ କେତେ ଶୋଇବ ? ଚାନ୍ଦିଆ ପଲା ମଧ୍ୟରେ ଦୁଇ ଆଣ୍ଠୁ ଉପରେ ମୁଣ୍ଡଟି ଦେଇ ଠୁଙ୍ଗା ହୋଇ ବସିଛି, ଆଗରେ ନିଆଁ ଉହ୍ଲେଇ , ଚକ୍ଷୁ ନିଆଁକୁ ଦୁଇହାତ ବଢାଇ ଦେଇଅଛି । ବୋଧହୁଏ ସେ ମନ ମଧ୍ୟରେ ଭାଳୁଛି, ଅବେଳରେ ଏ ବାଟୋଇବା କିଏ ? ସରକାରୀ ଲୋକ ତ ନିଶ୍ଚୟ ନୁହେଁ, ଏ ଲୋକଟା 'ଭାଇ ଭାଇ ' ଡାକୁଛି, ସରକାରୀ ଲୋକ ହୋଇଥିଲେ ତା ଘରଆଡ଼ ଭାଇ ଲେଖା କରି ଡ଼ାକନ୍ତା । ଯିଏ ହେଉ ଡ଼ାକୁଥାଉ, ରାତି ପାହୁ ଦେଖିବି । ପୁନର୍ବାର ଡ଼ାକ ''ଏ ନାଉରି ଭାଇ, ଆ ବାହାରି ଆ, ଖଜଖିଆ ଦେବି ।

'' ଚାନ୍ଦି ଆ ଆଉ ସମ୍ଭାଳିପାରିଲା ନାହିଁ, ଖଜାଖିଆ ନାଁ ଶୁଣି ଦୁଇ ତିନିଥର କାଶିଲା । ଖଜାଖିଆ ଶବ୍ଦରେ କିପରି ଗୋଟାଏ ମନମୋହନ ଶକ୍ତି ଅଛି, ନାଉରି ତ ନାଉରି, ଖଜାଖିଆ ଶବ୍ଦ ଶୁଣିଲେ କେଡ଼େ କେଡ଼େ ଲୋକମାନେ କାଶିପକାନ୍ତି । ଚାନ୍ଦିଆ ପଲା ମଧ୍ୟରୁ ଜବାବ ଦେଲା, କିଏ ପାଟି କରୁଛ ହୋ, ରୁହ ରାତି ପାହୁ, ଲକ୍ଷେ ଟଙ୍କା ଦେଲେ ତ ମୁଁ ବାହାରକୁ ବାହାରିବି ନାହିଁ । ''

ବାଟୋଇ - ଦେଖ, ଭାଇ ନାଉରି, ମୋର କଟକରେ ମାମଲା ଅଛି, ଚଞ୍ଚଳ ଯିବି, ନେ ପାଞ୍ଚ ଟଙ୍କା ନେ ।

ପାଞ୍ଚ ଟଙ୍କା ! ଏ କ'ଣ ଏ ! ଗୋଟାଏ ପଝାରିକୁ ପାଞ୍ଚ ଟଙ୍କା ? ଚାନ୍ଦିଆ ଜୀବନରେ କେବେ ଏପରି ଘଟନା ଘଟି ନାହିଁ, ଏକା ବେଳକେ ପାଞ୍ଚ ଟଙ୍କା ତା ହାତରେ ପିଡ଼ିଛି କି ନାହିଁ, ସେ ବିଷୟ ଆମ୍ଭମାନଙ୍କର ଘୋର ସନ୍ଦେହ ଅଛି । ସେ ପୂର୍ବ ମୁହୂର୍ତ୍ତରେ ପ୍ରତିଜ୍ଞା କରିଥିଲା, ଲକ୍ଷେ ଟଙ୍କା ପାଇଲେ ମଧ ବାହାରନ୍ତା ନାହିଁ, ଲକ୍ଷକରୁ ପାଞ୍ଚ ଫେଡ଼ି ଦେଲେ ବାକି କେତେ ଊଣା ହେଲା, ଏ କଥା ଆଲୋଚନା କରିବା ବୋଧହୁଏ ଅନାବଶ୍ୟକ ବୋଧ କଲା । ଏଣେ ଡ଼ର, ବାଟୋଇ ଯେବେ ବାହୁଡ଼ିଯାଏ, ଅବା ରାତି ପାହିଗଲେ ପଇସାଟିଏ ନୋହିଲେ ଯୋଡ଼ାଏ । ଚାଳିଆ ପଲାଭିତରୁ ଡ଼ାକ ଦେଲା, ''ରହ ତେବେ ରହ, ମୁଁ ଯାଏ । '' ନିଆଁ ଉପରେଫୁଙ୍କି ଫୁଙ୍କି କାହାଳି ଲଗାଇ ହାତରେ ଆଭୁଲାଟାଏ ଧରି ପଲାରୁ ବାହାରିପଡ଼ିଲା, ପିନ୍ଧିଲା ଲୁଗାପଟା ଅଣ୍ଟାରେ ଭିଡ଼ି ଦେଇ ମୁଣ୍ଡରେ ଗାମୁଛାଟା ଗୁଡ଼େଇ ଟୋପରଟା ଥୋଇଦେଲା । ବାଟୋଇକୁ କହିଲା ''ଆଣ ଆଣ କ'ଣ ଦେଉଛ ଦିଅ । ତୁମେ ବୋଲି ମୁଁ ବସାରୁ ବାହାରିଲି, ଆଉ କେହି ହେଇଥିଲେ ମୁଁ କି ଉଠିଥାନ୍ତି ?'' ବାଟୋଇ ପାଞ୍ଚଟି ଟଙ୍କା ବଢାଇଦେଲା । ନାଉରି ଦୁଇ ହାତରେ ଏକ, ଦୁଇ, ତିନି, ଚାରି, ପାଞ୍ଚ , ଏ ହାତ ସେ ହାତ କରି ତିନିଥର ଗଣିଲା । 'ଟଙ୍କା ନେବ ଗଣି, ପାଣି ପିଇବା ଛାଣି । ' କାହାଳିଟମ୍ବଳରେ ଭିଡ଼ିନେଇ ଆଲୁଅରେ ଥରେ ଟଙ୍କା ଗୁଡ଼ାକ ଦେଖିନେଲା । କୁଞ୍ଚକାନିରେ ବାନ୍ଧି ଅଣ୍ଟାରେ ଭଲ କରି ଖୋଷିଦେଇ ଆକାଶକୁ ପୁଣି ଚାରିଆଡ଼କୁ ଅନାଇଲା, ଆଉ ରାତି ନାହିଁ । ବାଟୋଇ ନାଆ ଆଗ ମଙ୍ଗରେ ବସିସାରିଲାଣି । ନାଉରି ଡ଼ାକିଦେଲା ''ଭଲ କରି ସମ୍ଭାଳି ବସ । '' ଡ଼ଙ୍ଗାରେ ଡ଼ାହାଣ ହାତ ତିନି ଥର ଲଗାଇ ମୁଣ୍ଡରେ ମାରି ଫିଟାଇଦେଲା, 'ଜେ ଗଙ୍ଗା

ମାତା', କହି ନାଆରେ ଉଠିବସିଲା । ଉପର ପାଣି ତୋଡ଼ ପଡ଼ିଛି, ସମ୍ଭାଳି ହେଉ ନାହିଁ, ଆଉଲା ବାହୁ ବାହୁ ଡ଼ଙ୍ଗାଟା ଢେର ତଳକୁ ଭାସିଗଲା । ସମ୍ଭାଳି ଟେକୁ ଟେକୁ ନଦୀ ଛ'ପଣି ଦଶପଣି ହୋଇଅଛି, ରାତି ପ୍ରାୟ ପାହିଆସିଲାଣି । ଗୋପାଳପୁର ତୋଠପାଖରୁ ଗୋଟାଏ ଗୀତ ଶୁଭିଲା -

'ଏ-ଏ-ଏ- ରାମ ଯେ ଲଇକ୍ଷଣ ହେ ଗଲେ ମୃଗ ମାରି
କୁଡ଼ିଆ ଦୁଆରେ ଆସି ଉଭା ବ୍ରହ୍ମଚାରୀ
ବୋଇଲେ ସୀତୟା ଗୋ ଭିକ୍ଷା ଦିଅ ଆମ୍ଭଙ୍କୁ ,
ନୋହିଲେ ଅଭିଶାପ ଗୋ ଦେବୁ ରାମ ଲଇକ୍ଷଣଙ୍କୁ ।'

ବାଟୋଇ ଡ଼ଙ୍ଗାରେ ବସି ବାରମ୍ବାର ଗୋପାଳପୁର ତୋଠଆଡ଼କୁ ଚାହିଁଛି । ଗୀତର ଶବ୍ଦ ଅବିରଳ ଅନ୍ଧକାରରାଶି ଭେଦ କରିକାନରେ ପଡ଼ିବାରୁ ବାଟୋଇ ଚଙ୍ଗ ଚଙ୍ଗ ହୋଇ ଠିଆ ହୋଇ ସେ ଦିଗକୁ ଅନାଇଲା । ନାଉରି କାନକୁ ଶବ୍ଦ ଯାଇ ନାହିଁ, ଏକମନରେ ଡ଼ଙ୍ଗା ବାହୁଥିଲା, ଡ଼ଙ୍ଗା ଟଳ ଟଳ ହେବାରୁ ଡ଼ାକି ଦେଲା, 'ଆରେ ବସିପଡ଼ ।' ବାଟୋଇର ଭାବ ଦେଖି ନାଉରି ମଧ୍ୟ ତୋଠଆଡ଼କୁ

ଚାହିଁ କହିଲା , ଓହୋ ; ଟପାଟା ହାବୁଡ଼ିଲା ଯେ ।' ଏହା କହି ଡ଼ଙ୍ଗା ମଙ୍ଗ ଫେରାଇଦେଲା । ବାଟୋଇ ବ୍ୟାକୁଳ ହୋଇ କହିଲା , ''ଏ ନାଉରୀ ଭାଇ , ଡଙ୍ଗା ଫେରା ନା , ଫେରା ନା , ମୋତେ ଆଗ ପାରି କରିଦେ ।''ନାଉରୀ କହିଲା , ''ମଲା ଯା , ସରକାରୀ କଥା , ମୁଁ କଣ ଜେଲ ଯିବି ?''ରାତ୍ର ଶେଷ, ଅଳ୍ପ ଅଳ୍ପ ଆଲୁଅ ପଡ଼ିଲାଣି , ନାଉରୀ ଦେଖିଲା ବାଟୋଇର ସର୍ବାଙ୍ଗ ରକ୍ତମୟ , ଲୁଗାରେ ରକ୍ତ , ବୋକଚାରେ ରକ୍ତ । ଦୋଳରେ ଫଗୁ ଖେଳିଲାପରି ଲାଲ ଟହ ଟହ ଦିଶୁଅଛି । ନାଉରୀ ଚମକିପଡ଼ି କହିଲା , ''କଣ ହେ ! ରକ୍ତ କାହୁଁ ଅଇଲା ? ତୁମେ କ'ଣ କାହାକୁ ମାରିଛ ? ବାଟୋଇ ଚଞ୍ଚଳ ଗଣ୍ଠିରାଟି ଧରି , ନାଉରୀ ହାଁ ହାଁ କହୁଁ କହୁଁ ନଦୀକୁ ଡ଼େଇଁ ପଡ଼ିଲା । ପନ୍ଦର କୋଡିଏ ହାତ ପହଁରି ଯାଉଁ ଯାଉଁ କାହୁଁ ଗୋରିଏଗୋମୁହଁ । କୁମ୍ଭୀର ଆସି ଟପ୍‌କରି ଧରିପକାଇଲା, ଗଣ୍ଠିରାଟି ଅଳ୍ପ ଦୂର ଭାସିଯାଇ ବୁଡ଼ିଗଲା । ଚାନ୍ଦିଆ ଚାହିଁଥାଏ । ଏ ଲୋକଟା କିଏ , କେଉଁଠାରୁ ଅଇଲା , କାହିଁ ଯାଉଁଥିଲା ? ବୁଝିବା ହେଲେ ପାଠକ ଅବଧାନ ! ଆମ୍ଭେମାନେ ହେଲୁ ଗ୍ରନ୍ଥକାର , ସୁତରାଂ ସର୍ବଜ୍ଞ । ଏହି ସେ କୁମ୍ଭୀର ଲୋକଟାକୁ

ଘେନିଗଲା , କ଼ିଯାଇଁ ଘେନିଗଲା , କାହିଁ ଘେନି ଗଲା , ତାହା ସହିତ ସଦ୍ ବ୍ୟବହାର କଲାକି ଅସଦ୍ ବ୍ୟବହାର କଲା , ଏ ସମସ୍ତ ଗୁପ୍ତ ବିଷୟ ଆମ୍ଭ ମାନଙ୍କୁ ଭଲ ଜଣା । ହେଲେ , ଚାନ୍ଦିଆ ବେହେରା କୌଣସି କାରଣରୁ ଏ କଥା ଅନେକ ଦିନ ପର୍ଯ୍ୟନ୍ତ ଲୁଚାଇଥିବାରୁ ଆମ୍ଭେମାନେ ପ୍ରକାଶ କରିବାକୁ ନାରାଜ । ଲୋକଟା ଡଙ୍ଗାରୁ ପାଣିକି ଡେଇଁ ପଡ଼ିବାବେଳେ ତାହା ଗଣ୍ଠିରିରୁ ଡେମ୍ଫେ ଲମ୍ବ ବିଡ଼ାଏ ତାଳପତ୍ର ଡଙ୍ଗାରେ ପଡ଼ିଯାଇଥିଲା । ସେହିବିଡ଼ାଟା ଚାନ୍ଦିଆ ପଲା ମଧ୍ଯରେ ଲୁଚାଇ ରଖିଥାଏ । କିଛିଦିନ ଉତ୍ତାରେ ଜଣେ ପଝାରି ଅବଧାନକୁ ପଢ଼ାଇବାରେ ସେ ଖଣ୍ଡେ ପତ୍ରରୁ ଏହିପରି ପଢ଼ିଲେ -

ଶ୍ରୀ ଶ୍ରୀ ମୁକୁନ୍ଦଦେବଙ୍କ ସାତ ଅଙ୍କ କୁମ୍ଭମାସ କୃଷ୍ଣପକ୍ଷ ଦ୍ବିତୀୟା ଦିନ ବେଳ ଦୁଇ ଘଡ଼ି ସମୟରେ ଗୋବିନ୍ଦପୁର ଜମିଦାର ରାମଚନ୍ଦ୍ର ମଙ୍ଗରାଜ ମହାଜନଙ୍କ ସୁସାକ୍ଷାତକୁ ଏହି ଗ୍ରାମର ରହିବା ଲୋକ ତେଲିପୁଅ ଶ୍ୟାମସାହୁର ଦେଲି ଗୁଜା , ଏନିମନ୍ତେ ଗୁଜା ଲେଖିଦେଲେ କି ମୋ ପୁଅ ଭୀମା ବିଭାଘରକୁ ଆପଣଙ୍କଠାରୁ ଦଶଟଙ୍କା କରଜ ନେଲି ; ଆସନ୍ତା ଧନୁ ମାସରେ ମୋ ଖଳା ଉପରୁ ଆପଣଙ୍କ ଖମାର ଗଉଣୀରେ ଦାଣ୍ଡ ଭାଉ ପ୍ରମାଣେ ଧାନ ମାପିନେଇ ତହିଁ କଳନ୍ତରକୁ ଅଧା କି ମୂଳ ନଉତିକେ ଆଠ ବିଶ୍ବା ପରିମାଣରେ ମାପିନେବେ । ଏ ପ୍ରମାଣ , ଏଥକୁ ସାକ୍ଷୀ ଚନ୍ଦ୍ର ସୂର୍ଯ୍ୟ ଦଶ ଦିଗପାଳ ।

ଚାନ୍ଦିଆ ବେହେରା ଡଙ୍ଗା ବାହିନେଲାବେଳେ ଢେର୍ ଦିନପର୍ଯ୍ୟନ୍ତ ଠିକ୍ ସେହି ସ୍ଥାନରେ ଥରେ ଅନାଏ ।

--0--

# ଚତୁର୍ବିଂଶ ପରିଚ୍ଛେଦ

**ଖୁଣି ତଦାରଖ୍ :**

ବେଳ ଅନୁମାନରେ ପହରେ କି ଛ ଘଡ଼ି , ଆଜି ବର୍ଷା ନାହିଁ , ଗୋପୀ ସାହୁ ଦୋକାନୀ ଚିରା ଗଣ୍ଡୁଳି କଳାକନା ପରି ଗାମୁଛା ଖଣ୍ଡିଏ ମୁଣ୍ଡରେ ପକାଇ ଦୋକାନ ଟୋକେଇ କାନ୍ଧରେ କାଞ୍ଚିଟା ହାତରେ ଧରି ଦୋକାନକୁ ଆସିଲା । ଦୋକାନ ଫିଟାଇ ମେଲା ଘରକୁ ଅନାଇଦେଲା । ଯାହା ଦେଖିଲା , ସେଥିରେ ତାକୁ ପ୍ରାୟ ଝାମ୍ ମାରିଗଲାଣି , କାଠଟି ପରି ଛିଡ଼ାହୋଇଛି , ପାଟିରେ କଥାନାହିଁ । କେବେ ଦେଖା ନାହିଁ , କେବେ ଶୁଣା ନାହିଁ , ଗୋଟିଏ ସ୍ତ୍ରୀ ଲୋକ ଚାଳକୁ ଚାହିଁ ମରିପଡ଼ିଛି , ଘରସାରା ରକ୍ତମୟ , ଖଲିପତ୍ରରେ ରକ୍ତ , ଚୁଲୀ ମୁହଁରେ ରକ୍ତ ଭାତ ହାଣ୍ଡିରେ ରକ୍ତ , ପିଚକାରୀ ମାରି କାନ୍ଥ ବାଡ଼ରେ ଝୋଟି ଦେଲାପରି ହୋଇଯାଇଛି । ଗୋପୀ ଧାଇଁ ଯାଇଁ ଗାଁରେ କହିଲା । ଗାଁ ଲୋକ ଧାଇଁଲେ । ଗାଁ ଛାଟିଆ ସନ୍ତିଆ ଜେନା ଫାଣ୍ଡିକୁ ଏତଲା ଦେବାକୁ ଧାଇଁଲା । ମକ୍ରାମପୁରରେ ବାଲାଗସ୍ତି ଫାଣ୍ଡି ଗୋପାଳପୁରଠାରୁ ଦେଢ଼କୋଶ ଦୂର । ବେଳ ତିନିପ୍ରହର ସମୟରେ ବାଲାଗସ୍ତି ଜମିଦାର ସେଖ୍ ତୋରାବଲ୍ଲି , ବରକନ୍ଦାଜ ଫତୁ ଖାଁ ଘଟନା ସ୍ଥାନରେ ଆସି ଉପସ୍ଥିତ ହେଲେ । ସେଖ ତୋରାବଲ୍ଲି ଜଣେ ରବେୟା ହାକିମ । ଆଖ ପାଖ ଚାରିକୋଶରେ ତାଙ୍କ ନାମ ଶୁଣିଲେ ଲୋକେ ଥରନ୍ତି ; ଗର୍ଭିଣୀ ଗାଈ ବାଟ ଛାଡ଼ିଦିଏ । ଜମିଦାର ସାହେବ ସରଜମନରେ ଉପସ୍ଥିତ ହୋଇ ଦାଢ଼ି ଆଉ ନାକ ଘୋଡ଼ାଇ ଲାସ୍ ମାଇନା କରିବାକୁ ଗଲେ । ଲାସ୍ ଗୋଟିଏ ସ୍ତ୍ରୀ ଲୋକ , ପାଟ ଶାଢ଼ୀ ଖଣ୍ଡେ ପିନ୍ଧିଛି , ହାତରେ ବେକରେ ରୁପା ଓ ସୁନାର କେତେଖଣ୍ଡ ଅଳଙ୍କାର । ପଠାଣମାନେ କୁକୁଡ଼ା ଜଭେ କଲାପରି ତାହା ବେକକଟା , ପାଖରେ ଖଣ୍ଡେ ରକ୍ତବୋଳା ଖୁର ପଡ଼ିଛି , ଲାସ୍‌ଟା ଚାରି ଆଙ୍ଗୁଳି ଜିଭ କାଢିପକାଇ କାମୁଡ଼ି ଦାନ୍ତ ନିସାଡ଼ି ଦେଇଅଛି , ଚାଳକୁ ତରାଟି ଚାହିଁଅଛି , ବାଳମୁକୁଳା , ରକ୍ତରେ ଲଟପଟ , ଦୁଇପାଖରେ ଚାରି ଆଙ୍ଗୁଳ ବହଳରେ ରକ୍ତ ପଚି କାଳିଆ ପଡ଼ିଗଲାଣି , ସେଥିରୁ ଗୋଟାଏ ଉତ୍କଟ ଦୁର୍ଗନ୍ଧ ବାହାରୁ ଅଛି । ଗାଲ ଦୁଇଟା ଓଆଉପରି ଓ ପେଟଟା ଗୋଟାଏ ଓଳିଆପରି ଫୁଲିଗଲାଣି । ଦେଖାଗଲା , କୌଣସି ଲୋକ ତାହା ବାଳ

ଗୋଟାଏ ହାତରେ ଧରି , ମୁହଁ ଗୋଟାଏ ହାତରେ ଧରି , ଗୋଡ଼ରେ ମାଡ଼ିବସି ଖୁରରେ ତା ବେକ କାଟିଅଛି । କଟାବେଳେ ସ୍ତ୍ରୀ ଲୋକଟା ଗୋଡ଼େଇ ହେବାରୁ ଘର ଖୋଳି ହୋଇଯାଇଅଛି । ଦୁର୍ଗନ୍ଧ ଆଉ ଭୟଙ୍କର ମୂର୍ତ୍ତି ଯୋଗୁଁ ଜମିଦାର ବେଶି ବେଳଯାଏ ରହିପାରିଲେ ନାହିଁ । ବାହାରକୁ ବାହାରି ଆସି ଆପଣା ଜ୍ଞାନ ବଳରେ ଠିକ୍ କଲେ , ଏ ମକଦ୍ଦମା ଖୁଣୀ , ଲେକିନ୍ ଡକାୟତି ନୁହେଁ ଆଗେଜ ଡକାୟତି ହୋଇଥିଲେ ଲାସ ଦେହରେ ଅଳଙ୍କାର ଥାନ୍ତା ନାହିଁ । ଜମିଦାରଙ୍କ ହୁକୁମରେ ଦୁଇ ଜଣ ହାଡ଼ି ଲାସ୍ ଗୋଡ଼ରେ ଦଉଡ଼ି ଲଗାଇ ଘୋଷାରି ଘୋଷାରି ଆଣି ନଈ ଅତଡ଼ାରେ ପକାଇଲେ । ଘୋଷାରି ଆଣିବାବେଳେ ତାହାର ପାଟଶାଢ଼ୀ ଖଣ୍ଡ ଲଙ୍ଗଳାକରି କାଢ଼ିନେବାରୁ ଲାସ୍‌ଟା ଆହୁରି ଭୟଙ୍କର ଦିଶିଲା । ସରକାରକୁ ଭେଜିବା ସକାଶେ ଲାସ ଦେହରୁ ଅଳଙ୍କାରସବୁ ବାହାର କରାଇ ଜମିଦାର ଥଳିରେ ରଖିଲେ , କେବଳ ଗୋଡ଼ର କଂସା ପାହୁଡ଼ ନ ବାହାରିବାରୁ ମେହନ୍ତରମାନେ ଲାସ୍‌ର ଦୁଇଗୋଡ଼ ଗୋଛି କୁରାଢ଼ୀରେ ହାଣୀ ପାହୁଡ଼ ବାହାର କରି ଘେନିଗଲେ ।

ତହିଁ ଆରଦିନ ପ୍ରାତଃକାଳରୁ ମକଦ୍ଦମା ତଦାରଖ ଆରମ୍ଭ ହେଲା, ଆଖପାଖ ପାଞ୍ଚଖଣ୍ଡ ଗ୍ରାମରୁ ବରକନ୍ଦାଜ ଏବଂ ଚୌକିଦାରମାନେ ଯାଇ ଆସାମୀ ଗ୍ରେପ୍ତାରକରି ଆଣିଲେ । ଜମାଦାର ସାହେବ ବରଗଛମୂଳରେ ବସି ମକଦ୍ଦମା ତଦାରଖ କରିଅଛନ୍ତି , ତିନିଚାରିଶ ଆସାମୀ ଧରା ହୋଇ ଆସିଲେଣି ମାତ୍ର ସମସ୍ତେ ଜମା ହୋଇନାହାନ୍ତି , ତଦାରଖ ଉତ୍ତାରେ ରୋକସତ୍ ହୋଇଯାଉଛନ୍ତି । ଆସାମୀ ଧରା ହୋଇଆସିଲେ ତାକୁ ଲାସ୍ ନିକଟରେ ବସାଇ ରଖାଯାଏ, ଲାସଟା ଫୁଲି ଚାରିଗୁଣ ମୋଟା ହୋଇଗଲାଣି, ଜିଭଟା ଗୋଟିଏ ସାନ କଦଳୀ ଭଣ୍ଡାପରି ଦିଶୁଛି, ଦୁର୍ଗନ୍ଧକଥା ଛାଡ଼ । ଉଲଙ୍ଗ ସ୍ତ୍ରୀ ମୂର୍ତ୍ତି ତ, ସତ, ଏହାର ଗୋଡ଼ ପାପୁଲି ନାହିଁ, ଚାଲୁଥିଲା କିପରି ?ଏଟା କି ରାକ୍ଷସୀ ? ଆସାମୀମାନଙ୍କୁ ବହୁତ ବେଳଯାଏ ଲାସ୍‌ ନିକଟରେ ବସିବାକୁ ହୁଏ, ଦୁର୍ଗନ୍ଧ ଏବଂ ତ୍ରାସରେ ଶୀଘ୍ର ଜମାଦାରଙ୍କ ନିକଟରେ ହାଜର ହୋଇଯିବାକୁ ହେଉଅଛି । ବରଗଛର ମୂଳରେ ଜମାଦାରଙ୍କ କଚେରୀ । ନଦୀ ବାଲିରେ ଦଶ ପନ୍ଦର ଗଣ୍ଡା ଶାଗୁଣା ଏକାଧ୍ୟାନରେ ଅନାଇ ବସିଛନ୍ତି , କେତେଟା ଉଡ଼ି ଆସୁଛନ୍ତି , ଦଶପନ୍ଦର ଗୋଟା ବିଲୁଆ କୁକୁର ଜମା

ହୋଇଗଲେଣି, ଚାରି ଛ'ଟା କୁକୁର ଗୋଟିଏ ଗୋଡ଼ର ପାପୁଲି ସକାଶେ କାମୁଡ଼ା କାମୁଡ଼ି ଲଗାଇଛନ୍ତି ;କିଛି ଦୂରେର ଆଉଗୋଟିଏ ଗୋଡ଼ ପାପୁଲିକୁ ସାତଟା ଶାଗୁଣା ଝିଙ୍କାଝିଙ୍କି କରୁଥିଲେ, ଗୋଟିଏ ବିଲୁଆ ଆସି ସେମାନଙ୍କ ନିକଟରୁ ଛଡ଼ାଇ ଘେନିଗଲା, ଶାଗୁଣା ଗୁଡ଼ାକ ଅଳ୍ପ ଘୁଞ୍ଚିଯାଇ ଡ଼େଣା ମେଲାଇ ବସିଅଛନ୍ତି । ଚାରିଜଣ ହାଡ଼ି ନାକରେ ଲୁଗା ବାନ୍ଧି ଠେଙ୍ଗା କାନ୍ଧରେ ପକାଇ କୁକୁର ଶାଗୁଣା ଘଉଡ଼ାଉଥାନ୍ତି । ଜମାଦାର ଅନେକ ଲୋକଙ୍କ ଇଜାହାର କଲମ ବନ୍ଦ କରି ପକାଇ ଦେଲେଣି ।

ଦୋକାନୀ ଗୋପୀସାହୁ ବୁଢା ଇଜାହାର ଦେଲା, ''ଆଜ୍ଞା ମୋହର ତିନି କାଳଗଲାଣି, କାଳେ ଅଛି, ମୁଁ କି ଏବୟସରେ ମିଛ କହିବି? ଆଜି ଏକାଦଶୀ, ଦାନ୍ତରେ ତିରଣ ଦେଇ ନାହିଁ, ଏହି ବିଷ୍ଣୁ ବୃକ୍ଷମୂଳରେ ସତ୍ୟ କହୁଛି, ମୁଁ ଏ ମାମଲା କଥା କିଛି ଜାଣେ ନାହିଁ, ଛ' ମାସ ହେଲା ଘରେ ବାଧିକି ପଡ଼ିଛି , ଦୋକାନକୁ ଆସିନାହିଁ ।''

ନାଉରିଆ ଚାନ୍ଦିଆ ବେହେରା ଇଜାହାର ଦେଲା, ''ବରଷା ଆଉ ତୋଫାନ ହେବାରୁ କେହି ନଈ ପାର ହେଉନାହାନ୍ତି , ସେ ଚାରିଦିନ ହେଲା ନଈକୂଳକୁ ଆସିନାହିଁ । ''ଏହିପରି ଗ୍ରାମର ଅନେକ ଲୋକଙ୍କଠାରୁ ଇଜାହାର ନିଆଗଲା ।

ବେଳ ବୁଡ଼ିଆସିଲାଣି, ଗ୍ରାମରେ ଆଉ କେହି ଲୋକନାହାନ୍ତି , ସମସ୍ତଙ୍କ ଠାରୁ ତଦାରଖି ସରିଲାଣି, ମକଦ୍ଦମା କାଲି ପର୍ଯ୍ୟନ୍ତ ରଖାଯିବ କି ଆଜି ଖତମ କରାଯିବ, ଜମାଦାର ବରକାନ୍ଦାଜ ଦୁଇଜଣବସି ବିଚାର କରୁଅଛନ୍ତି , ଏହିସମୟରେ ଗଛଡ଼ାଳରୁ ଗୋଟାଏ ଶଙ୍ଖଚିଲ ପୋଖରୀପାଣି କରିଦେବାରୁ ଜମାଦାରଙ୍କ ଧାଢିର ଅଧାଅଧି ଧଳା ହୋଇଗଲା । ତୋବା ତୋବା କହି ଜମାଦାର ଉଠିପଡ଼ିଲେ । ଚିଲମାନଙ୍କୁ ଅନାଇ କମବକ୍ତ , ବେକୁବ୍ , ହାରାମ୍‌ଜାଦା ବୋଲି କ୍ରୋଧରେ ଗାଳିଦେବାକୁ ଲାଗିଲେ । ଚୌକିଦାରମାନେ ମଧ ଗାଳିଦେଇ ଚିଲମାନଙ୍କୁ ଟେକାମାରିବାକୁ ଲାଗିଲେ । ଜମାଦାରଙ୍କ ଲମ୍ୱାଦାଢି ପରିଷ୍କାର କରିବାକୁ ତିନି ବଦନା ପାଣି ଲାଗିଲା ।

ଜମାଦାର ମାମଲା ଖତମ୍ କରିବାକୁ ବସି ଲୋକମାନଙ୍କୁ କହିଲେ, ''ଦେଖ ଏହି ଲୋକ କିଏ ଜଣା ନାହିଁ, ବୋଧ ହୁଏ ଯାତ୍ରୀ । ଏହାକୁ ଖୁଣୀ

କରିନାହିଁ, ସାପକାଟି । '' ଗୋପୀସାହୁ ଦୋକାନୀ ଆଗକୁ ଆସି ସାକ୍ଷଦେଲା , ''ଧର୍ମାବତାର , ଏଠାରେ ସାପର ଭାରି ଉପଦ୍ରବ , ନଈବଢିରେ କାହୁଁ ଭାସିଆସି ହଜାର ହଜାର ସାପ ଏଠି ଅଛନ୍ତି , ସାପ ଭୟରେ ଗ୍ରାମଭାଙ୍ଗିଗଲା , ମୁଁ କାଲି ଦୋକାନକୁ ଆସିଥିଲି, ଗୋଟାଏ ଲମ୍ବ କୋଳଥିଆ ନାଗ ବୁଲୁଥିଲା, ମୁଁ ଭୟରେ ପଳାଇଲି ।''

ଛାଟିଆମୁଟରୁ ମଳିକ କହିଲା, ''ଧର୍ମାବତାର !ଏଠେଇଁ ଅନେକ ସାପ, ମୁଁ ସେଦିନ ହଜୁରକୁ ଏଇବାଟେ ଯାଉଥିଲି, ଏହିଗଛମୂଳରେ ପନ୍ଦରଟା ନାଗସାପ ଶୋଇଥିଲେ, ମୁଁ ଦେଖି ପଳାଇଲି ।''

ଗତ ପରଦିନ ରାତ୍ରୀରେ ସ୍ତ୍ରୀ ଲୋକଟା ଘର ମଧ୍ୟରେ ଶୋଇଥିବା ସମୟରେ ଦୁଆରେ ଗୋଟାଏ ତମ୍ପସାପ ବୁଲୁଥିବା ବିଷୟରେ ମୁଗପୁର ମୌଜାର ଛାଟିଆ ଧପଟ ସିଂ ସାକ୍ଷ୍ୟ ଦେଲା ।

ଜମାାଦାରସମସ୍ତଙ୍କର ସାକ୍ଷ୍ୟ କଲମ ବନ୍ଦ କରି ଗୋଟିଏ ପଶ୍ଚିମା ଭିକାରୁଣୀ ଯାତ୍ରୀ ଗ୍ରାମର ଭିକ୍ଷା କରି ଖାଉଥିବା ଓ ତାହାକୁ ଗତ ପରଦିନ ରାତ୍ରିରେ ଗୋପାଳପୁର ମୌଜାରେ ସାପକାଟି ହୋଇଥିବା ଓ ଲାସ ଦେହରେ ସାପକାମୁଡା ଚିହ୍ନ ଜାହେର ଥିବା ଏବଂ ଏହାର ମୃତ୍ୟୁ ବିଷୟରେ ଅନ୍ୟ ପ୍ରକାର ସକ୍ କିମ୍ବା ଦାବିଦାବା ନ ଥିବା ଏକ ରିପୋର୍ଟ କେନ୍ଦ୍ରାପଡା ଥାନା ଦାରୋଗା ନିକଟକୁ ପଠାଇ ମାମଲା ଖତମ୍ କଲେ । ଦାରୋଗା ଏବଂ ମୁନ୍ସଙ୍କ ରୋସମ୍ ସହିତ ରିପୋର୍ଟ ପୁଲିସ୍ ଥାନାକୁ ପଠାଗଲା । ଜମାଦାରଙ୍କ ହୁକୁମ ଅନୁସାରେ ଚାରି ଜଣ ହାଡି ଲାସ୍ ବେକରେ ଦଉଡି ଲଗାଇ ଭିଡି ଭିଡି ନେଇ ନଦୀରେ ଭସାଇଦେଲେ । ନାଉରି ଚାନ୍ଦିଆ ବେହେରା ଦେଖିଲା ଲାସ୍‌ଟା ନଦୀରେ ଭାସି ଯାଉଁ ଯାଉଁ ଯେଉଁଠାରେ ବାଟୋଇକୁ କୁମ୍ଭୀର ଧରିଥିଲା, ଠିକ୍ ସେହି ସ୍ଥାନରେ ତାକୁ ଗୋଟାଏ କୁମ୍ଭୀର ଧରି ଘେନିଗଲା ।

ଜମାଦାର ଡଙ୍ଗା ପାର ହେଉଁ ହେଉଁ ବରକନ୍ଦାଜ କହିଲା, '' ଦେଖ, ଏଡେ ମାମଲାଟାରେ ଦୁଇଶ ମଧ୍ୟ ପୂରା ହେଲା ନାହିଁ ।'' ବରକନ୍ଦାଜ କହିଲା, '' ଖୋଦା ମାଲିକ, ଯୋ ହୁକୁମ ହୁଆ ।''

ଗୋପୀ ସାହୁ ସେହିଦିନଠାରୁ ଆଉ ଦୋକାନକୁ ଯାଇନାହିଁ, କାର୍ତ୍ତିକ ତିନିଦିନିଆ ଲଗାଣରେ ଘର ପଡିଗଲା, ସେ ବାଟଟା ମଧ୍ୟ ପଡିଗଲା । ଚାନ୍ଦିଆ ବେହେରା ଅଧକୋଶେ ତଳକୁ ହରିପୁର ପାଖରେ ନାଆ ପକାଇଲାଣି । ରାତି ତ ରାତି, ଦିନରେ ମଧ୍ୟ ଭୟରେ ସେଠାକୁ କେହି ଯା'ନ୍ତି ନାହିଁ । ସେହି ବରଗଛରେ ଗୋଟାଏ ବଡ ପେତୁଣୀ ବସି ଡାଳ ଦୋହଲାଏ, ମଧ୍ୟ ସେହି ପେତୁଣୀଟା ଖରାବେଳେ ନଦୀ ବାଲି ଉଡାଇ ଖେଳୁଥିବାର ଅନେକ ଲୋକ ଦେଖିଲେଣି । ଗୋପାଳପୁର ତୋଠର ଆଉ ନାମ ନାହିଁ, ଲୋକେ କହନ୍ତି ପେତୁଣୀପଦା ।

--0--

# ପଞ୍ଚବିଂଶ ପରିଚ୍ଛେଦ

**ମଙ୍ଗରାଜ ଘରର ହାଲଚାଲ :**

ଛଅମାଣ ଆଠଗୁଣ୍ଠ କ'ର ? କଥିତ ଅଛି, ପୃଥିବୀର ବିଖ୍ୟାତ ମଣି କୋହିନୁର ଯାହାଠାରେ ରହେ, ତାହାର ବଂଶ ନାଶ କରିଦିଏ । ଆଲ୍ଲାଉଦ୍ଦୀନ୍‌ଠାରୁ ରଣଜିତ୍ ସିଂହ ପର୍ଯ୍ୟନ୍ତ ତାହାର ଜାଜ୍ବଲ୍ୟମାନ ପ୍ରମାଣ ; ମାତ୍ର ସେହି ମଣି ଆମ୍ଭମାନଙ୍କ ପୂଜନୀୟ ମହାମାନ୍ୟା ପ୍ରତ୍ୟକ୍ଷ କମଳାସ୍ବରୂପା ଶ୍ବେତଦ୍ବୀପ ବାସିନୀ ଭାରତେଶ୍ବରୀଙ୍କ ଶିରୋଭୂଷଣ ହେବା ଦିନଠାରୁ ଇଂଲଣ୍ଡ ର ମହିମା ଦିନକୁ ଦିନ ପୃଥିବୀ ବ୍ୟାପୁଅଛି । ଅନ୍ୟର ପ୍ରାଣନାଶକାରି ବିଷ ଦେବାଧିଦେବ ଉମାପତିଙ୍କ କଣ୍ଠସ୍ଥ ହୋଇ ତାଙ୍କର ମହାଦେବତ୍ବ ପ୍ରକାଶ କରୁଅଛି । ସାର କଥା ଉପଯୁକ୍ତ ଦ୍ରବ୍ୟ ଉପଯୁକ୍ତ ସ୍ଥାନରେ ନ୍ୟସ୍ତ ହେଲେ ଜଞ୍ଜାଳର କାରଣ ହୁଏ ନାହିଁ । ତେଡେ ବଡ କଥା ଛାଡିଦିଅ, ନିହାତି ସାନରୁ ସାନ ଆମ୍ଭମାନଙ୍କ ' ଛମାଣ ଆଠଗୁଣ୍ଠ ' କଥା ଦେଖ । ଲୋକମାନେ କହନ୍ତି , '' ଗୋବିନ୍ଦପୁର ଗାଁ ତଳଚକ ଛମାଣ ଆଠଗୁଣ୍ଠ ଜମି ପରି କଳିନ୍ଦି ଆଉ ନାହିଁ, ମାତ୍ର ଜମିଟା ଘରବୁଡା । ବାଘସିଂହ ବଂଶଟା ଲଣ୍ଡଭଣ୍ଡ ହୋଇଗଲା । ସାରିଆ ତ ଧନ-ପ୍ରାଣରେ ଗଲା, ମଙ୍ଗରାଜ ବଂଶ କଥା ତ ଦାଣ୍ଡରେ ପଡିଛି । ଜମିଟା ନେବାର ଛ ମାସ ଛ ପକ୍ଷ ଯାଇ ନାହିଁ, ଦଶାଟା ଦେଖ । ''

ମଙ୍ଗରାଜ କଟକ ଯିବାର ଚତୁର୍ଥ ଦିନ ସକାଳେ ଦେଖାଗଲା, ଗନ୍ତାଘର ଚାରିଜାଗା ଆଣ୍ଡିଏ ଖୋଳା । ସେହିଦିନ ସକାଳୁ ଗୋବିନ୍ଦା ଆଉ ଚମ୍ପା ଉଆସ ମଧ୍ୟରେ ଦିଶୁ ନାହାନ୍ତି , ସେ ଦୁଇ ଜଣ ଆଗଲି ପିଛିଲି ହୋଇ କଟକ ଦାଣ୍ଡ ପଦ୍ମପୁର ଗହୀରରେ ଯାଉଥିବାର ଲୋକେ ଦେଖିଆସି ଗ୍ରାମରେ କହିଲେ । ପୁଅମାନେ ବାପ ଭୟରେ ଶଙ୍କି ରହିଥିଲା, ଏତେବେଳେ ପୋବାର ପଡିଯାଇଅଛି । ବଡପୁଅଙ୍କର ଆଗରୁ କିଛି ବାତୁଳ ଛିଟା ଥିଲା, ବର୍ତ୍ତମାନ ଦିନ ରାତି ଗଞ୍ଜେଇ ଭିଡି ଭିଡି ସଫା ବାୟା ହୋଇଗଲେଣି । ମଝିଆଁ ଆଉ ସାନ ପୁଅଙ୍କର ନାକ ପୋଛିବାକୁ ତର ନାହିଁ, ମକର ସଂକ୍ରାନ୍ତି ମୁଣ୍ଡଉପରେ , ଗୋବରା ଚଢ଼ାଇ ଧରିବାରେ ଲାଗିଅଛନ୍ତି , ଦିନ ରାତି ଧାନ ବିକା ଲାଗିଛି ।

ଆଜି ଗାଁରେ ଚହଳ ପଡିଛି, ମଙ୍ଗରାଜ ଘରଦ୍ବାରା ନିଲାମ ହେବ । ବେଳ ଅନ୍ଦାଜ ଛ ଘଡି, ପୋଲିସ ଜମାଦାର, ବରକନ୍ଦାଜ ଛାଟିଆ ଏଇ ଆଠ ଦଶ ଜଣ ମଙ୍ଗରାଜଙ୍କ ଉଆସ ଦୁଆରେ ଉପସ୍ଥିତ ହେଲେ । ଜଜ ସାହେବ ମଙ୍ଗରାଜଙ୍କୁ ହଜାରେ ଟଙ୍କା ଜୋରିମାନା କରିଥିଲେ, ଚଳନ୍ତି ସମ୍ପତ୍ତି ନିଲ଼ାମହୋଇ ଟଙ୍କା ଅସୁଲ ହେବ । ଜମାଦାର ଘରେ ପଶି ମାଲମତାଗୁଡିକ ବହିଆଣି ଦାଣ୍ଡରେ ଜମା କରୁଅଛନ୍ତି । ବଣି ବସାରେ ଢ଼େମଣା ପଶିଲାପରି ଭୁଆସୁଣୀଗୁଡାକ ଘରୁ ବାହାରିଯାଇ ଉଆସ ପଛ ତୋଟାରେ କାଉଳି ହେଉଛନ୍ତି । ପୁଅ କେହି ଘରେ ନାହାନ୍ତି । ଛାମୁକରଣ କ'ଣ କହିବାକୁ ଯାଉଥିଲା, ଜମାଦାର ଆଖି ଦେଖାଇବାରୁ ତୁନି ହୋଇ ଗାଲରେ ହାତ ଦେଇ ପିଣ୍ଡାରେ ବସିପଡିଅଛି । ମୁକୁନ୍ଦା ସମସ୍ତଙ୍କ କଥାରେ ହୋଇ ଆଜ୍ଞା , ହୋଇ ଆଜ୍ଞା କହି ଲଣ୍ଡଭଣ୍ଡ ହେଉଛି ।

ଦାଣ୍ଡରେ ମାଲମତ ଗୁଡାକ ନିଲାମ ହେଲା । ନିଲାମ ତ ନିଲାମ, ଦି'ପାଣିଆ ବଳଦ ହଳକର ଦାମ୍ ସାଢ଼େ ଚାରି କି ପାଞ୍ଚ କେବେ କିଏ ଶୁଣିଥିଲା ? ଦୁହାଁଳ ଗାଇଗୁଡାକ ଟଙ୍କାଏ ଟଙ୍କାଏ , ଦି' ବରଷିଆ ଛଡା ସାଙ୍ଗେ ସାଙ୍ଗେ । ପ୍ରଥମେ ପ୍ରଥମେ ନିଜ ଗାଁ ଲୋକ ନିଲାମ ଡାକୁ ନ ଥିଲେ, ଦାମ୍ ଦେଖି ପଛନ୍ତେ ଗୋଟାକ ଉପରେ ଗୋଟାଏ ପଡିଲେ । ଜମାଦାର ତ ନିଲାମ କରି ଟଙ୍କା ଘେନିଗଲା, ବାକି ଯେ ଗାଈ-ବଳଦଗୁଡାକ, ଥିଲେ ଏ ବିଲ, ସେ ବିଲ, ଏ ଦାଣ୍ଡ ସେ ଦାଣ୍ଡ , ଲଣ୍ଡଭଣ୍ଡ ହେଉଛନ୍ତି , ଆୟତିବାକୁ କେହି ନାହିଁ, ବଙ୍ଗଳା ଗୋଆଲା ଗୋଠରେ କେତେ ଗଲେଣି, କେତେ ବଣା ହୋଇ ଆଉ ଆଉ ଗ୍ରାମରେ ଉଠୁଅଛନ୍ତି । ହଳିଆମାନେ ଦୁଇ ଦୁଇ ବରଷର ବରତନ ପାଇ ନ ଥିଲେ, ଶୁଣାଯାଏ ତୋଟା, ନଡିଆ ବଗିଚା, ଗୋରୁଗାଈରୁ ସେମାନେ ଅସୁଲ କରି ନେଉଛନ୍ତି ।

ତୁଳ ଅଧାଅଧି ହେଲାଣି, ଆଶୁଧାନ ଶୁକ୍ରବାର ହୋଇନାହିଁ, ପାଣ ହଳିଆଗୁଡାକ ପଳାଇଗଲେଣି, ଖାଲି ପଳେଇବା ନୁହେଁ, ଗୋରୁ ଲାଙ୍ଗୁଡ ଧରି ପାର ।

ଗାଁର ତିଳପରି କଥାଟା ହାଟରେ ତାଳପରି ଫୁଲିଯାଏ, ସେ କଥାଟା ଏକା ସତ । ଚାରିଆଡେ କଥା ବାଜିଛି, ଜଜସାହେବ ମଙ୍ଗରାଜେଙ୍କ ହାତରୁ

ତାଲୁକ ଛଡାଇନେଇ ଜଣେ ଓକିଲକୁ ଦେଲେ । ସେ ଓକିଲ ଆସନ୍ତା ମକର ସଂକ୍ରାନ୍ତି ଦିନ ଦୁଇଶ ପାଇକ ଘେନି ପାଞ୍ଚଟା ଘୋଡା, ଦୁଇଟା ସବାରିରେ ଚଢ଼ି ଗାଁ ଦଖଲ କରିବାକୁ ଆସିବ । ପ୍ରଜାମାନେ ଶୁଣି କହିଲେ, '' ଘୋଡାରେ ତୋତେ ଚୋର ନେବ, ନା ସେଠି ଦାନାପାଣି ଏଠି ଦାନାପାଣି । ଯେ ରାଜା ହେବ, ତା'ର ପ୍ରଜା ହେବୁଁ, ଆପଣା ଗଣ୍ଡାକ କିଏ ଛାଡିବ ?'' ମାତ୍ର ଦୁଶ୍‌ମନ୍ ପକ୍ଷିଆ ଲୋକମାନେ ଭାରିଖୁସି । ଆପଣା ଅସୁଲ ତ ଥାଉ, ଡରରେ ଲାଜରେ ମଙ୍ଗରାଜଙ୍କ ପାଇକ ଗାଁରେ ଛିଡାହୋଇପାରୁ ନାହାନ୍ତି । ବେଗଡା ଲୋକେ ପାଇକମାନଙ୍କୁ ଦେଖିଲେ ଗଛ ପତ୍ରକୁ ଲଗାଇ ଦୁଇପଦ କଥା ଶୁଣାଇଦିଅନ୍ତି ।

--0--

# ଷଡ଼ବିଂଶ ପରିଚ୍ଛେଦ

**ବାବାଜୀ ଲଳିତା ଦାସ :**

ଗଲା କାଲିଠାରୁ ଗାଁରେ ଭାରି ଗୋଟାଏ ଚହଳ ପଡିଛି । ହାଟ-ବାଟ, ଗାଧୁଆ ତୁଠ, ହାଣ୍ଡିଶାଳ , ଢ଼େଙ୍କିଶାଳ , ଯେଉଁଠାକୁ ଯାଅ, ଶୁଣ ସେହି କଥା । କେଉଁଠାରେ ତୁନିତୁନି କଥା ଚାଲିଛି, କେହି ପାଟିକରି କହୁଛି, କେହିଜଣେ କୁହାଳିଆ ହାତ ହଲାଇ, ମୁଣ୍ଡ ହଲାଇ କଥା ମେଲିଛି, ପାଞ୍ଚଜଣ ବସି ଥିର ମନରେ ଶୁଣୁଛନ୍ତି । କଥାଟା ତ ନାନା ରୂପ ଧାରଣ କରି ଚାଲିଛି, ଆମ୍ଭେମାନେ ତାହାର ସାରାଂଶ ଆପଣଙ୍କୁ ଶୁଣାଇବୁ ।

ମଙ୍ଗରାଜେ କଟକ ଯିବା ସାତ ଦିନଠାରୁ ପୁରୀ କ୍ଷେତ୍ରରୁ ଗୋଟିଏ ବାବାଜୀ ଆସି ଗୋବିନ୍ଦପୁରର ଭାଗବତ ଘରେ ମଠ କରିଅଛନ୍ତି । ବାବାଜୀଙ୍କ ନାମ ଲଳିତା ଦାସ, ବୟସ ଅଧୋଡା, ବର୍ଣ୍ଣ ଶ୍ୟାମଳ , ଦେହଟି ଥାକୁଲଥୁକୁଲ, ମୁଣ୍ଡଟି ଲଣ୍ଡା , ମଝିରେ ତରଭୁଜ ଡେମ୍ଫପରି ଚୂରକି, ବେକରେ ମୋଟା ମୋଟା ତୁଳସୀ କଣ୍ଠି ପାଞ୍ଚଫେରା ବସିଛି । ବାବାଜୀ ମୁହଁ ଅନ୍ଧାରରୁ ଉଠି ପ୍ରାତଃସ୍ନାନ ସାରି ନାସା ଅର୍ଦ୍ଧରୁ କେଶ ପର୍ଯ୍ୟନ୍ତ ଚିତା ଆଉ ଡେଡ୍‌ଲେଟର ଅଫିସରୁ ବେରିଂ ଚିଠି ବାହୁଡିଲାପରି ସର୍ବାଙ୍ଗରେ ଛାପା ଲଗାଇ ହରିନାମ ଶୁଣାଇବା ସକାଶେ ଗ୍ରାମକୁ ବାହରନ୍ତି । ପରିଧାନ କୌପୀନ ; ତାହା ଉପରେ ବହିର୍ବାସ , ପିଠିରେ ନାମାବଳୀ, ହାତରେ ଝୁଲି । ବାବାଜୀ ଗ୍ରାମରେ ବୁଲି ଲୋକମାନଙ୍କୁ ହରିନାମ ଶୁଣାନ୍ତି , ସନ୍ଧ୍ୟା ସମୟରେ ଖଞ୍ଜଣୀ ବଜାଇ କୀର୍ତ୍ତନ ଗା'ନ୍ତି , ତହିଁ ଉତ୍ତାରେ ଚୈତନ୍ୟ ଭାଗବତ ପାଠ । ସନ୍ଧ୍ୟା ସମୟରେ ଭାଗବତଘରେ ଭାରି ବୈଠକ ହୁଏ ଗ୍ରାମର ବୁଢ଼ା ଭଳିଆ ଦଶ ବାରଜଣ ତନ୍ତୀ ଭେକ ନେବାର କଥା ହେଲାଣି । ବାବାଜୀଟି ଭାରି ନିର୍ଲୋଭ , କହି କିଛି ଦେଲେ '' ହରେ କୃଷ୍ଣ , ହରେ କୃଷ୍ଣ '' କହନ୍ତି । ଏପରି ସାଧୁ କେବେ କାହିଁ ଦେଖା ନାହିଁ । ଆଜକୁ ଦୁଇଦିନ ହେଲା ବାବାଜୀ କାହିଁ ଅନ୍ତର୍ଦ୍ଧାନ ହୋଇଗଲାଣି, ସାଙ୍ଗେ ସାଙ୍ଗେ ମଙ୍ଗରାଜଙ୍କ ଉଆସରେ ମରୁଆକୁ ଖୋଜା ପଡିଛି । କେହି କେହି କହନ୍ତି , ସେ ବାବାଜୀ ସାଙ୍ଗରେ ବୃନ୍ଦାବନ ଧାମକୁ ଚାଲିଗଲା । ବାସ୍ତବରେ ସେ ଯଦି ସାଧୁ ସହବାସ ରେ ତୀର୍ଥଯାତ୍ରା

ଉଦ୍ଦେଶ୍ୟରେ ବାହାରି ଯାଇଥାଏ, ତେବେ ଆମ୍ଭେମାନେ କାହାର ଚରିତ୍ର ବିପକ୍ଷରେ କୌଣସି ମନ୍ତବ୍ୟ ପ୍ରକାଶ କରିବାଦ୍ବାରା ସାଧୁ ଏବଂ ସାଧ୍ବୀଙ୍କର ନିନ୍ଦାଜନିତ ମହାପାତକ ଅର୍ଜନ କରିବାକୁ ଅନିଚ୍ଛୁକ । କେବଳ ଗୋଟାଏ କଥା ଶୁଣିବାବେଳୁଁ ମନଟା କିପରି ଗୁଡେଇପୁଡେଇ ହେଉଛି । ମରୁଆ ସାନ ବୋହୂଙ୍କର ଭାରି ବିଶ୍ବାସୀ ଥିଲା, ସବୁବେଳେ ତାଙ୍କରି ପାଖରେ ଥାଏ । ମରୁଆ ସହିତ ସାନବୋହୂଙ୍କ ବାକ୍ସରେ ଥିବା ଅଳଙ୍କାରଗୁଡିକ ମଧ୍ୟ ମିଳୁନାହିଁ, ବାପଘରୁ ଏବଂ ଶାଶୁଘରୁ ବିଭା ସମୟରେ ମୁହଁଚାହାଁଣି ନଗଦ ଟଙ୍କା ପାଇଥିଲେ, ତାହା ମଧ୍ୟ ବାକ୍ସରେ ଥିଲା । ବାକ୍ସ ମେଲା ହୋଇ ପଡିଛି - ପଦାର୍ଥ କିଛି ନାହିଁ । ସମସ୍ତେ ମାଲ ସହିତ ମରୁଆର ସମ୍ପର୍କ ରଖି କଥା କହୁଛନ୍ତି । ସାନ ବୋହୂତ ସାଫ୍ ଡକା ପାଡୁଛନ୍ତି । ସମସ୍ତେ ଡକା ପଡି ତୁନି ହେଲେ, ମରୁଆକୁ ଖୋଜିବାକୁ କିଏ ଯାଉଛି ?

ଯେଉଁ ଦୁଆରେ ଦିନ ନାହିଁ, ରାତି ନାହିଁ, ଲୋକେ ଯିବାଆସିବା ଗହଳି ଲାଗିଥିଲା, ସେ ଦୁଆରେ ଦୁବ ମାଡିଗଲାଣି ।

ସାରକଥା କେତୋଟା ମାସ ମଧ୍ୟରେ ସମ୍ପତ୍ତି , ଗୌରବ , ଆଧିପତ୍ୟ ସବୁ ଛାରଖାର ହୋଇଗଲାଣି ।

'' ନିର୍ଜଗାମ ଯଦା ଲକ୍ଷ୍ମୀ
ଗଜଭୁକ୍ତକପିତ୍ଥବତ୍ । ''

--0--

# ସପ୍ତବିଂଶ ପରିଚ୍ଛେଦ

**ଅପୂର୍ବ ମିଳନ :**

ମନୁଷ୍ୟ ଆପଣା କର୍ମଫଳ ଭୋଗ କରେ । ତୁମେ ଭଲ ଅବା ମନ୍ଦ ଯେପରି କର୍ମ କରିବ, ତହିଁର ପ୍ରତିଫଳ ଅବଶ୍ୟ ତୁମ୍ଭଙ୍କୁ ଭୋଗ କରିବାକୁ ହେବ । ହେ ବୁଦ୍ଧିମାନ , ତୁମ୍ଭେ ଅତି ନିର୍ଜନରେ , ଅତି ସାବଧାନରେ କିଛି କର୍ମକରି ମନେକରୁଛ, ମନୁଷ୍ୟର ଦୃଷ୍ଟିରେଖାର ଅନ୍ତରାଳରେ ରହିଛି । ଭୂମିରେ ଗୋଟିଏ କ୍ଷୁଦ୍ର ବୀଜ ପୋତିବାବେଳେ କେହି ଦେଖେ ନାହିଁ ସତ୍ୟ , ମାତ୍ର ସେଥିରୁ ଜାତ ବୃକ୍ଷର ମନୁଷ୍ୟନେତ୍ର ଅତିକ୍ରମ କରିବାର ଉପାୟ ନାହିଁ । ପୁଣି ତୁମ୍ଭେ ଯେଉଁ ବୃକ୍ଷ ରୋପଣ କଲ ତାହାର ଫଳ ତୁମ୍ଭଙ୍କୁ କଦାଚିତ୍ ବଂଶପରମ୍ପରାକୁ ଭୋଗ କରିବାକୁ ହେବ । ହେ ବଳବାନ, ଧନବାନ, ଗର୍ବିତ ତୁମ୍ଭେ ଯାହାକୁ ଅତି ସାମାନ୍ୟ ଲୋକ ବୋଲି ତୁଚ୍ଛ ଜ୍ଞାନ କରୁଛ, ଦିନେ ତାହାରିଦ୍ବାରା କି କାର୍ଯ୍ୟ ସାଧିତ ହୋଇପାରେ, ତୁମ୍ଭେ ତାହା ଜାଣ ନାହିଁ । ବଙ୍ଗ , ବିହାର, ଓଡିଶାର ସୁବାଦାର ଗୋଟିଏ ସାମାନ୍ୟ ଫକୀର ପ୍ରତି ଅତ୍ୟାଚାର କରି ରକ୍ଷା ପାଇପାରି ନାହାନ୍ତି । ଶିଖଗୁରୁ ଗୋବିନ୍ଦ ଜଣେ ସାମାନ୍ୟ ମୁସଲମାନଙ୍କ ଉପକାର କରି ପ୍ରାଣସଙ୍କଟ ଜନକ ଘୋର ବିପଦରୁ ରକ୍ଷା ପାଇଥିଲେ । ସେ ଐତିହାସିକ ବଡ ବଡ କଥା ଛାଡିଦିଅ । ବାଘସିଂହ ଘରେ ଚୌକିଆ ଥିବା ହେତୁରୁ ରତନପୁରର ଯେଉଁ ଡମମାନଙ୍କୁ ଆମ୍ଭମାନ ଙ୍କ ମଙ୍ଗରାଜେ ଚକ୍ରାନ୍ତ କରି ଜେଲ ଦିଆଇଥିଲେ, ଘଟନାସୂତ୍ରରେ ଆଜି ସେହିମାନଙ୍କ ହାତରେ ଲାଞ୍ଛନା ଭୋଗ କରିବାକୁ ହେଲା ।

ରତନପୁର ମୌଜାର ଡମମାନେ ପ୍ରଥମଦିନ ମଙ୍ଗରାଜଙ୍କୁ ଜେଲଖାନାରେ ଦେଖି - ସଙ୍ଗାତ ଅଇଲେ - ଶଶୁର ଅଇଲେ - ସାଆନ୍ତେ ଅଇଲେ - କହି ହସି ହସି ଟାପରା କରି ତାଙ୍କୁ ଦଣ୍ଡବତ କରିଥିଲେ । କେହି ଜଣେ ଧନବନ୍ତ ବଡ ଲୋକ ଜେଲଗଲେ ପୁରୁଣା ସରଦାର କଏଦୀମାନେ କିଛି ପାଇବା ଆଶାରେ ତାହା ପ୍ରତି ଅତ୍ୟାଚାର କରିଥାନ୍ତି । ମଙ୍ଗରାଜେ ରତନପୁରିଆଙ୍କ ସାଙ୍ଗରେ ଘଣା ପେଲିବା ସମୟରେ ତାଙ୍କ ଉପରେ ଗୋଇଠାଏ, ଖୁନ୍ଦାଟାଏ ବାଜିଯାଉଥାଏ ।

ଆମ୍ଭେମାନେ ଗୋଟିଏ କଥା କହିବାକୁ ଭୁଲି ଯାଇଛୁ , ମିଥ୍ୟା ସାକ୍ଷ୍ୟ ଦେବା ଅପରାଧରେ ଗୋବରା ଜେନାର କଠିନ ପରିଶ୍ରମ ସହିତ ଏକବର୍ଷ ମିଆଦ ହୋଇଯାଇଛି ।

ଦିନ କାହାରିକୁ ଅନାଇ ବସିରହେ ନାହିଁ । ଚିରକାଳ ସମାନ ଭାବରେ ଦିନ ରାତି ସମାନ ଭାବରେ ବହିଯାଉଛି । ମଙ୍ଗରାଜେ ଘଣା ପେଲୁଛନ୍ତି ବୋଲି ଯେ ଦିନ ଅଟକି ରହିବ, ଏମନ୍ତ କିଛି ନୁହେଁ । ଲୋକେ କହନ୍ତି , ' ସୁଖର ଦିନ ଘୋଡାରେ ଧାଏଁ, ଦୁଃଖର ଦିନ ହାତୀରେ ଚଢ଼ିଯାଏ । ' ତୁମ୍ଭେ ହାହା କହ, ଦିନ ତାହାର ନିଜର କାର୍ଯ୍ୟ ଭଲ ବୁଝେ । ତାହାର ଆଠ ପହରରୁ ନିମିଷେ ଆଡବାଙ୍କ ହେବାର ନାହିଁ । ଏକ - ଦୁଇ - ତିନି - ଚାରିଦିନ କରି ମଙ୍ଗରାଜଙ୍କ ଜେଲ ମିଆଦ ଦୁଇ ମାସ କଟିଗଲାଣି ।

ସେ ଯେଉଁ ବଖରାରେ ଶୋଉଥିଲେ, ସେ ବଖରାଟା ମରାମତ କରାଯିବାର ପ୍ରୟୋଜନ ହେବାରୁ ତାଙ୍କୁ ଅନ୍ୟ ଗୋଟିଏ ବଖରାକୁ ନିଆଗଲା । ଜେଲଖାନାରେ ଗୋଟିଏ ଗୋଟିଏ ବଖରାରେ ଆଠଟି ଲେଖାଏଁ ମାଟିର ପିଣ୍ଡି ବନ୍ଧାଥାଏ । ରାତିରେ କମ୍ବଳ ପାରି ସେଥିରେ ଆଠଜଣ କଏଦୀ ଶୁଅନ୍ତି । ଦୈବାତ୍ ରତନପୁର ମୌଜାର ଛଅଜଣ ଡମ, ଗୋବରା ଜେନା ଏବଂ ମଙ୍ଗରାଜେ ଏହି ଆଠ ଜଣ ଗୋଟିଏ ବଖରାରେ ରହିଲେ ।

ଚାରିଦିନ ତଳେ ମଙ୍ଗରାଜଙ୍କ ଉପରେ ଭାରି ଗୋଟାଏ ବିପଦ ଘଟିଯାଇଛି । ଆଜିକାଲି କଟକ ଦରଘା ବଜାରରେ ଯେ ଗୋଟିଏ ପାଗଳଖାନା ଅଛି, ଏପରି ପୂର୍ବେ ନ ଥିଲା । ବାୟାମାନଙ୍କୁ ଜେଲ୍‌ଖାନାରେ ବନ୍ଦ କରି ରଖାଯାଉଥିଲା । ମଙ୍ଗରାଜଙ୍କ ରହିବା କୋଠରୀର କିଛି ଦୂରରେ ପାଗଳା ଗାରଦ । ସେଠାରେ ଗୋଟିଏ ଭୟଙ୍କର ବାୟା ଥିଲା । ସେ ରାତିଯାକ ଶୁଏ ନାହିଁ, ମୋ ସାରିଆ, ମୋ ' ଛମାଣ ଆଠଗୁଣ୍ଠ ' କହି ନାଚେ, ଚିଲା ମାରେ, ଡକା ପାଡେ, ହସେ । ମଙ୍ଗରାଜଙ୍କୁ ଦେଖିଲେ ସର୍ବଦା କାମୁଡିବାକୁ ଧାଏଁ । ବରକନ୍ଦାଜମାନେ ଧରାଧରି କରି ରଖନ୍ତି । ସେଦିନ ହଠାତ୍ ଧାଇଁଆସି ମଙ୍ଗରାଜଙ୍କ ନାକ କାମୁଡି ପକାଇ ଛିଣ୍ଡାଇ ଦେଇଅଛି ।

ଆଜି ଜେଲଖାନା ଦୁଆରେ ଭାରି ଗୋଳମାଳ, ଦୁଇଗୋଟି ରୋଗୀ ପଡିଛନ୍ତି । ଗୋଟିଏ ଶୁକ୍ ଶୁକ୍ ହେଉଥିଲା, ମରିଗଲା । ଆଉ ଗୋଟାକୁ ଧୁଆଧୋଇ କରି ନେଟିଭ ଡାକ୍ତର ଓ କମ୍ପାଉଣ୍ଡର ପଟି ବାନ୍ଧିଦେଉଛନ୍ତି ।

ବେଳ ୯ ଘଣ୍ଟା ସମୟରେ ଡାକ୍ତର ସାହେବ ଆସି ମାଇନା କଲେ; ରୋଗୀର ସର୍ବାଙ୍ଗ ପରୀକ୍ଷା କଲେ । ଜେଲ୍ ଦାରୋଗା ରେଜିଷ୍ଟରୀ ବହି ଦେଖି କହିଲେ -

ଲାସ୍ ୯୭୭ ନମ୍ବର କଏଦୀ ଗୋବରା ଜେନା ।

ରୋଗୀ - ନ ୯୭୫ କଏଦି ରାମଚନ୍ଦ୍ର ମଙ୍ଗରାଜ । ରୋଗୀର ସର୍ବାଙ୍ଗ ସ୍ଥାନେ ସ୍ଥାନେ ଫୁଲିଛି, ନାକଦଣ୍ଡା ଫାଟିଯାଇ ରକ୍ତ ବହୁଛି, ସମୟ ସମୟରେ ରକ୍ତ ବାନ୍ତି ହେଉଛି । ଡାକ୍ତର ସାହେବ ରୋଗର କାରଣ ମାଡ ବୋଲି ସ୍ଥିର କଲେ ।

ଖୁବ୍ ତଦାରଖ ହେଲା, ଧୂମଧାମ ହେଲା, କିଏ ମାଡ ମାରିଲା ସ୍ଥିର ହେଲା ନାହିଁ । ରୋଗୀର କଥା କହିବାର ଶକ୍ତି ନାହିଁ । କେବଳ ଗତ ରାତ୍ରିରେ ପହରା ବରକନ୍ଦାଜ ଅର୍ଦ୍ଧରାତ୍ର ସମୟରେ ଦୁମ୍‌ଦାମ ଗୁମ୍‌ଗାମ ଶବ୍ଦ ଶୁଣିଥିବାର ସାକ୍ଷ୍ୟ ଦେଲା । ଡମ ଛ ଜଣ ସାକ୍ଷ୍ୟ ଦେଲେ, କଏଦୀ ଦୁଇଜଣ ପରସ୍ପର ବାଡିଆବାଡେଇ ହୋଇଅଛନ୍ତି ।

ମକଦ୍ଦମା ତଦାରଖ ଖତମ ହେଲା । ଡାକ୍ତର ସାହେବ ହୁକୁମ ଦେଲେ - ରୋଗୀର ବଞ୍ଚିବାର ସମ୍ଭାବନା ବିରଳ, ତାହାର ଜ୍ଞାତି ବନ୍ଧୁ ଇଚ୍ଛା କଲେ ଚିକିତ୍ସାସକାଶେ ଘରକୁ ଘେନିଯାଇପାରନ୍ତି । ଥାନାଦ୍ବାରା ଗୋବିନ୍ଦପୁରରେ ସାହେବଙ୍କ ହୁକୁମ ପହଞ୍ଚିଲା ।

ପୁଅମାନ ଧାନଅମାର ତଳିପୋଛ ପ୍ରାୟ କରିଦେଲେଣି । ସେମାନେ ବାପକୁ ଚିହ୍ନନ୍ତି । ଫେରି ଅଇଲେ କି ରକ୍ଷା ? କେଉଁ ବୁଦ୍ଧିମାନ ଲୋକ ଜାଣୁ ଜାଣୁ ଆପଣା ବିପଦକୁ ଡାକିଆଣେ ? '' ଆତ୍ମାନଂ ସତତଂ ରକ୍ଷେତ୍ '' ଏହି ନୀତିବାକ୍ୟଟା ସମସ୍ତଙ୍କୁ ଜଣା ।

ବୁଢ଼ା ହଳିଆ ମୁକୁନ୍ଦା ଲଣ୍ଡଭଣ୍ଡ ହୋଇ ଦୁଇଟା ଅଣ୍ଡିରା , ଚାରି ଛ'ଟା ପହ୍ଲାଣ ସଜ ବିକିଦେଇ ଖଣ୍ଡେ ଡୋଲି ଧରି ତରବର ହୋଇ କଟକ ଧାଇଁଲା ।

--0--

# ଉପସଂହାର

ତିନି ମାସ ତଳେ ତୁଳସୀ ଚଉରା ପାଖରେ ସାଆନ୍ତାଣୀ ଯେପରି ପଡିଥିବାର ଦେଖାଯାଇଥିଲା, ଠିକ୍ ସେହି ସ୍ଥାନରେ , ଠିକ୍ ସେହିପରି ଉତ୍ତରକୁ ମୁଣ୍ଡ କରି ପୁରୁଣା କତରାଖଣ୍ଡକରେ ମଙ୍ଗରାଜେ ପଡିଛନ୍ତି । ହାତ ଗୋଡ ନଡ ବଡ ହେବାକୁ ନାହିଁ, ଆଖିରେ ପଲକ ପଡୁ ନାହିଁ, ଏକଧ୍ୟାନରେ ଉପରକୁ ଚାହିଁରହିଛନ୍ତି । ଶିବା ଚମାର, କାର୍ତ୍ତିକ ନାୟକ ଦୁଇ ଜଣ ବୈଦ୍ୟ ଲାଗିଥିଲେ, କାଲି ରାତିରୁ ଜବାବ ଦେଇ ଅଲଗା ହୋଇଗଲେଣି, ଗୋପୀଆ ତନ୍ତୀ ହାତ ଲଗାଇଛି । ଗୋପୀଆ ତନ୍ତୀ ଓରଫ ଗୋପୀ କବିରାଜ ଜଣେ ଡାକଫୁଙ୍କାର ଟାଣୁଆ ବୈଦ୍ୟ । ଚାରି ଖଣ୍ଡ ଗ୍ରାମର ଲୋକେ ତାହାକୁ ଜାଣନ୍ତି , ଦିନ ରାତି ତାହାର ନାକ ପୋଛିବାର ତର ଥାଏ ନାହିଁ, ସକାଳୁ ଉଠି ପାଛୁଡାଟା ଅଣ୍ଟାରେ ଭିଡିଦେଇ କାନ୍ଧରେ ନାଲିଆ ଗାମୁଛା ପକାଇ କାଖ ତଳେ ଔଷଧ ବଟୁଆ ଝୁଲାଇ, ବାଙ୍କ ମୂଳିଆ ବାଉଁଶ ବାଡି ହାତରେ ଧରି ରୋଗୀ ଖୋଜିବାକୁ ବାହାରେ । ବଟୁଆ ମଧ୍ୟରେ ବାସ୍ତରୀ ନିଦାନ ରୋଗର ଔଷଧ ବଟିକା ଅଲଗା ତସର ଲୁଗାରେ ସାଇତା ଅଛି । ଗୋପୀର ଦଦେଇ ଜଣେ ନାମଜାଦା ବୈଦ୍ୟ ଥିଲେ, ତାଙ୍କ ଔଷଧ ରୋଗୀ ଦେହରେ ଚକମକି ପଥରପରି ଲାଗିଯାଏ । ତାଙ୍କ ହାତତିଆରି ବଟିକା ଗୋପୀ ଆଜିଯାଏ ସାଇତି ରଖିଅଛି ।

ଗୋପୀ ମଲୁବିଛଣା ଡାହାଣ ପାଖରେ ବସି ଢ଼େର୍ ବେଳଯାଏ ନାଡି ଚିପିଲେ, ଉପରକୁ ଅନାଇ ଆଖିବୁଜି ଦାନ୍ତ ନିସାଡି ରୋଗ ଅନୁମାନ କଲେ । ମୁକୁନ୍ଦା ଭକଭକ କରି କବିରାଜଙ୍କ ମୁହଁକୁ ଚାହିଁଥାଏ । ପଚାରିଲା, '' କବିରାଜେ, କ'ଣ ଦେଖିଲେ ? '' କବିରାଜେ ଗମ୍ଭୀର ଭାବରେ ସ୍ଥିରହୋଇ ବସି କହିଲେ, ' ଏଁ ବୋଇଲା, କଣ୍ଠଶ୍ଳେଷପ୍ରଣୟିନିଜନେ କିଂ ପୁନର୍ଦୁଭସଂସ୍ଥେ ' - ବୋଇଲା କଣ୍ଠରେ ତ ଶ୍ଳେଷା ଲାଗିଲେ ପ୍ରାଣ ଯାଏ, ସେ ପୁଣି ଦୂରକୁ ଚାଲିଗଲେ କ'ଣ ହେବଟି ? ହେଲେ ମୁଁ କି ଏମାନଙ୍କପରି ଅପାଠୁଆ କବିରାଜ ହୋଇଛି ? ଦେଖ, ମୁଁ ରୋଗକୁ କାନିରେ ବାନ୍ଧିନେବି । '' କବିରାଜେ ଏହା କହି କାନିରେ ଗଣ୍ଠି ପକାଇଲେ ।

ମୁକୁନ୍ଦା ପଚାରିଲା, '' ମଲୁର ଗୋଟାଏ ଗୋଟାଏ ଜାଗା ଫୁଲିଛି କାଁ୍ୟା ? '' କବିରାଜେ, '' ଏଁ ବୋଇଲା, ସ୍ବର୍ଣ୍ଣାଦିଷ୍ଟଗୁଣଂ ଶୋଥଂ । ବୋଇଲେ ଶ୍ଳେଷ୍ମା ଦୋଷ ଗୁଣରୁ ଶୋଥ ହୁଏ । ହେଉ, ଭାବନା ନାହିଁ, କସ୍ତୁରୀ ପେଟରେ ପଡିଲେ ସବୁ ଛାଡିଯିବ । '' କସ୍ତୁରୀତିଳକଂ '' ପେଟକୁ ଦିଆଯିବ, ଆଉ ତିଳକ କରିଦେବାକୁ ହେବ। । '' କବିରାଜ ମୁକୁନ୍ଦା ପାଖକୁ ନଗଦ ଚାରିଅଣା ପଇସା ନେଇ ଦେଢ଼ ମାଢ଼ କସ୍ତୁରୀ ବଟୁଆରୁ କାଢ଼ିଲେ । ଏହାକୁ ଅନୁପାନ ଦରକାର । କବିରାଜେ ବୋଇଲେ, ' ପାଠ କହିଲା, ' ମସ୍ତକଂ ମଟୁକୀ ରାତ୍ରୀ ଶୁଣ୍ଠି ପିପ୍‌ପଳିମେବଚ । ' ଏ ବୋଇଲା, ରାତ୍ରିରେ ଶୁଣ୍ଠି , ପିପ୍‌ପଳି ବଚ ମୁଥା ମାରି କୁଟିବା । '' ମୁକୁନ୍ଦା ପଚାରିଲା, '' କେତେ ଲେଖାଏଁ ଏ ସମସ୍ତ ପଦାର୍ଥ ଆସିବ ? '' କବିରାଜେ - '' ଏ ବୋଇଲା ଅନୁପାନ ବିଶେଷେଣ କରୋତି ବିବିଧାନ ଗୁଣାନ୍ । ବୋଇଲା ଅନୁପାନ ବିଶେଷ କରି ଅଧିକ କରିଦେଲେ ବିଧା ମାରିଲାପରି ଗୁଣ ହେବ । ''

କବିରାଜେ ରୋଗର ବ୍ୟାଖ୍ୟା ଏବଂ ଔଷଧର ବ୍ୟବସ୍ଥା କରୁ କରୁ ରୋଗୀ ଅଥୟ ହୋଇପଡିଲାଣି, କ୍ରମଶଃ ନିଶ୍ବାସ ବଳି ପଡୁଛି, ଦୁଇ ଆଖିକୋଣରୁ ଦୁଇଟୋପା ଜଳ ଗଡିପଡିଲାଣି । ମଙ୍ଗରାଜେ ଚାରିଦିନ ହେଲା ପଡିଛନ୍ତି । ଏକଧ୍ୟାନରେ ଆକାଶକୁ ଚାହିଁ ପଡିଛନ୍ତି , କେତେବେଳେ ଟିକିଏ ଆଖି ଲାଗିଲେ ହାଉଳି ଖାଇଲାପରି ଚମକିପଡି କହନ୍ତି '' ଥ - ମା - ଆ - ଗୁଁ । '' ସ୍ବର କ୍ଷୀଣ କ୍ରମଶଃ କ୍ଷୀଣତର କିଛି ବୁଝାଯାଉ ନାହିଁ । ତାଙ୍କୁ ଟିକିଏ ଛାଇ ନିଦ ଲାଗିଲେ ଦେଖନ୍ତି , ଆକାଶରେ ଏକ ଭୟଙ୍କରୀ ମୂର୍ତ୍ତି , ବିଶାଳ ମୁଣ୍ଡରେ ବାଳ ମୁକୁଳା, ମୂଳାପରି ବଡ ବଡ ଧଳା ଧଳା ଦାନ୍ତ , ଦୁଇ ତିନି ହାତ ଲମ୍ବ ଜିଭ ଲହ ଲହ କରି ତାକୁ ଖାଇବାକୁ ଧାଇଁଛି । ମଙ୍ଗରାଜଙ୍କ ମନରେ ହୁଏ ତନ୍ତୀ ସାହିର ଭଗିଆ ତନ୍ତୀ ପିଣ୍ଡାରେ ଗୋଟିଏ ସ୍ତ୍ରୀ ନଟି ବୁଲାଉଥିବାର ଦେଖିଥିଲେ । ସେହି ସ୍ତ୍ରୀ ମୂର୍ତ୍ତି ଭୟଙ୍କର ବିକଟାଳ ରୂପ ଧାରଣ କରି ଏହିପରି ବିକୃତ ଅବସ୍ଥାକୁ ପ୍ରାପ୍ତ ହୋଇଅଛି । ଏ ସେହି ମୂର୍ତ୍ତି , ଯେମନ୍ତ ବଜ୍ର ସ୍ବରରେ କହୁଛି, '' ମୋ ଛମାଣ ଆଠଗୁଣ୍ଠ ଜମି ଦେ । '' ମଙ୍ଗରାଜ ହାଉଳି ଖାଇ କହନ୍ତି , '' ଥ - ମା - ଆ - ଗୁଁ । '' ମଙ୍ଗରାଜଙ୍କର

ଆଉ ଥରେ ଆଖି ଲାଗିଗଲା । ଦେଖିଲେ ଗୋଟାଏ ଭୟଙ୍କର ନରକଙ୍କାଳ ଦିଗନ୍ତରାଳରେ ଦେହ ଲୁଚାଇ ମୁଖବ୍ୟାଦାନପୂର୍ବକ ତାଙ୍କୁ ଗ୍ରାସ କରିବା ନିମନ୍ତେ ଯେମନ୍ତ ଏକଧ୍ୟାନରେ ନୀରବରେ ଚାହିଁରହିଅଛି । ତାଙ୍କୁ ଭଲଭାବରେ ଜଣାଗଲା ଯାହାର ଜମି ଛଡାଇ ନେବାରୁ ଅନାହାରରେ ଶୁଖି ଶୁଖି ପ୍ରାଣତ୍ୟାଗ କରିଥିଲେ, ଏଇଟି ସେହି ମୂର୍ତ୍ତି । ଆଉ ଦେଖିଲେ, ଭଗିଆପରି ସହସ୍ର ସହସ୍ର ବାୟା ଆକାଶମାର୍ଗସ୍ଥ ଘୋର କଳାମେଘ ମଧ୍ୟରୁ ବାହାରୁଅଛନ୍ତି , ସମସ୍ତଙ୍କ ହସ୍ତରେ ଖଡ୍ଗ ଏବଂ ଲୁହାର ମୁଦ୍‌ଗର । ଏକାବେଳକେ ସମଗ୍ର ମୁଦ୍‌ଗର ତାଙ୍କ ମୁଣ୍ଡରେ ପଡିଲାପରି ଜଣାଗଲା, ମଙ୍ଗରାଜେ ରଡି ଛାଡି ପଳାଇବାକୁ ବାହାରିଛନ୍ତି , ଦେହରେ ଶକ୍ତି , ନାହିଁ ପାଟି ଫିଟୁନାହିଁ । ମଙ୍ଗରାଜେ ଅନାୟତ୍ତ ହୋଇ ସେହି ଅନାଥଶରଣ ପତିତପାବନ ଭଗବାନଙ୍କ ପବିତ୍ର ନାମ ହୃଦୟ ମଧ୍ୟରେ ଚିନ୍ତା କରିବାକୁ ଲାଗିଲେ । ସେ ଦେଖିଲେ - ଅନନ୍ତ ଆକାଶରେ ସୂର୍ଯ୍ୟମଣ୍ଡଳର ଅତି ଊର୍ଦ୍ଧ୍ୱରେ ରତ୍ନସିଂହାସନରେ ଗୋଟିଏ ଜ୍ୟୋତିମୟୀ ଶାନ୍ତିମୟୀ , ଆଶାପ୍ରଦାୟିନୀ ସ୍ତ୍ରୀମୂର୍ତ୍ତି ବିରାଜିତା । ପୂର୍ବାପୂର୍ବ ପୀଡା ସମୟରେ ସେ ମୂର୍ତ୍ତି ଶଯ୍ୟା ପାଖରେ ବସି ମଙ୍ଗରାଜଙ୍କ ଦେହରେ କୋମଳ ହସ୍ତ ବୁଲାଉଥିଲେ । ବିମାନବାସିନୀ ଲାବଣ୍ୟମୟ ମୂର୍ତ୍ତି ସେହି ମୂର୍ତ୍ତିର ପ୍ରତିଛାୟା ଅଟେ । ସେହି ମୂର୍ତ୍ତି ଅଙ୍ଗୁଳି ସଙ୍କେତ କରି ମଙ୍ଗରାଜଙ୍କୁ ପାଶକୁ ଡାକୁଛନ୍ତି । ମଙ୍ଗରାଜଙ୍କ ଆତ୍ମା ସେହି ମୂର୍ତ୍ତିକୁ ଲକ୍ଷ୍ୟକରି ଧାବିତ ହେଲା । ମଙ୍ଗରାଜଙ୍କ ଉଆସରେ ଚହଳ ପଡିଗଲା । ହରିବୋଲ ହରିବୋଲ ହରିବୋଲ ।

--0--